78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୩୯ ● କଟକ ● ସୋମବାର ● ୧୪ ଜୁଲାଇ-୨୦୨୫ ● କର୍କଟ-୦୩ ● ସାଲ୍-୧୪୩୧
CUTTACK ● MONDAY ● 14 JULY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ଫକୀରମୋହନ କଲେଜରେ ଆତ୍ମାହୂତି ଉଦ୍ୟମ ଘଟଣା

# ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ

❑ ପୋଡ଼ିଯାଇଛି ଶରୀରର ୯୫%
❑ ପ୍ରଭାବିତ ହୋଇଛି କିଡ୍‌ନୀ, ଅନ୍ୟାନ୍ୟ ଅଙ୍ଗ
❑ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନକଲେ ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର,ଭୁବନେଶ୍ୱର,(ପିପିଏସ୍):** ଏମ୍ସରେ ସଂକଟାପନ୍ନ ଅବସ୍ଥାରେ ଚାଲିଛି ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଚିକିତ୍ସା। ପୀଡ଼ିତାଙ୍କ ଶରୀରର ୯୦ରୁ ୯୫ ପ୍ରତିଶତ ପୋଡ଼ିଯାଇଛି। ଆସନ୍ତା ୨୪ରୁ ୪୮ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ। ଶନିବାରଠୁ ସ୍ୱାସ୍ଥ୍ୟାବସ୍ଥାରେ ସେଭଳି କିଛି ସୁଧାର ଆସିନଥିବା ସୂଚନା ଦେଇଛନ୍ତି ଏମ୍ସ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ। ପୀଡ଼ିତାଙ୍କୁ ଆଇସିୟୁ ଭେଣ୍ଟିଲେଟରରେ ରଖାଯାଇଛି। ନିଆଁ ଲାଗିବା ଯୋଗୁ ଇଣ୍ଟରନାଲ୍ ଆଘାତ ହୋଇଛି। ପ୍ରଭାବିତ ହୋଇଛି ପୀଡ଼ିତାଙ୍କର କିଡ୍‌ନୀ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟାବସ୍ଥାର ତଦାରଖ ପାଇଁ ଏମ୍ସ ତରଫରୁ ଗଠନ ହୋଇଛି ୮ ଜଣିଆ ବିଶେଷଜ୍ଞ କମିଟି। ଏହି କମିଟି ପୀଡ଼ିତାଙ୍କର ଚିକିତ୍ସା ତଦାରଖ କରିବ। କମିଟିରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ରହିଛନ୍ତି। ତେଣେ ଏଫ୍‌ଏମ୍ କଲେଜରେ ତିନି ଜଣିଆ ତଦନ୍ତ କମିଟି ପହଞ୍ଚିସାରିଛନ୍ତି। ନିର୍ଯାତନା ଅଭିଯୋଗ ଏବଂ ଆତ୍ମହତ୍ୟା ଉଦ୍ୟମ ମାମଲାର ତଦନ୍ତ ଆରମ୍ଭ କରିଛି କମିଟି। ରବିବାର ପ୍ରଥମ ଦିନରେ କଲେଜ କର୍ତ୍ତୃପକ୍ଷଙ୍କୁ ପଚରାଉଚରା ହୋଇଛି। କେଉଁ ପରିସ୍ଥିତିରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ଯାଏଁ କଥା ଗଲା ? ଏଥିରେ ଆସିଷ୍ଟାଣ୍ଟ ପ୍ରଫେସର୍ ସମୀର କୁମାର ସାହୁଙ୍କର କ'ଣ ସଂପୃକ୍ତି ରହିଛି ? ଅଭିଯୋଗ ଉପରେ କଲେଜ ପ୍ରଶାସନ, ପ୍ରିନ୍ସିପାଲ ଓ ଇଣ୍ଟରନାଲ କମ୍ପ୍ଲେଣ୍ଟ୍ କମିଟିର ଭୂମିକା କ'ଣ ଥିଲା ? କେହି ବ୍ୟକ୍ତିବିଶେଷ କିମ୍ବା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ତ୍ରୁଟି ରହିଛି କି ? ତଦନ୍ତ ସମୟରେ ଅନ୍ୟ କୌଣସି ଘଟଣା ସାମ୍ନାକୁ ଆସୁଛି କି ? ଆଦି ପ୍ରସଙ୍ଗରେ ଛାନଭିନ ଚଳାଇଛି ଟିମ୍। ୩ଜଣିଆ କମିଟିରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର, ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାୟକ, ବିଜେବି ଅଟୋନମସ୍ କଲେଜ ପ୍ରଫେସର ଝୁମକି ରଥ ରହିଛନ୍ତି। ସେପଟେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି ଜାତୀୟ ମହିଳା କମିଶନ। ୩ ଦିନରେ ରିପୋର୍ଟ ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ। ଘଟଣାକୁ ନିନ୍ଦା କରିବା ସହ ପୀଡ଼ିତାଙ୍କୁ ସବୁପ୍ରକାର ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ ଅଧ୍ୟକ୍ଷା। ଏଥିସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରୀ ଆତ୍ମାହୂତି ଉଦ୍ୟମ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଘଟଣାରେ ଉଚ୍ଚଶିକ୍ଷା ବିଭାଗ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ବି ସ୍ୱାଗତଯୋଗ୍ୟ ପଦକ୍ଷେପ।



ଘଟଣା ଉପରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି। ତେବେ ଛାତ୍ରଛାତ୍ରୀମାନେ ହିଂସାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ସେ ନିବେଦନ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଛାତ୍ରୀ ଜଣଙ୍କୁ ବଞ୍ଚାଇବାକୁ ସମସ୍ତ ଚେଷ୍ଟା କରାଯାଉଛି। ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏମ୍ସର ବିଶେଷଜ୍ଞ ଟିମ୍ ଚିକିତ୍ସା ଜାରି ରଖିଛନ୍ତି। ଏହି ଘଟଣାରେ କଲେଜର ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଅଭିଯୁକ୍ତ ଅଧ୍ୟାପକ ସମୀର କୁମାର ସାହୁଙ୍କୁ ଗିରଫ କରାଯିବା ସହିତ ନିଲମ୍ବନ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ୩ ଜଣିଆ ଉଚ୍ଚସ୍ତରୀୟ ତଦନ୍ତ ଟିମ୍ ବାଲେଶ୍ୱର ଯାଇଛନ୍ତି। ତଦନ୍ତ ରିପୋର୍ଟ ଆସିଲେ ଆକ୍ସନ୍ ନିଆଯିବ। କଠୋର ପଦକ୍ଷେପ ନେବାରେ ଅବହେଳା କରାଯିବ ନାହିଁ। ତେଣେ ନିଲମ୍ବିତ ହୋଇଥିବା ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ନିଜ ପାଇଁ ସୁରକ୍ଷା ମାଗିଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଠାରେ ସେ ଦାବି କରିଛନ୍ତି । ଶ୍ରୀ ଘୋଷ କହିଛନ୍ତି ଯେ ସେ ଜିଲ୍ଲାପାଳଙ୍କ ଅଫିସ ଯାଇ ରିପୋର୍ଟ କରିବେ। ସେ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ। ବଡ଼ ଘଟଣା ଘଟିଛି। କାହାରି ମନରେ କ'ଣ ଥିବ କେମିତି ଜଣାପଡ଼ିବ। ତେଣୁ ତାଙ୍କ ପ୍ରତି ବିପଦ ରହିଛି। ଯେହେତୁ ତଦନ୍ତ ଚାଲିଛି, ତେଣୁ ସେ ସୁରକ୍ଷା ମାଗିଥିବା କହିଛନ୍ତି। ଏହି ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

## କଠୋର କାର୍ଯ୍ୟାନୁଷ୍ଠାନ ହେବ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,(ପିପିଏସ୍):** ବାଲେଶ୍ୱର ଫକୀରମୋହନ କଲେଜର ଗୁରୁତର ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରୁଫେରୁ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓଙ୍କ ସହ ଭୁବନେଶ୍ୱର ଏମ୍ସ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଏମ୍ସ ନିର୍ଦ୍ଦେଶକ ଓ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ଆଲୋଚନା କରିବା ସହ ପୀଡ଼ିତାଙ୍କ ବାପା-ମାଆଙ୍କୁ ଭେଟି ସାନ୍ତ୍ୱନା ବି ଦେଇଛନ୍ତି। ଦିଲ୍ଲୀ ଏମ୍ସ ଷ୍ଟାଣ୍ଡାର୍ଡରେ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭର୍ଚ୍ଚୁଆଲରେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଦିଲ୍ଲୀ ଏମ୍ସ ସହ ଯୋଗାଯୋଗରେ ଅଛନ୍ତି। ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି, ଏବେ ଏୟାରଲିଫ୍ଟ ସମ୍ଭବ ନୁହେଁ। ଯଦି ଆଗକୁ ସ୍ଥିତି ସ୍ୱାଭାବିକ ହୁଏ, ତାହେଲେ ଦିଲ୍ଲୀ ଏୟାରଲିଫ୍ଟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଯାହା ପଦକ୍ଷେପ ନେବା କଥା ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ନେଇ ସାରିଛି। ତଦନ୍ତ ଆରମ୍ଭ ହୋଇଛି। ସେହି ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଯେପରି ଘଟଣାର ପୁନରାବୃତ୍ତି ନହେବ ସରକାର ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜି ଆସୁଛନ୍ତି ମହାମହିମ

❑ ଭୁବନେଶ୍ୱର ଓ କଟକରେ କାର୍‌କେଡ ରିହର୍ସାଲ, କଡ଼ା ସୁରକ୍ଷା ବ୍ୟବସ୍ଥା



**ଭୁବନେଶ୍ୱର, କଟକ,(ପିପିଏସ୍):** ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବରେ ଯୋଗଦେବେ। ସୋମବାର ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ରାଷ୍ଟ୍ରପତି ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏଥିପାଇଁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ଆସୁଛନ୍ତି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିଭଳି ୧୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ। ଏହି କାର୍ଯ୍ୟକ୍ରମରେ ମହାମହିମ ରାଷ୍ଟ୍ରପତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ଏହା ବାଦ୍ ମଧ୍ୟ ମୋଟ ପାଞ୍ଚଟି ସ୍ଥାନରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି। ଏମିତିରେ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତି କରିଛି ପୁଲିସ। ରବିବାର ଗସ୍ତ ପାଇଁ ଭୁବନେଶ୍ୱର ଓ କଟକରେ କାର୍‌କେଡ ରିହର୍ସାଲ କରାଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ପାଞ୍ଚଟି ସ୍ଥାନରେ କାରକେଡ୍ ରିହର୍ସାଲ ହୋଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କଟକରେ ୫୦ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବେ। ଏହା ସହ ମଙ୍ଗଳବାର ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ଆଡଭାଇଜରୀ ମଧ୍ୟ ଜାରି କରାଯିବ। ଫଳରେ ଜନସାଧାରଣ ଯେପରି ଠିକ୍ ଭାବରେ ଯାତାୟାତ କରିପାରିବେ ବୋଲି କହିଛନ୍ତି କଟକ ଡିସିପି। ସୂଚନାଯୋଗ୍ୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନରେ ବିଶ୍ୱବିଦ୍ୟାଳୟର ୮୪ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ, ୬ଜଣ ଛାତ୍ରଛାତ୍ରୀଙ୍କୁ ସର୍ବ ଶ୍ରେଷ୍ଠ ସ୍ନାତକ, ୭୬ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୧୪୪ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ଜଣେ ଡିଲିଟ ଓ ଜଣେ ଡିଏସ୍‌ସି ପାଇବେ ଓ ୪ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯିବ। ୧୫ ତାରିଖ ଦିନ ୧୧ରୁ ୧୨ଟା ମଧ୍ୟରେ ମହାମହିମ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି।

## ମହଙ୍ଗାପଡ଼ିଲା ସମ୍ପର୍କୀୟଙ୍କୁ ପ୍ରେମ

# କାନ୍ଧରେ ଜୁଆଳି ପକାଇ ବୁଲାଇଲେ



### ବର୍ବରତା

**କୋରାପୁଟ,(ପିପିଏସ୍):** ସମ୍ପର୍କୀୟଙ୍କୁ ପ୍ରେମ କରିବା ପଡ଼ିଲା ମହଙ୍ଗା। ପ୍ରେମୀ ଯୁଗଳଙ୍କ କାନ୍ଧରେ ପଶୁଭଳି ଜୁଆଳି ପକେଇ ବୁଲେଇଲେ ଗାଁ ଲୋକେ। ତିନିଦିନ ବ୍ୟବଧାନରେ ଦୁଇଦୁଇଟି ଅମାନବୀୟ ଘଟଣା ଘଟିଛି। ପ୍ରଥମଟି ରାୟଗଡା ଜିଲ୍ଲାର କଞ୍ଜାମ ଗୁଡାର ହୋଇଥିବା ବେଳେ ରବିବାର କୋରାପୁଟ ଜିଲ୍ଲାର ନାରାୟଣପାଟଣାର ଦୁର୍ଗମ ପାହାଡିଆ ବୋରିଗି ପଞ୍ଚାୟତର ପେଦାଇଟିକି ଗାଁରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ପେଦା ଇଟିକି ଗ୍ରାମର ପୀଡିକା ସଂଜ୍ଞା ଥିବା ଜଣେ ଯୁବତୀଙ୍କ ସହ ସମାନ ସଂଜ୍ଞା ଥିବା ଅନ୍ୟ ଜଣେ ଯୁବକଙ୍କ ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଦୁହେଁ ମିଶି ରଥଯାତ୍ରା ଦିନ କୁଆଡ଼େ ଉଭାନ ହୋଇଯାଇଥିଲେ। ଉଭୟ ସମ୍ପର୍କରେ ଭାଇ ଭଉଣୀ ହେବା ଦର୍ଶାଇଥିଲେ। ଗାଁ ଲୋକେ ରବିବାର ସେମାନଙ୍କୁ ଡକାଇ ଗାଁ ମଝିରେ ଥିବା ଦେବୀ ପଥର ନିକଟରେ ଉଭୟଙ୍କ କାନ୍ଧରେ ଜୁଆଳି ପକେଇ ବୁଲେଇବା ସହ ଆମ୍ବ ପତ୍ର ପାଣି ଢାଳି ପକେଇ ଦୋଷ ମୁକ୍ତ କରିଥିଲେ ଓ ଏଭଳି କିଛ ପରମ୍ପରାକୁ ସାଧାରଣରେ ମାନବାଧିକାର ଉଲ୍ଲଙ୍ଘନ ବୋଲି ମତ ପ୍ରକାଶପାଇଛି। ଅନ୍ୟପକ୍ଷରେ ଏହା ଆମର ପରମ୍ପରା ବୋଲି ଗ୍ରାମବାସୀ ଦାବି କରିଛନ୍ତି ଓ ଏପରି ନ କଲେ ବର୍ଷାର ଅଭାବ ସହ ଚାଷ ପ୍ରଭାବିତ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି।ନାରାୟଣପାଟଣା ପୁଲିସ ପେଡାଇଟିକିଗାଁରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ପଚରାଉଚରା କରୁଛି।

# ବଜ୍ର ନେଲା ୪ ଜୀବନ

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତରେ ୪ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର, ଯାଜପୁର, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ବଜ୍ରାଘାତରେ ସମ୍ବଲପୁର ଜିଲ୍ଲାରେ ଯାହାଙ୍କ ମୃତ୍ୟୁଘଟିଛି, ତାଙ୍କ ନାଁ କୈଳାସ ଶେଉଳ। ତାଙ୍କୁ ୩୫ ବର୍ଷ ହୋଇଥିଲା। ତାଙ୍କ ଘର କୁଚିଣ୍ଡା ଥାନା ସୁବର୍ଣ୍ଣପାଲିରେ। ସେ ବିଲରେ କାମ କରୁଥିବା ବେଳେ ବର୍ଷା ହୋଇଥିଲା। ତେଣୁ ପାଖରେ ଥିବା ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ସେହି ସମୟରେ ବିଜୁଳି ମାରିବାରୁ ତାଙ୍କର ମୃତ୍ୟୁଘଟିଥିଲା। ଅନ୍ୟପକ୍ଷରେ ତାଙ୍କ ସହିତ ଥିବା ୨୪ ବର୍ଷୀୟ ଦୀନେଶ ଜାମଡାଳିଆ ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା ଧର୍ମଶାଳାର ବଳଭଦ୍ରପୁର ଗାଁରେ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁଘଟିଛି। ତାଙ୍କ ନାଁ ଭାଗିରଥି ନାୟକ (୬୩)। ସେ ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଭଦ୍ରକର କୋଡ଼ବରୁଆଁ ଗାଁରେ ବଜ୍ରପାତରେ ଗାଁର ପ୍ରଶାନ୍ତ ଦାସଙ୍କ ଝିଅ ମିଲିରାଣୀ ଦାସଙ୍କର ମୃତ୍ୟୁ ଘଟିଛି। ବଗିଚାକୁ ଯାଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଜଗତସିଂହପୁର ଜିଲ୍ଲା କୁଜଙ୍ଗର ଜଳଧରପୁରରେ ବିଲରୁ ଫେରିବା ବେଳେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

# ଆଜି ଫେରିବେ ଶୁଭାଂଶୁ !

## ଆସନ୍ତାକାଲି ପହଞ୍ଚିବା ସମ୍ଭାବନା



**ନୂଆଦିଲ୍ଲୀ ,(ପିପିଏସ୍):** ମହାକାଶରୁ ଶୁଭାଂଶୁଙ୍କ ପୃଥିବୀ ବାହୁଡ଼ା । ସୋମବାର ଭାରତୀୟ ସମୟ ଅପରାହ୍ନ ସାଢେ ୪ଟାରେ ଇଣ୍ଟରନ୍ୟାସନାଲ ସ୍ପେଶ୍ ଷ୍ଟେସନ ଛାଡ଼ିବେ ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା । ଆକ୍ସିଅମ୍-୪ ମିଶନର ଡ୍ରାଗନ୍ ସ୍ପେଶ୍ କ୍ୟାପସୁଲ ଅନଡକିଂ ପାଇଁ ଯୋଜନା ରଖିଛି ନାସା। ୧୫ ତାରିଖ ଅପରାହ୍ନ ୩ଟାରେ ସେ ପୃଥିବୀ ପୃଷ୍ଠରେ ପହଞ୍ଚିବେ। ଏହା ଆମେରିକାର କାଲିଫର୍ଣ୍ଣିଆ ତଟରେ ପ୍ରଶାନ୍ତ ମହାସାଗରରେ ଲ୍ୟାଣ୍ଡ୍ କରିପାରେ ବୋଲି ସୂଚନା ମିଳିଛି । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂ। ଜୁନ୍ ୨୫ରେ ଲଞ୍ଚ ହୋଇଥିଲା ଆକ୍ସିଅମ୍-୪ ମିଶନ। ଶୁଭାଂଶୁଙ୍କ ସମେତ ୪ଜଣ ମହାକାଶଚାରୀଙ୍କୁ ଧରି ମହାକାଶରେ ପହଞ୍ଚିବାର ପ୍ରାୟ ଅଢ଼େଇ ସପ୍ତାହ ପରେ କାଲି ପୃଥିବୀ ଆଡ଼କୁ ଫେରିବା ଆରମ୍ଭ କରିବ କ୍ରୁ ଡ୍ରାଗନ୍ ସ୍ପେଶକ୍ରାଫ୍ଟ। ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ପାଇଁ ଏହା ଏକ ଐତିହାସିକ ସଫଳତା। ଦୀର୍ଘ ୪୧ବର୍ଷ ପରେ ମହାକାଶରେ ପାଦ ରଖିଛନ୍ତି ଆଉ ଜଣେ ଭାରତୀୟ । ୧୯୪୮ରେ ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିଥିଲେ। ସୋଭିଏତ ଅଭିଯାନର ଏକ ଅଂଶ ଭାବରେ ସେ ମହାକାଶକୁ ଯାଇଥିଲେ। ବର୍ତ୍ତମାନ ଭାରତୀୟ ବାୟୁସେନାର ପାଇଲଟ୍ ଗ୍ରୁପ କ୍ୟାପଟ୍ଟେନ ୩୯ ବର୍ଷୀୟ ଶୁଭାଂଶୁ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିଥିବା ବେଳେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନରେ ପହଞ୍ଚିଛନ୍ତି। ଶୁଭାଂଶୁ ଶୁକ୍ଲାଙ୍କ ସହ ୩ ମହାକାଶଚାରୀ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରେ ୧୪ ଦିନ ରହିବେ। ଅନ୍ୟ ମହାକାଶଚାରୀ ହେଲେ ଆମେରିକାର କମାଣ୍ଡର ପେଗି ହ୍ୱିଟସନ, ପୋଲାଣ୍ଡର ବିଶେଷଜ୍ଞ ସ୍ଲାଓଜ ଉଜନାନସ୍କି-ୱିସ୍ନିଓସ୍କି ଓ ହଙ୍ଗେରୀର ଟିବୋର କାପୁ । ଏହି ମହାକାଶ ଅଭିଯାନରେ ସେମାନେ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି।

## ସମ୍ପାଦକୀୟ

### ଅବସର ନେଇ ପ୍ରଶ୍ନ

## ବାଟେଘାଟେ



ମନ୍ତ୍ରୀ ଆଶାୟୀଙ୍କ ଲବି ଲମ୍ୱିଅଛି
ଭୁବନେଶ୍ୱରରୁ ଦିଲ୍ଲୀ
ଗୁଜବରେ କେତେ କାହା ନାଆଁ ଉଠେ
ବିଧାୟକ କିଲି ବିଲି
ଛ ପଦବୀ ଅଛି ଖାଲି
କଟକରେ କେହି ମନ୍ତ୍ରୀ ନାହାନ୍ତି
ମନ୍ତ୍ରୀ ଜିଲ୍ଲା ଥିଲା ବୋଲି
ଗୁଣ୍ଡା ବଦମାସୀ ମନ୍ତ୍ରୀ କେଇଜଣ
ଅଏସ କରନ୍ତି ବୁଲି
ଖାଲି ହେବ ତାଙ୍କ ଝୁଲି

-ରାହୀ

# ଏଇମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

## ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତରୁ ଫେରିବା ପରେ ବଢ଼ିଲା ଚର୍ଚ୍ଚା

❑ ପ୍ରତି ସଂସଦୀୟ କ୍ଷେତ୍ରରୁ ମିଳିପାରେ ପ୍ରତିନିଧିତ୍ୱ
❑ ନିଗମ ଓ ବୋର୍ଡ ଅଧ୍ୟକ୍ଷ ତାଲିକା ପ୍ରସ୍ତୁତ !
❑ ୨୦୩୬କୁ ଆଖିରେ ରଖି ବଡ଼ଯୋଜନା

**ଭୁବନେଶ୍ୱର,(ପିପିଏସ୍):** ବଦଳିବ ମୋହନଙ୍କ ମନ୍ତ୍ରିମଣ୍ଡଳ କଳେବର। ଖାଲି ଥିବା ୬ ସ୍ଥାନରେ ସାମିଲ ହେବେ ନୂଆମୁହଁ। ଖୁବ୍‌ଶୀଘ୍ର କ୍ୟାବିନେଟ୍ ସମ୍ପ୍ରସାରଣ ନେଇ ଖବର ଆସୁଥିବାବେଳେ, ଏଥିରେ କିଏ ସ୍ଥାନ ପାଇବ ଆଉ କିଏ ବାଦ୍‌ପଡ଼ିବେ ? ଏହାକୁ ନେଇ ଏବେ ଜୋର୍‌ଦାର ଚର୍ଚ୍ଚା। ଖାଲି ସେତିକି ନୁହେଁ, ଚର୍ଚ୍ଚା ଏହା ମଧ୍ୟ ହେଉଛି ଯେ ଏଥର ମନ୍ତ୍ରିମଣ୍ଡଳ ଗଠନ ବେଳେ ଏକାଧିକ ସମୀକରଣକୁ ଆଖି ଆଗରେ ରଖାଯାଇପାରେ। ବିଶେଷସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଏଥର ପ୍ରତି ସଂସଦୀୟ କ୍ଷେତ୍ରର ଜଣେ ଲେଖାଏଁ ନେତାଙ୍କୁ ମନ୍ତ୍ରୀ ପଦ ମିଳିପାରେ। ରାଜ୍ୟରେ ୨୧ଟି ଲୋକସଭା ସଂସଦୀୟ କ୍ଷେତ୍ର ରହିଥିବା ବେଳେ କ୍ୟାବିନେଟ୍‌ରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଦେଲେ ୨୧ଟି ମନ୍ତ୍ରୀ ପଦ ରହିଛି। ତେଣୁ ଏହି ସମୀକରଣ ଅନୁସାରେ ପ୍ରତି ସଂସଦୀୟ କ୍ଷେତ୍ରରୁ ଜଣେ ନେତାଙ୍କୁ ମନ୍ତ୍ରୀ କରାଯାଇପାରେ ବୋଲି ଅଙ୍କ କଷାଯାଉଛି। ଗତବର୍ଷ ଜୁନ୍ ୧୩ତାରିଖରେ ଯେତେବେଳେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ଶପଥ ନେଲେ, ଆଉ ତାଙ୍କ ସହିତ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଶପଥ ନେଇଥିଲେ; ସେତେବେଳେ କ୍ୟାବିନେଟ୍ ସହଯୋଗୀଙ୍କ ସଂଖ୍ୟା ଥିଲା ୧୫। ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ସେଦିନ ୧୬ଜଣ ଶପଥ ନେଇଥିଲେ। ସେବେଠୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର ଅଦଳବଦଳ ହୋଇନି। ବର୍ତ୍ତମାନ ମନ୍ତ୍ରିମଣ୍ଡଳରେ ୧୫ଜଣ ମନ୍ତ୍ରୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ କ୍ୟାବିନେଟ୍ ଆଉ ୫ଜଣ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ)। ଜିଲ୍ଲା ଦୃଷ୍ଟିରୁ ଦେଖିଲେ ମୋହନଙ୍କ କ୍ୟାବିନେଟ୍‌ରେ କେବଳ ୧୩ଜିଲ୍ଲାକୁ ପ୍ରତିନିଧିତ୍ୱ ମିଳିଛି। ବାକି ୧୭ଜିଲ୍ଲା ମନ୍ତ୍ରୀ ଶୂନ୍ୟରହିଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ହେଉଛି କେନ୍ଦୁଝର। ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂ ଦେଓଙ୍କ ଜିଲ୍ଲା ହେଉଛି ବଲାଙ୍ଗିର। ତା ସହିତ ମୋହନଙ୍କ କ୍ୟାବିନେଟରେ ଉପ-ମୁଖ୍ୟମନ୍ତ୍ରୀ ଥିବା ପ୍ରଭାତୀ ପରିଡ଼ା। ମନ୍ତ୍ରିମଣ୍ଡଳରେ ପୁରୀ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହାବାଦ୍ ମନ୍ତ୍ରୀ ପଦ ମିଳିଥିବା ଅନ୍ୟ ଜିଲ୍ଲାଗୁଡ଼ିକ ହେଲା ଝାରସୁଗୁଡ଼ା, ସମ୍ବଲପୁର, ଗଞ୍ଜାମ, କୋରାପୁଟ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ଭଦ୍ରକ ଆଉ ମୟୂରଭଞ୍ଜ। ଏହା ଭିତରୁ କେବଳ ବଲାଙ୍ଗିର, ମୟୂରଭଞ୍ଜ ଆଉ ଗଞ୍ଜାମ ଜିଲ୍ଲାକୁ ଦୁଇଟି ଲେଖାଏଁ ମନ୍ତ୍ରୀ ପଦ ମିଳିଥିବାବେଳେ ଏବେ ବି ୧୭ଜିଲ୍ଲା ମନ୍ତ୍ରୀ ଶୂନ୍ୟ ରହିଛି। ଚର୍ଚ୍ଚା ଯଦି ସତ ହୁଏ, ତେବେ ପ୍ରତି ସଂସଦୀୟ କ୍ଷେତ୍ରରୁ ଜଣେ ନେତାଙ୍କୁ ମୋହନଙ୍କ କ୍ୟାବିନେଟ୍‌ରେ ଜାଗା ମିଳିପାରେ। ଆଗକୁ ପଞ୍ଚାୟତ ଆଉ ପୌର ନିର୍ବାଚନ ରହିଛି। ସବୁ ଜିଲ୍ଲାକୁ ମନ୍ତ୍ରୀପଦ ଦେବା ସମ୍ଭବ ନ ହେଲେ ମଧ୍ୟ ପ୍ରତି ସଂସଦୀୟ କ୍ଷେତ୍ରରୁ ଜଣେ ନେତାଙ୍କୁ ମନ୍ତ୍ରୀକରି ଲୋକଙ୍କ ମନ ଜିଣିବାକୁ ଚେଷ୍ଟା ଚଳାଇଛନ୍ତି ମୋହନ। ତେଣୁ ଏହି ଆଧାରରେ ପ୍ରତି ସଂସଦୀୟ କ୍ଷେତ୍ରର ଜଣେ ଜଣେ ନେତାଙ୍କୁ ଏଥର କ୍ୟାବିନେଟ୍‌ରେ ଜାଗା ମିଳିପାରେ ବୋଲି ଚର୍ଚ୍ଚା ଜୋର ସୋରରେ ଆରମ୍ଭ ହୋଇଛି। କୁହାଯାଉଛି, ଯେଉଁ ଯେଉଁ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଆଶାଠାରୁ ଖରାପ ରହିଛି, ସେମାନଙ୍କୁ ମନ୍ତ୍ରିମଣ୍ଡଳରେ ଜାଗା ନ ମିଳିପାରେ। ଲିଷ୍ଟରେ ଏକାଧିକ ମନ୍ତ୍ରୀଙ୍କ ନାଁ ରହିଥିବା ପାୱାର କରିଡରରେ ଚର୍ଚ୍ଚାହେଉଛି। ଅନ୍ୟପଟେ ମନ୍ତ୍ରିମଣ୍ଡଳରେ ନୂଆକରି ଜାଗା ପାଇବାକୁ ଅନେକ ବିଧାୟକ ଚାତକ ଭଳି ଚାହିଁରହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜର ଦିଲ୍ଲୀ ଗସ୍ତ ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଥିଲେ। ଏହି ସମୟରେ ସେ ହାତରେ ଗୋଟିଏ ଫାଇଲ୍ ଧରିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ଯେ ଦିଲ୍ଲୀରୁ ନୂଆ ମନ୍ତ୍ରିମଣ୍ଡଳ ଗଠନ ନେଇ ଗ୍ରୀନ୍ ସିଗନାଲ୍ ମିଳିଛି। ଅନ୍ୟପକ୍ଷରେ ବର୍ଷେ ହେଲା ଫାଙ୍କା ପଡ଼ିଥିବା ବୋର୍ଡ, ନିଗମ ଅଧ୍ୟକ୍ଷ ପଦବି ପୂରଣ ବି ଖୁବ୍ ଶୀଘ୍ର ହେବାର ସମ୍ଭାବନା ରହିଛି। ଏହା ଭିତରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗଙ୍କ ଅଧ୍ୟକ୍ଷତାରେ ଦୁଇ ଦୁଇ ଥର ବୈଠକ ବସିସାରିଛି। ପାଖାପାଖି ଦେଢ଼ ଶହ ନେତାଙ୍କୁ ନିଯୁକ୍ତି ନେଇ ବି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ତା'ଉପରେ ବି ଶୀଘ୍ର ଚର୍ଚ୍ଚା ଆଲୋଚନା କରି କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଉଛି। ଇତିମଧ୍ୟରେ ପୁଣି ଥରେ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ପରେ ମନମୋହନ ସାମଲ, ମୁଖ୍ୟମନ୍ତ୍ରୀଙ୍କ ସହ ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟି ଫେରିଛନ୍ତି। ଗସ୍ତ ବେଳେ ରାଜ୍ୟରେ ସରକାର ଏବଂ ସଂଗଠନର ସ୍ଥିତି ନେଇ ଆଲୋଚନା ହୋଇଥିବା ସୂଚନାମିଳିଛି। ଖୁବ୍‌ଶୀଘ୍ର ବଡ଼ ନିଷ୍ପତ୍ତି ହେବାକୁ ଯାଉଥିବାର ସଙ୍କେତ ମିଳୁଛି। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସହ ବୋର୍ଡ-ନିଗମ ଅଧ୍ୟକ୍ଷ ପଦବି ଚଳିତ ମାସରେ ପୂରଣ ହେବା ଏକପ୍ରକାର ନିଶ୍ଚିତ ବୋଲି ଆଲୋଚନା ହେଉଛି। ସରକାର ୨୦୩୬ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣକୁ ଆଧାରକରି କାର୍ଯ୍ୟକରୁଥିବାରୁ ଏବଂ ଏଦିଗରେ କେନ୍ଦ୍ରୀୟ ନେତୃବୃନ୍ଦ, ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ରହିଥିବାରୁ ପ୍ରଥମ ବର୍ଷର ଶାସନର ଦୋଷ ଦୁର୍ବଳତାକୁ ଦୂରକରି ମୋହନ ସରକାର ନିଜର ସଂକଳ୍ପ ପୂରଣ କରିବାକୁ ଅଣ୍ଟାଭିଡ଼ିଛନ୍ତି। ମନ୍ତ୍ରିମଣ୍ଡଳର ନବକଳେବର ମାଧ୍ୟମରେ ମୋହନ ନୂଆବାର୍ତ୍ତା ଦେବେ ବୋଲି ଆଲୋଚନା ହେଉଛି।




# ଭାଗ୍ୟ ଚମକାଇବ ଦୁବ ଘାସ



**ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..**

**ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ।**

ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଐଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି,କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି ହୋଇଥାଏ।

# ମହିଳାଙ୍କ ପାଇଁ କାହିଁକି ଜରୁରୀ ଏସବୁ ଭିଟାମିନ୍ ?

**ବୟସ ହିସାବରେ ମହିଳାଙ୍କ ଲାଗି ଭିନ୍ନ ଭିନ୍ନ ଭିଟାମିନର ଆବଶ୍ୟକତା ରହିଥାଏ । ଏହାସହିତ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଅଧିକ ପୋଷଣର ଆବଶ୍ୟକତା ଥାଏ । ଏକ ସୁସ୍ଥ ଡାଏଟରେ ସମସ୍ତ ପ୍ରକାର ପୋଷଣ ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳାଙ୍କ ଶରୀରରେ ଅନେକ ପ୍ରକାର ପରିବର୍ତ୍ତନ ହେଉଥିବାରୁ ସେମାନେ ସୁସ୍ଥ ରହିବା ପାଇଁ ଏକ ସ୍ୱତନ୍ତ୍ର ଭିଟାମିନର ଆବଶ୍ୟକତା ରହିଛି । ଏହି ଭିଟାମିନକୁ ସଠିକ୍ ମାତ୍ରାରେ ଖାଇଲେ ମହିଳାଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହ ହାଡ ମଜବୁତ ହୋଇଥାଏ । ଆସନ୍ତୁ ଜାଣିବା ମହିଳାଙ୍କ ଲାଗି କେଉଁ ସବୁ ଭିଟାମିନ୍ ଜରୁରୀ ।**

**ଭିଟାମିନ୍ ?-ବି ୧୨ :**

ସ୍ନାୟୁପ୍ରଣାଳୀରେ ସଠିକ୍ ? କାର୍ଯ୍ୟ ଏବଂ ଲୋହିତ ରକ୍ତ କଣିକା ଗଠନ ପାଇଁ ଭିଟାମିନ୍ ? ବି ୧ ୨ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରରେ ଏହାର ଅଭାବ ହେତୁ ଥକାପଣ, ଦୁର୍ବଳତା ଓ ରକ୍ତହୀନତା ଭଳି ସମସ୍ୟା ଦେଖା ଦେଇଥାଏ । ଗର୍ଭାବସ୍ଥାରେ ମହିଳାମାନଙ୍କୁ ଅଧିକ ଭିଟାମିନ୍ ବି ୧ ୨ର ଆବଶ୍ୟକତା ରହିଛି । ମାଂସ, ମାଛ, ଅଣ୍ଡା ଏବଂ ଦୁଗ୍ଧ ଜାତ ଖାଦ୍ୟରୁ ଏହି ଭିଟାମିନ ମିଳିଥାଏ ।

**ଭିଟାମିନ୍ ଡି :**

ଭିଟାମିନ୍ ଡି ହାଡକୁ ମଜବୁତ କରିବାରେ ସାହାଯ୍ୟ କରେ । ବିଶେଷ କରି ମେନୋପାଞ୍ଜ ସମୟରେ ହରମୋନ ପରିବର୍ତ୍ତନ ହେବା ଯୋଗୁ ହାଡ ଦୁର୍ବଳ ହୋଇଥାଏ । ଯାହା ଅଷ୍ଟିଓପୋରୋସିସ୍ ଭଳି ସମସ୍ୟାର ଆଶଙ୍କା ବଢାଇଥାଏ । ଭିଟାମିନ୍ ଡି ର ଅଭାବ ହାଡକୁ ଦୁର୍ବଳ କରିପାରେ । ଭିଟାମିନ୍ ଡି ର ଅଭାବ ପାଇଁ ସକାଳର ପହିଲି ସୂର୍ଯ୍ୟକିରଣରେ ବାହାରେ ବୁଲିବା ସହ ମାଛ ତେଲ ଏବଂ କ୍ଷୀରକୁ ଖାଦ୍ୟରେ ସାମିଲ କରନ୍ତୁ ।

**ଭିଟାମିନ୍ କେ :**

ପୁରୁଷଙ୍କ ତୁଳନାରେ ମହିଳାଙ୍କର ହୃଦଘାତ ଓ ଅନ୍ୟାନ୍ୟ ହୃଦ ରୋଗରେ ଅଧିକ ମୃତ୍ୟୁ ହୋଇଥାଏ । ଭିଟାମିନ୍ କେ ହୃଦ ରୋଗର ଆଶଙ୍କାକୁ କମ୍ କରିଥାଏ ଏବଂ ସୁସ୍ଥ ରଖିଥାଏ । ଏଥିପାଇଁ ପ୍ରତ୍ୟେକ ମହିଳା ନିଜ ଖାଦ୍ୟରେ ଭିଟାମିନ୍ କେ କୁ ସାମିଲ କରିବା ନିହାତି ଆବଶ୍ୟକ । ଭିଟାମିନ୍ କେ ପାଇଁ ଆପଣ ସବୁଜ ପନିପରିବା ଖାଇପାରିବେ। ଯେପରିକି ପାଳଙ୍ଗ, ବ୍ରୋକଲି, କୋବି । ମାଛ,ମାଂସ ଏବଂ ଅଣ୍ଡାରେ ମଧ୍ୟ ଭିଟାମିନ୍ କେ ରହିଥାଏ ।




**କ୍ୟାଲସିୟମ :**

ଉହିଳାଙ୍କ ପାଇଁ କ୍ୟାଲସିୟମ ଅତ୍ୟନ୍ତ ଆବଶ୍ୟକ । ବିଶେଷ କରି ଗର୍ଭାବସ୍ଥାରେ ଏହା ଅତ୍ୟନ୍ତ ଜରୁରୀ ହୋଇଥାଏ। ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗରୁ ଆପଣଙ୍କୁ ରକ୍ଷା କରିଥାଏ । ଗର୍ଭାବସ୍ଥାରେ କ୍ୟାଲସିୟମ ଗର୍ଭସ୍ଥ ଶିଶୁର ହାଡର ବିକାଶ ପାଇଁ ମଧ୍ୟ ଆବଶ୍ୟକ ହୋଇଥାଏ । କ୍ଷୀର, ଦହି, ପନିର ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଆମ ଶରୀରକୁ କ୍ୟାଲସିୟମ ମିଳିଥାଏ ।

# ଆଜିର ରାଶିଫଳ

**ମେଷ**
ମେଷ: ଅଧିକ ଜ୍ଞାନ ଆହରଣ ପାଇଁ ଆଗ୍ରହୀ ହେବେ। ସତକର୍ମରେ ନିଜକୁ ନିୟୋଜିତ କରିପାରନ୍ତି। ବିଭିନ୍ନ ସୂତ୍ରରୁ ଏପରିକି ସରକାରୀ ସ୍ତରରୁ ଅର୍ଥ ସହିତ ସମ୍ମାନ ପ୍ରାପ୍ତିର ସୂଚନା ମିଳୁଛି। କାର୍ଯ୍ୟରେ ସଫଳ ହେବେ।

**ବୃଷ**
ବୃଷ: କର୍ମକ୍ଷେତ୍ରରୁ ଅପୂର୍ବ ସଫଳତା ଲାଭ କରିବେ। ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ। ଶୁଭକାର୍ଯ୍ୟ ପାଇଁ ବାତାବରଣ ଅନୁକୂଳ ରହିଛି। ବିବାଦୀୟ ଘଟଣାରେ ବିଜୟୀ ହେବେ। କରିତ୍ ?କର୍ମା ହେବେ।

**ମିଥୁନ**
ମିଥୁନ: କାର୍ଯ୍ୟର ସଫଳ ରୂପାୟନ କରି ପ୍ରଶଂସାର ପାତ୍ର ହେବେ। ମିଳିଥିବା କ୍ଷମତାର ବିକେନ୍ଦ୍ରୀକରଣ କରି ଅନୁଗତମାନଙ୍କର ନମସ୍ୟ ହୋଇପାରନ୍ତି। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବେ।

**କର୍କଟ**
କର୍କଟ: ଆର୍ଥିକ ସ୍ଥିତି ସାମୟିକ ଭାବେ ଦୁର୍ବଳ ହୋଇପାରେ। ସାମାନ୍ୟ ଅସୁସ୍ଥତା ଅନୁଭବ କରିପାରନ୍ତି। ଶୁଭକାର୍ଯ୍ୟ ସ୍ଥଗିତ ରଖିବାକୁ ପଡ଼ିବ। ମନରେ ଉଦ୍ ?ବେଗ ଜାତ ହୋଇପାରେ। ସତର୍କରେ ଚଳିବାକୁ ପଡ଼ିବ।

**ସିଂହ**
ସିଂହ: ଆଜି ଦିନଟି ଆପଣଙ୍କ ପାଇଁ ଅମୃତମୟ ହେବ। ବହୁ ସୁଖକର ଘଟଣାମାନ ଘଟିବ। କର୍ମକ୍ଷେତ୍ରରୁ ସଫଳତା ମିଳିବ। ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ସ୍ୱାତ୍ତିକ ଆହର ଭୋଜନ କରିବେ।

**କନ୍ୟା**
କନ୍ୟା: ଲାଗି ରହିଥିବା ଶତ୍ରୁତାର ଅବସାନ ଘଟିବ। ମନରେ ଶାନ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହେବ। ଋଣ ପରିଶୋଧ କରି ଆଶ୍ୱସ୍ତ ହେବେ। ଶୁଭକାର୍ଯ୍ୟ ପାଇଁ ସମୟ ଅନୁକୂଳ ରହିଛି। ମନସ୍କାମନା ପୂରଣ ହେବ।

**ତୁଳା**
ତୁଳା: ପାପ ପ୍ରତି ପରାଙ୍ମୁଖ ହେବେ। ଜିତେନ୍ଦ୍ରୀୟ ହେବେ। ସନ୍ମାର୍ଗୀ ହୋଇପାରନ୍ତି। ଧନାଗମ ହେବ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। ବିଦ୍ୟାର୍ଥୀ କର୍ମତତ୍ପର ହେବେ। ଶାସ୍ତ୍ର ପ୍ରତି ଅନୁରକ୍ତି ରହିବ।

**ବିଛା**
ବିଛା: କର୍ମକୁଶଳୀ ହେବେ। କାର୍ଯ୍ୟ ଯେତେ କଠିନ ଓ କଷ୍ଟଦାୟକ ହେଲେ ବି ତା'ର ସୁସମ୍ପାଦନା କରି ଉଚିତ୍ ? ପ୍ରାପ୍ୟ ହାସଲ କରିପାରନ୍ତି। ଯାନବାହନ ସୁଖ ମିଳିବ। କୃଷିକର୍ମ ପ୍ରତି ପ୍ରେରଣାଦାୟୀ ହେବେ।

**ଧନୁ**
ଧନୁ: ଧର୍ମକର୍ମ ସମ୍ପାଦନ କରିପାରନ୍ତି। ଏକ ଉତ୍ତମ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବେ। କର୍ମେ ?କ୍ଷତ୍ରକୁ ଉଜ୍ଜଳମୟ କରିବେ। ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଦେଖାଦେବ। ଉତ୍ତମ ଗୁଣର ଅଧିକାରୀ ହେବେ।

**ମକର**
ମକର: କାର୍ଯ୍ୟର ସଫଳ ରୂପାୟନ କରି ପ୍ରଶଂସାର ପାତ୍ର ହେବେ। ସ୍ୱକର୍ମ ବଳରେ କ୍ଷମତାର ଅଧିକାରୀ ହେବେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିପାରନ୍ତି। ବିବାଦୀୟ ଘଟଣାରେ ବିଜୟୀ ହେବେ।

**କୁମ୍ଭ**
କୁମ୍ଭ: ସ୍ୱାସ୍ଥ୍ୟ ପ୍ରତି ସଚେତନତା ଆବଶ୍ୟକ। ଶୁଭକାର୍ଯ୍ୟକୁ ସ୍ଥଗିତ ରଖିପାରନ୍ତି। ଜଳଯାତ୍ରାରୁ ବିରତ ରହିବା ଭଲ ହେବ। ନିଜ ଲୋକଙ୍କ ନିକଟରେ ମନର ଆବେଗକୁ ବ୍ୟକ୍ତ କରିବେ। ସତର୍କତା ଆବଶ୍ୟକ।

**ମୀନ**
ମୀନ: ଆଜି ଦିନଟି ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହେବ। କର୍ମକ୍ଷେତ୍ରରୁ ଅପୂର୍ବ ସଫଳତା ମିଳିବ। ଶୁଭ କାର୍ଯ୍ୟ ପାଇଁ ସମୟ ଅନୁକୂଳ ରହିଛି। ରୁଚିକର ଭୋଜନ ପାଇ ଆନନ୍ଦିତ ହେବେ। ପରୋପକାରୀ ହେବେ।

# ଶ୍ରାବଣରେ ଲଗାନ୍ତୁ ଏସବୁ ଗଛ



ଶ୍ରାବଣ ମାସଟି ଭଗବାନ ଶିବଙ୍କ ମାସ ବୋଲି କୁହାଯାଏ। ଏହାଛଡ଼ା ପର୍ଯ୍ୟାବରଣ ଏବଂ ଭାଗ୍ୟ ଦୃଷ୍ଟିକୋଣରୁ ଏହି ମାସରେ ଅନେକ ଗଛ ଲଗାଯାଏ। ଆସନ୍ତୁ ଜାଣିବା ଶ୍ରାବଣ ମାସରେ କେଉଁ ଗଛ ଲଗାଇବା ଦ୍ୱାରା ଭାଗ୍ୟ ଚମକିଥାଏ।

**ତୁଳସୀ:** ତୁଳସୀ ଗଛ ଶ୍ରାବଣ ମାସରେ ଲଗାଯାଏ। ଏହାକୁ କାର୍ତ୍ତିକରେ ମଧ୍ୟ ଲଗାଇପାରିବେ। ଏହି ଗଛ ଲଗାଇବା ଦ୍ୱାରା ଜୀବନରେ ସଫଳତା, ସୁଖସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ମିଳିଥାଏ। ତେବେ ପ୍ରତ୍ୟେହ ଏହି ଗଛର ଚାରିପଟେ ବୁଲିବା ସହ ନିୟମିତ ଭାବେ ଘିଅର ଦୀପ ଜାଳିବା ଉଚିତ।

କଦଳୀ: ଶ୍ରାବଣ ମାସ ଏକାଦଶୀ ନଚେତ ଗୁରୁବାର ଦିନ ଘରର ପଛରେ ନଚେତ ଛାତର ପଛପଟେ କଦଳୀ ଗଛ ଲଗାନ୍ତୁ। ଏହି ଗଛକୁ କେବେହେଲେ ଘରର ଆଗରେ ଲଗାଇବା ଉଚିତ ନୁହେଁ। ବୈବାହିକ ଜୀବନର ସମସ୍ୟା ଦୂର କରିବା ଲାଗି ନିୟମିତ ଭାବେ କଦଳୀ ଗଛରେ ପାଣି ଦେବା ଭଲ ବୋଲି କୁହାଯାଏ।

**ଡାଳିମ୍ବ:** ଶ୍ରାବଣ ମାସରେ ଘରର ସମ୍ମୁଖରେ ଅଥବା ମୁଖ୍ୟ ଦ୍ୱାର ନିକଟରେ ରାତି ସମୟରେ ଡାଳିମ୍ବ ଗଛ ଲଗାଇବା ଶୁଭ। ଏହାକୁ ଲଗାଇବା ଦ୍ୱାରା ଘରର ପରିବେଶ ଭଲ ରହିଥାଏ। ସମସ୍ତ ନକରାତ୍ମକ ଶକ୍ତି କମ୍ ? ହୋଇଥାଏ। ଏହାଛଡ଼ା ଘର ଉପରେ କୌଣସି ତନ୍ତ୍ର-ଯନ୍ତ୍ରର ପ୍ରଭାବ ପଡ଼ି ନ ଥାଏ ବୋଲି ମାନ୍ୟତା ରହିଛି।

**ଅଁଳା:** ଶ୍ରାବଣ ମାସର ଶନିବାର ଦିନ ଅଁଳା ଗଛ ଲଗାଇବା ଉଚିତ। ଘରର ମୁଖ୍ୟ ଦ୍ୱାରର ବାମପଟେ ଏହାକୁ ଲଗାଇବା ଶୁଭ। ନିୟମିତ ଭାବେ ଏହି ଗଛର ମୂଳରେ ସୋରିଷ ତେଲର ଦୀପ ଜାଳନ୍ତୁ। ଏପରି କରିବା ଦ୍ୱାରା ଶନି ସମ୍ବନ୍ଧୀୟ କଷ୍ଟ ଦୂର ହୋଇଥାଏ। ସ୍ୱାସ୍ଥ୍ୟ ଭଲ ରୁହେ। ବିଜୟାଦଶମୀ ଦିନରେ ଏହି ଗଛକୁ ପୂଜା କଲେ ଧନର ଅଭାବ ରୁହେ ନାହିଁ।

**ଅଶ୍ୱସ୍ଥ ଗଛ:** ଶ୍ରାବଣ ମାସର ଗୁରୁବାର ଦିନ ଅଶ୍ୱସ୍ଥ ଗଛ ଲଗାଇବା ଶୁଭ। ହେଲେ ଘରେ କେବେହେଲେ ଏହି ଗଛ ଲଗାନ୍ତୁ ନାହିଁ। ପାର୍କ ନଚେତ ରାସ୍ତା କଡ଼ରେ ଏହାକୁ ଲଗାନ୍ତୁ।

# ବର୍ଷା ଋତୁରେ ଏହିସବୁ ଖାଦ୍ୟ ପ୍ରତି ସାବଧାନ

ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ବିଭିନ୍ନ ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଛି । ସାଧାରଣତଃ ବର୍ଷା ଋତୁରେ ଅନେକ ପ୍ରକାର ରୋଗ ବ୍ୟାପିଥାଏ । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ବର୍ଷା ଋତୁରେ ସୁସ୍ଥ ରହିବା ପାଇଁ ଖାଦ୍ୟ ପାନୀୟ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । କାରଣ ଖାଦ୍ୟ ଓ ପାନୀୟ ଆମ ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ଏହି ଋତୁରେ ତାପମାତ୍ରାରେ କ୍ରମାଗତ ପରିବର୍ତ୍ତନ ହେଉଥିବାରୁ ଜୀବାଣୁ, ଭୂତାଣୁ ଓ ଫଙ୍ଗସ୍ ନଷ୍ଟ ହୋଇଥାଏ । ତେବେ ବିଶେଷଜ୍ଞଙ୍କ ମତରେ କେଉଁ ଖାଦ୍ୟ ବର୍ଷା ଋତୁରେ ଖାଇବା ଉଚିତ କେଉଁଟା ନୁହେଁ ଚାଲନ୍ତୁ ଜାଣିବା । ବର୍ଷାଋତୁରେ ଖାଦ୍ୟ ସାମଗ୍ରୀ କିଛି ଘଣ୍ଟା ମଧ୍ୟରେ ନଷ୍ଟ ହେଉଥିବାରୁ ଲୋକମାନେ ସତର୍କ ରହିବା ଜରୁରୀ । ଏହି ଋତୁରେ ଷ୍ଟ୍ରିଟ୍ ଫୁଡ୍ ଏବଂ ଜଙ୍କ୍ ଫୁଡ୍ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ । କାରଣ ବର୍ଷା ଯୋଗୁଁ ବଜାରର ଦୋକାନ ଚାରିପଟେ ଅଳିଆ ଆବର୍ଜନା ଓ କାଦୁଅ ପଡି ରହିଥାଏ ଏବଂ ଏହା ଖାଦ୍ୟକୁ ଦୂଷିତ କରିଥାଏ । ଏଭଳି ପରିସ୍ଥିତିରେ ଯେଉଁମାନେ ନିକଟସ୍ଥ ଦୋକାନରୁ ଷ୍ଟ୍ରିଟ୍ ଫୁଡ କିମ୍ବା ଜଙ୍କ୍ ଫୁଡ ଖାଆନ୍ତି ତେବେ ପେଟରେ ସଂକ୍ରମଣ ହେବାର ଆଶଙ୍କା ରହିଥାଏ । ତେଣୁ ଏହି ଋତୁରେ ବାହାର ଖାଦ୍ୟଠାରୁ ଦୂରେଇ ରହିବା ଉଚିତ । ଏହା ବ୍ୟତୀତ ଲୋକମାନେ ବିଶୁଦ୍ଧ ଜଳ ପିଇବା ଉଚିତ୍ ?ଏବଂ ଯଦି ପାଣିରେ ମଇଳା ଦେଖୁଛନ୍ତି ତେବେ ସେହି ପାଣିକୁ ଆଦୌ ପିଅନ୍ତୁ ନାହିଁ ।




ଯଦି ଆପଣଙ୍କ ପେଟ ରୋଗ କିଛି ବି ରହିଛି ତେତେ ରାସ୍ତାକଡ ଖାଦ୍ୟଠାରୁ ଦୂରତା ଅବଲମ୍ବନ କରନ୍ତୁ । ଏହା ସହିତ ଅତ୍ୟଧିକ ତେଲ ଯୁକ୍ତ ଖାଦ୍ୟଠାରୁ ମଧ୍ୟ ଦୂରେଇ ରୁହନ୍ତୁ । ବର୍ଷା ଋତୁରେ ସତର୍କତାର ସହିତ ଶାଗ ଓ ସବୁଜ ପନିପରିବା ଖାଆନ୍ତୁ । ଏହାକୁ ପ୍ରଥମେ ଭଲ ଭାବରେ ଧୋଇ ସଫା କରନ୍ତୁ ଏବଂ ପରେ ବ୍ୟବହାର କରନ୍ତୁ । ଯଦି ସମ୍ଭବ ହୁଏ ବର୍ଷା ଋତୁରେ ଶାଗ ଭଳି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ । ବର୍ଷା ଋତୁରେ ୩-୪ଘଣ୍ଟାରୁ ଅଧିକ ସମୟ ଧରି ରଖାଯାଇଥିବା ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ସଂକ୍ରମଣ ବଢିବା ଆଶଙ୍କା ରହିଛି । କେବଳ ଘର ତିଆରି ଖାଦ୍ୟ ଖାଆନ୍ତୁ । ଖାଦ୍ୟକୁ ଫ୍ରିଜ୍‌ରେ ରଖିବା ଏବଂ ପରଦିନ ଏହାକୁ ଖାଇବାଠାରୁ ଦୂରେଇ ରୁହନ୍ତୁ । ବିଶେଷଜ୍ଞଙ୍କ ମତରେ ଏହି ଋତୁରେ ଲୋକମାନେ ଆମିଷ, କଟା ହୋଇ ରଖାଯାଇଥିବା ଫଳ ଏବଂ ବାହାରେ ଖୋଲାରେ ରଖାଯାଇଥିବା ଖାଦ୍ୟ ଖାଇବା ଉଚିତ୍ ? ନୁହେଁ । ଏହାଦ୍ୱାରା ଶରୀରେ ସଂକ୍ରମଣ ବଢିବା ଆଶଙ୍କା ରହିଛି । ତାଜା ଫଳ କିଣି ଏହାକୁ ଖାଇବା ଉଚିତ୍ ।

# ବ୍ରେଡ୍ ଦହିବରା

**ଆବଶ୍ୟକ ସାମଗ୍ରୀ:** ବ୍ରେଡ୍-୪ ଖଣ୍ଡ,ସିଝା ଆଳୁ-୨ଟି, ୩ କପ୍ ଦହି, ଅଳ୍ପ ଧନିଆ ଚଟଣୀ, ୩ଟି କଞ୍ଚା ଲଙ୍କା,୪ ଚାମଚ ତେନ୍ତୁଳି ଚଟଣୀ, ଚିନି-୧ ଚାମଚ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଆମଚୁର ପାଉଡର-୧ ଚାମଚ, କିଛି କିସମିସ୍,କଟା ଧନିଆ ପତ୍ର, କିଛି ରିଫାଇନ ତେଲ ଓ ଅଳ୍ପ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବ୍ରେଡର ସାଇଡ୍ ଗୁଡିକ କାଟି ଦିଅନ୍ତୁ । ଏବେ ଏକ ପାତ୍ରରେ ଆଳୁକୁ ଭଲଭାବେ ଚକଟି ଦିଅନ୍ତୁ ।ଏହାପରେ ସିଝା ଆଳୁ ଚକଟା, କଞ୍ଚା ଲଙ୍କା, ଆମଚୁର ପାଉଡର, କିସମିସ୍, ଭଜା ଜିରା ଗୁଣ୍ଡ ଏବଂ ଲୁଣ ପକାଇ ଗୋଳେଇ ଦିଅନ୍ତୁ । ସବୁକିଛି ଭଲ ଭାବରେ ମିଶେଇ ଅଲଗା ଏକ ପାତ୍ରରେ ରଖନ୍ତୁ ।ଏହାପରେ ଦହିରେ ଚିନି ପକାଇ ଅଲଗା ଏକ ପାତ୍ରରେ ରଖନ୍ତୁ । ପୂର୍ବରୁ ପ୍ରସ୍ତୁତ କରିଥିବା ମିଶ୍ରଣରେ ଗୋଲ ଗୋଲ ବରା ଆକାରର ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ କଡେଇରେ ତେଲ ଗରମ କରି ସେଥିରେ ବରା ଗୁଡିକ ଛାଣନ୍ତୁ । ବରା ଗୁଡିକ ଛାଣି ହେବା ପରେ ଏକ ପାତ୍ରରେ ବାହାର କରି ଦିଅନ୍ତୁ । ଏହାପରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଚଟଣୀ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡକୁ ମିଶାଇ ସେଥିରେ ବରା ଗୁଡିକ ପକାଇ ଦିଅନ୍ତୁ । ଏହାପରେ କଟା ଧନିଆ ପତ୍ର ପକାଇ ଦିଅନ୍ତୁ ।ଏବେ ପ୍ରସ୍ତୁତ ହୋଇଗଲା ଚଟପଟା ବ୍ରେଡ ଦହିବରା । ଏହି ସହଜ ବ୍ରେଡ ଦହିବରା ରେସିପି ତିଆରି କରି ନିଜେ ଖାଆନ୍ତୁ ଓ ନିଜ ଘର ଲୋକଙ୍କୁ ପରଷନ୍ତୁ ।



# ନେଗେଟିଭ୍ ଭୂମିକାରେ ତବୁଙ୍କ କମ୍‌ବ୍ୟାକ୍

ପୁରୀ ଜଗନ୍ନାଥଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ଅପକମିଙ୍ଗ ଫିଲ୍ମରେ ଆସିବେ ତବୁ । ଏଥିରେ ସେ ବିଜୟ ସେଥୁପତିଙ୍କ ସହ ସ୍କ୍ରିନ୍ ଶେୟାର କରିବେ । ଖାସ୍ ? କଥା ହେଉଛି ଫିଲ୍ମରେ ତବୁଙ୍କୁ ମୁଖ୍ୟ ଖଳନାୟିକା ଭୂମିକାରେ ଦେଖିବାକୁ ମିଳିବ । ପରଦାରେ ଦମ୍‌ଦାର ମହିଳା ଚରିତ୍ରରେ ଅଭିନୟ କରିବା ପାଇଁ ଖାସ୍ ପରିଚିତ ତବୁଙ୍କ ସହ ଏହି ଧାରା ବଜାୟ ରଖିଛନ୍ତି ପୁରୀ ଜଗନ୍ନାଥ ।

କିନ୍ତୁ ତବୁଙ୍କ ପାଇଁ ଏହି ଚରିତ୍ର ନୂଆ ନୁହେଁ, ଫିଲ୍ମ 'ମକବୁଲ୍' ଓ 'ଅନ୍ଧାଧୁନ୍'ରେ ତାଙ୍କର ଜଟିଳ ନେଗେଟିଭ୍ ଚରିତ୍ର ଦେଖିସାରିଛନ୍ତି ଦର୍ଶକ । ଏହି ଫିଲ୍ମରେ ଲିଡ୍ ଲେଡି ଭୂମିକାରେ ଅଭିନୟ କରିଛନ୍ତି ସଂଯୁକ୍ତା । ଲୋକପ୍ରିୟ ତେଲୁଗୁ କଳାକାରଙ୍କୁ ମଧ୍ୟ ଫିଲ୍ମରେ କାଷ୍ଟ୍ କରାଯାଇଛି । କିଛି ଦିନ ତଳେ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ସହ ତବୁଙ୍କର ଏକ ଫଟୋ ଶେୟାର କରି ଫିଲ୍ମରେ ତାଙ୍କୁ ସାମିଲ କରିବା କଥା ଘୋଷଣା କରାଯାଇଥିଲା । ଫିଲ୍ମର ସୁଟିଂ ନିକଟରେ ଆରମ୍ଭ ହୋଇଛି । ଖୁବ୍‌ଶୀଘ୍ର ଟାଇଟଲ୍ ଘୋଷଣା କରିବେ ନିର୍ମାତା । ତବୁଙ୍କ ଅପକମିଙ୍ଗ ପ୍ରୋଜେକ୍ଟରେ ଅଛି ପ୍ରିୟଦର୍ଶନଙ୍କ ହରର୍-କମେଡି 'ଭୂତ୍ ବଙ୍ଗଳ' । ଏଥିରେ ଅକ୍ଷୟ କୁମାର, ଜିସୁ ସେନ୍‌ଗୁପ୍ତା, ୱାମିକା ଗବ୍ବି ଅଭିନୟ କରିଛନ୍ତି । ମ୍ୟୁଜିକ୍ ଦେଇଛନ୍ତି ପ୍ରୀତମ୍ । ଆସନ୍ତା ବର୍ଷ ଏହା ମୁକ୍ତିଲାଭ କରିବ ।



## ମନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନାହାଁନ୍ତି ଭଦ୍ରକ ଡ୍ରେନେଜ ନିର୍ବାହୀ ଯନ୍ତ୍ରୀ

# ମରାମତି ହେଲାନି 'ଯ' ନଦୀ କ୍ରିକ୍ କବାଟ



**ଧାମନଗର (ପିପିଏସ):** ଧାମନଗର ବ୍ଲକ ଅନ୍ତର୍ଗତ ପଳିକିରୀ ରାଜସ୍ୱ ଗ୍ରାମର ମଧ୍ୟଭାଗ ଦେଇ ପ୍ରବାହିତ 'ଯ'ନଦୀର ଉପର ମୁଣ୍ଡରେ ବିଗତ ୨୮ ବର୍ଷ ତଳେ ତତ୍କାଳୀନ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ନାଗାର୍ଜୁନ ପ୍ରଧାନ ଓ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଅର୍ଜୁନ ଚରଣ ସେଠୀଙ୍କ ଅବଦାନରେ ଦୁଇ ବିଶାଳ ଲୌହ ସଟର ଯୁକ୍ତ କ୍ରିକ୍ ନିର୍ମାଣ ହୋଇଥିଲା। ତାର କିଛି ବର୍ଷ ପରେ ଚୋର ମାନେ ସଟର କାଟି ନେବାରୁ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲଙ୍କ ପ୍ରଚେଷ୍ଟାରେ ଏହା ପୁନଃ ମରାମତି ହୋଇଥିଲା। ଆଜକୁ ୧୮ ବର୍ଷ ହେବ ଏହି ସେଚ ପ୍ରକଳ୍ପର ଲୁହା ପ୍ଲେଟ (ସଟର) ର ରକ୍ଷଣା ବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଯାହା ଫଳରେ ଗତ ଖରିଫ ଚାଷ ସମୟରେ ଏହି ଲୁହା ସଟର ପଡ଼ି ନପାରିବା ଯୋଗୁ ଦୁଇ ପଟରେ ଥିବା ଶହ ଶହ ଏକର ଚାଷ ଜମିକୁ ପାଣି ମାଡ଼ି ନପାରି ଫସଲର ଅହେତୁକ କ୍ଷତି ହୋଇଥିଲା। ଡ୍ରେନେଜ ବିଭାଗ ଭଦ୍ରକ ପକ୍ଷରୁ ନୂତନ ପ୍ଲେଟ ଓଲଡିଂ ହୋଇ ସଟର ମରାମତି ହୋଇଥିଲେ ଗତ ଓ ଚଳିତ ଖରିଫ ଚାଷ ସୁରୁଖୁରୁରେ ହୋଇ ପାରିଥାନ୍ତା। ଚାଷୀ ମାନେ ବାରମ୍ବାର ଡ୍ରେନେଜ ଅଧିକାରୀଙ୍କୁ ଭେଟି ନିରାଶ ପରେ ଗତ ଶିବ ରାତ୍ରିରେ ମାନ୍ୟବର ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଯୁବସେବା ଓ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥିତପ୍ରଜ୍ଞ ପଳିକିରୀ ଉତ୍ତରେଶ୍ୱର ମହାଦେବଙ୍କ ଦର୍ଶନ ସମୟରେ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିବେଦନ କରିଥିଲେ। ଏ ସମ୍ପର୍କରେ ଦୈନିକ ଓଡ଼ିଆ ସମ୍ବାଦପତ୍ର 'ପ୍ରଜାତନ୍ତ୍ର'ରେ ମାର୍ଚ୍ଚ ୨୪ ରେ ଖବର ପ୍ରସାରଣ ଓ ଡ୍ରେନେଜ ବିଭାଗକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବିଭାଗୀୟ ଯନ୍ତ୍ରୀ ଓ ଶାଳପଡ଼ା ଯାନ୍ତ୍ରିକ ଡିଭିଜନ ଅଧିକାରୀ ମିଳିତ ଭାବେ ସମ୍ପୃକ୍ତ କ୍ଷେତ୍ର ପରିଦର୍ଶନ କରିଥିଲେ।ଖରାଦିନ ଭିତରେ ମରାମତି କରାଯିବ ବୋଲି ଅଧିକାରୀ ମାନେ ଉପସ୍ଥିତ ଚାଷୀଙ୍କୁ ପ୍ରତିଶୃତି ଦେଇଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହିକି ବର୍ଷା ଋତୁ ଆସିଥିଲେ ମଧ୍ୟ ଏଯାଏଁ ଏହା ମରାମତି ହୋଇପାରିଲା ନାହିଁ। ଯାହା ଫଳରେ ପଳିକିରୀ ଓ ବାଇଦିପୁର ଅଞ୍ଚଳର ୪ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ପାଣି ନ ମାଡ଼ି କ୍ଷତିଗ୍ରସ୍ତ ହେବ।ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ସାଂସଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ନିବେଦନ କରିଛନ୍ତି।

# ବାର୍ଡ ଫ୍ଲୁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ମନ୍ତ୍ରୀ

**ଭୁବନେଶ୍ୱର, (ପିପିଏସ୍):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ବଡ଼ ଆଙ୍କୁଲା ଗାଁରେ କୁକୁଡ଼ାମାନଙ୍କୁ ବାର୍ଡ ଫ୍ଲୁ ରୋଗ ଲାଗିଥିବା ଜାତୀୟ ଉଚ୍ଚ ସୁରକ୍ଷା ପ୍ରାଣିରୋଗ ପ୍ରତିଷ୍ଠାନ, ଭୋପାଳ ଜୁଲାଇ ୧୧ ତାରିଖ ଦିନ ନିଶ୍ଚିତ କରିଛି। ଖବର ପାଇବାକ୍ଷଣି ରାଜ୍ୟ ସରକାର ଏହି ରୋଗ କିପରି ଅନ୍ୟ ଅଞ୍ଚଳକୁ ବ୍ୟାପିବ ନାହିଁ ଓ ରୋଗର ନିରାକରଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ଅଞ୍ଚଳକୁ ଗସ୍ତକରି ରୋଗ ଲାଗିଥିବା ଅଞ୍ଚଳର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ମଲ୍ଲିକ ରୋଗ ନିୟନ୍ତ୍ରଣ ବିଷୟରେ ସମୀକ୍ଷା କରି କ୍ଷେତ୍ର ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀ ମଲ୍ଲିକ ଗଣମାଧ୍ୟମକୁ କହିଛନ୍ତି ଯେ, ରୋଗ ଲାଗିଥିବା ଅଞ୍ଚଳରେ କୁକୁଡ଼ା ମରା, ବିଶୋଧନ, ପରିଷ୍କାର ପରିଚ୍ଛନ୍ନତା ଓ ରୋଗ ନିୟନ୍ତ୍ରଣ ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ୭ ଗୋଟି ରାପିଡ ରେସପନ୍ସ ଦଳ ଗଠନ କରାଯାଇଛି। ୧୨ ଜୁଲାଇ ୨୦୨୫ ଠାରୁ କୁକୁଡ଼ା ମରା ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ରାପିଡ ରେସ୍ପନ୍ସ ଦଳ ଗୁଡିକୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି ଏବଂ ବିଶେଷଜ୍ଞ ପ୍ରାଣୀ ଚିକିତ୍ସକମାନେ ଏହାର ତଦାରଖ କରୁଛନ୍ତି।

୧୨ ଓ ୧୩ ଜୁଲାଇ ଦୁଇ ଦିନ ଧରି ରୋଗ ଲାଗିଥିବା ସ୍ଥାନର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ୬,୭୫୬ କୁକୁଡ଼ାଙ୍କୁ ମାନବୀୟ ପଦ୍ଧତିରେ ମରାଯାଇଛି। ଏହି କାର୍ଯ୍ୟ ଅତି ଶୀଘ୍ର ସମାପନ କରାଯାଇ ଜୈବ ସୁରକ୍ଷା ନିୟମ ଅନୁଯାୟୀ ମରାଯାଇଥିବା କୁକୁଡାଙ୍କୁ ବୈଜ୍ଞାନିକ ପଦ୍ଧତିରେ ଗଭୀର ଗାତ ଖୋଳି ଚୂନ ଦେଇ ପୋତି ଦିଆଯାଇଛି। ଭାରତ ସରକାରଙ୍କ ତରଫରୁ ଜାରି ନିୟମାବଳୀ ଅନୁଯାୟୀ କୁକୁଡ଼ା ମରାଯାଇଥିବା କୁକୁଡାପାଳକଙ୍କ ଜୀବିକା ଓ ରୋଜଗାର ନିଶ୍ଚିତ କରିବାକୁ ଦୁଇ ଦିନ ମଧ୍ୟରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ।

ରୋଗ ଲାଗିଥିବା ସ୍ଥାନର ୧୦ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ଜୈବ- ସୁରକ୍ଷା ପଦକ୍ଷେପ କଡ଼ାକଡ଼ି ଗ୍ରହଣ କରାଯାଇଛି। ଏହି ଅଞ୍ଚଳରେ ବାର୍ଡ ଫ୍ଲୁ ଭୂତାଣୁ ସଂକ୍ରମଣ ରୋକିବାକୁ କୁକୁଡ଼ା ଫାର୍ମ ଗୁଡିକରେ ଯାନବାହାନ ଯିବାଆସିବାକୁ ନିୟନ୍ତ୍ରଣ କରାଯାଇଛି ଓ ବିଶୋଧନ ପ୍ରକ୍ରିୟା ଜାରି ରହିଛି। କୁକୁଡ଼ାପାଳନ କ୍ଷେତ୍ରକୁ ଆବଶ୍ୟକୀୟ ଗୁରୁତ୍ୱ ପ୍ରଦାନ, କୁକୁଡ଼ା ପାଳକଙ୍କ ସ୍ୱାର୍ଥ ଓ ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ପ୍ରାଣୀସମ୍ପଦ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୀବନର ସମସ୍ତ ପରୀକ୍ଷାରେ ସଫଳତା ହାସଲ ପାଇଁ ପ୍ରଚେଷ୍ଟା ଜାରି ରଖ: ଭର୍ତ୍ତୃହରି

**ଚୌଦ୍ୱାର, (ପିପିଏସ୍):** ଚୌଦ୍ୱାର ସଚେତନ ନାଗରିକ ମଞ୍ଚ ଆନୁକୁଲ୍ୟରେ ଡା. ଦେବେନ୍ଦ୍ର ପ୍ରଧାନ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମଞ୍ଚ କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଗାନ୍ଧିଛକସ୍ଥିତ ପୌର ଟାଉନ୍ ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନର ସମସ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଫଳତା ହାସଲ ପାଇଁ ପ୍ରଚେଷ୍ଟା ଜାରୀ ରଖିବାକୁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପିଲାର ସଫଳତା ପାଇଁ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମାଜର ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମହତାବ ମତବ୍ୟକ୍ତ କରିଥିଲେ। ବିଜେପି ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ,ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ,ମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା ମଞ୍ଚର ଉପଦେଷ୍ଟା ଜ୍ଞାନେନ୍ଦ୍ର ସ୍ୱାଇଁ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ମଞ୍ଚ ସଭାପତି ଅକ୍ଷୟ କୁମାର ଭୁୟାଁ ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ଼ରେ ପାସ୍ କରିଥିବା ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର କୃତି ଛାତ୍ରଛାତ୍ରୀଙ୍କୁ ସାଂସଦ ଶ୍ରୀ ମହତାବ ସମ୍ମାନିତ କରିଥିଲେ। ଏହି ଅବସରରେ ଟେଟ୍ରାହେଡ୍ରନ୍ ଅଧ୍ୟକ୍ଷ ଡ. ତ୍ରିଦେବ ବେହେରା, ଉତ୍କଳ ଇଣ୍ଟରନେସନାଲ ସ୍କୁଲ ଚେୟାରମ୍ୟାନ୍ ଗଣେଶ ପ୍ରସାଦ ବେହେରା, ଡାଏନ୍ ଡେନ୍ସ ସ୍କୁଲର ମୁଖ୍ୟ ଶୁଭମ୍ ସରିତା କର, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ସନ୍ତୁ ଦୁର୍ଗା ପ୍ରସାଦ ପ୍ରମୁଖଙ୍କୁ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତ୍ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ଏବଂ ଧିରଞ୍ଜନ ସିଂହ, ସଂଜୟ ମହାରଣା, ତନ୍ମୟ ସାହୁ, ସଂଜୀବ ତିୱାରୀ, ପ୍ରକାଶ ନାୟକ,ପ୍ରକାଶ ସାହୁ, ଭିକି ଦାସ ପ୍ରମୁଖ ସହଯୋଗ କରିଥିଲେ। କାଉନସିଲର ସୁଜାତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ବାଲୁଗାଁ ଷ୍ଟେସନରୁ ଚୋରି ଶିଶୁକନ୍ୟା ଗୁରାପଲ୍ଲୀ ଟୋଲ୍‌ଗେଟ୍‌ରୁ ଉଦ୍ଧାର

# ମା'କୁ ଦେଖି ଦୌଡ଼ି ଦୌଡ଼ି ଆସି କୁଣ୍ଢାଇ ଧରିଲା

**ଖଲ୍ଲିକୋଟ, (ପିପିଏସ୍):** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ ରବିବାର ଦୁଇ ବର୍ଷର ଶିଶୁକନ୍ୟାକୁ ଜଣେ ବ୍ୟକ୍ତି ଛାଡ଼ି ଫେରାର ହୋଇଯାଇଥିଲେ। ଶିଶୁ କନ୍ୟାଟି ଟୋଲ୍‌ଗେଟଠାରେ ଏକୁଟିଆ ବୁଲୁଥିବା ଦେଖି ନିକଟରେ ଥିବା ଜଣେ ଚା' ଦୋକାନୀ ତାଙ୍କୁ ଆଣି ପାଖରେ ରଖିଥିଲେ। ପରେ ସେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇ ଥିଲେ। ଖବର ପାଇ ଖଲ୍ଲିକୋଟ ଥାନା ପୋଲିସ ସକାଳ ୮ରେ ଟୋଲ୍‌ଗେଟଠାରେ ପହଞ୍ଚି ଶିଶୁ କନ୍ୟାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ତେବେ ଶିଶୁକନ୍ୟାର ପରିଚୟ ନ ପାଇବାରୁ ଖଲ୍ଲିକୋଟ ଥାନା ପକ୍ଷରୁ ସବୁ ଥାନାକୁ ପିଲାଟିର ଫଟୋ ପଠାଯିବା ସହ ଚାଇଲ୍ଡ ହେଲ୍ପଲାଇନକୁ ଖବର ଦିଆ ଯାଇଥିଲା। ଖବର ପାଇ ଖଲ୍ଲିକୋଟ ସିଡିପିଓ ବିଜୟ ଲକ୍ଷ୍ମୀ ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଅଙ୍ଗନୱାଡ଼ି ସୁପରଭାଇଜର ଭାଗ୍ୟଲତା ସେନାପତି, ସୁନିତା କୁମାରୀ ସାବତଙ୍କ ସମେତ ଦୁଇ ଜଣ କର୍ମଚାରୀ ଥାନାରେ ପହଞ୍ଚିଥିଲେ।

ଥାନାରେ ଶିଶୁ କନ୍ୟାକୁ ଚାଇଲ୍ଡ ହେଲ୍ପଲାଇନକୁ ହସ୍ତାନ୍ତର କରିବାକୁ ପ୍ରକ୍ରିୟା ଚାଲିଥିବା ବେଳେ ହଠାତ ପିଲାଟିର ମା' ଥାନାରେ ପହଞ୍ଚିଥିଲେ। ମା'ଙ୍କୁ ଦେଖି ପିଲାଟି ଆନନ୍ଦରେ ମା' କୋଳକୁ ଦୌଡ଼ି ଯାଇଥିଲା। ମା' ଝିଅଙ୍କ ମିଳନ ରେ ଥାନା ପରିସରରେ ଖୁସିର ଲହରି ଖେଳିଯାଇଥିଲା। ବାଲୁଗାଁ ଉମା ମହେଶ୍ୱର ମନ୍ଦିର ନିକଟରେ ରହୁଥିବା ସଂଗୀତା ପାରିମାଣିକ ନିଜର ଦୁଇ ବର୍ଷର ଶିଶୁକନ୍ୟାକୁ ବାଲୁଗାଁ ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ବସେଇ ଦେଇ କାମ କରିବାକୁ ଯାଇଥିଲେ। ଫେରି ଦେଖିବା ବେଳକୁ ଝିଅ ସେଠାରେ ନ ଥିଲା। ବହୁ ଖୋଜାଖୋଜି ପରେ ଝିଅର କୌଣସି ସନ୍ଧାନ ନ ମିଳିବାରୁ ରେଲୱେ ଥାନାରେ ଅଭିଯୋଗ କରିଥିଲେ। ଆଜି ଖଲ୍ଲିକୋଟ ଥାନା ପକ୍ଷରୁ ଜାରି ହୋଇଥିବା ଫଟୋ ଦେଖି ସେ ଥାନାରେ ପହଞ୍ଚି ନିଜ ଝିଅକୁ ପାଇଥିବାରୁ ଖଲ୍ଲିକୋଟ ପୋଲିସକୁ ଧନ୍ୟବାଦ ଦେଇଛନ୍ତି। ମା' କୋଳକୁ ଝିଅ ଫେରିଥିବାରୁ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଅଙ୍ଗନୱାଡି ସୁପରଭାଇଜର ଭାଗ୍ୟଲତା ସେନାପତି,ସୁନିତା କୁମାରୀ ସାବତ ଓ ପୋଲିସ କର୍ମଚାରୀ ମାନେ ଖୁସି ପ୍ରକାଶ କରିଥିଲେ।

# ୨୦୦ ଲୋକଙ୍କୁ ପ୍ଲଟ୍ ଦେବାକୁ କହି ୫କୋଟିରୁ ଉର୍ଦ୍ଧ୍ୱ ଠକିବା ଅଭିଯୋଗରେ ଯୁବକ ଗିରଫ



**ବ୍ରହ୍ମପୁର (ପିପିଏସ୍):** ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ଘର କରିବା ପାଇଁ ପ୍ରଯୁଜ୍ୟ ଥିବା ପ୍ଲଟ୍ ଦେବାକୁ କହି ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ଗୋଷାଣୀନୂଆଗାଁ ପୁଲିସ୍ ଗୋଷାଣୀନୂଆଗାଁ ପାଣିଗ୍ରାହୀ ସାହିର ଚେତନ କୁମାର ଚୌଧୁରୀ (୪୩)ଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ପ୍ରକାରେ, ଗିରଫ ଚେତନ ଗୋଷାଣୀ ନୂଆଗାଁରେ ସାଧବୀ କନ୍‌ଷ୍ଟ୍ରକସନ୍ ଓ ଲଜିଷ୍ଟିକ୍ କରିଥିଲେ । ସେଥିରେ ଲାଞ୍ଜିପଲ୍ଲୀର ଏ.ସନ୍ତୋଷ କୁମାର ପାତ୍ର ଏକାଉଣ୍ଟାଣ୍ଟ ଓ ମାର୍କେଟିଂ ଏଜେଣ୍ଟ ଭାବେ ନିଯୁକ୍ତ ହୋଇଥିଲେ । କମ୍ପାନୀ ତରଫରୁ ସହରର ଆଖପାଖ ଅଞ୍ଚଳରେ ଘର କରିବା ପାଇଁ ପ୍ରଜ୍ୟୁଯ ଥିବା ପ୍ଲଟ୍ ଯୋଗାଇବାକୁ କହି ଲୋକଙ୍କ ଠାରୁ ମାସିକିଆ ଟଙ୍କା କିସ୍ତି ଆକାରରେ ସଂଗ୍ରହ କରୁଥିଲା । କନ୍‌ଷ୍ଟ୍ରକସନ୍ କମ୍ପାନୀର କର୍ମଚାରୀ ଭାବେ ଏ. ସନ୍ତୋଷ କୁମାର ଲୋକଙ୍କ ଠାରୁ ମାସିକିଆ ଇନ୍‌ଷ୍ଟାଲମେଣ୍ଟରେ ଟଙ୍କା ଆଦାୟ କରିବା ସହ ନିଜେ ଜାଗା କିଣିବି ବୋଲି କହି ମାସକୁ କିସ୍ତି ଆକାରରେ ଚେତନକୁ ଟଙ୍କା ଦେଇଥିଲେ ।

ଏହି ପ୍ରକ୍ରିୟା ୨୦୧୯ ମସିହାରୁ ଚାଲିଥିବା ବେଳେ ଲୋକଙ୍କୁ ଜାଗା ଦେବି ଦେବି ବୋଲି କହି ୨୦୨୧ ଶେଷରେ ଜାଗା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲା । ଏପରିକି ଗ୍ରାହକଙ୍କ ଠାରୁ ପ୍ରତି ମାସରେ ରସିଦ୍ ଦେଇ ଟଙ୍କା ଆଦାୟ କରାଯାଉଥିଲା । ଜାଗା ନ ମିଳିବା ଫଳରେ ଟଙ୍କା ଦେଇଥିବା ବ୍ୟକ୍ତିବିଶେଷ ଏ. ସନ୍ତୋଷ କୁମାରଙ୍କୁ ଜାଗା ଦେବାପାଇଁ କହିବାରୁ ସେ କମ୍ପାନୀ ମାଲିକ ଚେତନକୁ ଲୋକେ ଜାଗା ମାଗୁଛନ୍ତି ତୁରନ୍ତ ଜାଗା ଦେବା ପାଇଁ ଅନୁରୋଧ କରିଥିଲେ । ଫଳରେ ଚେତନ ଜାଗା ବଦଳରେ ସନ୍ତୋଷଙ୍କୁ ଧମକ ଚମକ ଦେଇଥିଲେ । ଟଙ୍କା ଜମା କରିଥିବା ଜନସାଧାରଣମାନେ ଚେତନଙ୍କ ନିକଟକୁ ରସିଦ୍ ଧରି ଆସି ଜାଗା ନହେଲେ ପଇସା ଫେରାଇ ଦିଅନ୍ତୁ ବୋଲି କହିବାରୁ ଏହି ରସିଦ୍ ନକଲି ଓ ମୁଁ କିଛି ଟଙ୍କା ଜାଣିନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ । ଏନେଇ ଏ.ସନ୍ତୋଷ କୁମାର ଗୋଷାଣୀନୂଆଗାଁ ଥାନାରେ ଗତ ୧୨ତାରିଖ ଦିନ ଲିଖିତ ଅଭିଯୋଗ କରିବାପରେ ପୁଲିସ୍ ଚେତନକୁ ଥାନାକୁ ଆଣି ଘଟଣା ବିଷୟରେ ପଚରା ଉଚୁରା କରିଥିଲା । ପୁଲିସ୍ ତଦନ୍ତ ବେଳେ ଚେତନ ୨୦୦ଜଣଙ୍କ ଠାରୁ ୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜାଗା ଦେବାକୁ କହି ଠକିଥିବା ପୁଲିସ୍ ଜାଣିବାକୁ ପାଇଥିଲା । ଏପରିକି ଚେତନ ଥାନାରେ ଅଟକ ରଖି ଖବରପାଇ ଗ୍ରାହକମାନେ ବଡବଜାର ଥାନାରେ ମଧ୍ୟ ତାଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ୍ ଏହି ୨ଟି ମାମଲାକୁ ଭିତ୍ତିକରି ଅପରାଧିକ ମାମଲା ରୁଜୁକରି ଚେତନକୁ ଶନିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଥିବା ଏସ୍‌ପି ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

# ଏଫ୍‌ଏମ୍ ଛାତ୍ରୀଙ୍କୁ ନ୍ୟାୟ ଦାବି: ସରକାରଙ୍କୁ ଘେରିଲେ ବିରୋଧୀ

**ଭୁବନେଶ୍ୱର:** ଫକିର ମୋହନ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସରକାରଙ୍କୁ ଉଭୟ କଂଗ୍ରେସ ଏବଂ ବିଜେଡିର ଟାର୍ଗେଟ୍। ଆତ୍ମହୁତି ଉଦ୍ୟମ କରିଥିବା ପୀଡ଼ିତା ଛାତ୍ରୀ ବର୍ତ୍ତମାନ ଏମ୍ସରେ ସଙ୍କଟାପନ୍ନ ଅବସ୍ଥାରେ ବର୍ଣ୍ଣ ୟୁନିଟ୍‌ର ଚାଲିଛି ଚିକିତ୍ସା। ୧୨ ଜଣିଆ ଡାକ୍ତରୀ ଦଳ ଚିକିତ୍ସା ପାଇଁ ନିୟୋଜିତ ହୋଇଥିବା, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ତେଜିଛି ରାଜନିତୀ। ରାଜଧାନୀ ଭୁବନେଶ୍ୱରରେ ଉଭୟ ଛାତ୍ର କଂଗ୍ରେସ ଏବଂ ଛାତ୍ର ବିଜେଡି ପକ୍ଷରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସରକାରୀ ବାସଭବନ ଘେରାଓ କରାଯାଇଛି। ସେପଟେ କ୍ରାଇମବ୍ରାଞ୍ଚର ମହିଳା ୱିଂ ବାଲେଶ୍ୱର ଫକୀର ମୋହନ କଲେଜରେ ତଦନ୍ତ କରିଛି। ସେହିପରି ଉଚ୍ଚ ଶିକ୍ଷା ବିଭାଗର ୩ ଜଣିଆ ଟିମ୍ ମଧ୍ୟ ଫକୀର ମୋହନ କଲେଜକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଟିମ୍ ପହଞ୍ଚି ସମସ୍ତ ଦିଗକୁ ନେଇ ଆଲୋଚନା ଆରମ୍ଭ କରିଛନ୍ତି। ଯୁଗ୍ମ ସଚିବ ମୌସୁମୀ ନାୟକ ଏବଂ ବିଜେବି କଲେଜର ଅଧ୍ୟକ୍ଷ ପ୍ରଫେସର ଝୁମକୀ ରଥ ଏହି ଟିମରେ ସାମିଲ ହୋଇଛନ୍ତି। କମିଟି ଘଟଣାର ପ୍ରତ୍ୟକଟି ଦିଗକୁ ନେଇ ତଦନ୍ତ କରିବ।





ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀରୁ ଫେରି ବିମାନ ବନ୍ଦରରୁ ସିଧା ଇଓଓଗଝ ଅଭିମୁଖେ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ କଡା ଆଭିମୁଖ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଜାତୀୟ ମହିଳା କମିଶନ ମଧ୍ୟ ନିଜ ଆଡୁ ହସ୍ତକ୍ଷେପ କରି ବାଲେଶ୍ୱର ଘଟଣାର ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜି ପୋଲିସଙ୍କୁ ଚିଠି ଲେଖିଛନ୍ତି।

**ଛାତ୍ର କଂଗ୍ରେସର ବିକ୍ଷୋଭ:** ଛାତ୍ରୀଙ୍କୁ ନ୍ୟାୟ ଦାବିକରି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନ ଘେରାଓ କରିଛି ଛାତ୍ର କଂଗ୍ରେସ। ଏପରିକି ଘେରାଓ ସ୍ଥଳକୁ ଆସି ଛାତ୍ର କଂଗ୍ରେସକୁ ବଳ ଦେଇଛନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି,'ଛାତ୍ରୀ ଜଣକ ପୂର୍ବରୁ ଏନେଇ ଅଭିଯୋଗ ଆଣିଥିଲେ। ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଜଣେଇଥିଲେ ମଧ୍ୟ କାହିଁକି ତାଙ୍କୁ ନ୍ୟାୟ ଦିଆଯାଇନଥିଲା।ରାଜ୍ୟରେ କଲେଜ ଗୁଡିକରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଉଭୟ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତୁରନ୍ତ ଇସ୍ତଫା ଦିଅନ୍ତୁ।'

ରାଜ୍ୟରେ ନାରୀ ଅସୁରକ୍ଷିତ। ଅନନ୍ୟା ପରେ ଅନ୍ୟାନ୍ୟ ହେଉଛି। ତେଣୁ ଏହି ଘଟଣାର ପୂର୍ଣ୍ଣାଙ୍ଗ ତଦନ୍ତ କଂଗ୍ରେସ ଦାବି କରିଛି। 'ପ୍ରତାପ ଷଡ଼ଙ୍ଗୀ ଦାୟିତ୍ୱବାନ ଲୋକ ହୋଇ କିଭଳି ଭାବେ ନିଜ ଦାୟିତ୍ୱକୁ ଭୁଲି ଗଲେ। ବାରମ୍ବାର ଅପରାଧ କରିବା ପାଇଁ ଅପରାଧୀକୁ ସୁଯୋଗ ଦିଆଗଲା। ସେ କେତେ ସହିବ। ଉଚ୍ଚ ଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ନ ହେଲେ ତାଙ୍କୁ ବରଖାସ୍ତ କରାଯାଉ। ନହେଲେ ସବୁ ଜିଲ୍ଲାରେ କଂଗ୍ରେସ ଆନ୍ଦୋଳନକୁ ବ୍ୟାପକ କରିବ,' ବୋଲି ଚେତାବନୀ ଦେଇଛନ୍ତି ପିସିସି ସଭାପତି।

**ସରକାରଙ୍କୁ ମହିଳା କଂଗ୍ରେସର ଟାର୍ଗେଟ୍ :** ଆଜି କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଉକ୍ତ ଘଟଣାରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ମହିଳା କଂଗ୍ରେସ। ବାଲେଶ୍ୱର ଫକୀର ମୋହନ କଲେଜରେ ଘଟିଥିବା ଅଘଟଣ ରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା ଦାବି କଲା କଂଗ୍ରେସ। ଉକ୍ତ ଘଟଣାର ବାସ୍ତବତା ପରଖିବା ପାଇଁ ପିସିସି ପକ୍ଷରୁ ଏକ ମହିଳା ଅନୁଧ୍ୟାନ କମିଟି ଗଠନ କରାଯାଇଛି।

କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମିଳନୀରେ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି, 'ଫକୀର ମୋହନ କଲେଜରେ ଯେଉଁ ଘଟଣା ଘଟିଛି ଆମେ ଏହାକୁ ନିନ୍ଦା କରୁଛୁ। ଜଣେ ଛାତ୍ରୀ ଅସହାୟ ହୋଇ ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। ଉକ୍ତ କଲେଜର ଐକ୍ଟଉ ସମୀର ସାହୁ ଦୀର୍ଘ ୬ ମାସ ହେବ ଛାତ୍ରୀଙ୍କୁ ମାନସିକ ଏବଂ ଶାରୀରିକ ଆଘାତ ଦେଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ପରେ ଫକୀର ମୋହନ କଲେଜରେ କମିଟି ଗଠନ ହେଲା, ଯାହାକି ପୂର୍ବରୁ କଲେଜରେ ରହିବା କଥା। କିନ୍ତୁ ଏହି କମିଟି ଅଭିଯୋଗ ପରେ ହିଁ ଗଠନ ହୋଇଛି। ଫକୀର ମୋହନ କଲେଜରେ ସ୍ଥାୟୀ ଫିନ୍ସିପାଲ ନାହାନ୍ତି, ସେଥିପାଇଁ ଏହି ଘଟଣାରେ ସଠିକ ଦାୟିତ୍ୱ ତୁଲାଇ ପାରିନାହାନ୍ତି ଅଧକ୍ଷ। ଆତ୍ମହତ୍ୟା କରିଥିବା ଛାତ୍ରୀ ତାଙ୍କ ଉପରେ ହୋଇଥିବା ନିର୍ଯାତନା ପ୍ରସଙ୍ଗରେ ସାଂସଦ, ବିଧାୟକ, ପୋଲିସ ସମସ୍ତଙ୍କୁ ଜଣାଇଥିଲେ ବି କେହି ଏହାକୁ ଗୁରୁତ୍ୱର ସହ ନେଲେନାହିଁ। ଏହାଶହ ଉକ୍ତ ଛାତ୍ରୀ ଟ୍ୱିଟ ମାଧ୍ୟମରେ ମଧ୍ୟ କେନ୍ଦ୍ର ଉଚ୍ଚ ଶିକ୍ଷମନ୍ତ୍ରୀ, ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ, ହେଲେ ସେମାନେ ମଧ୍ୟ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷ ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜ ତୁରନ୍ତ ନିଜ ପଦରୁ ଇସ୍ତାଫା ଦିଅନ୍ତୁ। ଏହାଶହ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରାଯାଉ ବୋଲି ଦାବୀ କରିଛି କଂଗ୍ରେସ। ମହିଳା କଂଗ୍ରେସ ଦାବୀ କରୁଛି ଛାତ୍ରୀଙ୍କ ତୁରନ୍ତ ନ୍ୟାୟ ଦିଆଯାଉ ଏବଂ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ। ଏହାଶହ ମହିଳା ସିଟିଂ ଜଜ୍‌ଙ୍କ ତତ୍ୱାବଧାନରେ ଏକ ତଦନ୍ତ କମିଟି ମଧ୍ୟ ଗଠନ କରାଯାଉ।'

ପିସିସି ସଭାପତି ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଆସନ୍ତାକାଲି ବାଲେଶ୍ୱର ଗସ୍ତକରି ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବେ। ପ୍ରଦେଶ କଂଗ୍ରେସ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛି। ଏହି କମିଟିରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ନାରୀ ନ୍ୟାୟ ବାହିନୀ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ବିଧାୟିକା ସୋଫିଆ ଫିର୍ଦୋଷ, ବିଧାୟିକା ମଧୁସ୍ମିତା ସେଠୀ, ପ୍ରଣତୀ ମିଶ୍ର, ଜୟଶ୍ରୀ ପାତ୍ର, ଡା. ଦେବସ୍ମିତା ଶର୍ମା, ସୁସ୍ମିତ ଘୋଷ ପ୍ରମୁଖ ସ୍ଥାନ ପାଇଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଓ କଲା ବିଜେଡି**

ବିଜୁ ଜନତା ଦଳ ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଓ କରାଯାଇଛି। ବିଧାୟକ ବ୍ୟୋମକେଶ ରାୟ, ଛାତ୍ର ବିଜେଡି ସଭାପତି ଦେବୀ ତ୍ରିପାଠୀଙ୍କ ନେତୃତ୍ୱରେ ଶତାଧିକ ବିଜେଡିକର୍ମୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଓ କରିଥିଲେ। ମହିଳାଙ୍କୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଘେରାଓ କରାଯାଇଥିଲା। ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଓ କରିଛି ଛାତ୍ର ବିଜେଡି। ଯଦି ଛାତ୍ରୀଙ୍କୁ ନ୍ୟାୟ ନମିଳେ ଆଗକୁ ବଡ଼ ଧରଣର ପ୍ରତିବାଦ ହେବ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଇପ୍ସିତା ସାହୁ।

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଦୁଃଖଦ ଘଟଣା ଘଟିଛି। ଜଣେ ସହକାରୀ ପ୍ରଫେସରଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଆସୁଥିବା ଛାତ୍ରୀ ମହାବିଦ୍ୟାଳୟ କ୍ୟାମ୍ପସ୍ ?ରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ପୀଡ଼ିତା ଛାତ୍ରୀଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଛି। ବର୍ତ୍ତମାନ ସେ ଏମ୍ ?ସ ଭୁବନେଶ୍ୱରରେ ଜୀବନମରଣ ସହ ସଂଘର୍ଷ କରୁଛନ୍ତି। ଏନେଇ ଏମ୍‌ସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଛାତ୍ରୀଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ରହିଛି। ୧୨ ଜଣିଆ ଡାକ୍ତରୀ ଦଳ ଚିକିତ୍ସାରେ ନିୟୋଜିତ ରହିଛନ୍ତି। ଶରୀରର ୯୦ ପ୍ରତିଶତରୁ ଅଧିକ ଜଳିଯାଇଛି। ତାଙ୍କୁ ୭୨ ଘଣ୍ଟା ନିରୀକ୍ଷଣରେ ରଖାଯିବ। ଚେତା ଫେରିବା ପରେ ଯାହା କିଛି କହିହେବ। ଅପରପକ୍ଷେ ରାଜ୍ୟ ସରକାର ପୀଡ଼ିତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଛନ୍ତି।

# ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ହଟାଇବାକୁ ପ୍ରସ୍ତୁତ ହେଉଛି ବ୍ଲୁପ୍ରିଣ୍ଟ

## ଅଧ୍ୟକ୍ଷାଙ୍କ ପ୍ରତିନିଧି ଓ କାଉନସିଲରମାନଙ୍କ ରୁଦ୍ଧଦ୍ୱାର ବୈଠକ




ନୟାଗଡ (ପିପିଏସ୍): ପୌରପରିଷଦର ବିଚିତ୍ର ସ୍ଥିତି। ପୂର୍ବରୁ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାଉନସିଲରମାନେ ମେଳି କରିଥିବା ବେଳେ ଏବେ ସେମାନଙ୍କ ଟାର୍ଗେଟରେ ପୌରାଧ୍ୟକ୍ଷା ନିରୁପମା ଖଟେଇ ରହିଛନ୍ତି। କିଛି ଦିନ ହେଲା କାଉନସିଲରମାନେ ଏକାଠି ହୋଇ ଗୋଟିଏ ପରେ ଗୋଟିଏ ବୈଠକ କରୁଥିବା ବେଳେ ପୌରାଧ୍ୟକ୍ଷାଙ୍କୁ ସିଧାସଳଖ ନିଜ ଦାବି ଲିଖିତ ଆକାରରେ ଜଣାଇ ଦେଉଛନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ନନେଲେ ଅସହଯୋଗ ଆନ୍ଦୋଳନ ସହ ପୌର ପରିଷଦ କାର୍ଯ୍ୟାଳୟରେ ତାଲା ପକାଯିବ, ଏମିତିକି ସମୂହ ଇସ୍ତଫା ଦେବାକୁ ମଧ୍ୟ ପଛେଇବୁନି ବୋଲି କାଉନସିଲରମାନେ ରୋକଠୋକ୍ ଶୁଣାଇ ଦେଇଛନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ମୁତାବକ, ଗତ ଦୁଇ ଦିନ ପୌରାଧ୍ୟକ୍ଷା ଶ୍ରୀମତି ଖଟେଇଙ୍କ କାର୍ଯ୍ୟାଳୟରେ ସମସ୍ତ ୧୬ କାଉନସିଲରମାନେ ଏକାଠି ହୋଇ ନିଜର ଅସନ୍ତୋଷ ଜାହିର କରିଥିଲେ। ସମ୍ପୂର୍ଣ୍ଣ ପୌର ପରିଷଦଟି ବିଜେଡି ଦଖଲରେ ଥିଲେ ମଧ୍ୟ ଦିନକୁ ଦିନ କାଉନସିଲରମାନେ ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଲାଣି। ପ୍ରତ୍ୟେକ ବୈଠକରେ ପୌରାଞ୍ଚଳର ଉନ୍ନତି ପାଇଁ ଗଠନ ହୋଇଥିବା ଏକାଧିକ ବିଭାଗର କମିଟିକୁ ସଚଳ କରିବା ପାଇଁ ଦାବି କରାଯାଉଥିଲେ ମଧ୍ୟ ଏ ଦିଗରେ କିଛି ବି ପଦକ୍ଷେପ ନିଆଯାଉ ନାହିଁ। ଏହାସହ ସ୍ୱଚ୍ଛ ଭାରତ ମିଶନ ସହ ବିଭିନ୍ନ ଯୋଜନାରେ ଆସିଥିବା ଟଙ୍କାର ଆୟ ବ୍ୟୟ ହିସାବ ବାରମ୍ବାର ମଗାଯାଉଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନାହାନ୍ତି। ବିଭିନ୍ନ ୱାର୍ଡରେ ଅଳିଆ ଆବର୍ଜନା ଉଠୁନଥିବା ବେଳେ ଡ୍ରେନ୍ ସଫେଇ ହେଉ ନାହିଁ। ସମ୍ପୂର୍ଣ୍ଣ ସହରରେ ପରିମଳ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଲାଣି। ପ୍ରାୟ ସମସ୍ତ ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକ ଅଚଳ ହୋଇପଡ଼ିଲାଣି। ଏହାର ସମାଧାନ ପାଇଁ ବାରମ୍ବାର ପୌରାଧ୍ୟକ୍ଷ ଓ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ୱାର୍ଡବାସୀଙ୍କ ନିକଟରେ ସେମାନଙ୍କ ନିନ୍ଦିତ ହେବାକୁ ପଡୁଛି ବୋଲି କାଉନସିଲରମାନେ ଅଭିଯୋଗ କରିଛନ୍ତି। ଏଣୁ ସେମାନେ ଏମିତି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କାଉନସିଲରମାନଙ୍କ ଏମିତି ଚରମବାଣୀ ଶୁଣିବା ପରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପୌରାଧ୍ୟକ୍ଷା ସେମାନଙ୍କୁ କିଛି ଦିନ ସମୟ ମାଗିଥିବା ଶୁଣିବାକୁ ମିଳିଛି। ମାତ୍ର ପୌର ପରିଷଦରେ ଚାଲିଥିବା ଏହି ହାଇଡ୍ରାମାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହୋଇଛି। ପୂର୍ବରୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସହ କାଉନସିଲରମାନଙ୍କ ବିବାଦକୁ ନେଇ ଚର୍ଚ୍ଚା ଓ ଆଲୋଚନା ଜାରି ରହିଛି। ବିଲ୍ ନ ପାଇବାରୁ ୨୦ରୁ ଅଧିକ ଠିକାଦାର କାର୍ଯ୍ୟାଳୟ ଫାଟକରେ ତାଲା ପକାଇଥିଲେ। ପ୍ରତ୍ୟେକ ବୈଠକରେ କାଉନସିଲରମାନେ ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ଅସନ୍ତୋଷ ଖୋଳୁଥିଲେ। ବର୍ତ୍ତମାନ କାଉନସିଲରମାନେ ପୌରାଧ୍ୟକ୍ଷାଙ୍କୁ ଘେରିବାକୁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏଣୁ ପୌର ପରିଷଦରେ ସୃଷ୍ଟି ହୋଇଥିବା ଏହି ଅଚଳାବସ୍ଥାକୁ ଦୂର କରିବା ପାଇଁ ପୌରାଧ୍ୟକ୍ଷା ଶ୍ରୀମତି ଖଟେଇ କି ପଦକ୍ଷେପ ନେଉଛନ୍ତି, ଏହାଉପରେ ସମସ୍ତଙ୍କ ନଜର ରହିଛି।

# ଦେଖିବାକୁ ମିଳୁନି ତାଳପତ୍ର ପଖିଆ: ଜୀବିକା ହରାଇଛନ୍ତି କାରିଗର



ଚାରିଛକ, (ପିପିଏସ): ବର୍ଷା ଋତୁରେ ଗ୍ରାମାଞ୍ଚଳରେ ବର୍ଷାରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ଘରେ ଘରେ ଦେଖିବାକୁ ମିଳୁଥିଲା ତାଳପତ୍ରରେ ତିଆରି ହୋଇଥିବା ପଖିଆ। ଯାହାଫଳରେ ବର୍ଷା ବେଳେ ଚାଷୀ ଚାଷ କାମରେ ବର୍ଷା ସମୟ ରେ ବ୍ୟବହାର କରୁଥିଲେ। ଆଜିକାଲି ଚାଷୀଠାରୁ ମୁଲିଆ ପର୍ଯ୍ୟନ୍ତ କାମ କରିବା ଯିବା ସମୟରେ ପଖିଆ ପରିବର୍ତ୍ତେ ଛତା ବା ରେନକୋଟ ନେଇ ଯାଉଥିବାର ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ପଖିଆର ଚାହିଦା କମିଯାଇଛି। ଯାହା ଫଳରେ ପଖିଆ କାରିଗରର ପଖିଆ ବିକ୍ରିର ଚାହିଦା ଧୀରେ ଧୀରେ କମିକିବାରୁ ଏବେ ଜୀବିକା ହରାଇଛନ୍ତି ପଖିଆ କାରିଗର। ଦିନଥିଲା ପଖିଆ ଥିଲା ଓଡ଼ିଆ ଚାଷୀର ସାଥି। ଏବେ ଏହା କାଁ ଭାଁ ବିଭିନ୍ନ ସଂଗ୍ରାହାଳୟରେ ଦେଖିବାକୁ ମିଳୁଛି। ଏବେ ବଦଳି ଯାଇଛି ସମୟ। ବର୍ତ୍ତମାନ ସମୟରେ ପଖିଆର ଜାଗା ନେଇଛି ଛତା ଆଉ ରେନି କୋଟ। ପୂର୍ବକାଳରେ ଚାରିଛକ ଅଞ୍ଚଳର ଲୋକମାନେ ବର୍ଷା ଋତୁରେ ବଜାର, ହାଟ, ଚାଷକାମ ପାଇଁ ବିଭିନ୍ନ ହାଟ ବଜାରରୁ ପଖିଆ କିଣି ବ୍ୟବହାର କରୁଥିଲେ। ତାଳପତ୍ର ରେ ପଖିଆ ନିର୍ମାଣ କରି ଓ ବିକ୍ରି କରି କିଛି ପରିବାର ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ। କିନ୍ତୁ ଛତା ଓ ରେନକୋଟର ଚାହିଦା ଓ ବିକ୍ରି ବୃଦ୍ଧି ଯୋଗୁଁ ପଖିଆକୁ କେହି ଆଉ ବ୍ୟବହାର କରିବାକୁ ଚାହୁଁ ନାହାନ୍ତି। ଏଣୁ ଏହାର ନିର୍ମାଣ ଓ ବିକ୍ରି କମିବାରେ ଲାଗିଛି। ଏହାକୁ ନିର୍ମାଣ ଓ ବିକ୍ରାକରି ପ୍ରତିପୋଷଣ ହୋଇ ପାରୁଥିବା ପରିବାର ଆଜି ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଯଦି ସରକାରଙ୍କ ପକ୍ଷରୁ ପଖିଆ କାରିଗରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଆନ୍ତା ତେବେ ଓଡ଼ିଆ ଚାଷୀର ବର୍ଷା ଋତୁର ସାଥି ପଖିଆକୁ ଲୋକ ମାନେ ଆଦର କରି ପାରନ୍ତେ ଆଉ ଏହାର କାରିଗର ଜୀବିକା ଫେରି ପାଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ତିହିଡ଼ି ଥାନା ପୁଲିସ ବିରୁଦ୍ଧରେ ଏସ୍‌ପିଙ୍କୁ ଫେରାଦ

# ନ୍ୟାୟ ମାଗିଲେ ପୀଡ଼ିତାଙ୍କ ପରିବାର



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଓରାଳି ଗ୍ରାମର ଏକ ପରିବାର ମରଣାନ୍ତକ ଆକ୍ରମଣର ଶିକାର ହେବା ପରେ ତିହିଡ଼ି ଥାନାରେ କରିଥିବା ଅଭିଯୋଗରେ ପୋଲିସ ପଦକ୍ଷେପ ନ ନେବାରୁ ପରିବାର ଆଜି ଏସ୍‌ପିଙ୍କୁ ଭେଟି ତିହିଡ଼ି ପୋଲିସ ବିରୁଦ୍ଧରେ ଅଭିଯୋଗ କରିବା ସହିତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ଓରାଳି ଗ୍ରାମର ଗାୟତ୍ରୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୯ ତାରିଖରେ ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ବେହେରା, ସୁନିତା ବେହେରା, ଜୟନ୍ତୀ ବେହେରା ଅନ୍ୟକିଛି ଲୋକଙ୍କ ସହିତ ମିଶି ପୂର୍ବ ଶତ୍ରୁତା କାରଣରୁ ଗାୟତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଗାୟତ୍ରୀ ଗୁରୁତର ଆହତ ହୋଇ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି ହେବା ସହିତ ଅଭିଯୁକ୍ତଙ୍କ ବିରୁଦ୍ଧରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଚୁପ୍ ହୋଇ ବସିଥିବା ବେଳେ ଅଭିଯୁକ୍ତମାନେ ଖୁଲମଖୁଲ୍ଲା ବଜାରରେ ଘୁରି ବୁଲିବା ସହିତ ପୀଡ଼ିତାଙ୍କ ପରିବାରକୁ ନାନା ପ୍ରକାର ଧମକ ଦେଉଛନ୍ତି। ଏ ନେଇ ତିହିଡ଼ି ଥାନାକୁ ଅବଗତ କରାଯାଉଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ନେଉନାହିଁ। ଯାହା ଫଳରେ ଗାୟତ୍ରୀ ଆଜି ପରିବାର ସହିତ ଏସ୍‌ପି ମନୋଜ ରାଉତଙ୍କୁ ଭେଟି ତିହିଡ଼ି ପୋଲିସର ଟାଳଟୁଳ ନୀତି ବିରୁଦ୍ଧରେ ଅବଗତ କରାଇବା ସହିତ ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ନ୍ୟାୟ ନମିଳିଲେ ଆଗାମୀ ଦିନରେ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

# ସମୁଦ୍ରରେ ଓଲଟିଲା ଡଙ୍ଗା, ୫ ମତ୍ସ୍ୟଜୀବୀ ଆହତ

କୋଣାର୍କ(ପିପିଏସ): ଚନ୍ଦ୍ରଭାଗା ନୋଳିଆ ସାହିରୁ ମତ୍ସ୍ୟଜୀବୀ ମାନେ ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ବେଳେ ଅଶାନ୍ତ ଜୁଆର କାରଣରୁ ଡଙ୍ଗା ପଲଟିଯାଇଥିବା ଜଣାପଡିଛି।ଉକ୍ତ ମାଛଧରା ଡଙ୍ଗାରେ ୫ଜଣ ମତ୍ସ୍ୟଜୀବୀ ଆହତ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ପୁରୀ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ପ୍ରାପ୍ତ ସୂଚନାରୁ ଜଣା ପଡେକି ରବିବାର ପୂର୍ବାହ୍ନ ସମୟରେ ସବୁଦିନ ସ୍ଥାନୀୟ ଚନ୍ଦ୍ରଭାଗା ତେଲୁଗୁ ସାହିର ମତ୍ସ୍ୟଜୀବୀ ମାନେ ମାଛ ମାରିବା ପାଇଁ ସମୁଦ୍ରକୁ ଯାଇଥିବା ବେଳେ ଏକ ଡ଼ଙ୍ଗା ସମୁଦ୍ର କୁଳରେଥିବା ଥିବା ପଥରରେ ମାଡ଼ ହେବା ସହ ବଡ଼ ଲହଡ଼ି ଯୋଗୁ ଓଲଟି ପଡ଼ିଥିଲା। ଏଥିରେ ଥିବା ସମସ୍ତ ମତ୍ସ୍ୟଜୀବୀମାନେ ପହଁରି କୂଳକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ଚକା ପୋସିୟା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପୁରୀ ହସ୍ପିଟାଲ ପଠାଯାଇଛି। ଡଙ୍ଗାଟି ଭାଙ୍ଗିଯାଇ ଥିବାବେଳେ ସେଥିରେ ଥିବା ଅନ୍ୟ ମତ୍ସ୍ୟଜୀବିମାନେ ସୁରକ୍ଷିତ ଥିବା ଜଣାପଡିଛି।

# ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ପକ୍ଷରୁ ସାଙ୍ଗଠନିକ ଆଲୋଚନା, ବୃକ୍ଷରୋପଣ



ଯାଜପୁର (ପିପିଏସ): ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଗଠନ ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ରବିବାର ସ୍ଥାନୀୟ ଯାଜପୁର ପୌରପରିଷଦ ଅନ୍ତର୍ଗତ କୋଡପୁର ଦେବେଶ୍ୱର କଲୁରାଳ ଏକାଡେମୀ ପରିସରରେ ସାଙ୍ଗଠନିକ ଆଲୋଚନା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ। ଜିଲ୍ଲା ସଙ୍ଘ ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ, ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଶଦ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି.ଏହି ଅବସରରେ ସଂଘ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ବୃକ୍ଷ ରୋପଣ କରାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ହରିହର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପସଭାପତି ପବିତ୍ର ରଂଜନ ମହାନ୍ତି,ପ୍ରଦୀପ କୁମାର ଜେନା,ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ସଞ୍ଜୟ କର, ଯାଜପୁର ମ୍ୟୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର, ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟ ବେହେରା,ଭରତ ନାୟକ, ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସଭ୍ୟ ସତ୍ୟବ୍ରତ ନାୟକ ଧନ୍ୟବାଦ ପ୍ରସ୍ତାବ ଦେବା ପରେ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।

# ଯୋଗା ଏଚିଭର୍ସଙ୍କ ନକ୍‌ଆଉଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଆମ୍ବପୁଆ ଯୋଗା ଏଚିଭର୍ସଙ୍କ ନକ୍‌ଆଉଟ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ପୁଲିସ୍ ରିଜର୍ଭ ପଡିଆ ପରିସରରେ ଆୟୋଜିତ ହୋଇଯାଇଛି। ଏଚିଭର୍ସଙ୍କ ମଧ୍ୟରେ ୩ଟି ଟିମ୍ ଗଠନ କରାଯାଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ରହ୍ମପୁର ପୁଲିସ୍ ଜିଲ୍ଲାର ରିଜର୍ଭ ଇନ୍ସପେକ୍ଟର ଏମ୍.ଲକ୍ଷ୍ମୀରଞ୍ଜନ ଓ ଏଚିଭର୍ସଙ୍କ ବରିଷ୍ଠ ସଦସ୍ୟ ତଥା ରମ୍ଭା ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଅଭିମନ୍ୟୁ ସାହୁ ଯୋଗଦେଇ ଖେଳାଳୀଙ୍କ ସହ କରମର୍ଦ୍ଦନ କରି ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମେ ଟିମ୍-୧ର କ୍ୟାପ୍‌ଟନ୍ ସତ୍ୟନାରାୟଣ ରଥ ଓ ଟିମ୍-୨ର କ୍ୟାପ୍‌ଟନ୍ ରବିନାରାୟଣ ପାଣିଗ୍ରାହୀଙ୍କ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିମ୍-୨ ବିଜୟୀ ହୋଇଥିଲା। ପରେ ଟିମ୍-୨ ସହ ଟିମ୍-୩ର କ୍ୟାପ୍‌ଟନ୍ ବିନୋଦ ବିହାରୀ ମହାନ୍ତିଙ୍କ ଟିମ୍ ମଧ୍ୟରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଖେଳରେ ଟିମ୍-୨କୁ ହରାଇ ଟିମ୍-୩ ବିଜୟୀ ହୋଇଥିଲା। ଖେଳର ମୁଖ୍ୟ ରେଫେରୀ ଭାବେ ଏଚିଭର୍ସଙ୍କ ବରିଷ୍ଠ ସଦସ୍ୟ ଅଭିମନ୍ୟୁ ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ବି.ଭୀମରାଜୁ ରେଡ୍ଡି, ସଞ୍ଜୟ ଗୌଡ, ଇ.ଈଶ୍ୱର ରାଓ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ବିଜୟୀ ଟିମ୍‌କୁ ଏଚିଭର୍ସର ସମସ୍ତ ସଦସ୍ୟ ସ୍ୱାଗତ ଜଣାଇଥିଲେ।

## ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସ୍ମାରକୀ ବକ୍ତୃତା

# ଦେଶରେ କୃଷକମାନେ ବାସ୍ତବ ମେରୁଦଣ୍ଡ: ପି. ସାଇନାଥ

ବ୍ରହ୍ମପୁର : ଦେଶରେ କୃଷକମାନେ ଆଜି ସର୍ବାଧିକ ବିପନ୍ନ ଅବସ୍ଥାରେ ରହିଛନ୍ତି। କୃଷକମାନେ ଅନ୍ନଦାତା ହୋଇଥିବାବେଳେ ସେମାନଙ୍କ ପ୍ରତି ସର୍ବାଧିକ ଅସମାନତା ବ୍ୟବହାର କରାଯାଉଛି ବୋଲି ଭାରତର ପ୍ରସିଦ୍ଧ ସାମ୍ବାଦିକ ତଥା କୃଷି ବିଶେଷଜ୍ଞ ପି.ସାଇନାଥ ମତପ୍ରକାଶ କରୁଛନ୍ତି। ସେ ଆହୁରି କହିଥିଲେ ଯେ ଓଡ଼ିଶାରେ ମଧ୍ୟ କୃଷକ ତାର ଉତ୍ପନ୍ନ ସାମଗ୍ରୀ ବା ଫସଲର ଉଚିତ ମୂଲ୍ୟ ପାଇପାରୁ ନାହିଁ। ଓଡ଼ିଶାକୁ କୃଷକମାନଙ୍କ ରାଜ୍ୟ କୁହାଯାଉଥିବା ବେଳେ ଚାଷୀର ଜମିକୁ ପାଣି ଆସିବା ଦୁରୂପ ହୋଇପଡ଼ିଲାଣି। ବିଭିନ୍ନ ନଦୀର ପାଣିକୁ କମ୍ପାନୀମାନଙ୍କୁ ଦେବା ସକାଶେ ବାସ୍ତବରେ ସରକାରମାନେ ବିଗତ ଅନେକ ଦଶନ୍ଧି ହେବ ପ୍ରୟାସ କରୁଛନ୍ତି, ଯାହାକି କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦେବ।

ପୂର୍ବତନ ବିଧାୟକ ତଥା କୃଷକନେତା ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କରି ନାମରେ କମିଟି ଦ୍ୱାରା ଆୟୋଜିତ ସ୍ମାରକୀ ବକ୍ତୃତା ପ୍ରଦାନ ଅବସରରେ ଶ୍ରୀ ସାଇନାଥ କହିଥିଲେ ଯେ ଦେଶରେ କୃଷି ଆଜି ବହୁଦେଶୀୟ କମ୍ପାନୀମାନଙ୍କ ଦ୍ୱାରା ଶ୍ୱାସରୁଦ୍ଧ ହେବାରେ ଚାଲିଛି। ଏଥିନେଇ ସେ ଘୋର ଉଦବେଗ ପ୍ରକାଶ କରିଥିଲେ। ବିଶ୍ୱନାଥ ସାହୁ ଜନ୍ମ ଶତବାର୍ଷିକୀ କମିଟି ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମାରକୀ ବକ୍ତୃତା ଅବସରରେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମେ କମିଟି ଦ୍ୱାରା ପ୍ରକାଶିତ 'ବିଶ୍ୱାସର ସାଥୀ ବିଶ୍ୱନାଥ' ସ୍ମରଣିକା ଏବଂ ଦିଗପହଣ୍ଡିର ଶତବାର୍ଷିକୀ କମିଟି ଦ୍ୱାରା ପ୍ରକାଶିତ 'ସ୍ମୃତିରେ' ପୁସ୍ତିକାକୁ ଅତିଥିମାନେ ଲୋକର୍ପାଣ କରିଥିଲେ। ବରିଷ୍ଠ ଆଇନଜୀବୀ ଭଗବାନ ସାହୁଙ୍କ ସ୍ୱାଗତ ସମ୍ଭାଷଣ ପରେ ପରେ ବରିଷ୍ଠ ସିପିଏମ୍ ନେତା ଅଳିକିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶୀଷ କାନୁନଗୋ, ପୂର୍ବତନ ବିଧାୟକ ଡାକ୍ତର ତ୍ରିନାଥ ବେହେରା, କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ଏନ୍ ନାରାୟଣ ରେଡ୍ଡି, ଫରୱାଡ଼ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ମହାପାତ୍ର, ସିପିଆଇ ଗଂଜାମ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଆଇ ଏମଏଲ୍ ଜିଲ୍ଲା ସମ୍ପାଦକ ନିରାକାର ନାୟକ, ବିଶ୍ୱନାଥ ସାହୁଙ୍କ ସୁପୁତ୍ରୀ ବୀଣାପାଣି ସାହୁ ପ୍ରମୁଖ ସ୍ମୃତିଚାରଣ କରିବା ସହ ସାଥୀ ବିଶ୍ୱନାଥ ସାହୁଙ୍କର କୃଷକମାନଙ୍କ ବିକାଶ ଓ ସେମାନଙ୍କ ସମସ୍ୟା ନିରାକରଣ ଲାଗି ସଦା ବ୍ରତୀ ପ୍ରତି ଥିବା, ଶିକ୍ଷାର ଉନ୍ନତିବିଧାନ ଲାଗି ଜୀବନବ୍ୟାପୀ ଆପ୍ରାଣ ଉଦ୍ୟମ ଇତ୍ୟାଦି ଏବି ବିଧାନସଭାରେ ତାଙ୍କର ଓଜସ୍ୱିନୀ ବକ୍ତୃତାର ଉଦାହରଣ ପ୍ରଦାନ କରିଥିଲେ। ଜନ୍ମ ଶତବାର୍ଷିକୀ କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ରବି ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରାବଣ ପ୍ରଥମ ସୋମବାର: ବିଶ୍ୱାମିତ୍ର ଘାଟରୁ ପାଣି ଉଠାଇଲେ ଶତାଧିକ କାଉଡ଼ିଆ

ଅସ୍ତରଙ୍ଗ (ପିପିଏସ୍): ପବିତ୍ର ଶ୍ରାବଣ ପ୍ରଥମ ସୋମବାରରେ ଦେବ ଦେବ ମହାଦେବ ଙ୍କୁ ଜଳାଭିଷେକ କରିବା ପାଇଁ ଶୁକ୍ରବାର ଠାରୁ ଭିଡ଼ ଜମାଇଛନ୍ତି କାକଟପୁର ପ୍ରାଚୀ ବିଶ୍ୱାମିତ୍ର ନିକଟରେ। ମା' ମଙ୍ଗଳା ମନ୍ଦିର ନିକଟରେ ପ୍ରବାହିତ ପ୍ରାଚୀ ନଦୀରୁ ଶତାଧିକ କାଉଡିଆ ପାଣି ଉଠାଇଛନ୍ତି।ବୋଲ ବମ୍... ହର ହର ବମ୍। ଏହିଭଳି ଧ୍ୱନିରେ ପ୍ରକମ୍ପିତ ହେଉଛି ନଦୀ ଘାଟ, ରାସ୍ତା ଓ ଶିବାଳୟ। ଗେରୁଆ ବସ୍ତ୍ର ପିନ୍ଧି କାନ୍ଧରେ ପବିତ୍ର ଜଳ ଧରି ଭକ୍ତମାନେ ମହାଦେବଙ୍କୁ କରିବେ ଜଳଲାଗି। ପ୍ରଭୁଙ୍କୁ ମାଗିବେ ନିଜର ମନସ୍କାମନା। ୧୪ ତାରିଖ ଶ୍ରାବଣ ମାସର ପ୍ରଥମ ସୋମବାର। କେହି କେହି ଶ୍ରାବଣ ମାସର ପ୍ରଥମ ସୋମବାର ମହାଦେବଙ୍କୁ ଜଳଲାଗି କରୁଥିବା ବେଳେ କେହି ପ୍ରତି ଶ୍ରାବଣ ସୋମବାରରେ ପାଣି ଢାଳନ୍ତି।

# ବାବା ବିଶ୍ୱନାଥ ମହାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବ୍ୟାସନଗର, (ପିପିଏସ): ବ୍ୟାସନଗର ପୌରାଞ୍ଚଳ ୱାର୍ଡ ନମ୍ବର ୧୬ ଅନ୍ତର୍ଗତ ଉମାପଦା ହାଉସିଂ ବୋର୍ଡ କଲୋନୀ ଠାରେ ବିରାଜମାନ 'ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର' ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ତେବେ 'ବାବା ବିଶ୍ୱନାଥ ପରିଚାଳନା କମିଟି' ପକ୍ଷରୁ ପ୍ରତାପ ନାୟକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଆସନ ଗ୍ରହଣ କରିଥିବା ବେଳେ ଉକ୍ତ ପ୍ରତିଷ୍ଠା ଉତ୍ସବରେ ସାମିଲ୍ ହୋଇଥିବା ଜ୍ଞାନିପଣ୍ଡିତ, ବ୍ରାହ୍ମଣ ରଞ୍ଜିତ ପଣ୍ଡା, ଅମିତ୍ ଦାଶ, କାଳିନ୍ଦୀ ଚରଣ ଦାଶ ଓ ବଳରାମ ଦାଶ ପ୍ରମୁଖଙ୍କ ଦ୍ୱାରା ଠାକୁରଙ୍କ ନିତିକାନ୍ତି, ପୂଜାବିଦ୍ଧି, ମନ୍ତ୍ରପାଠ, ଯଜ୍ଞ, ପୂଜାପାଠ କାର୍ଯ୍ୟ ସମାପନ ହୋଇଥିଲା। ଏହି ଅବସରରେ କୀର୍ତ୍ତନ, ଭକ୍ତି କୈବଲ୍ୟ ଭଜନ ସଂଧ୍ୟା ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି କୁଳମଣି ଧଳ'ଙ୍କ ନେତୃତ୍ୱରେ ସରୋଜ ବିଶ୍ୱାଳ, ସନ୍ତୋଷ କୁମାର ଧଳ, ହରିହର କରଣ, ତାରାକାନ୍ତ ପୁହାଣ, ସମିର ପଡି'ଙ୍କ ସମେତ ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ ପ୍ରଦାନ କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ, ଅଜୟ କୁମାର ନାୟକ, ରବିନ୍ଦ୍ର କୁମାର ନାୟକ ଏବଂ ୱାର୍ଡ ନମ୍ବର- ୧୬ କାଉନସିଲର ଶିବାନନ୍ଦ ନାୟକ ଓ ଅଂଚଳର ବହୁସଂଖ୍ୟାରେ ଜନସାଧାରଣ ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କମିଟିର କାର୍ଯ୍ୟକର୍ତ୍ତା, ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ଠାକୁରଙ୍କ ଆଶ୍ରିର୍ବାଦ ଲାଭ କରିଥିଲେ।ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଭକ୍ତମାନଙ୍କ ଲାଗି ଅନୁଷ୍ଠାନ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶେଷର ମୁଖ୍ୟ ଉପଦେଷ୍ଟା ବିନୋଦ ବିହାରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପ୍ରାଚୀ ତୀର୍ଥରୁ ଜଳ ଉଠାଇଲେ କାଉଡ଼ିଆ ଭକ୍ତ



ଚାରିଛକ, (ପିପିଏସ): ରାତି ପାହିଲେ ଶ୍ରାବଣ ମାସ ର ପ୍ରଥମ ସୋମବାର। କାଉଡ଼ିଆ ଭକ୍ତମାନେ ବିଭିନ୍ନ ଶୈବ ପୀଠରେ ପାଣି ଲାଗି କରିବାକୁ ଆଜି ପୁଣ୍ୟ ତୋୟା ପ୍ରାଚୀ ନଦୀର ବିଭିନ୍ନ ଘାଟଠାରୁ ନିଜ କଳସରେ ପାଣି ଉଠାଇ ଥିଲେ। ପ୍ରାଚୀ ତଟର ବନ୍ଦେଶ୍ୱର, ଗୋ-ତୀର୍ଥ, ରାମେଶ୍ୱର, ଅଙ୍ଗେଶ୍ୱର ପ୍ରଭୃତି ସ୍ଥାନରେ ପାଣି ନିଜ କଳସରେ ଉଠାଇବାକୁ କାଉଡ଼ିଆ ଭକ୍ତମାନଙ୍କର ଭିଡ଼ ଲାଗିଥିଲା। କାଉଡ଼ିଆ ଭକ୍ତମାନେ ନଦୀରେ ସ୍ନାନକରି ପୁରୋହିତମାନଙ୍କ ଦ୍ୱାରା ନିଜ କଳସ ପୂଜାକରି ସଂକଳ୍ପ କରିବା ପରେ ପ୍ରାଚୀ ନଦୀରୁ ପାଣି ତୋଳି ଥିଲେ। ହର ହର ମହାଦେବ ଧ୍ୱନୀରେ ସମଗ୍ର ପ୍ରାଚୀ କୂଳ ପ୍ରକମ୍ପିତ ହୋଇ ଉଠିଥିଲା। କାଉଡ଼ିଆ ଭକ୍ତମାନେ ପ୍ରାଚୀ ନଦୀରୁ ପାଣି ତୋଳି କୋଣାର୍କ, ପୁରୀ, ଭୁବନେଶ୍ୱର ଅଭିମୁଖେ ଯାଇଥିଲେ। ଶ୍ରାବଣ ମାସ ସୋମବାର ଦିନ ଶିବ ଶମ୍ଭୁଙ୍କ ଉପରେ ପବିତ୍ର ଜଳ ଲାଗି କଲେ ନିଜ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ଭାଷା ବଞ୍ଚିଲେ ସାହିତ୍ୟ ସମୃଦ୍ଧ ହେବ: ବେଳାଭୂମି ସାହିତ୍ୟ ସଂସଦ

ଅସ୍ତରଙ୍ଗ (ପିପିଏସ୍): ଭାଷା ବଞ୍ଚିଲେ ଜାତି ବଂଚିବ ଓ ସାହିତ୍ୟ ଚିରକାଳ ସମୃଦ୍ଧ ହେବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ କଲ୍ୟାଣମଣ୍ଡପ ଠାରେ ବେଳାଭୂମି ସାହିତ୍ୟ ସଂସଦର ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ମୁଖ୍ୟବକ୍ତା ସଙ୍ଗୀତ ନିର୍ଦ୍ଦେଶକ, ଚଳଚିତ୍ର ନିର୍ଦ୍ଦେଶକ ଓ ଅଭିନେତା ଶ୍ରୀଯୁକ୍ତ ଶ୍ରୀକାନ୍ତ ଗୌତମ, ସଂମ୍ମାନିତ ଅତିଥି ଭାବେ ଶିକ୍ଷାବିତି ଶସଧର ପଣ୍ଡା, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ର ସଭାପତି ଅମୀୟ ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଶାସକ ଅଶୋକ କୁମାର ଶତପଥୀ, ଖବର ଦାତା ରାଜକିଶୋର ସ୍ୱାଇଁ, ବ୍ୟଙ୍ଗ କବି ସମ୍ପଦ ରଥ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉପସ୍ଥିତ ଅତିଥି ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରମୁଖ ପ୍ରଚାର ସହ ପ୍ରସାର ଦିଗରେ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହ, ଆଜିର ଦିନରେ ବେଳାଭୂମି ସାହିତ୍ୟ ସଂସଦର ଓଡ଼ିଆ ସାହିତ୍ୟ ଜଗତର ଏହି ଭଳି କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ ଉପସ୍ଥିତ ଅତିଥି ଓ ଶୁଭେଚ୍ଛୁ ମାନେ। ବେଳାଭୂମି ସାହିତ୍ୟ ସଂସଦ ର ସଭାପତି ଚିତ୍ତରଞ୍ଜନ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସାହିତ୍ୟ ଆସର କୁ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ, କଂଗ୍ରେସ ନେତା ଅମୀୟ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଂସଦର ସମ୍ପାଦକ ଧୁଶାସନ ନାୟକ ବିବରଣୀ ପାଠ କରି ସାହିତ୍ୟ ସଂସଦର ସମସ୍ୟା ଓ ତାହାର ନିରାକରଣ ଉପରେ ଅତିଥି ଦୃଷ୍ଟି ଆକର୍ଷଣ କରିଥିଲେ। ସାହିତ୍ୟ ସଂସଦ ଅସ୍ତରଙ୍ଗ ଭଳି ଏକ ଉପକୂଳ ତଥା ସମୁଦ୍ର ବେଳାଭୂମି ତୀରରେ ସାହିତ୍ୟ ପ୍ରଚାର ଓ ପ୍ରସାର ପାଇଁ ଯେଉଁ ପ୍ରୟାସ ଜାରି ରଖିଛି ତାହାକୁ ଶ୍ରୀ ପଟ୍ଟନାୟକ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସାହିତ୍ୟ ସଂସଦର ଏଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ ଦୂର ଦୁରାନ୍ତରୁ ଆସିଥିବା ଶୁଭେଚ୍ଛୁ ଓ କବି କବିୟତ୍ରୀ ମାନେ। ସାହିତ୍ୟ ସଂସଦର ସଂଯୋଜକ ଶୋଭାକର ବେହେରା ସହ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରହ୍ମପୁର ସାହିତ୍ୟ ପରିଷଦ 'ବର୍ଷା କବିତା ଆସର'




ବ୍ରହ୍ମପୁର(ପିପିଏସ୍): ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିରଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ 'ବର୍ଷା ସାହିତ୍ୟ ଆସର' ଅନୁଷ୍ଠିତ ହୋଇଯାଇଛି। ବର୍ଷା ସମାଜ ପାଇଁ ଆର୍ଶୀବାଦ, ବର୍ଷାରେ ସାରା ବିଶ୍ୱ ସବୁଜ ରଙ୍ଗରେ ସୁ-ସଜ୍ଜିତ ହୋଇଥାଏ। ଏହି ଋତୁରେ ସାହିତ୍ୟିକମାନେ ବର୍ଷାକୁ ନେଇ ଅନେକ ସାହିତ୍ୟ ସୃଜନ କରନ୍ତି କବିମାନେ କାବ୍ୟ କବିତା ରଚନା କରି ସମାଜକୁ ସୁମଧୁର କରିଥାନ୍ତି ବୋଲି ବରିଷ୍ଠ ଲେଖିକ ଡ. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। କବି ଜ୍ୟୋସ୍ନାରାଣୀ ଦେବୀ ମୁଖ୍ୟବକ୍ତାଭାବେ ଯୋଗଦେଇ ସାହିତ୍ୟ ଓ ବର୍ଷା ତଥା କବିତାର ଗଠନ ଓ କାଳଜୟୀ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। କବି ସୁଚେତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଓ ସମ୍ପାଦକ ବି. ସତ୍ୟମ୍ ଆଚରି ସମ୍ପାଦକୀୟ ପାଠ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବର୍ଷା କବିତା ଆସରରେ ସଂଯୋଜିକା କବି ନିହାରୀକା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ଗଙ୍ଗାଧର ମହାକୁଡ଼, ପ୍ରମୋଦ କୁମାର ପଣ୍ଡା, ଏ. ପ୍ରଶାନ୍ତ ଆଚାରୀ, କାଳୀ ପ୍ରସାଦ ରାଓ, ସୀତାରାମ ପତ୍ର, ମନମୋହନ ରଥ, ଅରୁଣ ମୋହନ ପାତ୍ର, ସନ୍ତୋଷ କୁମାର ଦାଶ, ଶରତ କୁମାର ଦାଶ, ତପନ ପଟ୍ଟନାୟକ, ମଧୁସ୍ମିତା ସାହୁ ସହ ବହୁ କବି କବିତା ପାଠ କରିଥିଲେ।

## ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଜେପିର ମହାମିଶ୍ରଣ

# ବିକଶିତ ଓଡିଶା ଗଠନ ଦିଗରେ ସହାୟକ ହେବ: ସମ୍ପଦ



ପାରାଦୀପ (ପିପିଏସ୍): ପାରାଦୀପ ନିର୍ବାଚନ ମଣ୍ଡଳୀର ପାରାଦୀପ ପୌରପରିଷଦ ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସ୍ଥିତ ରାଇସମିଲ ଠାରେ ବିଜେପି ଦଳର ଏକ ମହା ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପର ଲୋକପ୍ରିୟ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷ କାର୍ଯ୍ୟଶୈଳୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଦକ୍ଷତା, ବିଧାୟକଙ୍କ ବିକାଶମୂଳକ କାମରେ ଅନୁପ୍ରାଣିତ ହୋଇ ପାରାଦ୍ୱୀପ ପୌରପରିଷଦ ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସ୍ଥିତ ରାଇସମିଲ ଠାରେ ବିଜେଡି ଓ କଂଗ୍ରେସ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଭାରତୀୟ ଜନତା ପାର୍ଟି ରେ ଯୋଗଦେଇଛନ୍ତି। ତେବେ ଏହି ମିଶ୍ରଣ ପର୍ବ ସୂଚାଉଛି ଯେ, ରାଜ୍ୟରେ ବିଜେପି ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ବୃଦ୍ଧି ପାଇବାରେ ଲାଗିଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ, ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଂଗଠନକୁ ଆହୁରି ମଜବୁତ କରିବ ବୋଲି କହିଥିଲେ।

ଶେଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଶ୍ରଣ ପର୍ବ ଦ୍ୱାରା ନିଶ୍ଚିତ ଭାବେ ଆମ ଦଳ ତୃଣମୂଳ ସ୍ତରରେ ଶକ୍ତିଶାଳୀ ହେବା ସହିତ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ହୋଇପାରିବ, ସରକାରଙ୍କର ଏକ ବର୍ଷର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ସମାଜର ଶେଷ ଭାଗରେ ବାସ କରୁଥିବା ଲୋକଟିର ବିକାଶ ନିମନ୍ତେ ସରକାର ସବୁବେଳେ ପ୍ରଚେଷ୍ଟା ଜାରି ରଖିବା, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ କାମ ସମ୍ପର୍କରେ ସୂଚନା ଦେଇଥିଲେ। ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଡବଲ ଇଞ୍ଜିନ ଲୋକଙ୍କ ସରକାର 'ସବକା ସାଥ, ସବକା ବିକାଶ' ମନ୍ତ୍ରକୁ ପାଥେୟ କରି ଗତ ଏକ ବର୍ଷ ମଧ୍ୟରେ କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଭିନ୍ନକ୍ଷମ, ଗରିବ, ପଛୁଆବର୍ଗ, ଦଳିତ ଆଦି ସମସ୍ତ ବର୍ଗର ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷା କରିପାରିଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ସେବା, ସୁଶାସନ ଓ ବିକାଶ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଗୁଡ଼ିକୁ ବାସ୍ତବତାରେ ପରିଣତ କରିପାରିଛୁ। ୨୦୩୬ ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଲୋକଙ୍କ ସରକାର ଦୃଢ ସଂକଳ୍ପ ନେଇଛନ୍ତି। ରାଜ୍ୟକୁ ସମୃଦ୍ଧ ତଥା ବିକଶିତ ଭାବେ ଗଢି ତୋଳିବାକୁ ହେଲେ ଜିଲ୍ଲା ଗୁଡିକୁ ମଧ୍ୟ ସମୃଦ୍ଧ ତଥା ବିକଶିତ କରିବାକୁ ହେବ। ଏହାସହ ରାଜ୍ୟର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟନେଇ ସରକାର କାର୍ଯ୍ୟ କରୁଛନ୍ତି। ଆଜି ଲୋକମାନେ ସରକାରର ଖୁବ ନିକଟତର ହୋଇପାରିଛନ୍ତି। ନିଜର ସୁବିଧା, ଅସୁବିଧା ସରକାରଙ୍କ ନିକଟରେ ଜଣାଇପାରୁଛନ୍ତି, ସେଗୁଡିକର ସ୍ଥାୟୀ ସମାଧାନ ନିମନ୍ତେ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି। ଲୋକଙ୍କ ସରକାରରେ ଲୋକମାନେ ହିଁ ସର୍ବେସର୍ବା ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ।

ଏହି ମିଶ୍ରଣ ପର୍ବରେ ପାରାଦ୍ୱୀପ ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ସାଧାରଣ ସମ୍ପାଦକ ବଜରଙ୍ଗ ପ୍ରସାଦ ସ୍ୱାଇଁ, ସୋଲେମନ ରାଜୁ, ଯୁବମୋର୍ଚ୍ଚା ସଭାପତି ଦିଲ୍ଲୀପ ବଳିୟାରସିଂହ, ସମ୍ପାଦକ ଜିତେନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପାରାଦ୍ୱୀପ ନଗର ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, କାର୍ଯ୍ୟକର୍ତ୍ତା ଉଗ୍ରେସନ ବେହେରା, ଶରତ ଚନ୍ଦ୍ର ନାୟକ, ଭକ୍ତବନ୍ଧୁ ପରିଡା, ବସନ୍ତ ବେହେରା, ପବିତ୍ର ବେହେରା, ବିରଞ୍ଚି ନାରାୟଣ ସୁନ୍ଦରାୟ, ନନ୍ଦିନୀ ପରିଡା, ଅଧିକାରୀ ବେହେରା, ବଟକୃଷ୍ଣ ପ୍ରଧାନ, ଅମୀୟ ଦାସ, ଗୌତମ ଜେନା, ଦୁର୍ଯ୍ୟୋଧନ ରାଉତ, ପ୍ରତାପ ଚନ୍ଦ୍ର ନାୟକ, ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବାଙ୍ଗୀନ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ସରକାରର କାର୍ଯ୍ୟରେ ପ୍ରଭାବିତ ହୋଇ ଦଳରେ ମିଶିଥିବାରୁ ସମସ୍ତଙ୍କୁ ଧନ୍ୟବାଦ।

# ପ୍ରେମୀଯୁଗଳଙ୍କୁ ଦଣ୍ଡ ଘଟଣା
# ଜାତୀୟ ମାନବାଧିକାର କମିଶନରେ ମାମଲା

ଜୟପୁର, (ହି.ସ.) - ଆଦିବାସୀଙ୍କ ପରମ୍ପରା ନାମରେ ପ୍ରେମୀ ଜୁଗଳକୁ ବେକରେ ଜୁଆଳୀ ବାନ୍ଧି ପଶୁଙ୍କ ଭଳି ଲଙ୍ଗଳ ଦ୍ୱାରା ଜମିରେ ଚାଷ କରାଇ ବେତ ରେ ମାଡ ମାରିବା ଘଟଣା ସାରା ରାଜ୍ୟ ରେ ଚହଲ ସୃଷ୍ଟି କରିଥିଲା । ପ୍ରେମ ପାଇଁ ପ୍ରେମୀ ଯୁଗଳଙ୍କୁଦଣ୍ଡ ଦେବା ଘଟଣାରେ ନ୍ୟାୟ ପ୍ରଦାନ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ଦାୟର ହୋଇଛି । ସେମାନଙ୍କର ସାଧୀନ ଭାବେ ବଂଚିବାର ଅଧିକାର କ୍ଷୁର୍ଣ୍ଣ କରାଯାଇଥିବା ସହ ମାନବାଧିକାର ଉଲଂଘନ କରାଯାଇଛି । ନିର୍ଭୟରେ ସମ୍ପୂର୍ଣ୍ଣ ସାଧୀନତାର ସହ ଜୀବନ ଯାପନ କିପରି କରିପାରିବେ ସେନେଇ ପ୍ରେମୀ ଯୁଗଳଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଦାବି କରାଯାଇଛି । ଜୟପୁରର ବରିଷ୍ଠ ଆଇନଜୀବୀ ଅନୁପ କୁମାର ପାତ୍ର ମାମଲା ଦାୟର କରିଛନ୍ତି । ଅମାନୁଷିକ ଦଣ୍ଡ ଦିଆଯାଇଥିବାରୁ ଘଟଣାଟିର ତଦନ୍ତ କରି ନିର୍ଯାତିତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଓ ସୁରକ୍ଷା ଯୋଗାଇଦେବା ପାଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତ କଞ୍ଚାମଯୋଡି ଗାଁ ଘଟିଛି ଏହି ଅଭାବନିୟ ଘଟଣା । ଆଦିବାସୀ ସଂପ୍ରଦାୟ ମଧରେ ବଂଶର ପୁଅ ଓ ଝିଅ ମଧରେ ବିବାହ ନିଷେଧ ରହିଛି । ପରମ୍ପରାକୁ ଅମାନ୍ୟ କରି ପ୍ରେମ ସମ୍ପର୍କ ରଖୁଥିବା ଜଣାପଡ଼ିବା ପରେ ଗାଁବାସୀ କ୍ଷୁବ୍ଧ ହେବା ସହ ବୈଠକ କରି ଏପରି ଦଣ୍ଡ ଦେଇଥିଲେ । ଏହି ଘଟଣା ରାଜ୍ୟ ସାରା ଚାହଲ ସୃଷ୍ଟି କରିଛି । ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ଜୀବନ ଏବଂ ବ୍ୟକ୍ତିଗତ ସାଧୀନତାର ଅଧିକାର, ଏକ ନିରପେକ୍ଷ ବିଚାର ଏବଂ ଉପଯୁକ୍ତ ପ୍ରକ୍ରିୟାର ଅଧିକାର ରହିଛି । ଧାରା ୧୪ ଅନୁଯାୟୀ ଆଇନ ଅନୁଯାୟୀ ସମସ୍ତଙ୍କୁ ସମାନ ଅଧିକାର ରହିଛି । ଧାରା ୧୫ ଅନୁଯାୟୀ ଭେଦଭାବ ନିଷେଧ ଏବଂ ଧାରା ୧୯ ଅନୁଯାୟୀ ବାକ୍ ଓ ଅଭିବ୍ୟକ୍ତିର ସାଧୀନତା ରହିଛି । ଏଥିରେ ସେସବୁ ଅଧିକାର ଉଲ୍ଲଂଘନ ହୋଇଛି । ଏପରି ଘଟଣା ଯେପରି ପୁନଃରାବର୍ତ୍ତି ନହେବ ସେଥିପାଇଁ ଦାବି ହେଉଛି ।

# ସମସ୍ୟାଘେରରେ ଚାରି ଗାଁ





## ● ଭାରାରେ ବୁହାହୁଅନ୍ତି ଗର୍ଭବତୀ
## ● ବର୍ଷାରେ ଜଳବନ୍ଦୀ ଗାଁଲୋକେ

ନୂଆପଡ଼ା :ନୂଆପଡ଼ା ସଦର ବ୍ଲକ ଚୂଲାଭାଟ ପଞ୍ଚାୟତ ପଣ୍ଡରିପାଣି ଗାଁର ୪ ପଡ଼ାର ଅଧିବାସୀ ସାଧୀନତାର ଦୀର୍ଘବର୍ଷ ପରେ ମଧ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି । ସୂଚନା ଅନୁଯାୟୀ ଗୋନ୍ଦଲାବାହାରା, ଭାଲୁପାଣି, ବାଉଁଶଡୋଙ୍ଗରି ଓ ଚନ୍ଦାପଡା ଆଦି ପଡ଼ାଗାଁରେ ଆଦିବାସୀ ସମ୍ପ୍ରଦାୟର ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ନିକଟରେ ଆମ୍ବଝରନ ନାଳ ବହିଯାଇଥିବାରୁ ବର୍ଷାଋତୁ ଆସିଲେ ଗ୍ରାମବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ନାଳରେ ପୋଲ ନ ଥିବାରୁ ଗାଁ ଲୋକେ ବର୍ଷାଦିନରେ ଜଳବନ୍ଦୀ ହୋଇ ରହିଥାନ୍ତି । ଭଲ ରାସ୍ତାଟିଏ ନ ଥିବାରୁ ଗାଁକୁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସ ଯାଇପାରେ ନାହିଁ । ଫଳରେ କୌଣସି ଲୋକ ରୋଗରେ ପଡିଲେ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୋହି ନେବାକୁ ପଡେ । ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ପୁଷ୍ଟିକର ଖାଦ୍ୟ ଓ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ଅଛନ୍ତି । ପ୍ରାୟ ୫କି.ମି. ଦୂର ଗଙ୍ଗାଦିଗଡ ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିଲେ ମଧ ଜଙ୍ଗଲିଆ ରାସ୍ତାରେ ଶିଶୁ ଯିବା ଅସମ୍ଭବ ହୋଇପଡୁଛି । ଏହି ୪ ଗାଁ ପାଇଁ ଗୋନ୍ଦଲାବାହାରାଠାରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଛି । ସେଥିରେ ଦୁଇ ଜଣ ଶିକ୍ଷକ ମଧ ନିଯୁକ୍ତ ହୋଇଛନ୍ତି । ଖରା ଓ ଶୀତ ଦିନରେ ପିଲା ଖୁସିରେ ସ୍କୁଲ ଯାଇ ଅଧ୍ୟୟନ କରି ଘରକୁ ଫେରନ୍ତି । ବର୍ଷା ଦିନ ହେଲେ ନାଳ ପାରି ହୋଇ ସ୍କୁଲ ଯିବା କଷ୍ଟକର ହେଉଥିବାରୁ ପାଠ ପଢା ବନ୍ଦ ହୋଇଯାଉଛି । ଜଳ ଯୋଗାଣ ବିଭାଗ ପକ୍ଷରୁ ଗାଁରେ ପାଇପ ଲାଇନ ବିଛାଯାଇ ଘରକୁ ସଂଯୋଗ ହୋଇଛି । ହେଲେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇ ନାହିଁ କିମ୍ବା ପାଣି ଯାଉ ନାହିଁ । ଲେଶକେ ନଈ, ନାଳ, ମୁଡା, ଖୋଲା କୂଅ ପାଣି ବ୍ୟବହାର କରି ନାନା ରୋଗରେ ପୀଡିତ ହେଉଛନ୍ତି । ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଗାଁଗୁଡିକୁ ଯାଇ ସମସ୍ୟା ବୁଝିଛି । ଉକ୍ତ ଗାଁ ଜଙ୍ଗଲ ବିଭାଗ ଅଞ୍ଚଳରେ ରହିଛି । ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ସହ ନାଳ ଉପରେ ବ୍ରିଜ ନିର୍ମାଣ କରାଯିବ ବୋଲି କହିଥିଲେ ।

# ସରକାରୀ ବିଦ୍ୟାଳୟରେ ବନ ମହୋତ୍ସବ

ସମ୍ବଲପୁର, (ହି.ସ.)ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର-୧୯ ଅନ୍ତର୍ଗତ ନିର୍ଗୁଣପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ "ମା କି ନାମ ପର ଏକ ପେଡ' ଶିଶୁଟିଏ ଗଛ ଲଗାଇ ନିଜର ଭାବନା ପରିପ୍ରକାଶ କରା ଯାଇଥିଲା ।ବୃକ୍ଷ ହିଁ ଜୀବନ ଏହାର ଯତ୍ନ ନେଲେ ସମାଜରେ ଏକ ଅମ୍ଳାନ ପରିବେଶ ତିଆରି ହେବ ଏବଂ ଶିକ୍ଷା ସାସ୍ଥ୍ୟ ର ବିକାଶ ହୋଇପାରିବ ବୋଲି ଏକ ବାର୍ତ୍ତା ଦିଆଯାଇଥିଲା ବିଦ୍ୟାଳୟର ପ୍ରାୟ ୧୫୦ଜଣ ଶିଶୁ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ବହ୍ନିବାହନ ଭୋଇ ବୃକ୍ଷ ହିଁ ଜୀବନ ଉପରେ ଆଲୋକପାତ କରିଥିଲେ ଶିକ୍ଷୟତ୍ରୀ କାମିନୀ ମୁଣ୍ଡା, ସୀତାରାଣୀ ବେହେରା, ବିଷ୍ଣୁପ୍ରିୟା ରଥ, ତନ୍ମୟା ମାଝୀ ଓ ସୁଲୋଚନା ମିଶ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ସ୍କୁଲ ଛାତ୍ରଙ୍କ ଆତ୍ମହତ୍ୟା
# ନିରପେକ୍ଷ ତଦନ୍ତ ଦାବିକଲେ ପରିବାର ଲୋକେ

ଚମ୍ପୁଆ, (ହି.ସ.) - ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମିଡିୟମ ସ୍କୁଲ ରେ ଅଘଟଣ । ଚାରି ମହଲା ହଷ୍ଟେଲ କୋଠା ରୁ ଡେଇଁ ଅନ୍ତେବାସୀ ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା । ଛାତ୍ରଙ୍କ ନାମ କ୍ରୀଷ୍ଣା ପ୍ରଧାନ । ବର୍ତମାନ ପର୍ଯ୍ୟନ୍ତ ଆତ୍ମହତ୍ୟା ର କାରଣ ଅସ୍ପଷ୍ଟ ରହିଛି । ମିଳିଥିବା ସୂଚନା ଅନୁସାରେ ସକାଳ ପ୍ରାୟ ସାଢ଼େ ପାଂଚଟା ବେଳେ ଏହି ଅଘଟଣ ଘଟିଛି । ଖବର ପାଇ ଚମ୍ପୁଆ ଏସଡିପିଓ ରଶ୍ମି ରଞ୍ଜନ ସାହୁ ଓ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଘଟଣା ସ୍ଥଳରେ ପହଂଚିଛନ୍ତି । ଚମ୍ପୁଆ ଥାନାଧିକାରୀ ରମାକାନ୍ତ ମୁଦୁଲି ଘଟଣା ର ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ଖବର ପାଇ ମୃତ ଛାତ୍ରଙ୍କ ପରିବାର ଲୋକେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ରେ ପହଂଚିଛନ୍ତି । ବିଦ୍ୟାଳୟ କର୍ତୃପକ୍ଷ ଙ୍କ ନିର୍ଯ୍ୟାତନା ସହି ନ ପାରି ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣା ର ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ କରି ଛାତ୍ର ମୃତ୍ୟୁ ର ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ ଦାବୀ କରିଛନ୍ତି । ମୃତ ଛାତ୍ର ଙ୍କ ଘର ଝାଡଖଣ୍ଡ ରାଜ୍ୟ ର ଖରସୁଆଁ ରେ । ସେ ଗତବର୍ଷ କେରଳା ସ୍କୁଲ ରେ ନାମ ଲେଖାଇ ଥିବା ବେଳେ ସ୍କୁଲ ହଷ୍ଟେଲରେ ରହି ଦଶମ ଶ୍ରେଣୀ ରେ ପାଠ ପଢୁଥିଲେ ।

# ଛାତରୁ ଡେଇଁ ଛାତ୍ର ଜୀବନହାରିଲେ

କେନ୍ଦୁଝର: ଚମ୍ପୁଆ ସ୍ଥିତ ଏକ ଘରୋଇ ସ୍କୁଲ୍ ହଷ୍ଟେଲରେ ଅଭାବନୀୟ ଘଟଣା ଘଟିଛି । ଛାତରୁ ଡେଇଁ ଜଣେ ଛାତ୍ର ନିଜ ଜୀବନ ହାରିଛି । ଛାତ୍ର ଜଣକ ଦଶମ ଶ୍ରେଣୀ କ୍ରୀଷ୍ଣା ପ୍ରଧାନ ବୋଲି ଜଣାପଡିଛି ବୋଲି ସୂଚନା ମିଳିଛି । ଏହି ଖବର ଚମ୍ପୁଆ ପୋଲିସକୁ ଦିଆଯାଇଥିଲା । ଖବର ପାଇ, ଚମ୍ପୁଆ ପୋଲିସ ଓ ଚମ୍ପୁଆ ଉପ-ଜିଲ୍ଲାପାଳ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ମଧ ଖବର ଦିଆଯାଇଥିଲା । ଖବର ପାଇ ମୃତ ଛାତ୍ରର ପରିବାର ଲୋକେ ଚମ୍ପୁଆରେ ପହଞ୍ଚିଥିଲେ । ଛାତ୍ର ଜଣକ ଘର ଝାଡଖଣ୍ଡର ଖରସୁଆରେ ସେ ଏଠାରେ ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ପାଠ ପଢୁଥିଲା । କେଉଁ କାରଣରୁ ଛାତ୍ର ଜଣକ ଛାତରୁ ଡେଇଁ ନିଜ ଜୀବନ ହାରିଲା ତାହା ଅସ୍ପଷ୍ଟ ରହିଛି । ପୋଲିସ ମୃତଦେହକୁ ଜବତ କରିବା ସହିତ ଘଟଣାସ୍ଥଳରେ ପହଞ୍ଚି ତନାଘନା ତଦନ୍ତ ଜାରି ରଖିଛି । ଏହି ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି ।

# ଟ୍ରେନ୍‌ରୁ ଖସିପଡ଼ି ଯବାନ ଗୁରୁତର

କଲ୍ୟାଣସିଂହପୁର : ଟ୍ରେନରେ ଯିବା ସମୟରେ ଖସିପଡ଼ି ଜଣେ ସିଆରପିଏଫ୍ ଯବାନ ଗୁରୁତର ହୋଇଛନ୍ତି । ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଶନିବାର ରାତିରେ ରାଉରକେଲା ଜଗଦଲପୁର ଏକ୍ସପ୍ରେସ୍‌ରେ କୋରାପୁଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ଲେଲିଗୁମା ଷ୍ଟେଶନ ନିକଟରେ ଖସିପଡ଼ିଥିଲେ, ଯବାନଙ୍କ ନାମ ଶରତ ମାଝୀ, ତାଙ୍କ ସହିତ ଆଉ ଦୁଇଜଣ ଯବାନ ଥିଲେ । ଖବର ପାଇ ରାୟଗଡ଼ା ଆରପିଏଫ୍ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ବର୍ତ୍ତମାନ ତାଙ୍କ ଅବସ୍ଥା ସ୍ଥିର ରହିଛି ।


# କନ୍ଧମାଳ ଜିଲ୍ଲାରେ କେନ୍ଦ୍ର ଖାଉଟି କଲ୍ୟାଣ ବିଭାଗ ଟିମ୍

କନ୍ଧମାଳ, (ହି.ସ.) : କେନ୍ଦ୍ର ଖାଉଟି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଉପ ସଚିବ ରଶ୍ମିତା ଖାଲକୋଙ୍କ ନେତୃତ୍ୱରେ ଏକ ଟିମ୍ କନ୍ଧମାଳ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଖାଉଟି ସାମଗ୍ରୀ ଯୋଗାଣ କେନ୍ଦ୍ରମାନଙ୍କୁ ଯାଇ ସେଠାରେ ସଠିକ୍ ଭାବେ ଖାଉଟି ମାନଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଉଟି ସାମଗ୍ରୀ ସବୁ ସଠିକ୍ ଭାବେ ବିତରଣ ହେଉଛି କି ନାହିଁ ତାହା ଯାଂଚ କରିବା ସହିତ ସେହି ଅଂଚଳର ଖାଉଟିମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଟିମ୍‌ରେ କେନ୍ଦ୍ରୀୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ର ସହକାରୀ ଶାଖା ଅଧିକାରୀ, ସୋନି ଗୋୟେଲ, ଭାରତୀୟ ଖାଦ୍ୟ ନିଗମର ଗୁଣ ନିୟତା ପ୍ରବନ୍ଧକ ଚରଣ ସାହୁ ପ୍ରମୁଖ ସାମିଲ ଥିଲେ । ଏହି ଅବସରରେ ତାଙ୍କ ସହିତ କନ୍ଧମାଳ ଜିଲ୍ଲା ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ସୂର୍ଯ୍ୟ କୁମାର ପାଣିଗ୍ରାହୀ ଓ ଜିଲ୍ଲା ଖାଉଟି ଯୋଗାଣ ଅଧିକାରୀ ଦାୟିତ୍ୱରେ ଥିବା ପି. ଭାର୍ଗବୀ ମଧ ସାମିଲ ହୋଇଥିଲେ । ଏହି ଟିମ୍ ଗତ ୧୦ ତାରିଖରେ ଫୁଲବାଣୀ ସର୍କିଟହାଉସରେ ପହଂଚି ଜିଲ୍ଲାର କଇଁଝର, କୋଟିମାହା, ପାବୁରିଆ, ଗୁଟିଙ୍ଗିଆ, ଖଜୁରୀପଡା, ଫିରିଙ୍ଗିଆ, ଚକାପାଦ ଓ ଫୁଲବାଣୀ ଆଦି ଅଂଚଳରେ ଥିବା ସମସ୍ତ ଖାଉଟି ଯୋଗାଣ କେନ୍ଦ୍ର ବୁଲି ସେଠାରେ ଲୋକଙ୍କୁ ଭାବରେ ଖାଉଟି ସାମଗ୍ରୀ ଠିକ୍ ସମୟରେ ଏବଂ ସଠିକ୍ ଓଜନ ମାପରେ ବିତରଣ ହେଉଛି କି ନାହିଁ ତାର ଯାଂଚ୍ କରିବା ସହିତ ସେହି ଅଂଚଳର ଖାଉଟି ମାନଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ । ପରେ ଫୁଲବାଣୀରେ ଏଫସିଆଇ ଗୋଦାମରେ ପହଂଚି ସେଠାରେ ମଧ ପରିଦର୍ଶନ କରିଥିଲେ ।

# ହାତୀ ଆକ୍ରମଣରେ ୧ମୃତ, ୧ ଗୁରୁତର

କେନ୍ଦୁଝର, (ହି.ସ.): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ପାଟଣା ସେକ୍ସନ ଡୁମୁରିଆ ବିଟ୍ ଅନ୍ତର୍ଗତ ପିଚ୍ଛୁଳାବେଡା ଗ୍ରାମ ନିକଟରେ ଗୋଟିକିଆ ଦନ୍ତାହାତୀ ଆକ୍ରମଣ ରେ ଜଣେ ମୃତ, ଜଣେ ଗୁରୁତର । ସେମାନେ ପିଚ୍ଛୁଳାବେଡା ନିକଟରେ ଥିବା ନାଳରେ ନୂତନ ପୋଲ ନିର୍ମାଣ ପାଇଁ ମାଟି ସର୍ଭେ କାର୍ଯ୍ୟ କରୁଥିଲେ । ରାତିରେ ତମ୍ବୁ ରେ ୪ ଜଣ ଶୋଇଥିବା ବେଳେ ଆକ୍ରମଣ କରିଥିଲା । ତିନି ଜଣ ଖସି ଯାଇଥିବା ବେଳେ ଜଣକୁ ହାତୀ ମାରିଦେଇଥିବା ଜଣାପଡିଛି । ମୃତକ ଜଣକ ହେଉଛନ୍ତି ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ସୁଆଁପୁର ଗ୍ରାମର ସୁବାଷ ଜେନା ଙ୍କ ପୁଅ ବିରଞ୍ଚି ଜେନା (୪୨), ଆହତ ଜଣକ ହେଉଛନ୍ତି ସେହି ଜିଲ୍ଲା ବଡଚଣା ଥାନା ଅନ୍ତର୍ଗତ କାମ୍ପାଳମଙ୍ଗରାଜପୁର ଗ୍ରାମର ଯୋଗେନ୍ଦ୍ର ବାହାଳିଆ(୬୦) । ପାଟଣା ବନପାଳ ନିରଞ୍ଜନ ସେଠୀ ଉଭୟଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ବିରଞ୍ଚି ଜେନା ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ଆହତଙ୍କ ଚିକିତ୍ସା ଜାରି ରହିଛି ।

# ସର୍ପାଘାତରେ ବୃଦ୍ଧା ଗୁରୁତର



କନ୍ଧମାଳ : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ାରେ ଘଟିଛି ଅଭାବନୀୟ ଘଟଣା । ବାଟାଗୁଡ଼ା ଗ୍ରାମର ବୃଦ୍ଧା ରଶ୍ମିତା ସାହୁ ନିଜ ଘର ଲିପିବା ପାଇଁ ଘର ନିକଟରେ ଥିବା ଏକ ହୁଙ୍କାରୁ ମାଟି ସଂଗ୍ରହ କରିବା ବେଳେ ହୁଙ୍କାରେ ଥିବା ଏକ ନାଗ ସାପ ବୃଦ୍ଧାଙ୍କ ଡାହାଣ ହାତକୁ ଦଂଶିଥିଲା । ଫଳରେ ବୃଦ୍ଧା ଜଣକ ଅଚେତ ହୋଇପଡ଼ିଥିଲେ । ବୃଦ୍ଧାଙ୍କ କେହି ସମ୍ପର୍କୀୟ ନଥିବାରୁ ପଡ଼ୋଶୀ ବାହାନ ବେହେରା ବୃଦ୍ଧଙ୍କୁ ସଙ୍ଗେ ସଙ୍ଗେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ବର୍ତ୍ତମାନ ବୃଦ୍ଧା ରଶ୍ମିତା ସାହୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ସାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।

# ଜିଲ୍ଲା ବରିଷ୍ଠ ନାଗରିକଙ୍କ ବୈଠକ

ଦେବଗଡ(ପିପିଏସ୍) : ଦେବଗଡ଼ ଜିଲ୍ଲା ସଦର ରେ ଥିବା ବରିଷ୍ଠ ନାଗରିକ ଫୋରମ୍ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକଙ୍କ ମାସିକି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ରାମଚନ୍ଦ୍ର ମହାପାତ୍ର ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ସମାଧାନ ପାଇଁ ଆଲୋଚନା କରାଯାଇଥିଲା । ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା ଥଣ୍ଡା ପାନୀୟ ଜଳ ମେସିନ ସ୍ଥାପନ ଓ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ପାଇଁ ପୌରପରିଷଦ କର୍ତ୍ତୃପକ୍ଷ ଙ୍କୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଛି ଓ ଏମିତି ଅନେକ ସମସ୍ୟା ଓ ତାର ସମାଧାନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଶେଷରେ ସମ୍ପାଦକ ଗୌରହରି ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ଫୋରମ୍ ର ସଦସ୍ୟ ଟିକେସ୍ୱର ଆଚାର୍ଯ୍ୟ, ସୁରେଶ ଶତପଥୀ, ଦୀନବନ୍ଧୁ କର, ଭୁବନେଶ୍ୱର ପ୍ରଧାନ, ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କାଦୁଅରେ ଯାତାୟାତ କରୁଛନ୍ତି ଗୋଜିଆପଡ଼ାବାସୀ

ମୁଖୀଗୁଡା,(ହି.ସ)- ସାମାନ୍ୟ ବର୍ଷା ହେଲେ ରାସ୍ତାରେ କାଦୁଅ ଯୋଗୁଁ ଘରୁ କୁଆଡେ ଯାଇ ହୁଏ ନାହିଁ ଛୋଟ ଛୋଟ ପିଲା ସ୍କୁଲ ଯିବା ଯିବା କଷ୍ଟ ହୋଇପଡେ । ରାସ୍ତା ମରାମତି ପାଇଁ ସରପଞ୍ଚଠାରୁ ସାଂସଦ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିଲା ନାହିଁ ଗୋଜିଆପଡାବାସୀଙ୍କୁ । କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତ ରାଣୀବାହାଲ ଗୋଜିଆପଡାର ରାସ୍ତା ବର୍ଷାହେଲେ ଯିବା ଆସିବା କରିବା ବହୁତ କଷ୍ଟ । ଖାଲି ପାଦ ବ୍ୟତୀତ ଅନ୍ୟ ଉପାୟ ନାହିଁ । ବସନ୍ତ ପଣ୍ଡା ନିର୍ବାଚନ ଜିତିବା ପରେ ତାଙ୍କ ଜୟପାଟଣା ପ୍ରଥମ ଗସ୍ତରେ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଲିଖିତ ଭାବେ ଦେଇଥିଲେ ହେଲେ ସେ ଭୁଲିଗଲେ, ଲୋକଙ୍କ ବିଶ୍ୱାସ ଥିଲା ସାଂସଦ କିଛି ପଦକ୍ଷେପ ନେବେ । ମଙ୍ଗଳପୁର ସରପଂଚଙ୍କୁ ବର୍ଷା ଦିନ ପୂର୍ବରୁ ରାସ୍ତା ମରାମତି ପାଇଁ ପଡାବାସୀ ଜଣାଇଲେ ପ୍ରପୋଜାଲ ଯାଇଛି ଜୁନ୧୫ ଭିତରେ କାମ ହେବ ବୋଲି ପ୍ରତିଶ୍ରୁତି ଦେଲେ, ହେଲେ କିଛି କାମ ହେଲା ନାହିଁ ବରଂ କାଦୁଅରେ ଯିବା ଆସିବା ହିଁ ସାର ହେଲା । ଜୁନ ମାସରେ ବର୍ଷା ଯୋଗୁଁ କେତେକ ଚାଷୀ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ନେବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାସ୍ତାରେ କାଦୁଅ ଯୋଗୁଁ ପଂଚାୟତ କାର୍ଯ୍ୟାଳୟ କିମ୍ବା ଡାକ୍ତରଖାନା ଯିବାକୁ ଲୋକେ ଇଚ୍ଛା କରୁନାହାନ୍ତି । ଘର ନିର୍ମାଣ ସାମଗ୍ରୀ ଆସିପାରୁ ନଥିବାରୁ ଜେମା ସାହୁ ଘର ତିଆରି କାମ ସମ୍ପୂର୍ଣ୍ଣ କରିପାରୁ ନାହାନ୍ତି । ଏପଟେ ଗୋଜିଆପଡା -ମୁଣ୍ଡରଗୁଡା ରାସ୍ତାରେ ମଧ ବର୍ଷାଦିନେ ଯିବା ଆସିବା କରିହୁଏ ନାହିଁ । ବର୍ଷା ଦିନେ ଗୋଜିଆପଡାବାସୀଙ୍କ ଦୁଃଖ ବଢି ଯାଉଥିବା ବେଳେ ତୁରନ୍ତ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ




ଖଡ଼ିଆଳ : ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ନିୟମ ଅନୁସାରେ ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଯୁକ୍ତ ୩ ଓ ସ୍ନାତକୋତ୍ତର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଛି । ଅଧକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ମହାବିଦ୍ୟାଳୟର ନୀତି ନିୟମ, ବିଭିନ୍ନ ସୁବିଧା ସୁଯୋଗ, ଶୃଙ୍ଖଳା ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ । ଯୁକ୍ତ ୨ ଅଧକ୍ଷ ଡ. ରଣବୀର ସିଂହ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢୀ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା କାଜଲ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଧାନଶିକ୍ଷକ ଓ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ସମ୍ମିଳନୀ

ସଇଁତଲା : ସଇଁତଲା ବ୍ଲକସ୍ତରୀୟ ବାର୍ଷିକ କ୍ରୀଡାର କ୍ୟାଲେଣ୍ଡର ନିର୍ଦ୍ଧାରରିତ କରିବା ପାଇଁ ବ୍ଲକର ପ୍ରଧାନ ଶିକ୍ଷକ /ଶିକ୍ଷୟିତ୍ରୀ ଓ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟତ୍ରୀ ଙ୍କୁ ନେଇ ଏକ ସମ୍ମିଳନୀ ବାଳିକା ବିଦ୍ୟାଳୟ ସଇଁତଲା ରେ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲୀପ କୁମାର ଯୋଶୀଙ୍କ ନିର୍ଦ୍ଦେଶକ୍ରମେ ଓ ତାଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀଣ କୁମାର ପଣ୍ଡା ମୁଖ୍ୟ ଅତିଥି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର, ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ବିନାୟକ କୁମ୍ଭାର, ସଇଁତଲା ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ଭୋଇ ପ୍ରମୁଖ ସାନମାନୀୟ ଅତିଥି ଭାବରେ ମଂଚାସୀନ ଥିଲେ । ବ୍ଲକର ଖେଳକୁଦ ରେଜଲ୍ଟ ପାଇଁ ପ୍ରଶଂସା କରିବା ସହିତ କଣ କଲେ ଆହୁରି ଏହାର ଉର୍ନତି ହେବ ତାର ଉପରେ ମନ୍ତବ୍ୟ ରଖିଥିଲେ । ଏହି ସମ୍ମିଳନୀ ରେ ବାର୍ଷିକ କ୍ରୀଡା ର ସ୍ଥାନ ଚୟନ କରାଯାଇଥିଲା ଖେଳକୁଦ ଘୁନସର ବିଦ୍ୟାଳୟ, କ୍ରିକେଟ ଟିକ୍ରାପଡ଼ା ହାଇସ୍କୁଲ, ଫୁଟବଲ ଧରାବଗଡ଼ ହାଇସ୍କୁଲ, କବାଡି ଫଂଚାୟତ ହାଇସ୍କୁଲ ସଇଁତଲା, ଥାଙ୍ଗତା ଓ ହାଣ୍ଡ ବଲ୍ଲ ବାଳିକା ବିଦ୍ୟାଳୟ ସଇଁତଲା ଯୋଗାସନ, ଅଲମ୍ପିକ ଯୋଗାସନ ସରସ୍ୱତୀ ଶିଶୁ ମନ୍ଦିର ସଇଁତଲା ରେ ଅନୁଷ୍ଠିତ ହେବା ପାଇଁ ଚୟନ କରା ଯାଇଛି, କ୍ରୀଡା କାର୍ଯ୍ୟକାରୀ କମିଟି ର ସଭ୍ୟ ତଥା ୟୁଜିଏଚସ ଡେଙ୍ଗର ପ୍ରଧାନ ଶିକ୍ଷକ ଚଣ୍ଡାଳ ମିଶ୍ରକୁ ଖେଳ ଶିକ୍ଷକ ମାନଙ୍କ ତରଫରୁ ସାନମାନିତା କରିବା ସହ ବ୍ଲକ ର ଧରାବଗଡ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ନୀଳମଣି ମେହେର,ଥାଙ୍ଗ ଟା ରେ ଆଠ ଜଣ ଜାତୀୟ ସ୍ତରୀୟ ଖେଳାଳି ଓ ଏସ ଏସ ଡି ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ହୋତା ବିଦ୍ୟାଳୟ ରୁ କବାଡି ରେ ଦୁଇ ଜଣ ଜାତୀୟ ସ୍ତରୀୟ ଖେଳାଳି ବାହାରି ଥିବାରୁ ସାନମାନିତା କରାଯାଇଥିଲା । ଏହି କାର୍ଯ୍ୟ କ୍ରମ ଟି ବ୍ଲକ ସମ୍ପାଦିକା ଶ୍ରୀମତୀ ରଂଜିତା ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଅନୁଷ୍ଠିତ ହୋଇଥିଲା ସହ ଏଥିରେ ୟୁ ଜି ଏଚ ଏସ କଅସର ର ପ୍ରଧାନ ଶିକ୍ଷକ ଘନସାମ ଦଣ୍ଡସେନା ସାଗତଂ ଅଭିଭାଷଣ ଦେବା ସହ, ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ୟତ୍ରୀ ବିନାୟକ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ଏହି କାର୍ଯ୍ୟକ୍ରମ ସଫଳ କରିବା ପାଇଁ ବ୍ଲକ ର ସମସ୍ତ ଖେଳ ଶିକ୍ଷକ ଓ ଶିକ୍ଷୟତ୍ରୀ, ବିଦ୍ୟାଳୟ ର ସମସ୍ତ ସହକର୍ମୀ ସହଯୋଗ କରିଥିଲେ ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ବଲାଙ୍ଗୀର : ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ଟିଟିଲାଗଡ଼ ନିକଟସ୍ଥ ସିଆଲ ଝୁଡୁଙ୍ଗି ଗ୍ରାମର ବାବୁଲାଲ ଜେନା ବୋଲି ଜଣାପଡ଼ିଛି । ପୋଲିସ ଶବକୁ ଜବତ କରି ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ରାତି ଦୁଇଟାରେ ବାବୁଲାଲଙ୍କୁ ସାପ କାମୁଡ଼ିବା ପରେ ମତେ ଭଲ ଲାଗୁନାହିଁ ବୋଲି କହିବାରୁ ତାଙ୍କୁ ପ୍ରଥମେ ଟିଟିଲାଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲକୁ ପଠାଇ ଦିଆଯାଇଥିଲା । ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ତେବେ ସାପ କାମୁଡ଼ାରେ ମୂଲ୍ୟବାନ ଜୀବନ ଚାଲି ଯାଉଥିବାରୁ ବର୍ଷା ଋତୁରେ ସମସ୍ତେ ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି ।

# ତୁରୁମୁଙ୍ଗାରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ

କେନ୍ଦୁଝର, (ହି.ସ.) - ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ କଳ କାରଖାନା, ଗାଡ଼ି, ମୋଟର ର ଧୂଳି ଓ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ପ୍ରକୃତି ଶନ୍ତୁଳ ହରାଉଛି । ଯଦ୍ୱାରାକି ପ୍ରାକୃତିକ ବିପର୍ଯ୍ୟୟ ଘଟି ବହୁ ଧନଜୀବନ ହାନି ହେଉଛି । ଭାରତ ବର୍ଷର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବେଶର ସୁରକ୍ଷା ପାଇଁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶନିବାର ଦିନ ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରୁମୁଙ୍ଗା ସ୍ଥିତ ତ୍ରିବିନ୍ଧା ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ଶିବମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜକ ବନମାଳୀ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ବିଜେପି ନେତା ଗୌତମ ନାୟକ, ରାଜେଶ କୁମାର ମହାନ୍ତ,ମଣ୍ଡଳ ସଭାପତି ଜୁଲିୟସ୍ ସିଂହ,ଦୀପକ କୁମାର ସାହୁ,ଲିଙ୍ଗରାଜ ସିଂହ,ବଳଭଦ୍ର ନାଏକ, ନାଗେଶ୍ୱର ମହାରଣା, ବାସନ୍ତୀ ମହାରଣା, ଇନ୍ଦ୍ରଜିତ ସାହୁ, ମିତ୍ରଭାନୁ ମହାନ୍ତ, ନରେନ୍ଦ୍ର ମହାନ୍ତ, ଟୁଟୁ ମିଶ୍ର, ଚପଳ ଚାନ୍ଦ ସିଂହ, ହରିହର ନାୟକ, ଧ୍ରୁବ ନାୟକ, ନେତ୍ରାନନ୍ଦ ମହାନ୍ତ, ତରଣୀ ସେନ୍ ମହାନ୍ତ, ବ୍ରଜ ମୋହନ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ହୃଷୀକେଶ ସାହୁ, ଅରୁଣ କୁମାର ସାହୁ, ସରପଞ୍ଚ ସୁଲେଖା ନାଏକ, ସ୍ୱାଗତିକା ସାହୁ, ବାସନ୍ତୀ ମହାରଣା, ସୁବାସିନୀ ପୃଷ୍ଟି, ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକତା ଏହି ଉତ୍ସବରେ ସାମିଲ ହୋଇଥିଲେ । ଖିରେଇଟାଙ୍ଗିରି ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତ ବିଭିନ୍ନ ପ୍ରକାର ର ଚାରା ଯୋଗାଇ ଦେଇଥିଲେ ।

# କଦଳୀପାଲି ଛକ - ତେଲନଦୀ ପୋଲ ରାସ୍ତା ବିପର୍ଯ୍ୟସ୍ତ

ସୁବର୍ଣ୍ଣପୁର, (ହି.ସ.) : ବୌଦ୍ଧ ଜିଲ୍ଲା କଂଟାମାଳ ସହ ତରଭା ବ୍ଲକ ସହିତ ସଂଯୋଗ କରୁଥିବା କଦଳୀପାଲି ଛକରୁ ତେଲନଦୀ ପୋଲ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି । ବିଶେଷକରି ମାରାଡୁଗୋଛ ଗ୍ରାମ ଛକଠାରୁ ବନ୍ଧକେଡ଼ା ଦେଇ ଗୁଞ୍ଜିମୁଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତାରେ ମଣିଷ ତ ଦୂର କଥା ଜୀବଜନ୍ତୁ ଚାଲି ଯିବା କଷ୍ଟକର ହେଉଛି । ରାସ୍ତା ମରାମତି ପାଇଁ ଆର୍‌ଡି ବିଭାଗରୁ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରିବାକୁ ଆନ୍ଦୋଳନ ନିମନ୍ତେ ଅଂଚଳବାସୀଙ୍କ ସଜବାଜ ହେବା ସହ ଲିଖିତ ଅଭିଯୋଗ କରିଥିଲେ । ପରେ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ସହ ପୋଲିସ୍ ଓ ଅଂଚଳବାସୀଙ୍କ ଉପସ୍ଥିତିରେ ଏନେଇ ଆଲୋଚନା କରି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଦୁଃଖର କଥା ଆଜିକୁ ତିନି ମାସ ବିତି ଗଲେ ବି ଆଜିପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରିପାରିଲେ ନାହିଁ । ମରାଡୁଗୋଛା ଛକରୁ ଗୁଞ୍ଜିମୁଣ୍ଡା ଛକ ପର୍ଯ୍ୟନ୍ତ ପ୍ରାୟ ୩କିଲୋମିଟର ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିଛି । ଯିବା ଆସିବା ସମ୍ଭବ ହୋଇ ପାରୁନାହିଁ । ଅନେକ ସମୟରେ ଦୁର୍ଘଟଣା ଘଟୁଥିବାର ଅଭିଯୋଗ ରହିଛି । ଏହି ରାସ୍ତାଟି ତରଭା ବ୍ଲକର କଦଳୀପାଲି ଛକ ଠାରୁ ଗୁଞ୍ଜିମୁଣ୍ଡା ଗ୍ରାମ ଛକ ଦେଇ ତେଲନଦୀ ପୋଲ ସହିତ ସଂଯୋଗ କରି ପ୍ରାୟ୧୦ ଦଶ କିଲୋମିଟର ଲମ୍ବା ଖାଲ ଢିପରେ ପୂର୍ଣ୍ଣ ହୋଇଛି । ରାସ୍ତାର ଅନେକ ସ୍ଥାନ ରେ ପିଚୁ ଉଠି ବିପର୍ଯ୍ୟସ୍ତ ହୋଇ ପଡିଛି । ଉକ୍ତ ରାସ୍ତା ଉପରେ ବୌଦ୍ଧ ଜିଲ୍ଲାର କଂଟାମାଳ ବ୍ଲକ ଅଂଚଳବାସୀ ସହ ତରଭା ବ୍ଲକର ମାରାଡୁଗୋଛା ପଂଚାୟତର ବନ୍ଧକେଡ଼ା, ଗୁଞ୍ଜିମୁଣ୍ଡା, ମାରାଡୁଗୋଛା, ରୁଗୁଡ଼ିପାଳି, ସହିତ ନିକଟସ୍ଥ ପଂଚାୟତ ଅଞ୍ଚଳବାସୀ ଯାତାୟାତ ପାଇଁ ନିର୍ଭର କରିଥାନ୍ତି । ଏହାସହିତ ମାତ୍ରାଧିକ ଭାରିଯାନ ଯାତାୟାତ କରିଥାଏ । ଫଳରେ ରାସ୍ତା ଅନେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ଯୋଗୁଁ ସାଧାରଣ ଲୋକ ଯାତାୟତରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

*ଯେଉଁ ସମାଜର ସଂଗଠନ ଯେପରି ସେହି ସଂଗଠନ ମାଧ୍ୟମରେ ସମାଜକୁ ଆଧୁନିକ ଯୁଗରେ ଆଗେଇ ନେବା ହେଉଛି ବିଜ୍ଞତାର କାର୍ଯ୍ୟ ।*

**(ଗାଁ ମଜଲିସ୍, ୩ୟ ଖଣ୍ଡ, ପୃଷ୍ଠା-୧୨୯)**

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୧୪।୭।୨୦୨୫ ■ ସୋମବାର

# ଅବସର ନେଇ ପ୍ରଶ୍ନ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ କହିଛନ୍ତି ୭୫ ବର୍ଷ ବୟସ ହେବା ମାନେ ଅବସର ନେଇଯିବା, ଯାହାକି ଏବେ ଖୁବ୍ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ବାସ୍ତବରେ ଏହା ତାଙ୍କର ଶବ୍ଦ ନୁହେଁ । ଆର୍‌ଏସ୍‌ଏସ୍‌ର ଦିବଂଗତ ନେତା ମୋରୋପନ୍ତ ପିଙ୍ଗଲେଙ୍କ ଜୀବନ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କଲାବେଳେ ତାଙ୍କର ଏକ ବକ୍ତବ୍ୟକୁ ଉଲ୍ଲେଖ କରିଥିଲେ । ତେଣୁ ସେ କଥାକୁ ଆଧାର କରି ତାଙ୍କ ମନ୍ତବ୍ୟ ବୋଲି କହିବା ଠିକ୍ ହେବ ନାହିଁ ଯେ ସଂଘ ମୁଖ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୌଣସି ରାଜନୈତିକ ବାର୍ତ୍ତା ଦେଉଛନ୍ତି । ଏମିତି ବି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ୭୬ ବର୍ଷ ବୟସ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଯାଉଛି । ମୋହନ ଭାଗବତ ମଧ୍ୟ ସେଇ ବୟସରେ ପହଞ୍ଚିଯିବେ । ସଂଘମୁଖ୍ୟ ମୋରୋପନ୍ତ ପିଙ୍ଗଲେଙ୍କୁ ସ୍ମରଣ କରି ଏକଥା ମଧ୍ୟ କହିଥିଲେ ଯେ ଯେତେବେଳେ ୭୫ ବର୍ଷ ବୟସ ହୋଇଯିବା ପରେ ସମ୍ମାନସୂଚକ ଉତ୍ତରୀୟ ଦିଆଯିବ, ଜଣେ ରିଟାୟର ବା ଅବସର ନେଇଯିବା ଦରକାର । ମୋହନ ଭାଗବତଙ୍କ ଦ୍ୱାରା ଯାହା କିଛି ବି କୁହାଗଲା, ତହିଁରେ ଏକ କଥା ସ୍ପଷ୍ଟ ହେଲା ନାହିଁ ଯେ ସିଏ କାହାର ଅବସର ନେବା ଘଟଣାକୁ ରେଖାଙ୍କିତ କରୁଛନ୍ତି- ରାଜନୈତିକ ବା ଅ-ରାଜନୈତିକ ଲୋକଙ୍କୁ ।

ପ୍ରଥମଥର ଲାଗି ଏ କଥା ଉଠିଛି, ତା' ନୁହେଁ । ରାଜନେତା କେତେ ବୟସରେ ରାଜନୀତିରୁ ଅବସର ନେବେ ତାହାକୁ ନେଇ ବାରମ୍ବାର ଚର୍ଚ୍ଚା ହୋଇଆସିଛି । ଅତୀତରେ କେତେକ ନେତା ୭୫-୮୦ ବର୍ଷ ବୟସ ପରେ ସ୍ୱଇଚ୍ଛାରେ ନିର୍ବାଚନ ରାଜନୀତିରୁ ଦୂରେଇ ଯାଇଛନ୍ତି । ଅବଶ୍ୟ ସେଭଳି ରାଜନେତା ଏବେ ଦୁର୍ଲଭ । ବରଂ ଏପରି ନେତାମାନଙ୍କ ଉଦାହରଣ ଢେର ଅଧିକ, ଯେଉଁମାନେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେବାର ନାମ ହିଁ ନେଉନାହାନ୍ତି । ରାଜନୀତି କେବଳ ନୁହେଁ ଜୀବନର ଅନ୍ୟ କୌଣସି କ୍ଷେତ୍ରରୁ ଅବସର ନେବାର କୌଣସି ବୟସ ସୀମା ସୁନିଶ୍ଚିତ ହୋଇପାରି ନାହିଁ । ଯଦି ବ୍ୟକ୍ତିବିଶେଷ ସକ୍ରିୟ ଅଛନ୍ତି, ଲୋକଙ୍କ ଆଶା-ଆକାଂକ୍ଷାକୁ ପୂରଣ କରିପାରୁଛନ୍ତି ଏବଂ ତାଙ୍କର ଲୋକପ୍ରିୟତା ମଧ୍ୟ ଜାରି ରହିଛି ତେବେ ସେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟ କରିବାରେ କିଛି ଅସୁବିଧା ହେବା କଥା ନୁହେଁ । ରାଜନୀତି ଓ ଅନ୍ୟକ୍ଷେତ୍ରରେ ମଧ୍ୟ ଏପରି ବ୍ୟକ୍ତି ସବୁ ଅଛନ୍ତି, ଯେଉଁମାନେ ୭୫-୮୦ ବର୍ଷ ବୟସ ପରେ ମଧ୍ୟ ନିଜର କାମ ସଠିକ୍ ଭାବେ କରିପାରୁଛନ୍ତି । ଆଉ କେତେକ ବୟସ୍କ ଏପରି ଅଛନ୍ତି ଯେଉଁମାନେ କ୍ଷମତାର ମୋହକୁ ସହଜରେ ତ୍ୟାଗ କରିପାରନ୍ତି ନାହିଁ । ସେମାନେ ଜୀବନର ଅନ୍ତିମକ୍ଷଣଯାଏ ରାଜନୀତି ସହିତ ଯୋଡ଼ି ହୋଇରହିବାକୁ ଚାହିଁଥାନ୍ତି ।

ପୁଣି ଦେଖିବାକୁ ମିଳିଛି ଯେ କେତେକ ରାଜନେତା ରାଜ୍ୟପାଳ ହୋଇ ଦାୟିତ୍ୱ ନିର୍ବାହ କଲାପରେ ପୁଣି ନିର୍ବାଚନ ରାଜନୀତିରେ ସକ୍ରିୟ ହେବାକୁ ପଛାନ୍ତି ନାହିଁ । ଏପରି ଆଉ କେତେକ ନେତା ଅଛନ୍ତି ଯେଉଁମାନେ ଖୋଦ୍ ନିଜେ ରାଜନୀତିରେ ସକ୍ରିୟତା ହ୍ରାସ କରି ନିଜ ପରିବାରର ଦ୍ୱିତୀୟ କି ତୃତୀୟ ପିଢ଼ିର ପୁତ୍ର-କନ୍ୟା, ନାତି-ନାତୁଣୀ ଆଦିଙ୍କୁ ରାଜନୀତିରେ ସକ୍ରିୟ ଓ ପ୍ରଭାବଶାଳୀ ବନାଇବା ପାଇଁ ସାଧ୍ୟମତେ ଉଦ୍ୟମ କରିଥାଆନ୍ତି । ବିକଶିତ ଦେଶମାନଙ୍କରେ ଏପରି ଖୁବ୍ କମ୍ ଦେଖିବାକୁ ମିଳିଥାଏ । କିନ୍ତୁ ଭାରତରେ ପରିବାରବାଦ ରାଜନୀତି ବଳବତ୍ତର ରହିଛି । କୌତୂହଳର ବିଷୟ ଏହି ଯେ ଏବେ ତାହା ସପକ୍ଷରେ ଯୁକ୍ତି କରାଗଲାଣି । ବଂଶବାଦୀ ରାଜନୀତି ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ମାନ୍ୟତାର ପରିପନ୍ଥୀ । ଆମ ଦେଶରେ ଆଉ ଏକ ବିଚିତ୍ର କଥା ଘଟୁଛି, ତାହା ହେଉଛି ୫୫-୬୦ ବର୍ଷ ବୟସର ନେତା ନିଜକୁ ଯୁବକ କହିବାକୁ ପଛାଉ ନାହାନ୍ତି । ବାସ୍ତବ ଯୁବାବସ୍ଥାର ଲୋକେ ତେଣୁ ପ୍ରତ୍ୟକ୍ଷ ରାଜନୀତିକୁ ନ ଆସିବା ଏହା ମଧ୍ୟ ଏକ କାରଣ । ବୟସ୍କ ଅବସର ନେଲେ ହିଁ ଯୁବକଙ୍କୁ ଯେ ସ୍ଥାନ ମିଳିବ, ଏଥିରେ ଦ୍ୱିମତ ନାହିଁ । ❐❐

# ପୁରୁଷ ଓ ନାରୀ

ସୃଷ୍ଟି ବିକାଶର ଦୁଇଟି ମୁଖ୍ୟ ସ୍ତମ୍ଭ ହେଉଛନ୍ତି ପୁରୁଷ ଆଉ ନାରୀ। ସେମାନଙ୍କ ମିଳନ ଓ ଉଦ୍ୟମରେ ସୃଷ୍ଟିର ଧାରା ବିସ୍ତାରିତ ହୋଇଛି। ପରମାତ୍ମାଙ୍କ ସଙ୍କଳ୍ପରୁ ସୃଷ୍ଟି ହୋଇଥିବା ବିଶାଳ ସଂସାର ବୃକ୍ଷର ମୌଳିକ ରୂପ ହେଲେ ପୁରୁଷ ଓ ନାରୀ। ସେମାନେ ପତି ପତ୍ନୀ ରୂପରେ ଗଢ଼ିଲେ ପରିବାର। ପରିବାରର ବିସ୍ତାରରେ ବିସ୍ତାରିତ ହେଲା ସଂସାର। ଭାରତୀୟ ପରମ୍ପରାରେ ସନାତନ ସଂସ୍କୃତିର ମନୁ ଓ ସତରୂପାଙ୍କୁ ଆଦିପୁରୁଷ ଓ ଆଦ୍ୟାନାରୀ ଭାବେ ବିବେଚନା କରାଯାଏ। ମନୁ ମହାରାଜ ଯାହା ଯାହା ମାନସ କଲେ ପତ୍ନୀ ସତରୂପା ସେହି ସେହି ରୂପରେ ଅଭିବ୍ୟକ୍ତ ହୋଇଗଲେ। ନାରୀ ପୁରୁଷଙ୍କ ମିଳନରେ ସୃଷ୍ଟିର ବିକାଶର ଧାରା ପରିବ୍ୟାପ୍ତ ହେଲା। ନାରୀ ହେଲେ ପୁରୁଷର ଅର୍ଦ୍ଧାଙ୍ଗିନୀ, ସହଧର୍ମିଣୀ, ସହକର୍ମିଣୀ ପ୍ରାଣପ୍ରିୟା ପତ୍ନୀ। ପତି ପତ୍ନୀଙ୍କୁ ନେଇ ଧର୍ମ ସାଧନାର କେନ୍ଦ୍ର ରୂପେ ଗଢ଼ି ଉଠିଲା ପରିବାର।

ସନାତନ ସଂସ୍କୃତିରେ ଚତୁର୍ବର୍ଗ ପ୍ରାପ୍ତି ସହିତ ପରିପୂର୍ଣ୍ଣ ଜୀବନ ଯାପନ ବିଷୟରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସୁଖଦ ସୁନ୍ଦର ଶୃଙ୍ଖଳିତ ଜୀବନ ସହିତ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ମାନବର ଜୀବନ କାଳକୁ ଚାରିଗୋଟି ଆଶ୍ରମରେ ବିଭକ୍ତିକରଣ କରାଯାଇଛି। ସେ ସବୁ ହେଲେ - ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ୟାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ୟାସାଶ୍ରମ। ଏକ ପରିପୂର୍ଣ୍ଣ ଜୀବନର କାଳଖଣ୍ଡକୁ ଯଦି ଶହେ ବର୍ଷ କଳନା କରାଯାଏ ତେବେ ପ୍ରଥମ ୨୫ ବର୍ଷ ବ୍ରହ୍ମଚର୍ଯ୍ୟାଶ୍ରମ। ଏହା ହେଲା ବିଦ୍ୟାର୍ଥୀ ଜୀବନ। ଏହି ଆଶ୍ରମରେ ଜୀବନ ନିର୍ମାଣର ଭିତ୍ତି ସ୍ଥାପନ ହୋଇଥାଏ। ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠା ହୁଏ ସୁଦୃଢ଼ ଗାର୍ହସ୍ଥ୍ୟ ଜୀବନ। ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ରମ। ଗାର୍ହସ୍ଥ୍ୟ ଧର୍ମ ପାଳନ ଅତ୍ୟନ୍ତ କଠିନ। ଏହି ଆଶ୍ରମରେ ସୃଷ୍ଟି କରିବାର, ପୋଷଣ କରିବାର ଏବଂ ଉତ୍ତର ଦାୟିତ୍ୱ ନିର୍ବାହର କ୍ଷମତା ନ୍ୟସ୍ତ ଥାଏ। ଅନ୍ୟ ତିନିଗୋଟି ଆଶ୍ରମ ସେମାନଙ୍କ ଜୀବନ ନିର୍ବାହ ପାଇଁ ଏହି ଆଶ୍ରମ ଉପରେ ନିର୍ଭରଶୀଳ ଥାଆନ୍ତି। ବିଦ୍ୟାର୍ଥୀ ବିଦ୍ୟା ଅଧ୍ୟୟନ କରିବ, ବାନପ୍ରସ୍ଥ ତୀର୍ଥାଟନ ଓ ଅନୁଭୂତି ଅର୍ଜନରେ ସମୟ ଅତିବାହିତ କରିବ। ସନ୍ୟାସୀ ସବୁର ନ୍ୟାସ କରି ଆତ୍ମ ଚିନ୍ତନରେ ମଗ୍ନ ରହିବ। ହେଲେ ଏହି ସମସ୍ତଙ୍କର ଭରଣ ପୋଷଣ, ଜୀବନ ଧାରଣ, ସେବା ଶୁଶ୍ରୁଷା, ସୁଖ, ସ୍ୱାଚ୍ଛନ୍ଦ୍ୟ ଆଦି ସବୁ ଦାୟିତ୍ୱ ଗୃହସ୍ଥ ଉପରେ ଥାଏ। କଠୋର ପରିଶ୍ରମ କରି ନିଜେ ଆୟ କରିବ, ତା ଆୟରେ ଅନ୍ୟମାନଙ୍କୁ ପୋଷଣ କରିବ ଏବଂ ନିଜେ ମଧ୍ୟ ତ୍ୟାଗ ଭାବ ନେଇ ଜୀବନ ନିର୍ବାହ କରିବା ଏହା ହେଉଛି ଜଣେ ଗୃହସ୍ଥ ପାଇଁ ଆତ୍ମ କଲ୍ୟାଣର ପ୍ରକୃଷ୍ଟ ମାର୍ଗ।

ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛନ୍ତି ଶିବ। ଶିବଙ୍କ ପରିବାର ଏକ ଦିବ୍ୟ ପରିବାର। ପତି ସର୍ବତ୍ୟାଗୀ ସ୍ମଶାନବାସୀ ପତ୍ନୀ ଐଶ୍ୱର୍ଯ୍ୟ ପଶ୍ୟା ରାଜକନ୍ୟା। ସମସ୍ତ ଐଶ୍ୱର୍ଯ୍ୟକୁ ପାଦରେ ଆଡ଼େଇ ଦେଇ ଲଙ୍ଗଳା ଫକୀରର ସେବା ପାଇଁ କଠୋର ତପସ୍ୟାରତ ସନ୍ତାନମାନେ ମଧ୍ୟ ବିଚିତ୍ର ରୁଚିର। ସମସ୍ତଙ୍କର ବାହାନ ଭିନ୍ନ ଧର୍ମୀ। ଖାଦ୍ୟ ଖାଦକ ସମ୍ପର୍କ।

ହେମନ୍ତ କୁମାର ପରିଡ଼ା
ସିଡିଏ, କଟକ

# ଘାନାରେ ଭାରତ ପାଇଁ ସମ୍ଭାବନା

(୧)

**ସୌମେନ୍ଦ୍ର ଜେନା**

ଚଳିତ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ ଦିନମାନଙ୍କ ତୁଳନାରେ ପ୍ରଥମଥର ପାଇଁ ଏକ ଲମ୍ବା ବିଦେଶଯାତ୍ରାରେ ବାହାରିଥିଲେ । ବ୍ରାଜିଲର ରିଓ ଡି ଜେନେରୋଠାରେ ଅନୁଷ୍ଠିତ ହେଉଥିବା ବ୍ରିକ୍ସ ବୈଠକରେ ଯୋଗଦେବାକୁ ଯିବା ଆସିବା ବେଳେ ପ୍ରଧାନମନ୍ତ୍ରୀ ବାଟରେ ପ୍ରାୟ ଅଧିକ ଚରିଗୋଟି ରାଷ୍ଟ୍ରକୁ ଗସ୍ତ କରିବା କାର୍ଯ୍ୟକ୍ରମ ରଖିଥିଲେ । ସେହି କ୍ରମରେ ସେ ଜୁଲାଇ ୨ ଓ ୩ ତାରିଖରେ ଘାନାକୁ ଗସ୍ତ କରିବାର ଯୋଜନା କରିଥିଲେ । ପି.ଭି. ନରସିଂହ ରାଓ ୧୯୯୫ରେ ଘାନାକୁ ଗସ୍ତ କରିବାର ପ୍ରାୟ ୩୦ ବର୍ଷ ପରେ ମୋଦି ଘାନାର ରାଜଧାନୀ ଆକ୍ରାରେ ଥିବା କୋଟୋକା ବିମାନ ବନ୍ଦରରେ ପହଞ୍ଚିବା ପରେ ଘାନା ରାଷ୍ଟ୍ରପତି ଜନ୍.ଏମ୍. ମହାମା ରେଡ କାର୍ପେଟ ବିଛାଇ ତାଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୧ ତୋପ ସଲାମ ଦିଆଯାଇଥିଲା । ମନ୍ତ୍ରୋଚ୍ଚାରଣ, ପାରମ୍ପାରିକ ସଂଗୀତଗାନ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଉପସ୍ଥିତ କଳାକାରମାନଙ୍କ ନିକଟରେ କିଛି ସମୟ ଅଟକିଯାଇ ସେମାନଙ୍କ ପ୍ରଦର୍ଶନକୁ ଉପଭୋଗ କରିବା ସହ ସେମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ । ଘାନାର ପ୍ରଥମ ମହିଳାଙ୍କ ପାଇଁ କଟକ ତାରକସୀରେ ପ୍ରସ୍ତୁତ ଏକ ହ୍ୟାଣ୍ଡବ୍ୟାଗ ପ୍ରଧାନମନ୍ତ୍ରୀ ମୋଦି ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

ଅତୀତରେ ବ୍ରିଟେନ ଶାସନାଧୀନ ଥିବା ଆଫ୍ରିକୀୟ ରାଷ୍ଟ୍ର ଘାନା ୧୯୫୭ରେ ସ୍ୱାଧୀନତା ଲାଭ କରିଥିଲା । କୋକୋ ଉତ୍ପାଦନରେ ବିଶ୍ୱର ଦ୍ୱିତୀୟ ସ୍ଥାନରେ ଥିବା ଏହି ରାଷ୍ଟ୍ର ସହ ଭାରତର ସଂପର୍କ ୧୯୫୭ରୁ ରହିଆସିଛି । ଭାରତର ସ୍ୱାଧୀନତା ସଂଗ୍ରାମରୁ ପ୍ରେରଣା ପାଇଥିବା ଘାନାର କ୍ୱାମେ ଏନ୍‌କ୍ରୋମା ୧୯୫୦ରେ ବିଦେଶୀଙ୍କୁ ନିଜ ଦେଶରୁ ତଡିବା ଲାଗି ଆହ୍ୱାନ ଦେଇ ଅଭିଯାନ ଆରମ୍ଭ କରିଥିଲେ । ତେଣୁ କ୍ରୋମାଙ୍କୁ ଘାନାର ଗାନ୍ଧି କୁହାଯାଏ । ତାଙ୍କ ନାମରେ ନୂଆଦିଲ୍ଲୀର ଏକ ସଡକର ନାମକରଣ କରାଯାଇଛି । ସ୍ୱାଧୀନତା ପରେ ଅନେକ ଅସ୍ଥିରତା ମଧ୍ୟରେ ଘାନା ଏବେ ଗଣତାନ୍ତ୍ରିକ ବିଚାର ଓ ବିକାଶକୁ ପ୍ରାଧାନ୍ୟ ଦେଉଛି, ଆଫ୍ରିକୀୟ ଅର୍ଥନୀତି ମଧ୍ୟରେ ଦ୍ରୁତ ପ୍ରଗତିଶୀଳ ରାଷ୍ଟ୍ରର ମାନ୍ୟତା ପାଇଛି । ପ୍ରାକୃତିକ ସଂପଦ, ମୂଲ୍ୟବାନ ଖଣିଜ ସଂପଦରେ ଭରପୂର ଥିବା ଏହି ୬୦ଲକ୍ଷ ଜନସଂଖ୍ୟାର ରାଷ୍ଟ୍ରପାଇଁ ଅନେକ ସୁଯୋଗ ରହିଛି, ଯେଉଁଥିରେ ଭାରତ ସହଯୋଗୀ ହେବାକୁ ଚାହୁଁଛି ।

ମୋଦିଙ୍କ ଗସ୍ତକାଳରେ ଦୁଇଦେଶର ପ୍ରତିନିଧିସ୍ତରୀୟ ମିଳିତ ବୈଠକ ପରେ ମିଳିତ ଘୋଷଣା ପ୍ରକାଶ ପାଇଥିଲା । ଦୁଇରାଷ୍ଟ୍ରର ନେତା ବିଶ୍ୱ ସମସ୍ୟାର ସମାଧାନ ପାଇଁ ଆଲୋଚନା ଓ କୂଟନୀତିକୁ ଗୁରୁତ୍ୱ ଦେବାକୁ ଏକମତ ହୋଇଥିଲେ । ଦୁଇରାଷ୍ଟ୍ରଙ୍କ ମଧ୍ୟରେ ଚରିଗୋଟି ବୁଝାମଣା ହୋଇଥିଲା । ଘାନାର ରାଷ୍ଟ୍ରପତି ମହାମା ଗତବର୍ଷ ୨୦୨୪ ଡିସେମ୍ବରରେ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଥିବା ହେତୁ ଭାରତର ପ୍ରଧାନମନ୍ତ୍ରୀ ମୋଦି ଶୁଭେଚ୍ଛା ଜଣାଇଥିଲେ । ଘାନାରେ ନିର୍ମାଣ, ଉତ୍ପାଦନ, ଔଷଧ ପ୍ରସ୍ତୁତି, ବିକଳ୍ପ ଚିକିତ୍ସା ପାଇଁ ଅଧିକ ଗୁରୁତ୍ୱ ଦେବାକୁ ଘାନା ରାଷ୍ଟ୍ରପତି ମହାମା ଆଗ୍ରହ ପ୍ରକାଶ କରିଥିଲେ । ବିଶ୍ୱସଂସ୍ଥାଗୁଡିକର ରଣ ପରିଚାଳନା କ୍ଷେତ୍ରରେ ମାର୍ଗଦର୍ଶନ, କୃଷିବିକାଶ, ସାଂସ୍କୃତିକ ସହଯୋଗ ଘାନା ଚାହୁଁଥିବା ସେ କହିଥିଲେ । ଭାରତର ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ବକ୍ତବ୍ୟରେ ଘାନାର ଗଣତନ୍ତ୍ରର ପ୍ରଶଂସା କରିଥିଲେ । ଭାରତର ବ୍ୟବସାୟୀମାନେ ଘାନାର ୯୦୦ ପ୍ରକଳ୍ପ କ୍ଷେତ୍ରରେ ସାମିଲଥିବା କଥା କହିଥିଲେ । ଦୁଇଦେଶ ମଧ୍ୟରେ ବିକାଶ ଆଧାରିତ ସହଯୋଗ ବଢିବା ଦରକାର ବୋଲି ପ୍ରକାଶ କରିଥିଲେ। ଆର୍ଥିକ ପୁନର୍ଗଠନରେ ଘାନାକୁ ଭାରତ ସହଯୋଗ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଭାରତରେ ଘାନାର ପ୍ରଶିକ୍ଷାର୍ଥୀମାନଙ୍କ ପ୍ରଶିକ୍ଷଣ ପାଇଁ ଥିବା ସଂଖ୍ୟାକୁ ଦ୍ୱିଗୁଣିତ କରାଯିବ ବୋଲି ପ୍ରକାଶ କରିଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ । ଘାନାର ସେନାଙ୍କୁ ପ୍ରଶିକ୍ଷଣ, ଉପକୂଳ ସୁରକ୍ଷାରେ ସହଯୋଗ, ବିପର୍ଯ୍ୟୟ ପରିଚାଳନା ପାଇଁ ଆବଶ୍ୟକ ପ୍ରଶିକ୍ଷଣ ଓ ସହଯୋଗ ଭାରତ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ଦିନରେ ସୋଲାର ଏଲାୟନ୍ସର ବୈଠକ ଘାନାରେ ହେବାକୁ ଯାଉଥିବା ହେତୁ ସଫଳତା କାମନା କରିବା ସହ ସ୍ୱଚ୍ଛ ଇନ୍ଧନଗ୍ୟାସର ବ୍ୟବହାରକୁ ଜୋର ଦେବାକୁ କହିଥିଲେ । ଘାନାରେ ଆଗାମୀ ଦିନରେ ୟୁପିଆଇ ମାଧ୍ୟମରେ ଦେଣନେଣ କରିବାକୁ ସେ ଘାନାକୁ ସହଯୋଗ କରିବା ସଂକ୍ରାନ୍ତରେ ପ୍ରକାଶ କରିଥିଲେ । ଆଗାମୀ ପାଞ୍ଚବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଘାନାରେ ଆୟୁଷ ଚିକିତ୍ସା କେନ୍ଦ୍ର, ଆୟୁର୍ବେଦ ଚିକିତ୍ସାକୁ ବ୍ୟାପକ କରିବାକୁ ଭାରତ ସାହାଯ୍ୟ କରିବ । ସୁନା, କାଜୁ, କୋକୋ, ବକ୍ସାଇଟରେ ସମୃଦ୍ଧ ଘାନାର ପ୍ରାକୃତିକ ସମ୍ବଳର ଉତ୍ସକୁ ଭାରତ ଉପଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛି । ଭାରତ ପ୍ରତିବର୍ଷ ଘାନାରୁ ଆବଶ୍ୟକ ୭୦ପ୍ରତିଶତ ସୁନା କ୍ରୟ କରୁଛି । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ସାଂସ୍କୃତିକ, ଶୈକ୍ଷିକ, ସଂପର୍କ ସୁଦୃଢ଼ କରିବାକୁ ଜୋର ଦିଆଯିବ ବୋଲି ଭାରତର ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ।

ଘାନାରେ ମୋଟ ଜନସଂଖ୍ୟାର ୭୫ପ୍ରତିଶତ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ, ୧୯୫୭ରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଘାନା ଗସ୍ତ କରିଥିଲେ । ତା'ପରଠାରୁ ଦୁଇଦେଶ ମଧ୍ୟରେ ସଂପର୍କ ବୃଦ୍ଧି ପାଇଛି । ବିଗତ ଦିନରେ ଚୀନ ପକ୍ଷରୁ ଭାରତକୁ ରପ୍ତାନୀ ହେଉଥିବା ମୂଲ୍ୟବାନ ଖଣିଜ ସଂପଦ ଯୋଗାଣ ଉପରେ କଟକଣା ଲଗାଯିବା ହେତୁ ଭାରତ ଏବେ ବିକଳ୍ପ ଯୋଗାଣ ଉତ୍ସର ସନ୍ଧାନରେ ଥିବାରୁ ଘାନା ଏଥିରେ ସାହାଯ୍ୟ କରିପାରେ । ବିଗତ ୧୬ବର୍ଷ ଧରି ଆଫ୍ରିକା ମହାଦେଶରେ ନିବେଶ କ୍ଷେତ୍ରରେ ଚୀନ ପ୍ରଥମ ସ୍ଥାନରେ ରହିଥିବା ହେତୁ ଭାରତ ନିଜର ନିବେଶ ଏବଂ ବାଣିଜ୍ୟକୁ ବୃଦ୍ଧି କରିବାକୁ ପ୍ରାୟ ୪୬ଟି ଦେଶରେ କୂଟନୀତିକ କାର୍ଯ୍ୟାଳୟ ଖୋଲି ସାରିଲାଣି । ପ୍ରଧାନମନ୍ତ୍ରୀ ମୋଦି ଗସ୍ତକାଳରେ କ୍ରୋମାଙ୍କ ସମାଧି ସ୍ଥଳରେ ମାଲ୍ୟାର୍ପଣ କରିଥିଲେ । ଘାନା ରାଷ୍ଟ୍ରପତିଙ୍କ ଦ୍ୱାରା "ଦି ଅଫିସର ଅଫ୍ ଦି ଅର୍ଡର ଅଫ୍ ଘାନା" ସମ୍ମାନରେ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଘାନାର ରାଷ୍ଟ୍ରପତିଙ୍କ ସହ ଉପ ରାଷ୍ଟ୍ରପତି ପ୍ରଫେସର ଆନା ଜେନ ଓପୋକୁ ଅଗ୍ୟୋମା ମଧ୍ୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଘାନା ସଂସଦରେ ହୋଇଥିଲା । ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦକୁ ବନ୍ଦ କରିବା, ବିକାଶକୁ ଜୋର ଦେବାକୁ ଘାନାର ସହଯୋଗକୁ ସେ ପ୍ରଶଂସା କରିଥିଲେ । ଆଫ୍ରିକାରେ ଘାନାର ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ଥାପନ ପାଇଁ କ୍ୱାମେ ଏନ୍‌କ୍ରୁମାଙ୍କୁ ସ୍ମରଣ କରିଥିଲେ । ଭାରତରେ ୨୫୦୦ ରାଜନୈତିକ ଦଳ, ୨୨ପ୍ରକାର ଭାଷା, ଭିନ୍ନ ଭିନ୍ନ ବିଚାରର ରାଜନୈତିକ ଦଳର ଶାସନ ରାଜ୍ୟଗୁଡିକରେ ଚାଲୁଥିବା ବିଷୟ ସେ ପ୍ରକାଶ କରିଥିଲେ । ଗ୍ଲୋବାଲ ସାଉଥର ବିଷୟକୁ ଭାରତ କିପରି ଭିନ୍ନ ଭିନ୍ନ ମଞ୍ଚରେ ଉପସ୍ଥାପନ କରିଆସୁଛି ତାହା ଉଲ୍ଲେଖ କରିଥିଲେ । ପ୍ରକୃତ ଗଣତନ୍ତ୍ର ଆଲୋଚନା ଓ ବିତର୍କ ମଧ୍ୟରେ ରହିଥିବା କଥା ମୋଦି କହିଥିଲେ । ଦୁଇଦେଶ ମଧ୍ୟରେ ରଣନୀତିକ ସହଯୋଗର ସଂପର୍କ ସ୍ଥାପନା ପାଇଁ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ । ଭାରତର ଅର୍ଥନୀତି ଏବେ ବିଶ୍ୱରେ ଦ୍ରୁତତର ରହିଛି ଏବଂ ଆଗାମୀ ଦିନରେ ତୃତୀୟ ସ୍ଥାନ ଦଖଲ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ।

ଭୁବନେଶ୍ୱର

# ତୁଳସୀ ଓ ଜଗନ୍ନାଥ

**ଡଃ. ଅରୁନ୍ଧତୀ ଦେବୀ**

ତୁଳନାହୀନ ମହିମାରେ ଯିଏ ପରିପୂର୍ଣ୍ଣ, ତୃଷ୍ଣା ଠାରୁ ମୃଗତୃଷ୍ଣ ପର୍ଯ୍ୟନ୍ତ ଯାହାର ଲୀଳା ପରିବ୍ୟାପ୍ତ, ତୁଳନାରେ ବୈକୁଣ୍ଠ ଅପେକ୍ଷା ଭକ୍ତକୁ ଶ୍ରେଷ୍ଠ ମନେ କରିବା ସହିତ ତାର ଭାବ ରାଜ୍ୟରେ ଯିଏ ସଦା ଯାଜ୍ଜ୍ୱଲ୍ୟମାନ, ତୁଳସୀ ସହ ସେହି ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ସମ୍ପର୍କ ଓ ତୁଳସୀ ମହିମା ଉପସ୍ଥାପନ କରିବା ଏହି ପ୍ରବନ୍ଧର ଲକ୍ଷ୍ୟ।

ତୁଳସୀ ଶବ୍ଦର ଅର୍ଥ ଓ ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନରୁ ଲେଖା ଆରମ୍ଭ କରାଯାଉ। ଚିନ୍ତା କଲେ ଜଣାଯାଏ ଯେ 'ତ୍ୱମ୍ + ସମ ଲମ - ଇ ଦଉେ ତୁଳସୀ । ଅର୍ଥାତ୍ ବ୍ରହ୍ମବିଦ୍ୟା ସାଧନ କ୍ଷେତ୍ରରେ ଯାହାଙ୍କର ପଟାନ୍ତର ନାହିଁ। ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନ କରି ଭକ୍ତକବି ଦୀନକୃଷ୍ଣ ଦାସ 'ନାମରତ୍ନ ଗୀତା'ର ଷଡ଼ବିଂଶ ଅଧ୍ୟାୟରେ ଲେଖିଛନ୍ତି - 'ଜଗନ୍ନାଥ ସଙ୍ଗେ ହୋଇଲେ ଏ ସମ, ତେଣୁ କରି ଏହାଙ୍କ ତୁଳସୀ ବୋଲି ନାମ। ଠାକୁରଙ୍କ ସଙ୍ଗତରେ ସରି ହେଲେ ଏହି, ତୁଳସୀ ବୋଲିଣ ଆଉ ନଭୁଲିବେ କେହି। ତୁଳସୀ ବୋଲିଣ ତିନିପୁର ଲୋକ ବୋଲ, ଜଗନ୍ନାଥଙ୍କର ସଙ୍ଗେ ହୋଇଲେକ ତୁଲ। ତୁଳସୀ ବୋଲିଣ ନାମ ଦେଲେ ଦେବରଷି, ପ୍ରଣାମ ହୋଇଲେ ସର୍ବେ ତାଙ୍କ ପାଦେ ଆସି।' କାର୍ତ୍ତିକ ମାହାତ୍ମ୍ୟ ବା କାର୍ତ୍ତିକେୟ ପୁରାଣରେ ମଧ୍ୟ ତୁଳସୀ ଜଗନ୍ନାଥଙ୍କ ସହ ସମାନ ବୋଲି ବର୍ଣ୍ଣିତ ହୋଇଛି। ଏହି ପୁରାଣର ପଞ୍ଚଦଶ ଅଧ୍ୟାୟ-ବର୍ଣ୍ଣନା ଅନୁଯାୟୀ ଲକ୍ଷ୍ମୀପତି ନିଜେ ତୁଳସୀ ତାଙ୍କ ସହ ସମାନ ବୋଲି ସ୍ୱୀକାର କରିଛନ୍ତି। କାର୍ତ୍ତିକେୟ ପୁରାଣର କବି ମହାଦେବ ଦାସଙ୍କ ଭାଷାରେ - 'କହନ୍ତି ପ୍ରଭୁ ଲକ୍ଷ୍ମୀପତି, ଏମନ୍ତ ତିନି ବନସ୍ପତି। ସେ ବୃନ୍ଦାବତୀ ତିନିଗୁଣେ, ତ୍ରିପୁରା ଆଜ୍ଞା ପରମାଣେ। ଅଁଳା, ତୁଳସୀ, ମାଳତୀ, ଏ ତିନି ମୋହ ପ୍ରିୟବତୀ। ବିଶେଷ ତୁଳସୀ ପ୍ରଧାନ, ସଂସାରେ ମୋହରି ସମାନ।

ମହିମାମୟ ଜଗନ୍ନାଥଙ୍କ ଭଳି ତୁଳସୀ ମହିମା ମଧ୍ୟ ଅସୀମ ଏବଂ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଜଗନ୍ନାଥଙ୍କ ସତ୍ତା ହିଁ ଏହି ମହିମାର ମୂଳାଧାର। ଏଣୁ ଆଲୋଚନାର ଏଇ ପର୍ଯ୍ୟାୟରେ ତୁଳସୀ ମହିମା ସମ୍ପର୍କରେ ପାଠକ ମାନଙ୍କୁ ଅବଗତ କରାଇବା ଆବଶ୍ୟକ ମନେ କରୁଛି। ପୁରୁଷୋତ୍ତମ ଜଗନ୍ନାଥ ତୁଳସୀମୟ ଏବଂ ତୁଳସୀ ଦ୍ରୁମ ପୁରୁଷୋତ୍ତମ ରୂପରେ ବିଦ୍ୟମାନ ବୋଲି 'ମହାଭାଗବତ ପୁରାଣ'ରେ ଉଲ୍ଲେଖ ଅଛି। ଯଥା - 'ତୁଳସୀ ଦ୍ରୁମ ରୂପସ୍ଥ ଭଗବାନ ପୁରୁଷୋତ୍ତମଃ ସର୍ବଲୋକପରିତ୍ରାତା ବିଶ୍ୱାତ୍ମା ପରିପାଳକଃ'। ତୁଳସୀ ଦର୍ଶନ ପୁରୁଷୋତ୍ତମ ଦର୍ଶନ ଭଳି ପୁଣ୍ୟମୟ। ଏଣୁ ଏହି 'ଭାଗବତ ମହାପୁରାଣ'ରେ ବର୍ଣ୍ଣନା ଅଛି - ଦୃଷ୍ଟ୍ୱା ଗଦାଧରଂ ଦେବଂ କ୍ଷେତ୍ରେ ଶ୍ରୀ ପୁରୁଷୋତ୍ତମେ, ଯତ୍ ପୁଣ୍ୟଂ ସମବାପ୍ନୋତି ତୁଳସୀଦର୍ଶନାଜ ତତ୍।' ଜଗନ୍ନାଥଙ୍କ ନାଭି କମଳରେ ତୁଳସୀ ସ୍ଥାପନା କରାଯାଇଥାଏ। ପ୍ରଭୁଙ୍କ ବଡ଼ ସିଂହାର ବେଶରେ ନଖ ତୁଳସୀ ଲାଗି କରାଯାଏ ଏବଂ ଦୈନନ୍ଦିନ ନୀତିରେ ତୁଳସୀ ବିଭିନ୍ନ ଭାବରେ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଥାଏ, କାରଣ ତୁଳସୀ ବିନା ଶ୍ରୀହରି ପୂଜା ସଫଳ ହୁଏନାହିଁ। ଏଣୁ ପଦ୍ମ ପୁରାଣରେ ବର୍ଣ୍ଣନା ଅଛି - 'ଯଜ୍ଞ ବ୍ରତ ବିଷ୍ଣୁ ହରିର ଅର୍ଚ୍ଚନା, ସଫଳ ନୁହଇ ତୁଳସୀ ପତ୍ର ବିନା। ତୁଳସୀ ନସେବି ଯେତେ କର୍ମ ସେ କରନ୍ତି, ବିଫଳ ସେ ହୁଏ ହରି ପ୍ରସନ୍ନ ନୁହନ୍ତି।' ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତି ଭଳି ତୁଳସୀ ଭକ୍ତି ମଧ୍ୟ ନଅ ପ୍ରକାରରେ ବିଭକ୍ତ। ନବଧା ଭକ୍ତି ସହ ତୁଳସୀ ଆରାଧନାରେ ଯେଉଁ ସୁକୃତ ଲାଭ ହୁଏ ସମସ୍ର କୋଟି ଯୁଗ ପର୍ଯ୍ୟନ୍ତ ସେହି ସୁକୃତ ଫଳ ଭୋଗ କରିବାର ସୌଭାଗ୍ୟ ମିଳିଥାଏ। ଗର୍ଗ ସଂହିତାର ବୃନ୍ଦାପନ ଖଣ୍ଡରେ ଗର୍ଗ ମୁନି ଏହି ପ୍ରସଙ୍ଗରେ ଲେଖିଛନ୍ତି - 'ଦୃଷ୍ଟା ସ୍ପୃଷ୍ଟୋଥ ବା ଧାତା କୀର୍ତ୍ତିତା ନାମିତା ସ୍ତୁତା। ରୋପିତା ସଞ୍ଚିତା ନିତ୍ୟଂ ପୂଜିତା ତୁଳସୀଷ୍ଟଦା। ନବଧା ତୁଳସୀ ଭକ୍ତିଂ ଯେ କୁର୍ବନ୍ତି ଦିନେ ଦିନେ, ଯୁଗକୋଟିସହସ୍ରାଣି ତେ ଯାନ୍ତି ସୁକୃତଂ ଶୁଭେ।' 'ତୁଳସୀ ଓ ଜଗନ୍ନାଥ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଉଭୟଙ୍କର ସଂଯୋଗ ଯେତିକି ମହିମାମୟ, ସେତିକି ପୁଣ୍ୟମୟ। ଶେଷରେ ପାଠକମାନଙ୍କ ସହ ଭକ୍ତକବି ବନମାଳୀଙ୍କ ଭାଷାରେ କଳା ଶ୍ରୀମୁଖକୁ ମାଗୁଣି କରୁଛି - 'ମଥାରେ ଥିବ ମୋ ତୁମ୍ଭ ଛଡ଼ାମାଳ, ମୁଖରେ ଥିବ ତୁଳସୀ। ମନେ ମନେ ଭାବି ରଟି ହେଉଥିବି, ନୀଳାଦ୍ରି ଶିଖରବାସୀ। ମଣିମା ହେ! ଏତିକି ମାଗୁଣି ମୋର ମରଣ କାଳରେ ଦରଶନ ଦେବ କଳାମୁଖ କଳାକର।'

କଟକ

ମୋ:୯୯୩୭୧୭୨୮୧୦

## ସଂପାଦକଙ୍କୁ ପତ୍ର

# ସମ୍ବେଦନଶୀଳ ସମୟରେ ଶାନ୍ତି ପ୍ରତିଷ୍ଠା ଆବଶ୍ୟକ

ମହାଶୟ

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷରେ ଆମେରିକା ଯେତେବେଳେ ଏହାର ମଧ୍ୟକୁ ଡେଇଁପଡ଼େ, ସେତେବେଳେ ଉଭୟ ପକ୍ଷକୁ ସମର୍ଥନ କରୁଥିବା ଏବଂ ବିରୋଧ କରୁଥିବା ଦେଶଗୁଡ଼ିକର ଆଭିମୁଖ୍ୟ ଯୋଗୁଁ ବିଶ୍ୱ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ରହିଛି। ଗୋଟିଏ ପଟେ, ଇରାନ ଉପରେ ଆମେରିକା ଦ୍ୱାରା କରାଯାଇଥିବା ଆକ୍ରମଣକୁ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ଭାବରେ ବର୍ଣ୍ଣନା କରାଯାଉଛି, ଅନ୍ୟପଟେ ଆମେରିକା କହିଛି ଯେ ଏହାର ଯୁଦ୍ଧ ଇରାନ ସହିତ ନୁହେଁ ବରଂ ଏହାର ପରମାଣୁ କାର୍ଯ୍ୟକ୍ରମ ସହିତ। ଇରାନର ସହଯୋଗୀ ଦେଶମାନଙ୍କଠାରୁ ଆସିଥିବା ପ୍ରତିକ୍ରିୟା ଏବେ ବି ମାପ କରାଯାଉଛି। ରୁଷ ଏବଂ ଚୀନର ଆଭିମୁଖ୍ୟ ମଧ୍ୟ ଏପର୍ଯ୍ୟନ୍ତ ଖୋଲାଖୋଲି ଭାବରେ ସାମ୍ନାକୁ ଆସିନାହିଁ। କିନ୍ତୁ ଯଦି ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଏହି ସଂଘର୍ଷରେ ବିଶ୍ୱର ସୁପରପାୱାର କୁହାଯାଉଥିବା ଦେଶଗୁଡ଼ିକ ଖୋଲାଖୋଲି ଭାବରେ ମୁହଁ ଖୋଲି ଆସନ୍ତି, ତେବେ ତୃତୀୟ ବିଶ୍ୱଯୁଦ୍ଧର ଶବ୍ଦକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ଯଦି ଇରାନ ପଶ୍ଚିମ ଏସିଆରେ ଆମେରିକାର ସାମରିକ ଘାଟି ଉପରେ ପ୍ରତିଶୋଧ ନିଏ, ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ବଡ଼ ଆକ୍ରମଣ ବିଷୟରେ ଚେତାବନୀ ଦେଇସାରିଛନ୍ତି। ସମସ୍ତେ ରୁଷ-ୟୁକ୍ରେନ ଏବଂ ଇରାନ-ଇସ୍ରାଏଲ ମଧ୍ୟରେ ଦୀର୍ଘ ସମୟ ଧରି ଚାଲିଥିବା ଯୁଦ୍ଧର ଫଳାଫଳ ମଧ୍ୟ ଦେଖିଛନ୍ତି। ଇରାନ ଲଗାତାର କହିଆସୁଛି ଯେ ଆମେରିକା ଆରମ୍ଭରୁ ଇସ୍ରାଏଲ ପଛରେ ରହିଛି, ଯାହା ଏବେ ସାମ୍ନାକୁ ଆସିଛି। ଭାରତ ସର୍ବଦା ଶାନ୍ତି ପ୍ରୟାସର ସପକ୍ଷରେ ରହିଛି। ଇରାନର ରାଷ୍ଟ୍ରପତି ପାଜେଶକିୟାନଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ୟେମେନର ହୁଥି ବିଦ୍ରୋହୀଙ୍କ ଚେତାବନୀକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ ଯେଉଁଥିରେ ସେମାନେ କହିଛନ୍ତି ଯେ ଯଦି ଆମେରିକା ଯୁଦ୍ଧରେ ପ୍ରବେଶ କରେ, ତେବେ ଲାଲ ସାଗରରେ ଥିବା ଏହାର ଜାହାଜକୁ ଟାର୍ଗେଟ କରାଯିବ। ସମସ୍ତେ ଜାଣନ୍ତି ଯେ ହୁଥି ବିଦ୍ରୋହୀମାନେ ଇରାନର ଦୃଢ଼ ସହଯୋଗୀଙ୍କ ମଧ୍ୟରୁ ଅନ୍ୟତମ। ସ୍ପଷ୍ଟ ଭାବରେ, ଯଦି ଉପସାଗରରେ ଆମେରିକୀୟ ଯୁଦ୍ଧଜାହାଜ କିମ୍ବା ଏହାର ସାମରିକ ଘାଟି ଉପରେ ଆକ୍ରମଣ କରିବାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ହୁଏ, ତେବେ ଅନେକ ସଙ୍କଟ ଉପୁଜିପାରେ। ଉପସାଗରରୁ ତେଲ ପରିବହନରେ ବାଧା ସୃଷ୍ଟି ହେବାର ଏକ ବଡ଼ ବିପଦ ମଧ୍ୟ ରହିଛି। ଯଦି ଏହା ହୁଏ, ତେବେ ବିଶ୍ୱ ବଜାରରେ ପେଟ୍ରୋଲ ମୂଲ୍ୟ ବୃଦ୍ଧି ପାଇବାର ବିପଦ ମଧ୍ୟ କମ୍ ନୁହେଁ। ଏହି ବିପଦ କାରଣ ଇରାନ ସଂସଦ ବିଶ୍ୱର ତୈଳ ଯୋଗାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଥ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବା ପାଇଁ ଏକ ପ୍ରସ୍ତାବ ପାରିତ କରିଛି। ସମସ୍ତେ ରୁଷ ଏବଂ ଚୀନର ମତ ଉପରେ ମଧ୍ୟ ନଜର ରଖିଛନ୍ତି। ତଥାପି, ଯୁଦ୍ଧ ମୋର୍ଚ୍ଚାରେ ଦୀର୍ଘ ସମୟ ଧରି ଲଢୁଥିବା ରୁଷ ଏବଂ ନିଜ ଉତ୍ପାଦ ପାଇଁ ବଜାର ଖୋଜୁଥିବା ଚୀନର ନିଜସ୍ୱ ବାଧ୍ୟବାଧକତା ଅଛି।

ସ୍ପଷ୍ଟ ଭାବରେ, ଏପରି ଏକ ସମ୍ବେଦନଶୀଳ ସମୟରେ ଶାନ୍ତି ପ୍ରୟାସ ଅଧିକ ଆବଶ୍ୟକ। ସଙ୍କଟର ଏକ ରାଜନୈତିକ ସମାଧାନ ଖୋଜିବାକୁ ପଡିବ। ଯୁଦ୍ଧରେ ଜନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଅର୍ଥ ଖର୍ଚ୍ଚ କରିବା ବୁଦ୍ଧିମାନର କଥା ନୁହେଁ। ତୃତୀୟ ବିଶ୍ୱଯୁଦ୍ଧର ବିପଦ ଉପୁଜିଥିବା ସମୟରେ ଜାତିସଂଘ ଭଳି ସଂଗଠନର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସମସ୍ତେ ବୁଝିବା ଉଚିତ ଯେ ଯୁଦ୍ଧରୁ କେହି ଲାଭବାନ ହେବେ ନାହିଁ।

ମାନସ କୁମାର କର
କୋଡାଙ୍ଗ, କୋଣାର୍କ

# ଆଧୁନିକ ଜୀବନ ଶୈଳୀ ଓ ସଙ୍କୁଚିତ ମାତୃତ୍ୱ

**ଡାକ୍ତର ଶୁଭଶ୍ରୀ ମିଶ୍ର**

ମାତୃତ୍ୱ ନାରୀକୁ ପୂର୍ଣ୍ଣତା ଦେଇଥାଏ। ଯାହାପାଇଁ ଅନେକ ମାଆ ମାନଙ୍କ ଜୀବନର ଏକ ଆବେଗ ଥାଏ ଏହି ଆନନ୍ଦ ପାଇବା ପାଇଁ। ତେଣୁ ଛୁଆର ପ୍ରଥମ କାନ୍ଦଣା ଶୁଣିବାକୁ ମାଆଙ୍କ ପ୍ରସନ୍ନବେଦନାକୁ ବି ଗୌଣ ଭାବିନିଏ। ତେବେ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆସିବା ପରେ ମାତୃତ୍ୱ ଲାଭ ପାଇଁ ପ୍ରସବ ବେଦନା ଆଉ ଅବସମ୍ଭାବି ହୋଇରହିନାହିଁ। ବେଦନା ପୂର୍ବରୁ ହିଁ ନବଜାତ ମାନେ ସିଜରିଆନ ଡେଲିଭରି ବ୍ୟବସ୍ଥା ଦ୍ୱାରା ଭୂମିଷ୍ଠ ହେଉଛନ୍ତି। ଏବେ ନିରାପଦ ମାତୃତ୍ୱକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଆଗେ କେବଳ ଘଣ୍ଟା ଘଣ୍ଟା ନୁହେଁ ଦିନ ଦିନର ପ୍ରସବ ଯନ୍ତ୍ରଣା ପରେ ସ୍ୱାଭାବିକ ଭାବରେ ଶିଶୁଟିଏ ଜନ୍ମ ନେଉଥିଲା। କିନ୍ତୁ ଏବେ ସିଜରିଆନ ଡେଲିଭରିର ଅଧିକ ଗୁରୁତ୍ୱ ରହିଛି। ସୂଚନାଥାଉକି ଗର୍ଭାବସ୍ଥାର ୩୫ ସପ୍ତାହ ଭିତରେ ଜଣାପଡ଼ିଯାଏ ଯେ ପ୍ରସବ ସ୍ୱାଭାବିକ ହେବ ନା ସିଜରିଆନ। ଶିଶୁ ଓଲଟା ରହିଲେ, ନାଡ଼ ଗୁଡ଼ାଇ ହୋଇଗଲେ କିମ୍ବା ଓଜନ ଅଧିକ ଥିଲେ ସ୍ୱାଭାବିକ ପ୍ରସବ ପରାମର୍ଶ ଯୋଗ୍ୟ ନୁହେଁ। ସ୍ୱାଭାବିକ ପ୍ରସବରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ଗର୍ଭାଶୟ ସହିତ ସଂଯୋଗ କରୁଥିବା ନାଡଟି ଅଟକି ଯାଉଛି କିମ୍ବା ତାର ହୃତସ୍ପନ୍ଦନ ଅସ୍ୱାଭାବିକ ରହୁଛି କି ରକ୍ତ ଜମାଟ ବାନ୍ଧୁଛି। କେତେକ ସ୍ଥଳରେ ଶିଶୁ ଜନ୍ମ ହେଲାପରେ କାନ୍ଦୁନାହିଁ ଓ ମୂତ୍ରାଶୟ ଖସିଯିବାର ଆଶଙ୍କା ରହୁଛି। ଏଣୁ ଶିଶୁର ସ୍ୱାସ୍ଥ୍ୟକୁ ବିଚାରକରି ଅସ୍ତ୍ରୋପଚାର ପାଇଁ କୁହାଯାଏ। ଯଦି ଗର୍ଭବତୀ ଏକତ୍ର ଦୁଇ ବା ଅଧିକ ସନ୍ତାନ ଜନ୍ମ ଦେଉଛନ୍ତି ଏବଂ ଶିଶୁ ଗର୍ଭାଶୟରେ ଭୁଲ ସ୍ଥାନରେ ରହିଛି ତେବେ ସିଜରିଆନ କରାଯାଏ। ମାଆର ହରପିସ ସଂକ୍ରମଣ ଥିଲେ ଗର୍ଭସ୍ଥ ଶିଶୁ ସଂକ୍ରମିତ ହୋଇପାରେ। ସେ କ୍ଷେତ୍ରରେ ମଧ୍ୟ ସିଜରିଆନ ଡେଲିଭରି କରାଯାଏ। ସବୁବେଳେ ଲକ୍ଷ୍ୟ ରଖିବା ଉଚିତ କି ଶିଶୁଟି କିପରି ସୁସ୍ଥ ଭାବେ ଓ ଠିକ ସମୟରେ ଜନ୍ମ ନେବ। ନିକଟରେ ପୃଥିବୀର ବିଭିନ୍ନ ଦେଶମାନଙ୍କରେ ମହିଳା ମାନଙ୍କର ସନ୍ତାନ ପ୍ରସବ ହାର ବା ଟୋଟଲ ଫର୍ଟିଲିଟି ରେଟର ଭବିଷ୍ୟତର ସମ୍ଭାବ୍ୟ ଧାରା ସମ୍ବନ୍ଧରେ ମର୍ଯ୍ୟାଦାଜନକ ଚିକିତ୍ସା ବିଜ୍ଞାନ ପତ୍ରିକା ଲଣ୍ଡନରୁ ପ୍ରକାଶିତ 'ଦି ଲାନସେଟ' ବହନ କରିଥିବା ଏକ ଅନୁଶୀଳନ ଅନୁସାରେ ୨୦୫୦ ସୁଧା ଭାରତର ଟିଏଫଆର ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦୪ ହେବାକୁ ଯାଉଛି ବୋଲି ଅନୁମାନ କରାଯାଉଛି। ଟିଏଫଆର ହେଉଛି ପ୍ରଜନନକ୍ଷମ ବୟସସୀମା ୧୫-୪୯ ବର୍ଷ ବୟସ ମଧ୍ୟରେ ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତତିଙ୍କ ହାରାହାରି ସଂଖ୍ୟା। ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟିଏଫଆର ହେଉଛି ୨.୧ ଯାହାକୁ ପ୍ରତିସ୍ଥାପନ ହାର ବା ରିପ୍ଲେସମେଣ୍ଟ ରେଟ ରୂପେ ଅଭିହିତ କରାଯାଇଥାଏ। ଦି ଲାନସେଟରେ ପ୍ରକାଶିତ ଅନୁଶୀଳନ ଅନୁସାରେ ଭାରତର ଟିଏଫଆର ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ୧.୯୧। ଭାରତ ସରକାରଙ୍କ ଦ୍ୱାରା ୨୦୧୯-୨୧ ମଧ୍ୟରେ କରାଯାଇଥିବା ନେସନାଲ ଫ୍ୟାମିଲି ହେଲଥ ସର୍ଭେରୁ ମଧ୍ୟ ଦେଶର ଟିଏଫଆର ମୂଲ୍ୟ ୨ ହୋଇଥିବା ଆବିଷ୍କୃତ ହୋଇଥିଲା, ଯାହା ଉପରୋକ୍ତ ପ୍ରତିସ୍ଥାପନ ହାର ଠାରୁ ସାମାନ୍ୟ ନୀଚା ହୋଇଥାଏ। ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅଫ ୱାସିଙ୍ଗଟନ ସ୍କୁଲ ଅଫ ମେଡ଼ିସିନର ଇନଷ୍ଟିଚ୍ୟୁଟ ଅଫ ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏଫଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏଫଆର ଥିଲା ୩.୪। ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବିଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏଫଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ। ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବ ହୋଇଥାଏ। ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ। ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧ ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ। ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି। ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି। ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି। ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏଫଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି। ଭାରତରେ ଏନଏଫଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏଫଆରରେ ସ୍ଖଳନ ଘଟିଛି। ଅପେକ୍ଷାକୃତ କ୍ଷୁଦ୍ର ଦେଶମାନଙ୍କ ପାଇଁ ଟିଏଫଆରରେ ହ୍ରାସ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ଏଥିଯୋଗୁଁ ସେ ଦେଶର ଶ୍ରମଶକ୍ତି ସଙ୍କୁଚିତ ହୋଇଥାଏ ଏହାକୁ ଭରଣା କରିବାକୁ ବହିରାଗତ ଶ୍ରମିକମାନଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ, ଯାହା ବର୍ତ୍ତମାନ ଇଉରୋପର ଅନେକ ଦେଶରେ ଦେଖାଯାଉଥିବା ଭଳି ସାମାଜିକ ସଂଘାତ ଓ ଅସ୍ଥିରତା ସୃଷ୍ଟି କରିଥାଏ। ଜାପାନ ଓ ଦକ୍ଷିଣ କୋରିଆ ପରି ପୂର୍ବ ଏସିଆର ଉନ୍ନତ ଦେଶମାନ ବର୍ତ୍ତମାନ ଜନସଂଖ୍ୟା ସଙ୍କୋଚନ ଜନିତ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେବା ଦେଖାଗଲାଣି। ଟିଏଫଆରରେ ସ୍ଖଳନ ଘଟି ଚାଲିଲେ ତାହା କ୍ରମେ ଜନସଂଖ୍ୟା ପରିମିତକୁ ଓଲଟାଇଦେବ ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ି ତୁଳନାରେ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ଅଧିକ ହେବ। ଉତ୍ପାଦନଶୀଳ ଯୁବକ ଯୁବତୀମାନଙ୍କ ଉପରେ ଅନୁତ୍ପାଦନଶୀଳ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି। ସମୟ ଅତିକ୍ରାନ୍ତ ହେବା ସହିତ ଏହି ନିର୍ଭରଶୀଳ ଅନୁପାତରେ ବୃଦ୍ଧି ଘଟିଚାଲି ଏକ ସମୟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବ। ଶେଷରେ ଉତ୍ପାଦନଶୀଳ ଯୁବପିଢ଼ିକୁ ହିଁ ଏହି ବୋଝ ବହନ କରିବାକୁ ହୋଇଥାଏ। କେବଳ କ୍ଷୁଦ୍ର ଦେଶମାନେ ଯେ ହ୍ରାସମାନ ଟିଏଫଆର ଜନିତ ଏଭଳି ସଙ୍କଟରେ ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ଚୀନ ଭଳି ଏକ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ମଧ୍ୟ ଏହି ଆତଙ୍କର ତାତି ଅନୁଭବ କରିବା ଦେଖାଗଲାଣି। ସେ ଦେଶ ଅତୀତରେ କଡ଼ାକଡ଼ି ଭାବରେ ଅନୁସରଣ କରିଥିବା ଏକ ସନ୍ତାନ ନୀତିର ଫଳସ୍ୱରୂପ ବର୍ତ୍ତମାନ ସେଠାରେ ଏଇଭଳି ପରିସ୍ଥିତି ଉପୁଜିବାକୁ ଆରମ୍ଭ କରିବାରୁ ସେଠାକାର ସରକାର ବର୍ତ୍ତମାନ ଏକାଧିକ ସନ୍ତାନ ଜନ୍ମ କରିବାକୁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିଲେ ହେଁ ସେମାନେ ସେଥିପାଇଁ ଆଉ ସହଜରେ ରାଜି ହେଉନାହାନ୍ତି। ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ଦେଶବ୍ୟାପୀ ପରିବାର ନିୟୋଜନ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା। ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରିଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ ଫଳସ୍ୱରୂପ ବର୍ତ୍ତମାନ ଦେଶର ଟିଏଫଆରରେ ଏଭଳି ସ୍ଖଳନ ଘଟିବା ଦେଖାଯାଇଛି। କିନ୍ତୁ ଆହୁରି କେତେ ବର୍ଷ ଧରି ଦେଶର ଜନସଂଖ୍ୟାରେ ବୃଦ୍ଧି ଘଟି ଚାଲିବା ପରେ ଯାଇ, ମୋଟ ଜନସଂଖ୍ୟା ୧୬୭ କୋଟି ଛୁଇଁଥିବ। ସୌଭାଗ୍ୟକ୍ରମେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ିଖି ହେଉଛି ପୃଥିବୀର ବିଶାଳତମ, ଯାହାକୁ ଆମର ଜନସଂଖ୍ୟାଗତ ଲାଭ ବା ଡେମୋଗ୍ରାଫିକ ଡିଭିଡେଣ୍ଡ ରୂପେ ବିଚାର କରାଯାଉଛି।

କଟକ


ମୋ: ୯୮୬୧୪୬୩୪୦୬

# ସହରରେ ମାଳ ମାଳ ବେଆଇନ ବିଲ୍ଡିଂ ! ଉଚ୍ଛେଦରେ ପାତରଅନ୍ତର



ରାଉରକେଲା: ସହରରେ ବାସଗୃହ ଓ ଅନ୍ୟାନ୍ୟ ବ୍ୟବସାୟିକ ବିଲ୍ଡିଂ ନିର୍ମାଣ ପାଇଁ ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଅନୁମତି ନିତାନ୍ତ ଆବଶ୍ୟକ। ଆରମ୍‌ସି ଅନୁମତିପ୍ରାପ୍ତ ପ୍ଲାନ୍ ହିସାବରେ ହିଁ ବିଲ୍ଡିଂ ନିର୍ମାଣ ହେବ। ତେବେ, ବର୍ତ୍ତମାନ ଏହି ନିୟମର ଖୋଲା ଉଲ୍ଲଂଘନ ଦେଖିବାକୁ ମିଳୁଛି। ଲୋକେ ମୂଳ ପ୍ଲାନ୍‌କୁ ପରିବର୍ତ୍ତନକରି ନିଜସ୍ୱ ଢାଂଚାରେ ବିଲ୍ଡିଂ ନିର୍ମାଣ କରୁଛନ୍ତି। ବିଡ଼ମ୍ବନା, ସବୁ ଜାଣି ଆରମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଫଳରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଅବଶ୍ୟ, ନଭେମ୍ବର/ଡିସେମ୍ବର ମାସରେ ହାତଗଣତି ୩/୪ଟି ଅବୈଧ ନିର୍ମାଣାଧୀନ ବିଲ୍ଡିଂକୁ କାର୍ଯ୍ୟବନ୍ଦ ନୋଟିସ ଦିଆଯାଇଥିଲା। ତେବେ ଛେଣ୍ଡ଼ଠାରୁ ଆରମ୍ଭକରି ବାସନ୍ତୀକଲୋନି, ପାନପୋଷ, କଳିଙ୍ଗବିହାର ଆଦି ଅଂଚଳରେ ଥିବା ବିଲ୍ଡିଂ ଉପରେ ବିଭାଗର ଦୃଷ୍ଟି ପଡୁନି। ଏମିତିକି ମୁଖ୍ୟ ମାର୍ଗରେ ଚାଲିଥିବା ବେଆଇନ ନିର୍ମାଣ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ପାନପୋଷ ରୋଡ୍‌ରେ ଏଭଳି ଏକ ବିଲ୍ଡିଂ ନିର୍ମାଣ ହୋଇଛି। ପାନପୋଷ ରୋଡ୍‌ରେ ଥିବା ପ୍ଲଟ୍ ନଂ-୧୮୩/୩୧୧, ଖାତା ନଂ-୪ରେ ବିଲ୍ଡିଂ ନିର୍ମାଣ ଚାଲୁଥିବାରୁ ଆରଏମ୍‌ସି ପକ୍ଷରୁ କାରଣଦର୍ଶାଅ ନୋଟିସ୍ (ତାରିଖ: ୨୫/୧୦/୨୦୨୪, ଚିଠି ନଂ-୧୩୧୪୧) ଦିଆଯାଇଥିଲା। ଏହାପରେ କାର୍ଯ୍ୟ ବନ୍ଦ କରିବାକୁ ନୋଟିସ୍ (ଚିଠି ନଂ-୧୩୧୪୨) ଦେଇଥିଲେ। ଉକ୍ତ ବିଲ୍ଡିଂ ନିର୍ମାଣବେଳେ କୌଣସି ନିୟମ ପାଳନ କରାଯାଇନଥିଲା। ବିନା ଅନୁମତିରେ ତଥା ବିନା ପ୍ଲାନ୍ ଅନୁମୋଦନରେ ନିର୍ମାଣକାର୍ଯ୍ୟ ଚାଲୁଥିବା ଦର୍ଶାଇ ଆରମ୍‌ସି ନୋଟିସ୍ ଜାରି କରିଥିଲା। ସମ୍ଭବତଃ ପରବର୍ତ୍ତୀ ସମୟରେ କୌଣସି ଭିତିରିଆ ସନ୍ଧି ଯୋଗୁ ନିର୍ମାଣକାର୍ଯ୍ୟ ପୁନର୍ବାର ବେଗ ଧରିଥିଲା। ବର୍ତ୍ତମାନ ଏହି ବିଲ୍ଡିଂ ପୂର୍ଣ୍ଣ କାର୍ଯ୍ୟକ୍ଷମ। ଏଠାରେ ପ୍ରଶ୍ନ ଉଠେ, ଅନୁମତି ମିଳିନଥିବା ବିଲ୍ଡିଂକୁ ପରବର୍ତ୍ତୀ ସମୟରେ ଅନୁମତି ଦିଆଗଲା କେମିତି ବିଲ୍ଡିଂ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ସଂପୂର୍ଣ୍ଣ ବେଆଇନଭାବେ ଅନୁମତି ପ୍ରଦାନ କରାଯିବା ପଛର କାରଣ କ'ଣ? ଉଲ୍ଲେଖଯୋଗ୍ୟ, ଗତ ଡିସେମ୍ବର ୧୪ ତାରିଖରେ ଛେଣ୍ଡ ଏକ୍ସିସ୍ ବ୍ୟାଙ୍କ୍ ପାଖ, ଜନତା ନିବାସ ଓ ମଧୁସୂଦନ ମାର୍ଗରେ ଚାଲିଥିବା ବେଆଇନ ନିର୍ମାଣକୁ ଆରଏମ୍‌ସି ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ଗତ ନଭେମ୍ବର ୮ ତାରିଖରେ ପାନପୋଷ କାଳୀ ମନ୍ଦିର ନିକଟରେ ବେଆଇନଭାବେ ନିର୍ମାଣାଧୀନ ଏକ ବିଲ୍ଡିଂରେ ନୋଟିସ ଲଗାଯାଇଥିଲା। ସମ୍ପୃକ୍ତ ବିଲ୍ଡିଂର ମାଲିକ ଆରଏମ୍‌ସି ପକ୍ଷରୁ ଦିଆଯାଇଥିବା ମୂଳ ପ୍ଲାନ୍‌କୁ ପରିବର୍ତ୍ତନକରି ନିଜସ୍ୱ ଢାଂଚାରେ ବିଲ୍ଡିଂ ନିର୍ମାଣ କରୁଥିଲେ। ବାସ୍ତବରେ ନୋଟିସ୍ ଦେଇ କର୍ତ୍ତୃପକ୍ଷ ଚୁପ୍ ବସିଛନ୍ତି। ଯେଉଁସବୁ ବିଲ୍ଡିଂକୁ ବେଆଇନ ଅଭିହିତ କରି କାର୍ଯ୍ୟବନ୍ଦ କରାଯାଇଥିଲା, ସେସବୁରେ ପୁନର୍ବାର ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି। ଏହାପଛରେ ଅସଲ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ମତ ପାଉଛି। ଏନେଇ ଆରଏମ୍‌ସି କମିସନର ଆଶୁତୋଷ କୁଲକର୍ଣ୍ଣିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଟଙ୍କା ଦିଅ , ଚିକିତ୍ସା ପାଅ



ଘୁ.ଉଦୟଗିରି: କନ୍ଧମାଳ ଜିଲ୍ଲାର ଘୁମୁସର ବ୍ଲକ ଅନ୍ତର୍ଗତ କଳିଙ୍ଗା ପଂଚାୟତ ଡୁଗୁଡ଼ିପାରି ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଅଞ୍ଚଳର ମନୋଜ ପ୍ରଧାନଙ୍କ ପୁଅ ବାପୁନ(୯) ନିଜ ଘର ପାଖରେ ଖେଳୁଥିବା ସମୟରେ ପଡ଼ି ଯାଇଥିଲେ ଏବଂ ତାଙ୍କର ହାତ ଭାଙ୍ଗି ଯାଇଥିଲା। ଫଳରେ ସଙ୍ଗେ ସଙ୍ଗେ ବାପା ଏକ ଅଟୋରେ ତାଙ୍କୁ ଘୁ.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା କରିବା ନିମନ୍ତେ ନେଇଯାଇଥିଲେ। ସେଠାରେ ଡାକ୍ତର ଦେଖିବା ପରେ ତାଙ୍କର ହାତକୁ ଏକ୍ସରେ କରିବା ନିମନ୍ତେ ଲେଖି ଦେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ୍ସରେ ମେସିନ ଥିଲେ ମଧ୍ୟ ତାଙ୍କୁ ବାହାରକୁ ବେସରକାରୀ କ୍ଲିନିକରେ ଏକ୍ସରେ କରିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ଶେଷରେ ସେ ଟଙ୍କା ଦେଇ ବାହାରେ ଏକ୍ସରେ କରିଥିଲେ। ଡାକ୍ତର ଲେଖିଥିବା ଔଷଧ ଓ ହାତରେ ଲଗାଇବା ନିମନ୍ତେ ପ୍ଲାଷ୍ଟର ଅଫ ପ୍ୟାରିସ ପ୍ଲାଷ୍ଟର ମଧ୍ୟ ବାହାର ମେଡ଼ିସିନ ଷ୍ଟୋରରୁ ଟଙ୍କା ଦେଇ କିଣିବା ନିମନ୍ତେ କହିଥିଲେ। ଉପାୟ ନ ପାଇ ମନୋଜ ବାହାରୁ ଔଷଧ ଏବଂ ପ୍ଲାଷ୍ଟର ପ୍ୟାରିସ ପ୍ଲାଷ୍ଟର କିଣି ଆଣି ମେଡ଼ିକାଲରେ ପୁଅର ଭାଙ୍ଗିଥିବା ହାତକୁ ପ୍ଲାଷ୍ଟର କରିବା ନିମନ୍ତେ ସେଠାରେ କାର୍ଯ୍ୟରତ ଥିବା ଦୁଇଜଣ କର୍ମଚାରୀଙ୍କୁ କହିଥିଲେ। ପରେ ଜଣେ ପୁରୁଷ ଓ ମହିଳା କର୍ମଚାରୀ ତାଙ୍କୁ ୫୦୦ ଟଙ୍କା ମାଗିଥିଲେ। ପାଂଚ ଶହ ଟଙ୍କା ଦେଲେ ପ୍ଲାଷ୍ଟର କରିଦେବୁ ବୋଲି କହିଥିଲେ। ମନୋଜଙ୍କ ପାଖରେ ଟଙ୍କା ନଥିବାରୁ କଣ କରିବେ କିଛି ଚିନ୍ତା କରିପାରିଲେନି। ଗରିବ ଲୋକ। ଖଟିଲେ ଖାଇବେ। ଏତେ ଟଙ୍କା ଖର୍ଚ୍ଚ କଲେଣି, ଆହୁରି ପାଂଚ ଶହ ଟଙ୍କା କୋଉଠୁ ଆଣିବେ? ଯାହାହେଲେ ବି ପୁଅକୁ ଭଲ କରିବାକୁ ପଡ଼ିବ। ବାଧ ହୋଇ ନିଜର ଜଣେ ପରିଚିତ ଲୋକଙ୍କୁ ଦେଖି କାକୁତି ମିନତି ହୋଇ ଧାର ମାଗିଥିଲେ। ସେଇ ଧାର ଟଙ୍କା ଆଣି ମେଡିକାଲ କର୍ମଚାରୀଙ୍କୁ ଦେଇଥିଲେ। ତାପରେ ତାଙ୍କ ପୁଅର ଭାଙ୍ଗିଥିବା ହାତଟିକୁ ପ୍ଲାଷ୍ଟର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଗରିବଙ୍କ ସ୍ୱାସ୍ଥ୍ୟ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ପ୍ରକାର ଔଷଧ ଉପଲବ୍ଧ ରହୁଥିବା ନେଇ ପ୍ରଚାର ପ୍ରସାର ଜୋରସୋରରେ ହେଉଛି। ହେଲେ ହାତ ଭାଙ୍ଗି ଯାଇଥିଲେ ହାତରେ ପ୍ଲାଷ୍ଟର ଅଫ ପ୍ୟାରିସ ପକେଇବା ପାଉଡର ନାହିଁ। ଏହାଛଡା ଏମିତି ବହୁ ସାଧାରଣ ଔଷଧ ଲୋକଙ୍କ ପାଇଁ ଉପଲବ୍ଧ ନଥିବା ବେଳେ ସରକାରୀ ଚାକିରୀ କରି ମାସିକ ହଜାର ହଜାର ଟଙ୍କା ଦରମା ପାଇବା ସତ୍ତ୍ୱେ ସ୍ୱାସ୍ଥ୍ୟ କେନ୍ଦ୍ରରେ ହାତର ପ୍ଲାଷ୍ଟର ପକେଇବା ପାଇଁ ପାଂଚ ଶହ ଟଙ୍କା ହାତ ଗୁଞ୍ଜା ନେବା ସରକାରୀ ସ୍ୱାସ୍ଥ୍ୟ ସେବା ପ୍ରତି ଏକ ଉପହାସ। ତାହାସହ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ୟବସ୍ଥାକୁ ଫିୟୁଜ କଲା ଭଳି ମନେ ହେଉଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏହିଭଳି ଘଟଣା ପରେ ଆମେ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡା ରତିକାନ୍ତ ସାହୁଙ୍କ ସହ ଯୋଗାଯୋଗ କରି ଘଟଣା ବିଷୟରେ ପ୍ରତିକ୍ରିୟା ନେଇଥିଲୁ। ସେ ନିଜ ପ୍ରତିକ୍ରିୟା ରେ କହିଛନ୍ତି "ମୁଁ ଏହି ବିଷୟରେ ଜାଣିନି କି ମୋ ପାଖକୁ କୌଣସି ଅଭିଯୋଗ ଆସିନି। ଆପଣଙ୍କ ଠାରୁ ଶୁଣିଲି। ମୁଁ ତଦନ୍ତ କରିବି। ଯଦି ଘଟଣା ସତ ହୋଇଥିବ। ଏହି କମରେ ଯେଉଁ କର୍ମଚାରୀ ସଂପୃକ୍ତ ଥିବେ ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଉତ୍ପାଦନ ଗଜପତିରେ, ବିକ୍ରି ରାୟଗଡ଼ାରେ



ଗଜପତି : ଗଜପତି ଜିଲ୍ଲାର ରାୟଗଡ଼, କାଶୀନଗର ଓ ନୂଆଗଡ଼ ବ୍ଲକ୍‌ରେ ବ୍ୟାପକ ପରିମାଣର କପାଚାଷ ହେଉଛି। ପ୍ରତିବର୍ଷ ଜିଲ୍ଲାରୁ ୨୫ ହଜାର କ୍ୱିଂଟାଲ୍ ଅମଳ ହେଉଛି। କିନ୍ତୁ ବହୁବାର ଦାବି ଓ ପ୍ରସ୍ତାବ ସତ୍ତ୍ୱେ ଜିଲ୍ଲାରେ କପାମଣ୍ଡି ଖୋଲି ନଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ଆନ୍ଧ୍ର ବେପାରୀଙ୍କ ହାବୁଡ଼ରେ ପଡୁଛନ୍ତି। ଶାଗମାଛ ଦରରେ ଉତ୍ପାଦିତ କପା ବିକୁଥିବା ବେଳେ ସେମାନେ ମାଲାମାଲ୍ ହେଉଛନ୍ତି। ଆଉ ଚାଷୀ କ୍ଷତି ସହୁଛନ୍ତି। ସବୁଠୁ ବଡ଼ ପରିତାପର ବିଷୟ ହେଉଛି, ଜିଲ୍ଲାରେ କପା ମଣ୍ଡି ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ କଟନ୍ କର୍ପୋରେସନ୍‌କୁ ପ୍ରସ୍ତାବ ଦିଆଯାଇଛି। କିନ୍ତୁ କର୍ପୋରେସନ୍ ଏହାକୁ ଗ୍ରହଣ କରୁନି। ସବୁପ୍ରକାର ଭିତିଭୂମିର ସୁବିଧା ସତ୍ତ୍ୱେ ଏଠାରେ ମଣ୍ଡିଟିଏ ଖୋଲିପାରୁନି। ଫଳରେ ବର୍ତ୍ତମାନ ପାରଳାଖେମୁଣ୍ଡିରେ ଚାଷୀଙ୍କଠୁ କପା କିଣାଯାଇ ରାୟଗଡ଼ା ଜିଲ୍ଲା ଗୁଣପୁର ମଣ୍ଡିକୁ ପଠାଇବା ଲାଗି ନିଷ୍ପତି ନିଆଯାଇଛି। ଖୁବ୍ ଶୀଘ୍ର ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲାରେ ୨୫ ହଜାର କ୍ୱିଂଟାଲ୍ କପା ଅମଳ ହୋଇଥିବା ଆକଳନ କରାଯାଇଛି। ଚଳିତବର୍ଷ ଅଧିକ ଅମଳ ଆଶା ରହିଥିଲା। କିନ୍ତୁ ଅଦିନିଆ ବର୍ଷାମାଡ଼ରେ କିଛି କପା ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ବର୍ତ୍ତିଯାଇଥିଲା, ତାକୁ ଚାଷୀମାନେ ସାଇତି ରଖିଥିଲେ। ମଣ୍ଡି ଖୋଲିଲେ ଏହାକୁ ବିକ୍ରି କରିବାକୁ ଆଶାବାଦୀ ଥିଲେ। କିନ୍ତୁ ଏଥର ବି ସେମାନେ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ସବୁବର୍ଷ ମଣ୍ଡି ଖୋଲିବାକୁ ବାରମ୍ବାର ଦାବି ହେଉଥିଲେ ବି କୌଣସି ସୁଫଳ ମିଳୁନି। ଫଳରେ ସେମାନେ ଗୁଣପୁର ଉପରେ ନିର୍ଭର କରିବାକୁ ବାଧ ହୋଇଛନ୍ତି। ଚାଷ ପାଇଁ ସେମାନେ ସାହୁକାରଙ୍କଠାରୁ ବିହନ ଓ ସାର ଆଦି ଆଣୁଛନ୍ତି। ତେଣୁ ଅମଳ ପରେ ସାହୁକାର ଯାହା ଦର ଧାର୍ଯ୍ୟ କରୁଛି, ସେହି ଦରରେ ଦେବାକୁ ବାଧ ହେଉଥିବା ଚାଷୀ ଭକ୍ତ ନାୟକ ଓ ଦେବାଶିଷ ନାୟକ କହିଛନ୍ତି। ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ଗ୍ରାମକୁ ଆନ୍ଧ୍ର ବେପାରୀମାନେ ଆସି ଚାଷୀଙ୍କଠୁ କପା କିଣିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଏପରିକି କିଛି ଚାଷୀ ସେମାନଙ୍କୁ କପା ବିକ୍ରି କରିସାରିଛନ୍ତି। କାରଣ ସଂରକ୍ଷଣ ପାଇଁ କୌଣସି ସୁବିଧା ନଥିବାରୁ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଜିଲ୍ଲାରେ ୨୨୦୦ରୁ ଅଧିକ ହେକ୍ଟର୍ ଜମିରେ କପାଚାଷ ହେଉଛି। ତଥାପି ଜିଲ୍ଲାରେ ମଣ୍ଡି ଖୋଲା ନ ଯାଇ ପଡ଼ୋଶୀ ଜିଲ୍ଲାର ମଣ୍ଡିକୁ କପା ପଠାଇବା ନିଶ୍ଚିତ ଭାବେ ଏକ ବିଡ଼ମ୍ବନା ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।



# ବାଲି ରୟାଲଟି ବକେୟା ଅଢ଼େଇ କୋଟି: ଧରାଛୁଆଁ ଦେଉନାହାନ୍ତି ଲିଜ୍‌ଧାରୀ

ରାୟଗଡ଼ା: ନିୟମ ଉଲ୍ଲଂଘନ କରି ନାଗାବଳୀ, ବଂଶଧାରାରୁ ବାଲି ଉଠାଇଲେ। ବିନା 'ୱାଇ' ଫର୍ମରେ ଆନ୍ଧ୍ର ସମେତ ପଡ଼ୋଶୀ ଜିଲ୍ଲାକୁ ଚାଲାଣ ହେଲା ଶହ ଶହ ଟ୍ରିପ୍। କୋଟି କୋଟି ଟଙ୍କା ମୁନାଫା କମାଇଲେ ମାଫିଆ। ଶେଷରେ ଚୁକ୍ତି ଅବଧି ସରିବା ପୂର୍ବରୁ ରୟାଲ୍‌ଟି ନ ଦେଇ ଚମ୍ପଟ ମାରିଛନ୍ତି ଲିଜ୍‌ଧାରୀ। ଫଳରେ ରୟାଲ୍‌ଟି ବାବଦରେ ୨ କୋଟି ୪୯ ଲକ୍ଷ ୫ହଜାର ୫୧୬ ଟଙ୍କା ବକେୟା ପଡ଼ିଛି। ବକେୟା ରୟାଲ୍‌ଟି ପୈଠ ପାଇଁ ଖଣି ବିଭାଗ ଲିଜ୍‌ଧାରୀଙ୍କୁ ବାରମ୍ବାର ନୋଟିସ୍ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ରାମନାଗୁଡ଼ା ବ୍ଲକ୍ ଭାମିନି ବଂଶଧାରା ନଦୀ ବାଲିଘାଟକୁ ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ ଲିଜ୍ ଆକାରରେ ନେଇଥିଲେ ମାଳତୀ ଜେନା। ବର୍ଷକୁ ୩୬୦୦ କ୍ୟୁବିକ୍ ମିଟର ହିସାବରେ ୫ ବର୍ଷରେ ୧୮ ହଜାର କ୍ୟୁବିକ୍ ମିଟର ବାଲି ଉତୋଳନ ପାଇଁ ଚୁକ୍ତି ହୋଇଥିଲା। କିନ୍ତୁ ଅବଧି ସରିବା ପୂର୍ବରୁ ଲିଜ୍‌ଧାରୀ ବେଧଡ଼କ ବାଲି ଉଠାଇ ଗତବର୍ଷଠାରୁ ବାଲିଘାଟ ଛାଡ଼ି ପଳାଇଛନ୍ତି। ରୟାଲ୍‌ଟି ବାବଦକୁ ତାଙ୍କ ଉପରେ ୪୧ ଲକ୍ଷ ୩୫ ହଜାର ୩୮୪ ଟଙ୍କା ବକେୟା ରହିଛି। ସେହିପରି ବଂଶଧାରା ନଦୀ ଗୁଡ଼ାରି ସ୍ୟାଣ୍ଡ-୧କୁ ୨୦୨୩ରୁ ୨୦୨୫, ଦୁଇ ବର୍ଷ ପାଇଁ ଲିଜ୍ ସୂତ୍ରରେ ନେଇଥିଲେ ଲଳିତ କୁମାର ମହାନ୍ତି। ବାର୍ଷିକ ୧୨ ହଜାର କ୍ୟୁବିକ୍ ମିଟର ବାଲି ନେବା ପାଇଁ ଚୁକ୍ତି ହୋଇଥିଲା। ଲିଜ୍‌ଧାରୀ ମାତ୍ରାଧିକ ବାଲି ଉଠାଇବା ପରେ ଅବଧି ନ ପୁରୁଣୁ ବାଲିଘାଟ ଛାଡ଼ିଦେଲେ। ରୟାଲ୍ ?ଟି ବାବଦକୁ ତାଙ୍କ ଉପରେ ବକେୟା ଅଛି ୫୯ ଲକ୍ଷ ୪୫ ହଜାର ୫୪୫ ଟଙ୍କା। ଗୁଡ଼ାରି ବ୍ଲକ୍ ଖଇରାଗୁଡ଼ା ଗ୍ରାମ ନାଳଘାଟର ମଧ୍ୟ ସମାନ ଅବସ୍ଥା। ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତ ବାଲି ଉଠାଇବା ପାଇଁ ଦିଲ୍ଲୀପ ସାହୁ ଚୁକ୍ତି କରିଥିଲେ। ଅବଧି ପୂର୍ବରୁ ବାଲିଘାଟ ଛାଡ଼ି ଦେବାରୁ ରୟାଲ୍‌ଟି ବକେୟା ୪୮ ଲକ୍ଷ ୨୯ ହଜାର ୨୭୦ ଟଙ୍କା ଗଡ଼ୁଛି। ଗୁଣପୁର ତୁରକାନିଗୁଡ଼ା ବଂଶଧାରା ନଦୀରୁ ବାଲି ଉଠାଣ ପାଇଁ ଲିଜ୍ ପାଇଛନ୍ତି ଶିବାଶିଷ ସାହୁ। ୨୦୨୪ରୁ ୨୦୨୯, ୫ ବର୍ଷ ପାଇଁ ଲିଜ୍ ଅବଧି ରହିଛି। ଲିଜ୍‌ଧାରୀ କିଛି ଦିନ ବାଲି ଉଠାଇବା ପରେ ବାଲିଘାଟ ବନ୍ଦ ହୋଇଯାଇଛି। ଲିଜ୍‌ଧାରୀ ବାର୍ଷିକ ୨୫ ହଜାର ୧୦୦ କ୍ୟୁବିକ୍ ମିଟର ବାଲି ଉଠାଇବା ପାଇଁ ଚୁକ୍ତି କରିଛନ୍ତି। ତୁରକାନିଗୁଡ଼ା ବାଲିଘାଟ ବନ୍ଦ ଥିବାରୁ ବର୍ଷକ ମଧ୍ୟରେ ୭୮ ଲକ୍ଷ ୪୫ ହଜାର ୬୬୬ ଟଙ୍କା ରୟାଲ୍‌ଟି ବକେୟା ଅଛି। ତେବେ ଲିଜ୍‌ଧାରୀ ବକେୟା ରୟାଲ୍‌ଟି ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷରେ ଭାମିନି, ଗୁଡ଼ାରି ସ୍ୟାଣ୍ଡ-୧ ଏବଂ ଖଇରାଗୁଡ଼ା ନାଳଘାଟ ଲିଜ୍‌କୁ ଖଣି ବିଭାଗ ବାତିଲ୍ କରିଛି। ବକେୟା ଟଙ୍କା ପୈଠ ପାଇଁ ମଧ୍ୟ ୩ ଲିଜ୍‌ଧାରୀଙ୍କୁ ନୋଟିସ୍ କରିଛି ଖଣି ବିଭାଗ। ବାରମ୍ବାର ନୋଟିସ୍ ସତ୍ତ୍ୱେ ଲିଜ୍‌ଧାରୀ ରୟାଲ୍‌ଟି ପୈଠ କରୁନଥିବାରୁ ସେମାନଙ୍କ ବିରୋଧରେ ସାର୍ଟିଫିକେଟ୍ କେସ୍ ହେବ ବୋଲି ଜିଲ୍ଲା ଖଣି ଅଧିକାରୀ ପର୍ଶୁରାମ ପ୍ରଧାନ କହିଛନ୍ତି।

# ମାଲବାହୀ ଟ୍ରେନ୍‌ର ଏକାଧିକ ବଗି ଲାଇନଚ୍ୟୁତ



ସୁନ୍ଦରଗଡ଼ : ପୁଣି ଲାଇନଚ୍ୟୁତ ହେଲା ମାଲବାହୀ ଟ୍ରେନ । ଚୂନ ପଥରବୋଝେଇ ମାଲବାହୀ ଟ୍ରେନର ଏକାଧିକ ବଗି ଲାଇନଚ୍ୟୁତ ହୋଇଛି । ଏପରି ଏକ ଘଟଣା ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରଠାରେ ଘଟିଛି । ଚୂନପଥର ବୋଝେଇ ଫେରୁଥିବା ବେଳେ ଏପରି ଅଘଟଣ ଘଟିଛି । ବୀରମିତ୍ରପୁର ବଜାର ନିକଟରେ ବଗିଗୁଡ଼ିକ ଲାଇନଚ୍ୟୁତ ହୋଇଯାଇଛି । ଏହି ଅଘଟଣରେ କାହାର କୌଣସି କ୍ଷତି ହୋଇନଥିବା ଜଣାପଡିଛି । ଏନେଇ ରେଲୱେ ଅଧିକାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତନାଘନା ଯାଞ୍ଚ ଜାରି ରଖିଛନ୍ତି । କେଉଁ କାରଣରୁ ବଗି ଲାଇନଚ୍ୟୁତ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଯାଞ୍ଚ ପରେ ଲାଇନଚ୍ୟୁତର କାରଣ ସ୍ପଷ୍ଟ ହେବ ।

# ଦୁର୍ଘଟଣାରେ ଯୁବକ ମୃତ

ଡାବୁଗାଁ: ନବରଙ୍ଗପୁରଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ଛେଳିବେଡା ଭାରତମାଳା ରାସ୍ତା ଉପରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ବ୍ୟକ୍ତି ହେଲେ ଉମରକୋଟ (ୟୁଭି ୭) ନୂଆଗୁଡ଼ାର ସୁଦନ ସାନା (୨୮) । ସେହି ଗ୍ରାମର ଦୀପକ ବାଲା (୫୫) ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଦୁଇଜଣ ଆହତଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡ଼ାକ୍ତର ସେଠାରେ ସୁଦନ ସାନାଙ୍କୁ ମୃତ ଘୋଷଣା କରିଥିଲେ ।

# ଡାବୁଗାଁ ଅବକାରୀ ବିଭାଗର ଚଢ଼ଉ ପରିତ୍ୟକ୍ତ ଘରୁ ୨୫ କ୍ୱିଣ୍ଟାଲ ମହୁଲ ଜବତ



ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅବକାରୀ ବିଭାଗ ପକ୍ଷରୁ ମହେନ୍ଦ୍ରୀ ଗ୍ରାମରେ ଚଢ଼ଉ କରାଯାଇ ଗୋଟିଏ ପରିତ୍ୟକ୍ତ ଗୃହରୁ ୨୫ କ୍ୱିଣ୍ଟାଲ ମହୁଲ ଜବତ କରାଯାଇଛି । ତେବେ ପରିତ୍ୟକ୍ତ ଘରେ ବେଆଇନ ଭାବେ ଥିବା ମହୁଲ କାହାର ତାହା ଜଣା ପଡ଼ି ନ ଥିବା ବେଳେ ଅବକାରୀ ବିଭାଗ ତରଫରୁ କେସ ନ ୯୯/୨୫/୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ନବରଙ୍ଗପୁର ଅବକାରୀ ଅଧୀକ୍ଷକ ପ୍ରତାପ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅପରାହ୍ନରେ ଡାବୁଗାଁ ଅବକାରୀ ଥାନା ଅଞ୍ଚଳ ମହେନ୍ଦ୍ରୀ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା । ଏକ ପରିତ୍ୟକ୍ତ ଘରେ ବେଆଇନ ଭାବେ ମହୁଲ ରହିଥିବା ଖବର ପାଇ ଅବକାରୀ କର୍ମଚାରୀ ସେହି ଘରେ ଚଢ଼ଉ କରିଥିଲେ । ତେବେ ସେହି ସମୟରେ ଗ୍ରାମବାସୀଙ୍କ ସହ ଅବକାରୀ କର୍ମଚାରୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଅବକାରୀ କର୍ମଚାରୀ ମହୁଲ ଜବତ କରି ନ ପାରି ଦୀର୍ଘ ୩ ଘଣ୍ଟା ଉକ୍ତ ସ୍ଥାନରେ ରହିଥିଲେ । ଶେଷରେ ନବରଙ୍ଗପୁର ଏସଡିପିଓ ଶୁଭେନ୍ଦୁ ଶବର, ଡାବୁଗାଁ ଥାନା ଅଧିକାରୀ ଗୋପାଳ କୃଷ୍ଣ ଆଗୁପାତ୍ର, ଏସ ଆଇ ଚନ୍ଦନ ସାହୁଙ୍କ ଉପସ୍ଥିତି ପରେ ଉତ୍ତେଜନା ହ୍ରାସ ପାଇଥିଲା । ପରେ ଅବକାରୀ କର୍ମଚାରୀ ପରିତ୍ୟକ୍ତ ଘରୁ ବେଆଇନ ଭାବେ ରଖା ଯାଇଥିବା ୮୦ ବସ୍ତା ମହୁଲ (୨୫ କ୍ୟୁଣ୍ଟାଲ ୬୦ କେଜି) ଜବତ କରିଥିଲେ । ତେବେ ମହୁଲ କାହାର ତାହା ତଦନ୍ତ ଜାରି ରହିଥିବା ବେଳେ ଏହି ଚଢ଼ଉରେ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ଦିଲିପ କୁମାର ରଥ, ଡାବୁଗାଁ ଅବକାରୀ ଓଆଇସି ସମୀର କୁମାର ସ୍ୱାଇଁ ଓ ଅନ୍ୟ ଅବକାରୀ କର୍ମଚାରୀ ସାମିଲ ଥିଲେ ।

# ବୈତରଣୀ ବଞ୍ଚାଅ ଅଭିଯାନ

ଚମ୍ପୁଆ: ଚାଷଜମିକୁ ଜଳସେଚନ ମାଧ୍ୟମରେ କୃଷିର ଉନ୍ନତି ପାଇଁ ଲକ୍ଷ୍ୟ ରଖି ବୈତରଣୀ ନଦୀ ଉପରେ ଚମ୍ପୁଆ ଉପଖଣ୍ଡସ୍ଥ ବାସୁଦେବପୁରଠାରେ ନିର୍ମାଣାଧିନ କାନପୁର ବୃହତ ନଦୀବନ୍ଧର ଜଳଭଣ୍ଡାରରେ ଇଂଟେକ ୱେଲ ନିର୍ମାଣ କରି ଶିଳ୍ପ ସଂସ୍ଥାଗୁଡିକୁ ପାଣି ନେବାପାଇଁ ଅନୁମତି ପ୍ରଦାନକୁ ବିରୋଧ କରି ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡରାହାଟ ପଡିଆରେ ବୈତରଣୀ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁନା, କାରୋ ଓ ବୈତରଣୀ ବଂଚାଅ ଅଭିଯାନର ଆବାହକ ଅଶୋକ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳ ମାନବ ଡକ୍ଟର ରାଜେନ୍ଦ୍ର ସିଂ, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ପ୍ରମୁଖ ଯୋଗଦେଇ ବୈତରଣୀ ନଦୀରେ ନିର୍ମାଣାଧିନ କାନପୁର ନଦୀବନ୍ଧର ଜଳକୁ ପ୍ରଥମେ ଚାଷଜମିକୁ ଯୋଗାଇବା ପରିବର୍ତ୍ତେ ଶିଳ୍ପ ସଂସ୍ଥାକୁ ଜଳ ଯୋଗାଇବା ପାଇଁ କରାଯାଉଥିବା ବିଧିବଦ୍ଧ ଯୋଜନାକୁ ବିରୋଧ କରିଥିଲେ । ଏହି ସମ୍ମିଳନୀ ରେ ରାଜ୍ୟ ସରକାରଙ୍କୁ ବୈତରଣୀ ସ୍ଥିତି ସମ୍ପର୍କରେ ଅବଗତ କରାଇବା ପାଇଁ ଶ୍ୱେତ ପତ୍ର ଜାରି କରିବାକୁ ଦାବୀ କରାଯିବା ସହିତ ନଦୀଗୁଡିକର ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ନଦୀ ନିତି ଆଣିବା, ବୈତରଣୀ ଜଳକୁ ସ୍ଲୁରୀ ପାଇପ ମାଧ୍ୟମରେ ବ୍ୟବହାରକୁ ନିଷିଦ୍ଧ କରିବା, ବୈତରଣୀ ପାଣି ବ୍ୟବହାର ପାଇଁ କମ୍ପାନୀଙ୍କୁ ଦିଆ ଯାଇଥିବା ଅନୁମତି ପତ୍ରକୁ ପ୍ରତ୍ୟାହାର କରିବା, ଶିଳ୍ପଗୁଡିକର ବର୍ଜ୍ୟବସ୍ତୁ ନଦୀକୁ ଛାଡିବା ଉପରେ ରୋକ ଲଗାଇବା ଆଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ତସହିତ ବୈତରଣୀର ଉତ୍ପତିସ୍ଥଳୀ ଗୋନାସିକାଠାରୁ ବୈତରଣୀ ଯାତ୍ରା ଆରମ୍ଭ କରି କେନ୍ଦୁଝର, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ୪ଟି ଜିଲ୍ଲାରେ ବୈତରଣୀ ପଂଚାୟତ ଗଠନ କରାଯିବା ନେଇ ମତପ୍ରକାଶ ପାଇଥିଲା । ଏହି ସମ୍ମିଳନୀରେ ଉପଖଣ୍ଡର ବିଭିନ୍ନ ଅଂଚଳରୁ ଆସିଥିବା ସରପଂଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ, ଟ୍ରକ ମାଲିକଙ୍କ ସମେତ ବହୁସଂଖ୍ୟାରେ ଚାଷୀ ମାନେ ସାମିଲ ହୋଇଥିଲେ ।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ସମ୍ବଲପୁର (ହି.ସ.) : ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପୂର୍ବାହ୍ନ ୧୧ଟାରେ ବହୁମୁଖୀ ବନ୍ୟା କେନ୍ଦ୍ର ବିନାଖଣ୍ଡି, ସମଲେଶ୍ୱରୀ କଲେଜ, ଚାଉନପୁର ଏବଂ ଧମାରେ ଅନୁଷ୍ଠିତ ହୋଇଥିଲା । ଏହି ପରିପେକ୍ଷୀରେ ଏନଡିଆରଏଫ ଟିମ, ମେଡିକାଲ ଟିମ୍, ଅଗ୍ନିଶମ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ବନ୍ୟା କେନ୍ଦ୍ରରେ ବିପର୍ଯ୍ୟୟ ପରିଚାଳନା କୌଶଳ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା ଏବଂ ଉପକରଣ ପରିଚାଳନାର ପ୍ରଦର୍ଶନ କରାଯାଇଥିଲା । ଆଖପାଖର ଗ୍ରାମବାସୀମାନେ ମଧ୍ୟ ଏହି ମକ୍ ଡ୍ରିଲରେ ସାମିଲ ହୋଇଥିଲେ ।

# ରେଳଷ୍ଟେସନ୍ ନବୀକରଣ କାର୍ଯ୍ୟ ମନ୍ଥର

ଭବାନୀପାଟଣା, :କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରେଳ ଷ୍ଟେଶନର ନିର୍ମାଣ କାମ ଅତ୍ୟାଧୁନିକ ଢାଞ୍ଚାରେ ହେବା ପାଇଁ ସ୍ଥାନୀୟ ଲୋକେ ଆଶା କରୁଥିଲେ । ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନଧରି ଆରମ୍ଭ ହୋଇଥିବା ସତ୍ତ୍ୱେ ପରେ ମନ୍ଥର ଗତିରେ ଚାଲିବା ଓ କାର୍ଯ୍ୟ ଅଟକିଯିବା ଯୋଗୁ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଥିଲା । କିଛିଦିନର ବ୍ୟବଧାନ ପରେ ଗତ ୭ଦିନ ହେବ ପୁଣି କାର୍ଯ୍ୟ ଆରମ୍ଭ ହୋଇଛି । ତାହା କେତେଦିନ ଚାଲିବ କି ବନ୍ଦ ହେବ କୌଣସି ଗ୍ୟାରେଣ୍ଟି ନାହିଁ । କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଯୋଜନାରେ ଭବାନୀପାଟଣା ରେଳ ଷ୍ଟେଶନକୁ ସାମିଲ କରିବା ବର୍ଷେ ପୁରିଲାଣି । ହେଲେ ଏଯାବତ ୪୦ପ୍ରତିଶତ ନିର୍ମାଣ କାର୍ଯ୍ୟ ହୋଇପାରିନାହିଁ । ଅମୃତ ଭାରତ ଯୋଜନାରେ ଦେଶର ୫୦୮ଟି ରେଳ ଷ୍ଟେଶନର ପୁନଃବିକାଶ କରିବା ଲକ୍ଷ୍ୟ ରଖାଯାଇଥିଲା । ତାଲିକାରେ ଓଡ଼ିଶାର ୨୫ଟି ଷ୍ଟେଶନ ମଧ୍ୟରୁ ଭବାନୀପାଟଣା ରେଳ ଷ୍ଟେଶନ ସ୍ଥାନ ପାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭବାନୀପାଟଣା ରେଳ ଷ୍ଟେଶନର ଶିଳାନ୍ୟାସ କାର୍ଯ୍ୟକ୍ରମ ଭିଡିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ଅମୃତ ଭାରତ ଯୋଜନା ମାଧ୍ୟମରେ ଭବାନୀପାଟଣା ରେଳ ଷ୍ଟେଶନ ପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୨୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଯାହାଦ୍ୱାରା ଭବାନୀପାଟଣା ରେଳ ଷ୍ଟେଶନ ବିଶ୍ୱ ସ୍ତରୀୟ ଷ୍ଟେଶନ ଭାବେ ପରିଣତ ହେବ । ଜିଲାର ଅନ୍ୟତମ କେସିଙ୍ଗା ରେଳ ଷ୍ଟେଶନକୁ ମଧ୍ୟ କେନ୍ଦ୍ର ସରକାର ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ଥିବା ଜଣାପଡିଥିଲା । ବିଳମ୍ବ କାରଣରୁ ପୂର୍ବ ଏଷ୍ଟିମେଟଠାରୁ ଆଉ ୩କୋଟି ଟଙ୍କା ବୃଦ୍ଧି ପାଇବବୋଲି ସୂଚନା ମିଳିଛି ।

# ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଜୟପୁର : ଜୟପୁର ବ୍ଲକ ସଭାଗୃହରେ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି । ଏହି ପ୍ରଶିକ୍ଷଣ ଶିବିରରେ ଜୟପୁର ଏବିଡିଓ ମନୋଜ ନାୟକ, ବିଏଲଓ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ତାଲିମ ଦେଇଥିଲେ । ଏଠାରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ଦିଆଯାଇଥିଲା । ଦୁଇ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ସଂଶୋଧନ ଓ ବାଦ ନେଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ଧାରା ଓ ଉପଧାରା ସଂପର୍କରେ ଶିକ୍ଷକ କିରଣ ମହାରଣା ପ୍ରଶିକ୍ଷଣ ଦେଇଥିଲେ । ବୁଥ ସ୍ତରୀୟ ଅଧିକାରୀଙ୍କ ଭୂମିକା ଏବଂ କର୍ତବ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

# 'ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶରେ ଗୋଷ୍ଠୀଗତ ପରିଚାଳନାର ଗୁରୁତ୍ୱ' ସମ୍ପର୍କିତ ଆଲୋଚନା

ଫୁଲବାଣୀ(ହି.ସ.) – ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶ ନହୋଇପାରିଲେ ଦିର୍ଘସ୍ଥାୟୀ ବିକାଶ ଲକ୍ଷ ପୂରଣ ନିମନ୍ତେ ସୁସ୍ଥ ପଂଚାୟତ ଗଠନ ସମ୍ଭବ ହେବ ନାହିଁ । ଏଣୁ ମାନସିକ ସାସ୍ଥ୍ୟକୁ ଗୁରୁତ୍ୱ ଦେବାର ଆବଶ୍ୟକତା ନିଶ୍ଚିତ ଭାବରେ ରହିଛି । ଏହି ପରିପ୍ରେକ୍ଷି ରେ ବେସିକ୍ ନିଡ୍ ଇଣ୍ଡିଆ, ବାଙ୍ଗାଲୋର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳଙ୍କ ସମ୍ମିଳନୀ କକ୍ଷରେ "ମାନସିକ ଅସୁସ୍ଥ ବ୍ୟକ୍ତି ଙ୍କ ସାମଗ୍ରିକ ବିକାଶରେ ଗୋଷ୍ଠିଗତ ପରିଚାଳନାର ଗୁରୁତ୍ୱ" ଶିର୍ଷକ ଏକ ଜିଲ୍ଲା ସ୍ତରୀୟ ଦିନିକିଆ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଆନୁଷ୍ଠାନ ତରଫରୁ ଆଲୋକ ସାମନ୍ତରାୟ ପ୍ରକଳ୍ପର ପ୍ରଗତି ବିଷୟରେ ଏକ ପାଓାର ପଏଂଟ ଉପସ୍ଥାପନା କରିବା ସହିତ କିଛି ସଫଳ କାହାଣୀ ମଧ ରଖିଥିଲେ । ବେସିକ ନିଡ୍ ଇଣ୍ଡିଆ, ବାଙ୍ଗାଲୋରଙ୍କ ତରଫରୁ ଯୁଭମ୍ ଫର୍ଣ୍ଣାଡିସ୍ ଗୋଷ୍ଠିଗତ ମାନସିକ ସାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ କହିବା ସହ ସ୍ୱାତୀ ଅନୁଷ୍ଠାନ ସହିତ ଅନୁବନ୍ଧିତ ହୋଇ କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ରେ ପରିଚାଳିତ ହେବା କଥା କହିଥିଲେ । ଟିକାବାଲି ଓ କ.ନୂଆଗାଁ ବ୍ଲକ୍ ରେ କାର୍ଯ୍ୟକାରୀ ହେଉଥିବା ମାନସିକ ସାସ୍ଥ୍ୟ ପ୍ରକଳ୍ପ ବିଷୟରେ ସଂଯୋଜକ ଗିରିଶଚନ୍ଦ୍ର ସାମଲ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଆଲୋଚନା ଚକ୍ରରେ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ନେହଲତା ସାହୁ ଯୋଗଦେଇ ଜଣେ ମାନସିକ ଅସୁସ୍ଥ ମହିଳା ଗର୍ଭବତୀ ହେବା ପରେ କିପରି ତାକୁ ଯତ୍ନ ନେଇ ଏକ ସୁସ୍ଥ ଶିଶୁକୁ ଜନ୍ମ କରାଯାଇପାରିବ ସେପ୍ରତି ଦୃଷ୍ଟି ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଆଲୋଚନାରେ ଜିଲ୍ଲା ମାନସିକ ସାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ମାଳତି ବେହେରା ଯୋଗଦେଇ ମାନସିକ ସାସ୍ଥ୍ୟ ଓ ତାର ଚିକିତ୍ସା ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହିତ ଏହାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଅତିରିକ୍ତ ଜିଲ୍ଲା ପ୍ରଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଣବ ପଟ୍ଟନାୟକ ଜଣେ ମାନସିକ ଅସୁସ୍ଥ ବ୍ୟକ୍ତି ଭଲ ଅବସ୍ଥାକୁ ଫେରିବା ପରେ ତାର ସ୍ଥାୟୀ ଜିବିକା ପାଇଁ ତାଙ୍କ ବିଭାଗ ତରଫରୁ ଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଦିନେଶ କୁମାର କହଁର ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ର ପଞ୍ଜୀକରଣ ଓ ସେମାନଙ୍କ ସାମାଜିକ ସୁରକ୍ଷା ଦିଗରେ ବକ୍ତବ୍ୟ ଦେଇଥିଲେ । ରୋଟାରୀ କ୍ଲବ୍, ଫୁଲବାଣୀ ତରଫରୁ ସଭାପତି ପ୍ରକାଶ କୁମାର ପଣ୍ଡା ଏ ଦିଗରେ ସମସ୍ତ ସହାୟତା ଦେବାପାଇଁ ପ୍ରତିଶୃତି ଦେଇଥିଲେ । ଏହି ଆଲୋଚନାରେ ୪୦ରୁ ଉର୍ଦ୍ଧ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଟ୍ରେଜରର୍ ସାନ୍ତନୁ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା

କେନ୍ଦୁଝର : ସୂଚନା ଅଧିକାର ଆଇନ୍-୨୦୦୧୫ ଅଧିନିୟମ ୪ (୧) (ଖ) ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର ଜରିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ଶ୍ୱେତାଲିନା ସାହୁ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର କିରଣ କୁମାର ନାୟକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସନ୍ତୋଷ କୁମାର ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଭୁବନେଶ୍ୱରରୁ ବିଷୟ ବିଶାରଦ ରଶ୍ମିରଞ୍ଜନ ରାଉତ ଯୋଗଦେଇ(ଡିସ୍‌କ୍ଲୋଜରର ଅପଡେସନ୍) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ସହ ସୂଚନା ଅଧିକାର ଆଇନ୍‌ରେ ଦରଖାସ୍ତ ଗ୍ରହଣ ଉତର ପ୍ରଦାନ, ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, ସ୍ୱତନ୍ତ୍ର ବ୍ୟାଙ୍କ ଆକାଉଂଟ ଖୋଲାଯିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ । ପ୍ରଶ୍ନୋତର ଅଧିବେଶନରେ ଅଧିକାରୀମାନେ ସୂଚନା ଅଧିକାର ଆଇନ୍‌ରେ ଆବେଦନ ଗ୍ରହଣ, ଉତର ପ୍ରଦାନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ମୋଚନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଭାଗ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ପାଇଁ ଦାବିପତ୍ର

ଜୟପୁର, (ହି.ସ.) - ଜୟପୁର ସହରରେ ଟ୍ରାଫିକ ବ୍ୟବସ୍ଥାରେ ନିୟନ୍ତ୍ରଣ ଆଣିବା ପାଇଁ ଆଜି ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ସହରର ମୁଖ୍ୟରାସ୍ତା ସର୍ଦ୍ଦାର ପଟେଲ ମାର୍ଗ ଓ ଏନକେଟି ରୋଡ ରେ ଅନେକ ଯାନବାହାନ ଯିବା ଆସିବା କରୁଥିବା ଯୋଗୁଁ ଜନସାଧାରଣଙ୍କ ଚାଲିବା ଦିନକୁ ଦିନ ଜଟିଳ ହେବାକୁ ଲାଗିଛି । ଏହାର ସରଳୀକରଣ କରାନଗଲେ ଆଗାମୀ ଦିନରେ ଅସୁବିଧା ବଢ଼ିବ । ପ୍ରଶାସନିକ ସ୍ତରରେ ଟ୍ରାଫିକ ପୋଲିସ ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ ହୋଇପାରୁନାହିଁ । ଜନସାଧାରଣ ରାସ୍ତାରେ ନିର୍ଭୟରେ ଚାଲିବା ବଦଳରେ ଶଙ୍କୋଚ ପ୍ରକାଶ କରୁଛନ୍ତି । ରାସ୍ତା ଅତିକ୍ରମ କରିବାକୁ ଯେଉଁ ଜେବ୍ରା କ୍ରସିଙ୍ଗ ଚିହ୍ନଟ କରିବା କଥା ତାହା ମଧ୍ୟ କରାଯାଇନାହିଁ । ଦିନକୁ ଦିନ ସହରରେ ଗାଡି ସଂଖ୍ୟା ବଢିବାରେ ଲାଗିଥିବା ବେଳେ ଟ୍ରାଫିକ ବ୍ୟବସ୍ଥା ଭୁଷୁଡିବାରେ ଲାଗିଛି ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଅଧିକ ଟ୍ରାଫିକ ପୁଲିସ ନିୟୋଜିତ କରି ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଏନକେଟି ରୋଡକୁ ଏଂଟ୍ରି ଟ୍ରାଫିକ ରାସ୍ତା କରାଯାଇ ବିପରିତ ଦିଗରେ ରହିଥିବା ଲାଲ ସାହି ପଟେ ମଧ୍ୟ ଏକ ଏଂଟ୍ରି ଟ୍ରାଫିକ ରାସ୍ତା କଲେ ଲୋକ ଉପକୃତ ହୋଇଥାନ୍ତେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ମଦନ ମୋହନ ନାୟକ ଓ ସାଧାରଣ ସଂପାଦକ ମାଧବ ଚୌଧୁରୀଙ୍କ ସମେତ ସମିତିର ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅନୁଧ୍ୟାନ କଲେ ରାଜ୍ୟ ଟିମ୍

କୋରାପୁଟ (ହି.ସ.) : ଜୟପୁର ସହରାଂଚଳରେ ଥିବା ପୁରୁଣା ହସପିଟାଲ ତଥା ଆୟୁସ୍ମାନ ଆରୋଗ୍ୟ ମନ୍ଦିର ଜଗଧାତ୍ରୀପୁର ସାସ୍ଥ୍ୟକେନ୍ଦ୍ରର କ୍ୱାଲିଟି ଯାଂଚ କରିବା ପାଇଁ ଆଜି ଭୁବନେଶ୍ୱରରୁ ଏକ ଟିମ ଆସି ସାସ୍ଥ୍ୟକେନ୍ଦ୍ର ବୁଲି ଯାଂଚ କରିଥିଲେ । ଚିକିତ୍ସାଳୟର ଚାରିପଟେ ବୁଲି କ୍ୱାଲିଟି ଯାଂଚ କରିବା ସହ ନଥିପତ୍ର, ଔଷଧ ଏବଂ ନୂତନ କୋଠା ନିର୍ମାଣ ଚାଲିଥିବା ସ୍ଥାନ ବୁଲି ଦେଖିଥିଲେ । ରାଜ୍ୟ ସରକାରଙ୍କୁ ଏହି ଚିକିତ୍ସାଳୟର ରିପୋର୍ଟ ଦେବା ପରେ ଆଗାମୀ ଦିନରେ କେନ୍ଦ୍ରର ଏକ ଟିମ ଆସି ଏହାର ଅନୁଧ୍ୟାନ କରିବେ ବୋଲି ଆଜି ରାଜ୍ୟରୁ ଆସିଥିବା ଦୁଇଜଣ ଡାକ୍ତର ଶିଭାଶିଷ ସ୍ୱାଇଁ ଏବଂ ତାପସ ରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି । ରାଜ୍ୟ ଟିମ ସାଙ୍ଗରେ ଡାକ୍ତର ଅରୁଣ ପାଢ଼ି ଏବଂ ଡା. ସ୍ୱର୍ଣ୍ଣପ୍ରଭା ବେହେରା ଉପସ୍ଥିତ ରହି ଚିକିତ୍ସାଳୟ ବୁଲି ଦେଖାଇଥିଲେ ।

# ଜ୍ଞାନ ପୋଷ୍ଟସେବା ଆରମ୍ଭ

କନ୍ଧମାଳ : ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଜ୍ଞାନ ପୋଷ୍ଟ ସେବା ଘୋଷଣା କରିଛନ୍ତି । ଯାହା ସାରା ଦେଶରେ ପୋଷ୍ଟ ଅଫିସ ମାଧ୍ୟମରେ ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ସୁଲଭ ମୂଲ୍ୟରେ ବିତରଣ କରିପାରିବ । ଏହି ପରିପେକ୍ଷୀରେ ଫୁଲବାଣୀ ମୁଖ୍ୟ ଡାକଘର ଅଧକ୍ଷ ରାଜ କିଶୋର ମହାରଣା ଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଶ୍ରୀ ମହାରଣା କହିଛନ୍ତି ଯେ ଜ୍ଞାନ ପୋଷ୍ଟ ଏହି ବିଶ୍ୱାସ ସହିତ ସୃଷ୍ଟି କରାଯାଇଛି ଯେ ଶିକ୍ଷା ସମ୍ବଳ ଭୌଗୋଳିକ କିମ୍ବା ସୁଲଭ ମୂଲ୍ୟ ଉପରେ ନିର୍ଭର କରିବା ଉଚିତ୍ ନୁହେଁ । ସେ କହିଛନ୍ତି ଯେ ଜ୍ଞାନ ପୋଷ୍ଟ ଅଧୀନରେ ପଠାଯାଇଥିବା ପୁସ୍ତକ ଏବଂ ମୁଦ୍ରିତ ଶିକ୍ଷା ସମ୍ବଳ ଟ୍ରାକିଂ କରାଯାଇ ପାରିବ ଏବଂ ମୂଲ୍ୟ- ପ୍ରଭାବଶାଳୀ ବିତରଣ ସୁନିଶ୍ଚିତ କରିବା ପାଇଁ ପୋଷ୍ଟ ଅଫିସ ମାଧ୍ୟମରେ ପରିବହନ କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସେବାଗୁଡ଼ିକ ୧ ମେ ଠାରୁ କାର୍ଯ୍ୟକ୍ଷମ ହେବ । ଜ୍ଞାନ ପୋଷ୍ଟ ମାଧ୍ୟମରେ, ଇଣ୍ଡିଆ ପୋଷ୍ଟ ସାର୍ବଜନୀନ ସେବା ପ୍ରତି ଏହାର ସ୍ଥାୟୀ ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦେଶ କରେ, ଶିକ୍ଷା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରେ, ଗୋଟିଏ ପରେ ଗୋଟିଏ ପୁସ୍ତକ । ଏଥି ସହିତ ଯେଉଁମାନେ ଚାକିରୀ ଆଶାୟୀ ପାର୍ଥୀ ଏବଂ ଛାତ୍ର ଛାତ୍ରୀ ମାନେ ଜ୍ଞାନ ପୋଷ୍ଟ ମାଧ୍ୟମରେ ସୁଲଭ ମୂଲ୍ୟରେ ଷ୍ଟଡି ମେଟେରିଆଲ ପାଇ ପାରିବେ । ଅନ୍ୟମାନଙ୍କ ମଧ୍ୟରେ ପୋଷ୍ଟାଲ ଉପ ଅଧକ୍ଷ ଲିଙ୍ଗରାଜ ପ୍ରଧାନ, ବରିଷ୍ଠ ପରିଚାଳକ ଅଭିନାଶ ପାଣି, ପୋଷ୍ଟ ମାଷ୍ଟର ଶୁଭ୍ରାଶିଷ ମଣ୍ଡଳ, ଡେପୁଟି ପୋଷ୍ଟ ମାଷ୍ଟର ପ୍ରଭାତ ଚନ୍ଦ୍ର ବେହେରା, ବିଜନେସ ଏକ୍ସକ୍ଯୁକେଟିଭ ଶେଷ ଦେବ ସାହୁ, ଡ଼ବଲାପମେଣ୍ଟ ଅଫିସର ସଂଗ୍ରାମ କେଶରୀ ପ୍ରଧାନଙ୍କ ସମେତ ଡାକ ଘର କର୍ମଚାରୀ ଓ ଗଣ ମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ସ୍ୱଚ୍ଛତା ପକ୍ଷ ପାଳିତ

ସୁବର୍ଣ୍ଣପୁର: ସୋନପୁର ବ୍ଲକ୍‌ସ୍ଥିତ ପିଏମ୍‌ଶ୍ରୀ କୋଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବାବୁଲାଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ ଯାପନୀ ଉତ୍ସବରେ ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଶ୍ରୀ କରମ୍ ଚାନ୍ଦ ମହାନ୍ତି ମୁଖ୍ୟ ଅତିଥି, ଐତିହାସିକ ତଥା ଗବେଷକ ସୁଦାମ୍ ନାଏକ୍ ମୁଖ୍ୟବକ୍ତା, ନାଏବ ସରପଂଚ ଗୀତାଞ୍ଜଳି ପଲିଆ, ପରିଚାଳନା କମିଟିର ସଭାପତି ଈଶ୍ୱରଚନ୍ଦ୍ର ପଲିଆ, ସଭ୍ୟ ଗିରିଶ ଚନ୍ଦ୍ର ଭରାସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଚକାନୟନ ମେହେରଙ୍କ ସଂଯୋଜନାରେ ହୋଇଥିବା ବିଭିନ୍ନ କାର୍ଯକ୍ରମରେ ସଭ୍ୟ ମନୋଜ ପଲିଆ, ଅର୍ଜୁନ କୁଶଲ୍, ଶିକ୍ଷୟତ୍ରୀ ନନ୍ଦିନୀ ମହାନା, ଜୟନାରାୟଣ ମିଶ୍ର, ଏକାଦଶ ବର୍ଗେଇ,ସ୍ନେହଲତା ଖେତି,ସଞ୍ଜୟ ପଧାନ, ମାନସ ରଞ୍ଜନ ଭୋଇ, ସଂଯୁକ୍ତା ଦାସ୍, ପୁଷ୍ପାଞ୍ଜଳି ନାୟକ୍,ମାନସୀ ରାଣୀ, ନୀବେଦିତା ମିଶ୍ର, ନୀହାରିକା ମିଶ୍ର, ନର୍ମଦା ପାତ୍ର, ସଂଯୁକ୍ତା ଗାଇଗୋରିଆ ଏବଂ ଆଦିତ୍ୟ କିଶୋର ପାଢ଼ୀ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ଶେଷରେ କ୍ରିଡ଼ା ଶିକ୍ଷକ ଚୌଧୁରୀ ବିଭାର ଧନ୍ୟବାଦ୍ ଅର୍ପଣ କରିଥିଲେ । ବାଳ ମୁକୁନ୍ଦ ସେଠୀ,ଚମାର୍ ବାଘ, ୱାଡ଼ ମେମ୍ବର ତଥା ଜନ ପ୍ରତିନିଧି ଏଥିରେ ସହଯୋଗ କରିଥିଲେ । ନିକଟସ୍ଥ ଗ୍ରାମକୁ ଯାଇ ଏକ ସ୍ୱଚ୍ଛତା ସଚେତନତା ରାଲି ମଧ୍ୟ ଆୟୋଜନ କରାଯାଇଥିଲା । ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା କ୍ଷ ସଚେତନତା ସୃଷ୍ଟି ପାଇଁ କମିଟି ସଭ୍ୟ/ସଭ୍ୟା, ଲୋକପ୍ରତିନିଧି ଏବଂ ଛାତ୍ରଛାତ୍ରୀଙ୍କୁ ପରିଷ୍କାର ଭାବେ ହାତ ଧୋଇବା, ରାସ୍ତା ଘାଟରେ ମଳ ତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା ତଥା ରାସ୍ତା ଘାଟ ଓ ଗାଁ ପରିବେଶକୁ ସ୍ୱଚ୍ଛ ନିର୍ମଳ ରଖିବାକୁ ନିବେଦନ କରାଗଲା ।

# ଛକରେ ହମ୍ପ୍‌ସ ପାଇଁ ଦାବି

ଘଟଗାଁ, (ହି.ସ.) - ଦ୍ରୁତ ଯାନଚାଳନା ଓ ଅମାନିଆ ଯାନଚାଳକ ମାନଙ୍କର ଦ୍ରୁତ ଯାନଚଳାଚଳକୁ ରୋକିବା ପାଇଁ ସହର ଠାରୁ ଗାଁ ଗହଳିର ପ୍ରତି ରାସ୍ତାର ଛକମାନଙ୍କରେ ହମ୍ପସ ନିର୍ମାଣ କରାଯିବା ଜରୁରୀ ହୋଇପଡିଛି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି । ଖାଲି ଦିନମାନଙ୍କର କଥା ଛାଡ଼ନ୍ତୁ ପୂଜା ପର୍ବାଣୀ ଦିନ ମାନଙ୍କରେ ମଧ୍ୟ ଜନସମାଗମ ଓ ପୋଲିସ ଛିଡା ହୋଇ ରହୁଥିଲେହେଁ ଅମାନିଆ ଯୁବକ ମାନଙ୍କର ଦ୍ରୁତ ଗତିରେ ଯାନ ଚଲାଇବା ସହିତ ଯାନର ଏକ୍ସଲିଟରକୁ ଜୋରରେ ମୁଡିବା ଓ ତୀବ୍ର ହର୍ଣ୍ଣ ବଜାଇ ରାସ୍ତା ରେ ଯାନ ଚଳା ଚଳ କରି ଅନ୍ୟ ପଥଚାରିଙ୍କ ପାଇଁ ଜୀବନ ହାନି ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି । ବିଶେଷ କରି ଚାରି ପାର୍ଶ୍ୱରୁ ରାସ୍ତା ଥିବା ଛକ ମାନଙ୍କରେ ଉଚ୍ଚ ହମ୍ପସ ଆବଶ୍ୟକତା ରହୁଛି । କାରଣ ପ୍ରତ୍ୟହ ସ୍କୁଲ, କଲେଜ ଯା ଆସ କରୁଥିବା ଛୋଟ ଛୋଟ ସ୍କୁଲ ପିଲା, ବୃଦ୍ଧ ବୃଦ୍ଧାଙ୍କର ଜୀବାୟତର ସୁରକ୍ଷା ଦୃଷ୍ଟିରୁ ଓ ଦ୍ରୁତ ଯାନ ଚଳାଚଳ କୁ ରୋକିବାକୁ ପ୍ରତି ଛକ ମାନଙ୍କରେ ହମ୍ପସ ନିର୍ମାଣ ନିତ୍ୟାନ୍ତ ଜରୁରୀ ହୋଇପଡିଛି ।

# ଶିବସାଗର ପୁନରୁଦ୍ଧାର ନାଁରେ ଅର୍ଥ ହରିଲୁଟ୍ ଅଭିଯୋଗ

ମାଲକାନଗିର (ହି.ସ) : ଶିବ ସାଗର ପୁନଃଉଦ୍ଧାର ନାଁରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ସାଗରରେ କୋଟିଏ ଗାଏବ । ମାଟି ଖୋଳି ନେଇଗଲେ କୋଟି କୋଟି ଟଙ୍କା । ମାଲକାନଗିରି ଜିଲ୍ଲା ମାଥିଲି ସଦରରେ ଥିବା ଶିବ ସାଗର ପୁନଃଉଦ୍ଧାର ନାଁରେ ଆସିଛି ଦୁର୍ନୀତିର ସାଂଘାତିକ ଅଭିଯୋଗ । ବର୍ଷ ବର୍ଷ ଧରି କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଶିବ ସାଗରର ଉନ୍ନତିକରଣ ନାଁରେ ଖାଲି ହିଡ ହିଁ ତିଆରି ହେଉଛି । ପ୍ରକଳ୍ପ ମଞ୍ଜୁର କରି ଅଧିକାରୀ ଟଙ୍କା ଲୁଟି ନେଉଥିବା ଅଭିଯୋଗ ହୋଇଛି । ସାଗର ଗୋଟିଏ କିନ୍ତୁ ଗାଏବ ହୋଇଛି କୋଟିଏ । ନାମକୁ ମାତ୍ର କାମ କରି କୋଟି କୋଟି ଟଙ୍କା ଖାଇଗଲେ ଅଧିକାରୀ । ୨୦୨୩ରୁ ସାଗର ପୁନଃରୁଦ୍ଧାର କାମ ଆରମ୍ଭ ହୋଇଛି ହେଲେ ଶେଷ ହେବାର ନାଁ ନେଉନାହିଁ । ବର୍ଷ ବର୍ଷ ଧରି କାମ ଚାଲୁଛି ଏପଟେ ମାସକୁ ମାସ ଛାଡି ଗୋଟିଏ ଗୋଟିଏ ବିଲ୍ କରି ବାବୁ ଓ ଠିକାଦାର ପକେଟ ଗରମ କରୁଛନ୍ତି । ସାଗର ଉପରେ ହିଡ ଓ କିଛି ପଥର ପିଚିଂ କରି କୋଟିଏରୁ ଅଧିକ ଟଙ୍କା ଗାଏବ କରାଯାଇଥିବା ଅଭିଯୋଗ ହୋଇଛି । ଶିବ ସାଗର ପୁନଃଉଦ୍ଧାର ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୩ କୋଟି ୮୭ ଲକ୍ଷ ୪୨ ହଜାର ଟଙ୍କା ମଞ୍ଜୁର କରିଥିଲେ ପୂର୍ବତନ ସରକାର । ଏବେ ସୁଦ୍ଧା କୋଟିଏରୁ ଅଧିକ ଟଙ୍କା ବିଲ୍ ହୋଇସାରିଛି । ବଳକା ଅର୍ଥକୁ ଭିନ୍ନ ଭିନ୍ନ କାମରେ ଖର୍ଚ୍ଚ କରାଯାଇଥିବା ଦର୍ଶାଇଛି କ୍ଷୁଦ୍ର ଜଳସେଚନ ବିଭାଗ । ଏପଟେ ୨୦୨୪-୨୫ ଆର୍ଥିକ ବର୍ଷରେ ପୁର୍ନବାର ସାଗର ଉପରେ ରାସ୍ତା ନିର୍ମାଣ ଓ ସୁରକ୍ଷିତ ବାଡ଼ ପାଇଁ ଆଉ ୭୯ ଲକ୍ଷ ୫ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ମାର୍ଚ୍ଚ ଶେଷ ସୁଦ୍ଧା କାମ ସାରିବାକୁ ଚୁକ୍ତି ହୋଇଛି । ଏମିତି ବାରମ୍ବାର ହିଡ଼ ନିର୍ମାଣ କରି ଦୁର୍ନୀତି କରିବାର ବାଟ ତିଆରି କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଶତାକ୍ଷୀ ମହିଳା ସଂଗଠନର ଚାରାରୋପଣ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ କଳିଙ୍ଗନଗର - ୪ ସ୍ଥିତ ଶତାକ୍ଷୀ ମହିଳା ସଂଗଠନର ବୃକ୍ଷରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି, ଏହି ଚାରାରୋପଣ ସଚେତନତା କାର୍ଯ୍ୟକ୍ରମରେ ଯୁବ ପରିବେଶବିତ୍, ଓଡିଶା ଜୈବ ବିବିଧତା ବୋର୍ଡର ବିଶେଷଜ୍ଞ ସଦସ୍ୟ ଏବଂ ଏଭର୍ ଗ୍ରୀନ୍ ଫୋରମର ପ୍ରତିଷ୍ଠାତା ସଭାପତି ଡ଼ ପ୍ରକାଶ ଚନ୍ଦ୍ର ଜେନା ଓ ବନ ପାଳ ପ୍ରଶିକ୍ଷଣ ବିଦ୍ୟାଳୟ ଭୁବନେଶ୍ୱର ଉପବନ ସହାୟକ ଅମିତା ଦାଶ୍ ଯୋଗ ଦେଇଥିଲେ, ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ଆସୁଥିବା ଆହ୍ୱାନକୁ ବ୍ୟାପକ ଭାବରେ ଚାରାରୋପଣ କରି ସାମ୍ନା କରାଯାଇପାରିବ ବୋଲି ଅତିଥିମାନେ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ମତବ୍ୟକ୍ତ କରିଥିଲେ, କାର୍ଯ୍ୟକ୍ରମ ଶେଷ ଭାଗରେ ୫୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ଚାରା ରୋପଣ କରାଯାଇଥିଲା, ଶତାକ୍ଷୀର ସଭାନେତ୍ରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ, ବହୁ ସଂଖ୍ୟାରେ ଶତାକ୍ଷୀର ସଦସ୍ୟାମାନଙ୍କର ସମାଗମରେ ସଫଳ ରୂପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।

# ୨୬ ପ୍ରେକ୍ଷାଳୟରେ 'ଆଇ ଆମ୍ କାଳିଆ'

**ଭୁବନେଶ୍ୱର (ପିପିଏସ୍):** ପୁଣି ଥରେ ଜଗା ପ୍ରେମରେ ପ୍ରେକ୍ଷାଳୟ ମୁହାଁ ହେଲେ ଦର୍ଶକ । ହରିହର ମହାପାତ୍ର ନିର୍ଦ୍ଦେଶିତ ତଥା ଅଭିନୀତ ଚଳଚ୍ଚିତ୍ର 'ଆଇ ଆମ୍ କାଳିଆ' ଭୁବନେଶ୍ୱର ସ୍ଥିତ ପିଭିଆର୍‌ରେ ପ୍ରିମିୟର ଶୋ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଣେ ବିଦେଶିନୀ ଅଭିନେତ୍ରୀଙ୍କ ସୁନ୍ଦର ଅଭିନୟ ଓଡ଼ିଆ ଦର୍ଶକଙ୍କୁ ଆକୃଷ୍ଟ କରିଛି । ସୁବାସ ସାହୁଙ୍କର ପ୍ରଯୋଜିତ ଖାଣ୍ଟି ଓଡ଼ିଆ ଜାତି, ଓଡ଼ିଶା ମାଟିର କାହାଣୀକୁ ଦର୍ଶକମାନେ ବହୁ ପ୍ରଶଂସା କରିଛନ୍ତି । ଏଥିରେ ଗୀତ ଗୁଡ଼ିକ ବେଶ୍ ଲୋକପ୍ରିୟତା ହାସଲ କରିଥିବା ବେଳେ ସିନେମାଟି ପ୍ରତ୍ୟେକ ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି ।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ଭୁବନେଶ୍ୱର (ପିପିଏସ୍):** ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ଭବନରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମଣିପାଲ ହସ୍ପିଟାଲ ଓ ଏଏସ୍‌ଜି ଆଇ ହସ୍ପିଟାଲର ଡାକ୍ତର ଓ ସହାୟକମାନେ ଚକ୍ଷୁ ପରୀକ୍ଷା, ଡାଇବେଟିସ୍, ବ୍ଲଡ ପ୍ରେସର ଓ ଇସିଜି ଭଳି ବହୁ ପରୀକ୍ଷା କରାଇଥିଲେ । ଏହି ଉପଲକ୍ଷେ ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃପାସିନ୍ଧୁ ସାହୁଙ୍କ ତତ୍ତ୍ୱାବଧାନ ଏବଂ ଉପସଭାପତି ଇଂ ସୁରେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ତେବେ ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, କୋଷାଧ୍ୟକ୍ଷ ଏସ୍ ନରସିଂହ ରାଓ, ଡ. କୁମୁଦ ମିଶ୍ର, ମହେଶ୍ୱର ବିଶ୍ୱାଳ, ସରୋଜିନୀ ପରମଗୁରୁ, ଶଶି ଭୂଷଣ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ ସମ୍ପାଦକ ଚିନ୍ତାମଣି ବାରିକଙ୍କ ସହ ଅଞ୍ଚଳବାସୀ ବହୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଶେଷରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଟକ ମାଧ୍ୟମରେ ଡେଙ୍ଗୁ ସଚେତନତା



**ଭୁବନେଶ୍ୱର (ପିପିଏସ୍):** ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡେଙ୍ଗୁ ଓ ଭ୍ରୁଣ ହତ୍ୟା ଉପରେ ସାମାଜିକ ସଚେତନତାମୂଳକ ନାଟକ 'ସୃଷ୍ଟି' ଅନୁଷ୍ଠାନର ସଦସ୍ୟା ମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଚମକ ଚାନ୍ଦିନୀ ଦାଶଙ୍କ ପରିଚାଳନାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭ଦିନ ଧରି 'ଆମ ଭାଷା ଓ ସଂସ୍କୃତି ଆମ ସ୍ୱାଭିମାନ' ଶୀର୍ଷକ ବକ୍ତୃତା, ଚିତ୍ରାଙ୍କନ, ମୂଳଗ୍ରନ୍ଥବେଦ, ନୃତ୍ୟ, ସଙ୍ଗୀତ, କୌତୁକ ପୋଷାକ, ଗଳ୍ପ, କବିତା ଇତ୍ୟାଦି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ରୌପ୍ୟ ଜୟନ୍ତୀ ଉପଲକ୍ଷେ ବୌଦ୍ଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ୧୦ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା । ସେହିପରି ରାଜ୍ୟସ୍ତରୀୟ ସର୍ବପ୍ରଥମ ଶିଶୁ ଚିତ୍ରକଳା ପ୍ରଦର୍ଶନୀରେ ୭ଜଣ ଶିଶୁ ଚିତ୍ରଶିଳ୍ପୀଙ୍କୁ 'ନବ ଅଙ୍କୁର' ସମ୍ମାନ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅନନ୍ୟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନୁଷ୍ଠାନର ୨ ସଦସ୍ୟଙ୍କୁ 'ସେବା ମିତ୍ର' ସମ୍ମାନରେ ସମ୍ମାନିତ କରାଯିବା ସହ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳା ଖେଳା ଉପରେ ଆଧାରିତ ଓଡ଼ିଆ ଚଳଚିତ୍ର 'ନବ କଳେବର' ର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଲଳିତ ଦାସ, ଦେବ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସଭାପତି ଡ. ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦିକା ନିବେଦିତା ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ ।

# ଇଲେକ୍ଟ୍ରନ ବିମ୍ ଥେରାପି ଦ୍ୱାରା କର୍କଟ ରୋଗର ଚିକିତ୍ସା

**ଭୁବନେଶ୍ୱର (ପିପିଏସ୍):** ଅତ୍ୟାଧୁନିକ ଇଲେକ୍ଟ୍ରନ ବିମ୍ ଥେରାପି (ଇବିଟି) ପଦ୍ଧତିରେ କିମ୍ସ ଅନକୋଲୋଜି ବିଭାଗରେ ଜଣେ ରୋଗୀଙ୍କଠାରେ ଏହି ରୋଗର ସଫଳ ଚିକିତ୍ସା କରାଯାଇଛି । ବିଶେଷଜ୍ଞ ଡ. ସ୍ମିତି ଦାସଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ତାଙ୍କର ପରୀକ୍ଷା କରି ଇଲେକ୍ଟ୍ରନ ବିମ୍ ଥେରାପି ଚିକିତ୍ସା କରିଥିଲେ । ନିରନ୍ତର ୩.୫ ସପ୍ତାହର ପ୍ରୟାସ ପରେ ରେଡିଏସନ୍ ଅଙ୍କୋଲୋଜି ଦଳ ଏହି ଚିକିତ୍ସା କରି ସଫଳତା ପାଇଥିଲେ । ଏବେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡ. ଦାସ କହିଛନ୍ତି । ଏହି ଅଭିଯାନରେ ଡ. ମାନିକା ବର୍ମା, ଜୁନିଅର କନସଲଟାଣ୍ଟ ଶୁଭାଶିଷ ତ୍ରିପାଠୀ, କ୍ଲିନିକାଲ୍ ଆସିଷ୍ଟାଣ୍ଟ ଆଶିଷ ମସାନ୍ତ, ଅବନ୍ତୀ ଭୂୟାଁ ପ୍ରମୁଖ ଡାକ୍ତରୀ ଦଳରେ ସାମିଲ ଥିଲେ ।

# ଚିର ସବୁଜ ଗୀତରେ ଝୁମିଲେ ଶ୍ରୋତା

**ଭୁବନେଶ୍ୱର (ପିପିଏସ୍):** ବ୍ୟାଙ୍ଗ ବ୍ୟାଙ୍ଗ ଗ୍ରୁପ ପକ୍ଷରୁ ଓଡ଼ିଆ ମାଟିର ମହକ ଇନ୍ଦ୍ରଧନୁ ଓଡ଼ିଆ ସଙ୍ଗୀତ ଆସର ଚିର ସବୁଜ ଗୀତ କାର୍ଯ୍ୟକ୍ରମ ଗୀତଗୋବିନ୍ଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଡ ସ୍ୱସ୍ତିକ ସଭାପତି ବିଜୟ କୁମାର.ଆଚାର୍ଯ୍ୟ, ଆନ୍ତର୍ଜାତୀୟ ଗଜଲ କଣ୍ଠଶିଳ୍ପୀ ବୈଷ୍ଣବ କୈଳାଶ ଅନୁଷ୍ଠାନ ଅଧ୍ୟକ୍ଷ ହରେକୃଷ୍ଣ ପଟ୍ଟନାୟକ, ଅଧ୍ୟକ୍ଷା ଲିପିଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଜଗତର ନାଥ ଆହେ ଜଗନ୍ନାଥ, ବୋଲି ଦେରେ କାଳିଆ କୋଠ ଭୋଗଖିଆ ମୋ ଚକା ଆଖି ଆ, ବିଦୁର ଶାଗ ଭଜା ଦେଇ, ଆରେ ମିତ ଆ ସଙ୍ଗାତ, ରାଧା ନାଚିବ ନାଚିବ ଆଜି, ମେଘ ବରସିଲା ଟୁପୁରୁ ଟୁପୁରୁ ଆଦି ପୁରୁଣା ରୋମାଣ୍ଟିକ ଚଳଚିତ୍ର ଗୀତରେ କଣ୍ଠଶିଳ୍ପୀମାନେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କଣ୍ଠ ଶିଳ୍ପୀ ରଞ୍ଜିତା, ମୋନାଲିସା, ଶିଖା, ମଧୁମିତା, ପ୍ରଦୀପ୍ତା, ଅଞ୍ଜନ ପ୍ରମୁଖ ଏହି ଗୀତ ଗୁଡିକ ପରିବେଷଣ କରିଥିଲେ । ଗୌରବ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଅଣଓଡ଼ିଆ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ, ୩ ଗିରଫ



**ଭୁବନେଶ୍ୱର (ପିପିଏସ୍):** ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଦୁଷ୍କର୍ମ ନେଇ ବାରମ୍ବାର ଅଭିଯୋ ହେବା ପରେ ଏହାର ପ୍ରଭାବ ରାଜ୍ୟ ରାଜନୀତିକୁ ପ୍ରଭାବିତ କରୁଥିବାବେଳେ ଖୋଦ ରାଜଧାନୀରେ ପୁଣି ଜଣେ ଅଣଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି । ଯୁବତୀ ଜଣଙ୍କ ହେଉଛନ୍ତି ଜଣେ ଡିଜେ ଅପରେଟର । ସେ ମୁମ୍ବାଇରୁ ଭୁବନେଶ୍ୱର ଆସିଥିଲେ । ଜଣେ ବାର୍ ମାଲିକ ତାଙ୍କୁ ପ୍ରୋଗ୍ରାମ ପାଇଁ ଡକାଇ ନିଜେ ଏଭଳି ଉଦ୍ୟମ କରିଛନ୍ତି । ଏହି ଘଟଣା ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣା ରଘୁନାଥପୁର ଅଞ୍ଚଳରେ ଘଟିଛି । କେବଳ ବାର୍ ମାଲିକ ନୁହନ୍ତି, ତାଙ୍କ ସହ ତାଙ୍କର ଆଉ ୨ ସହଯୋଗୀଙ୍କୁ ମଧ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବାର୍ ମାଲିକ ତଥା କଳିଙ୍ଗନଗରରେ ରହୁଥିବା ବ୍ରହ୍ମପୁର ହନୁମାନ ବଜାରର ରଘୁନାଥ ସାହୁ (୩୦), ୟୁନିଟ୍ ୩ର ଆନନ୍ଦ ସେଠୀ (୨୭) ଓ ପୁରୀ ବଳିଆପଣ୍ଡାର ଶ୍ୱେତା ସଲୋନୀ (୨୧) । ସୂଚ୍ନା ମତାବକ ମୁମ୍ବାଇର କର୍ପୋରେଟ ଆକ୍‌ସେଞ୍ଚରରେ ଏଚ୍‌ଆର ମ୍ୟାନେଜର ଭାବେ କାମ କରୁଥିବା ବେଳେ ସଉକରେ ଲାଇଭ୍ କନ୍ସର୍ଟରେ ଡିଜେ ଅପରେଟିଂ କରନ୍ତି । ଗତକାଲି କ୍ଲବ ଲିଓର ଓପେନିଂ ପ୍ରୋଗ୍ରାମକୁ ତାଙ୍କୁ ୨୨ ହଜାର ଟଙ୍କାରେ ବୁକ୍ କରାଯାଇଥିଲା । କ୍ଲବର ମାଲିକ ତଥା ଅଭିଯୁକ୍ତ ରଘୁନାଥ ସାହୁ ବିମାନ ଟିକେଟ ବାବଦକୁ ଗୁଗୁଲ-ପେ ମାଧ୍ୟମରେ ତାଙ୍କୁ ୧୪ ହଜାର ଟଙ୍କା ଦେଇଥିଲେ । ସେ ଗତକାଲି ଇଣ୍ଡିଗୋ ଫ୍ଲାଇଟ ଯୋଗେ ଭୁବନେଶ୍ୱର ଆସି କ୍ଲବ ଲିଓରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମହିଳାଙ୍କ ରାତ୍ରୀଯାପନ ପାଇଁ ପର୍ଲ ଲିଫ୍ ନାମକ ଏକ ହୋଟେଲରେ ରୁମ୍ ବୁକ୍ ହୋଇଥିଲା । ଲିଓ କ୍ଲବର ମାଲିକ ରଘୁନାଥଙ୍କ ପାଇଁ ମଧ ସେହି ହୋଟେଲରେ ତାଙ୍କ ରୁମର ସାମ୍ନା ରୁମକୁ ବୁକ୍ କରାଯାଇଥିଲା । କିଛି ସମୟ ପରେ ଶ୍ୱେତା ତାଙ୍କୁ ମାଲିକଙ୍କ ସହ ରାତ୍ରିଭୋଜନ ଲାଗି ନିମନ୍ତ୍ରଣ କରିଥିଲେ । ମହିଳା ଜଣକ ରାତ୍ରିଭୋଜନ ଯାଇଥିବା ବେଳେ ରଘୁନାଥ, ଶ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ବ୍ୟକ୍ତି ମଦ୍ୟପାନ ଓ ସିଗାରେଟ୍ ପିଉଥିବା ଦେଖିବାକୁ ପାଇଥିଲେ । ଏହା ଦେଖି ସେ ରୁମକୁ ଫେରି ଆସୁଥିଲେ । ହେଲେ ଶ୍ୱେତା ତାଙ୍କୁ ଅଟକାଇ ରଘୁନାଥଙ୍କ ସହିତ ରାତ୍ରିଯାପନ କରିବା ଲାଗି ଚାପ ପକାଇଥିଲା । ନ ହେଲେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲା । ସେହି ସମୟରେ ରଘୁନାଥ ତାଙ୍କୁ ଅସଦାଚରଣ କରିବା ସହିତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା । ସେ ରୁମରୁ ବାହାରକୁ ପଳାଇବା ଲାଗି ଚେଷ୍ଟା କରିବା ବେଳେ ଶ୍ୱେତା, ଆନନ୍ଦ, ରୋହିତ, ମୁନା ଓ ଅନ୍ୟ ଜଣେ ସହଯୋଗୀ ତାଙ୍କୁ ଜୋରଜବରଦସ୍ତ ଅଟକାଇବା ସହିତ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ପୀଡ଼ିତା କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସି ନିଜ ରୁମରେ ନିଜକୁ ବନ୍ଦ କରିଦେଇଥିଲେ । ଏହାପରେ ଅଭିଯୁକ୍ତମାନେ ତାଙ୍କ କବାଟ ବାଡ଼େଇବା ସହିତ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ । ପୀଡ଼ିତା ୧୧୨ କୁ କଲ୍ କରିବା ପରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ନନ୍ଦନକାନନ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା । ରଘୁନାଥ, ଆନନ୍ଦ ଓ ଶ୍ୱେତାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାର୍ ମାଲିକ ରଘୁନାଥ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୭ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା । ସେପଟେ ଘଟଣାରେ ସଂପୃକ୍ତ ରୋହିତ, ମୁନା ଓ ଅନ୍ୟଜଣେ ସହଯୋଗୀ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

# ଚାକିରି ନାଁରେ ଠକେଇ ଠକେଇ କରି ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ସଚିବାଳୟରେ ଚାକିରି କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ପିପିଲି ଦାଣ୍ଡ ମୁକୁନ୍ଦପୁରର ଅମିୟ ପୁଷ୍ପାଳକ (୩୭) ।

ପୁଲିସ ସୂଚ୍ନା ଅନୁସାରେ, ନିଳାଦ୍ରୀ ବିହାରର ମନୋରମା ମିଶ୍ର ତାଙ୍କ ପୁଅକୁ କିଛିଦିନ ପୂର୍ବେ ସୁନ୍ଦରପଦା ସ୍ଥିତ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ । ଉକ୍ତ ସଂସ୍ଥାର ମାଲିକ ପ୍ରତୀକ ପଣ୍ଡା ଓ ଅମିୟ ତାଙ୍କ ପୁଅକୁ ସଚିବାଳୟରେ ସରକାରୀ ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇଥିଲେ । ଏଥିଲାଗି ସହ ଘରୁ ଟଙ୍କା ଆଣିବା ଲାଗି ପ୍ରବର୍ତ୍ତାଇଥିଲେ । ପୁଅ ଏନେଇ ମନୋରମାଙ୍କୁ ଜଣାଇଥିଲେ । ଦୁଇ ଜଣଙ୍କ କଥାରେ ବିଶ୍ୱାସ କରି ମନୋରମା ତାଙ୍କୁ ନଗଦ ୧୦ ଲକ୍ଷ ଟଙ୍କା ଦେଇଥିବା ବେଳେ ବାକି ଟଙ୍କା ବ୍ୟାଙ୍କ ଚେକ ମାଧ୍ୟମରେ ଦେଇଥିଲେ । ଟଙ୍କା ନେବାର କିଛିଦିନ ପରେ ଅମିୟ ତାଙ୍କୁ ସଚିବାଳୟର ନିଯୁକ୍ତି ପତ୍ର ଓ ପରିଚୟ ପତ୍ର ଦେଇଥିଲା । ଗତମାସ ୧୯ ତାରିଖ ଦିନ ମନୋରମାଙ୍କ ପୁଅ କାର୍ଯ୍ୟରେ ଯୋଗ ଦେବାକୁ ସଚିବାଳୟ ଯାଇଥିଲେ । ପ୍ରବେଶ ସମୟରେ ସେ ନେଇଥିବା ନିଯୁକ୍ତି ଓ ପରିଚୟ ପତ୍ର ଜାଲ ବୋଲି ଜଣାପଡ଼ିଥିଲା । ଏନେଇ ସେ ମାଆଙ୍କୁ ଜଣାଇବା ପରେ ମନୋରମାଙ୍କ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ଅମୀୟକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# 'ଜଗା କଥା' ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ଡିପ୍-ଟେକ ଷ୍ଟାର୍ଟଅପ ଜେଡ୍‌ଟପ୍ ଆଇଓଟି ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଟେକ୍ନୋଲୋଜି ଓ ପରମ୍ପରାର ଏକ ଉଲ୍ଲେଖନୀୟ ମିଶ୍ରଣରେ ଏଆଇ ଜେନେରେଟେଡ ମ୍ୟୁଜିକ ଭିଡିଓ 'ଜଗା କଥା' ଉନ୍ମୋଚିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ରବି ନାରାୟଣ ରଥଶର୍ମା, ମନୋଜ କୁମାର ଜେନା, ଅନିଲ ଧୀର୍, ଫଂଚମୀ ମାନୁ ଉକିଲ, ବକୁଳ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଢ଼େଇ ବର୍ଷ ପରେ ଧରାପଡ଼ିଲା ସୀମାଞ୍ଚଳ

**ଭୁବନେଶ୍ୱର (ପିପିଏସ୍):** ଅଶୋକ ନଗରରେ ଆତଙ୍କ ଖେଳାଇବା ସହିତ ଟ୍ରାଭେଲ୍ସ ମାଲିକଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାର ଅଢ଼େଇ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଫାଳିକିଆ ବସ୍ତିର ସୀମାଞ୍ଚଳ ରେଡ୍ଡୀ (୨୭) । ପୁଲିସ ସୂଚ୍ନା ଅନୁସାରେ, ଅଶୋକ ନଗର ସ୍ଥିତ ଆରବୀ ଟ୍ରାଭେଲ୍ସର ମାଲିକ ମାନସ ପ୍ରଧାନଙ୍କ ସାନଭାଇ ବିଶ୍ୱଜିତ ମଲ୍ଲ ୨୦୨୩ ମସିହା ଜାନୁୟାରୀ ୧୪ ତାରିଖ ଦିନ ଅଫିସ ବାହାରେ ଫୋନରେ କଥା ହେଉଥିଲେ । ସେହି ସମୟରେ ସୀମାଞ୍ଚଳ, ସନିଆ ଓ ତାଙ୍କ ସହଯୋଗୀମାନେ ସମ୍ବିତ ଏନଏକ୍ସ ହୋଟେଲ ପଛପାଖରୁ କିଛି ଲୁହା ସାମଗ୍ରୀ ଚୋରୀ କରୁଥିବା ଦେଖିବାକୁ ପାଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବିଶ୍ୱଜିତଙ୍କ ପାଖକୁ ଆସି କାହିଁକି ଭିଡିଓ କରୁଛ ବୋଲି ପଚ୍ାରିଥିଲେ । ଏକ ଭଙ୍ଗା ବୋତଲରେ ଆକ୍ରମଣ ଧମକ ଦେଇ ୪୮୦୦ ଟଙ୍କା ଓ ଏକ ସୁନା ମୁଦି ଛଡ଼ାଇ ନେଇଥିଲେ । ଏହା ପରେ ଅଭିଯୁକ୍ତମାନେ ତାଙ୍କ ଅଫିସ ଭିତରେ ପଶି ୧୮ ହଜାର ଟଙ୍କା ନେଇ ଯାଇଥିଲେ । ମାନସ ବିରୋଧ କରିବାରୁ ତାଙ୍କ ନିକଟରୁ ୨ଟି ସୁନା ଚେନ ଓ ସୁନା ମୁଦି ଛଡ଼ାଇ ନେଇଥିଲେ । ଏହାସହିତ ଅଫିସ ବାହାରେ ଥିବା ବାଇକକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ । ସେହି ବର୍ଷ ମେ ମାସରେ ସନିଆକୁ ଗିରଫ କରିବା ସହ ଚୋରି ହୋଇଥିବା ସୁନା ଚେନ ଓ ଫୋନ ଜବତ କରିଥିଲା । ଆଜି ଫାଳିକିଆ ବସ୍ତିରୁ ସିମାଞ୍ଚଳକୁ ଗିରଫ କରିଥିଲା । ସୀମାଞ୍ଚଳ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୧୬ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା ।

# ଆକ୍ରମଣ ଅଭିଯୋଗରେ ୩ ଯୁବକ ଗିରଫ



**ଭୁବନେଶ୍ୱର (ପିପିଏସ୍):** ମରଣାତ୍ମକ ଆକ୍ରମଣ କରିବା ଅଭିଯୋଗରେ ପାହାଳ ଥାନା ପୁଲିସ ନହରକଣ୍ଟା ର ପପୁ ବେହେରା(୨୫), ହରିଦାସପୁରର ବିକ୍ରମ କୁମାର ଭୋଇ (୩୦), ବାଲିଅନ୍ତା ଭୁବନପୁରର ବିକାଶ ଜେନା(୨୩) ଓରଫ ବବୁଲ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚ୍ନା ଅନୁସାରେ ଅଭିଯୋଗକାରୀ ଅମିୟ କୁମାର ଜେନା ପରିବାର ସହ ନହରକଣ୍ଟା ଗ୍ରାମରେ ରୁହନ୍ତି । ସେ ଗତ ୧୦ ତାରିଖ ରାତିରେ ତ୍ରିନାଥ ମନ୍ଦିର ନିକଟରେ ଥିବା ଝାଡେଶ୍ୱର ମହାନ୍ତିଙ୍କ ଦୋକାନକୁ ଅମୁଲ ଆଣିବା ଲାଗି ଯାଇଥିବା ବେଳେ ପପୁ, ବବୁଲ, ବିକ୍ରମ ଏବଂ ତାଙ୍କର ଜଣେ ସହଯୋଗୀ ପୂର୍ବରୁ ସେଠାରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ । ଦୋକାନୀଙ୍କ ଅନୁରୋଧ କ୍ରମେ ସେଠାରେ ବିଶୃଙ୍ଖଳା ସୃଷ୍ଟି ନ କରିବା ଲାଗି ସେ ଅଭିଯୁକ୍ତମାନଙ୍କୁ କହିଥିଲେ । ଏହାକୁ ନେଇ ଅଭିଯୁକ୍ତମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଯାହାଦ୍ୱାରା କି ସେ ତଳେ ପଡିଯାଇଥିଲେ । ତଳେ ପଡିଥିବା ଅବସ୍ଥାରେ ଅଭିଯୁକ୍ତ ପପୁ ତାଙ୍କୁ ଥଣ୍ଡା ପାନୀୟ ବୋତଲ ସାହାଯ୍ୟରେ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ ଏବଂ ଅଭିଯୁକ୍ତ ମାନେ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ସେ ଗୁରୁତର ଆହତ ହୋଇ ଚେତାଶଉନ୍ୟ ହୋଇ ଯାଇଥିଲେ । ସୂଚ୍ନା ପାଇ ପରିବାର ସଦସ୍ୟ ତାଙ୍କୁ ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହାଇଟେକ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ପରେ ପାହାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚ୍ନା ଆଧାରରେ ଚ୍ଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ପଚ୍ରାଉଚ୍ରା ସମୟରେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିଥିଲେ ।

# ଆଜି ଏମ୍ସର ୫ମ ସମାବର୍ତ୍ତନ ଉତ୍ସବ; ଯୋଗଦେବେ ରାଷ୍ଟ୍ରପତି

**ଭୁବନେଶ୍ୱର (ପିପିଏସ୍):** ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଚଳିତ ମାସ ୧୪ ତାରିଖ ଅର୍ଥାତ୍ ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ସ୍ମରଣୀୟ ଉତ୍ସବରେ ରାଷ୍ଟ୍ରପତି ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ଏମ୍ସ ପରିବାରକୁ ଅନୁପ୍ରେରିତ କରିବା ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ । ଶିକ୍ଷାଗତ ଉତ୍କର୍ଷତା, ସମର୍ପଣ ଓ ଦେଶ ପ୍ରତି ସେବା ମନୋଭାବକୁ ପ୍ରତିପାଦିତ କରୁଥିବା ଏହି ସମାବର୍ତ୍ତନ ଉତ୍ସବକୁ ଏମ୍ ?ସ ପକ୍ଷରୁ ସହୃଦୟତାର ସହିତ ସ୍ୱାଗତ କରିଛନ୍ତି ଡ. ବିଶ୍ୱାସ । ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ସେପଟେ ରାଷ୍ଟ୍ରପତି ଯୋଗ ଦେବାକୁ ଥିବାରୁ ପୁଲିସ ଓ ପ୍ରଶାସନ ଆଜି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଛନ୍ତି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ପରିଦର୍ଶନ କରି ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି । ଏହି ଅବସରରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

# କେୟାର୍ ରିବାଇଣ୍ଡ ୨.୦ ଚିକିତ୍ସା ସମ୍ମିଳନୀ



**ଭୁବନେଶ୍ୱର (ପିପିଏସ୍):** କେୟାର୍ ହସ୍ପିଟାଲ୍ ଓ 'ଦ' ବିଲିୟନ୍ ନି ପ୍ରୋଜେକ୍ଟ ଓ ହେଲ୍ଥ ଏବଂ ହର୍‌ମୋନୀ ଟ୍ରଷ୍ଟ'ର ମିଳିତ ଆନୁକୂଲ୍ୟରେ କେୟାର୍ ରିବାଇଣ୍ଡ ୨.୦ ଚିକିତ୍ସା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଧୁନିକ ଚିକିତ୍ସା ପ୍ରବୃତ୍ତି ବିଷୟରେ ସମ୍ବାଦ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ 'ଇଣ୍ଡିଆନ୍ ସାଇକୋଥେରାପୀ ଓ ହେଲ୍ଥ ଏବଂ ହର୍‌ମୋନୀ ଟ୍ରଷ୍ଟ' ଅଂଶଗ୍ରହଣ କରିଥିଲା । ଏଥିରେ ବିଭିନ୍ନ ଜିଲ୍ଲାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯୋଡ଼ି ହୋଇଥିଲେ । ସେମାନେ ଭବିଷ୍ୟତରେ ଏକ ସୁସ୍ଥ ସ୍ୱାସ୍ଥ୍ୟ ପରିବେଶ ଗଠନ ପାଇଁ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ, ଡାକ୍ତର ସନ୍ଦୀପ ସିଂ, ରୋବୋଟିକ୍ ସର୍ଜରୀ ମୁଖ୍ୟ ପରାମର୍ଶଦାତା କିସ୍‌ଲେ ଆନନ୍ଦ, ଜୋନାଲ୍ ମୁଖ୍ୟ ପରିଚାଳନା ଅଧିକାରୀ ଲୋକନାଥ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# କ୍ରୁଟ୍ ଆୟୋଜନ କରିବ କର୍ମଚାରୀ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର (ପିପିଏସ୍):** ଦିନକୁ ଦିନ ଆମ ବସ୍ ଯାତ୍ରୀଙ୍କ ପ୍ରତି କର୍ମଚାରୀଙ୍କ ଔଦ୍ଧତ୍ୟ ବଢ଼ିବାରେ ଲାଗିଛି । ଯାହାକୁ କେନ୍ଦ୍ରକରି ସାଧାରଣରେ ଅସନ୍ତୋଷ ବଢୁଥିବା ବେଳେ କ୍ରୁଟ୍ ପକ୍ଷରୁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଯୋଜନା କରାଯାଇଛି । ଆଗାମୀ ଦିନରେ ନିୟମିତ ବ୍ୟବଧାନରେ ଏହି ପ୍ରଶିକ୍ଷଣ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି ।

ଆମ ବସ୍ ଯାତ୍ରୀଙ୍କୁ ବସ୍ ଭିତରୁ ମୁଥମାରି ଠେଲିଦେବା ସହ ନିଷ୍ଠୁର ମାଡ଼ ମାରିବା ଘଟଣାରେ ବସ୍‌ର ପାଇଲଟ୍ ଓ କଣ୍ଡକ୍ଟରଙ୍କୁ କ୍ରୁଟ୍ କାର୍ଯ୍ୟରୁ ହଟାଇ ଦେଇଛି । ଏହି ଘଟଣାକୁ ନେଇ ଜନଅସନ୍ତୋଷ ବଢୁଥିଲା ବେଳେ ସହଯୋଗୀ କଣ୍ଡକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ସେମାନଙ୍କ ବିରୋଧରେ କ୍ରୁଟ୍ ଥାନାରେ ଏତଲା ଦେଉ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି । ଯାତ୍ରୀଙ୍କ ବିରୋଧରେ ଆମ ବସ୍ କର୍ମଚାରୀଙ୍କ ଦୁଃବ୍ୟବହାର ବଢିବାରେ ଲାଗିଛି । ଏମାନେ ଯାତ୍ରୀଙ୍କୁ କେତେବେଳେ ବ୍ୟବହାର ଖାରାପ କରୁଛନ୍ତି ପୁଣି କେତେବେଳେ ଆକ୍ରମଣ କରୁଛନ୍ତି । ଏହାକୁ ନେଇ ଏବେ ଚିନ୍ତାରେ କ୍ରୁଟ୍ । ଏଣୁ ଆମ ବସ୍ କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉ ଥିଲେ ମଧ କୌଣସି ଫଳପ୍ରଦ ହେଉ ନାହିଁ । ଏସମ୍ପର୍କରେ କ୍ରୁଟ୍ ଏମ୍‌ଡି ଡଃ. ଏନ୍ ତିରୁମାଳା ନାଏକ କହିଛନ୍ତି ଆମ ବସ୍ କର୍ମଚାରୀଙ୍କୁ ଅନେକ ସମୟରେ ସଚେତନ କରାଯାଉଛି । ଏହାସତ୍ତ୍ୱେ ଅଘଟଣ ଘଟୁଛି । କାର୍ଯ୍ୟରତ ଡ୍ରାଇଭରଙ୍କୁ ତୁରନ୍ତ କାର୍ଯ୍ୟରୁ ବାହାର କରାଯାଇଛି ।

# ଶୈବପୀଠ ଆଗରେ କାଉଡ଼ିଆଙ୍କ ଗହଳି, ଆଜି ଜଳଲାଗି



**ଭୁବନେଶ୍ୱର (ପିପିଏସ୍):** ଆସନ୍ତା କାଲି ଶ୍ରାବଣ ପ୍ରଥମ ସୋମବାର । ଏଥିପାଇଁ ଆଜିଠାରୁ ରାଜଧାନୀର ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି । ଶ୍ରୀଲିଙ୍ଗରାଜ ପୀଠ ସହ ଚିନ୍ତାମଣିଶ୍ୱର, ଭାସ୍କରେଶ୍ୱର, ଆଖଣ୍ଡଳମଣି, କୁକୁଟେଶ୍ୱର, ବୁଦ୍ଧେଶ୍ୱରୀ, ନୀଳକେଣ୍ଠେଶ୍ୱର ଆଦି ମନ୍ଦିରରେ ଭକ୍ତଙ୍କ ଭଡ଼ ଲାଗିଲାଣି । ସପ୍ତାହବ୍ୟାପୀ ଏକ ନମ୍ବର ହାଟ ସମେତ ରାଜଧାନୀର ବିଭିନ୍ନ ହାଟରେ ଏବଂ ରାସ୍ତାକଡ଼ରେ ଜଳଲାଗି ସରଞ୍ଜାମ ବିକ୍ରି ହେଉଛି । କିନ୍ତୁ ଗତ ୩ ଦିନ ଧରି ରାଜଧାନୀର ବିଭିନ୍ନ ହାଟରେ ଭିଡ଼ ଅଧିକ ପରିଲକ୍ଷିତ ହେଉଛି । ଶନିବାର ସରକାରୀ ଛୁଟି ଥିବାରୁ ପୂରା ଦିନ ଏକ ନମ୍ବର ହାଟରେ ଭିଡ଼ ପରିଲକ୍ଷିତ ହୋଇଥିଲା । ଏମିତି କି ଗୋଟିଏ ଗୋଟିଏ ଦୋକାନରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହୁଙ୍ଗି ଏବଂ ଅନ୍ୟ ଜଳଲାଗି ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା । ବିଶେଷକରି ବାହୁଙ୍ଗିଠାରୁ ଆରମ୍ଭ କରି କଳସୀ, ଶିକାଠାରୁ ଆରମ୍ଭ କରି ବିଭିନ୍ନ ବାହୁଙ୍ଗି ସାମଗ୍ରୀ ଏବଂ ପୂଜା ସାମଗ୍ରୀ ବିକ୍ରି ହେଉଛି । ପୂରା ପ୍ୟାକେଜ୍ ୫ ଶହ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ରହିଛି । ତେବେ ଅଧିକାଂଶ ଲୋକେ ହଜାର ଟଙ୍କା ଦେଇ ଗୋଟିଏ ଗୋଟିଏ ସେଟ୍ କିଣୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବବର୍ଷ ଅପେକ୍ଷା ଏଥର ଆକର୍ଷଣୀୟ ମ୍ୟୁଜିକ୍ ବାହୁଙ୍ଗି ବିକ୍ରି ହେଉଛି । ଯାହାର ଦାମ୍ ଦେଢ ହଜାରରୁ ଆରମ୍ଭ ହୋଇଛି । ଏହି ବାହୁଙ୍ଗିରେ ବ୍ୟାଟେରୀ ସହ ଆଲୋକ ବ୍ୟବସ୍ଥା ମଧ ରହିଛି । ଯାହା ଅନ୍ଧାରରେ ଆକର୍ଷଣୀୟ ଦେଖାଯିବ । ରାଜଧାନୀ ରାସ୍ତାକଡ଼ରେ ଆଜି ସେଭଳି କିଛି ଶ୍ରଦ୍ଧାଳୁ ପାଣିଲାଗି ପାଇଁ ଯାଉଥିବା ଦେଖିବାକୁ ମିଳିଥିଲା ।

ଅନେକ ଶ୍ରଦ୍ଧାଳୁ ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ କିଣିବା ପାଇଁ ବିଭିନ୍ନ ସୋରୁମ୍‌ରେ ଭିଡ଼ ଜମାଇଥିଲେ । ସାମଗ୍ରୀ କିଣିବା ସହ ଗତ ଦୁଇଦିନ ହେଲା କଟକ ଗଡ଼ଗଡ଼ିଆ ଘାଟ ସମେତ ରାଜଧାନୀର ବିଭିନ୍ନ ନଦୀ ଘାଟରେ ଭିଡ଼ ଜମିଥିଲା । ଶନିବାର ବିଳମ୍ବିତ ରାତିରେ ରାଜଧାନୀର ବିଭିନ୍ନ ରାସ୍ତାଘାଟରେ କାଉଡ଼ିଆଙ୍କୁ ଦେଖିବାକୁ ମିଳିଥିଲା । ଯଦିବା ପୂର୍ବବର୍ଷଗୁଡ଼ିରେ କାଉଡିଆମାନେ ରିଲ୍ସ କରୁଥିଲେ ଏଥର ଅଧିକାଂଶ କାଉଡ଼ିଆଙ୍କୁ ରାଜପଥରେ ରିଲ୍ସ କରିବା ଦେଖିବାକୁ ମିଳିଛି । ବିଭିନ୍ନ ସାମାଜିକ ଗଣମାଧ୍ୟମରେ କାଉଡିଆଙ୍କ ରିଲ୍ସ ଦେଖିବାକୁ ମିଳିଛି । କାଉଡିଆଙ୍କ ଆଗମନକୁ ଦୃଷ୍ଟିରେ ରଖି ବିଭିନ୍ନ ସେବା ଅନୁଷ୍ଠାନ ଏବଂ ଧର୍ମ ଅନୁଷ୍ଠାନ ପକ୍ଷରୁ କଟକ-ଭୁବନେଶ୍ୱର ଜାତୀୟ ରାଜପଥ କଡ଼ରେ ଷ୍ଟଲ୍ ମାନ ଖୋଲିଛି । ସେଠାରେ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି । କେତେକ ସ୍ଥାନରେ କାଉଡ଼ିଆଙ୍କ ପାଦ ସେବା କରିବା ବ୍ୟବସ୍ଥା କରାଯାଉଛି । ଲୋକେ କାଉଡ଼ିଆଙ୍କ ଗୋଡ଼ ମୋଡ଼ିଦେବା ସହ ସେବା କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଶ୍ରୀଲିଙ୍ଗରାଜ ମନ୍ଦିରରେ ବିଶେଷ ବ୍ୟବସ୍ଥା କରାଯାଇଛି । ଲମ୍ବା ବ୍ୟାରିକେଡ୍ ସହ ଶୃଙ୍ଖଳିତ ଜଳଲାଗି କିଭଳି ହୋଇପାରିବ ସେଥିପ୍ରତି ବିଶେଷ ବ୍ୟବସ୍ଥା କରାଯାଇଛି ।




# ଯାତ୍ରୀଙ୍କ ସୁରକ୍ଷା ପାଇଁ ଟ୍ରେନ୍‌ରେ ଲାଗିବ ସିସିଟିଭି କ୍ୟାମେରା



ନୂଆଦିଲ୍ଲୀ: ଭାରତୀୟ ରେଳବାଇର ବଡ଼ ନିଷ୍ପତ୍ତି। ଯାତ୍ରୀଙ୍କ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଟ୍ରେନ ଗୁଡ଼ିକରେ ଲଗାଇବ ସିସି ଟିଭି କ୍ୟାମେରା। ଏହି ଯୋଜନା ଅଧୀନରେ, ସାରା ଦେଶରେ ପ୍ରାୟ ୭୪ ହଜାର ଯାତ୍ରୀ କୋଚ୍ ଏବଂ ୧୫ ହଜାର ଲୋକୋମୋଟିଭ୍ ଇଞ୍ଜିନରେ ସିସି ଟିଭି କ୍ୟାମେରା ଲଗାଯିବ। ପ୍ରତ୍ୟେକ କୋଚ୍‌ରେ ଚାରୋଟି କ୍ୟାମେରା ଲଗାଯିବ। ସେହିଭଳି ପ୍ରତ୍ୟେକ ଲୋକୋମୋଟିଭରେ ଛଅଟି ଲେଖାଏଁ କ୍ୟାମେରା ଲଗାଯିବାର ଯୋଜନା ରହିଛି। କୋଚ୍‌ର ପ୍ରବେଶ ସ୍ଥାନ ଏବଂ ସାଧାରଣ ଅଞ୍ଚଳରେ ଦୁଇଟି କ୍ୟାମେରା ଲଗାଯିବ।

ଏହି ହାଇ-ଟେକ୍ କ୍ୟାମେରା ଗୁଡ଼ିକର ବିଶେଷ କଥା ହେଉଛି ଯେ ଏଗୁଡ଼ିକ କମ୍ ଆଲୋକରେ ମଧ୍ୟ ଉଚ୍ଚ ଗୁଣବତ୍ତା ଭିଡିଓ ରେକର୍ଡ କରିପାରିବେ ଏବଂ ଉଚ୍ଚ ଗତିରେ ମଧ୍ୟ ସ୍ପଷ୍ଟ ଫୁଟେଜ୍ ପ୍ରଦାନ କରିପାରିବେ। ଏହା ଦ୍ୱାରା ନିରୀକ୍ଷଣ ବ୍ୟବସ୍ଥା ଏବଂ ସୁରକ୍ଷାରେ ବହୁତ ଉନ୍ନତି ହେବ ବୋଲି ଆଶା କରାଯାଉଛି।

ସୂଚନାଥାଉକି, କଟକରେ ପାନିପତରେ ଏକ ଟ୍ରେନ ଭିତରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ମହିଳା ଜଣକ କହିଥିଲେ ଯେ, ସେ ରେଳ ଷ୍ଟେସନ୍‌ରେ ବସିଥିଲେ। ଏହି ସମୟରେ, ଜଣେ ବ୍ୟକ୍ତି ଆସି ଦାବି କଲେ ଯେ ତାଙ୍କୁ ମହିଳାଙ୍କ ସ୍ୱାମୀ ପଠାଇଛନ୍ତି। ଅଭିଯୁକ୍ତ ମହିଳାଙ୍କୁ ଏକ ଖାଲି କୋଚ୍‌କୁ ନେଇ ବଳାତ୍କାର କରିଥିଲେ। ଏହା ପରେ ଆଉ ଦୁଇଜଣ ବ୍ୟକ୍ତି ଆସିଥିଲେ ଏବଂ ସେମାନେ ମଧ୍ୟ ମହିଳାଙ୍କୁ ବଳାତ୍କାର କରିଥିଲେ। ଏହା ପରେ ତାଙ୍କୁ ରେଳ ଟ୍ରାକରେ ଫିଙ୍ଗି ଦିଆଯାଇଥିଲା। ମହିଳା ଜଣକ ରେଳ ଟ୍ରାକରେ ଶୋଇଥିଲେ ଏବଂ ତାଙ୍କ ଉପରେ ଏକ ଟ୍ରେନ୍ ଚାଲିଗଲା। ଏହି ଦୁର୍ଘଟଣାରେ ସେ ତାଙ୍କର ଗୋଟିଏ ଗୋଡ଼ ମଧ୍ୟ ହରାଇଲେ। ଏହି ଘଟଣା ପରେ, ଏବେ କୋଚରେ କ୍ୟାମେରା ଲଗାଇବାର ନିଷ୍ପତ୍ତି ନିଶ୍ଚିତ ଭାବରେ ସୁରକ୍ଷାକୁ ଉନ୍ନତ କରିବ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଚଳିତ ବର୍ଷ ଏପ୍ରିଲ୍ ଆରମ୍ଭରେ କହିଥିଲେ ଯେ,୧.୫ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ରେଳ ଷ୍ଟେସନରେ ସିସି ଟିଭି କ୍ୟାମେରା ଲଗାଯିବ। ସଂସଦରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ଭାରତୀୟ ରେଳ ମହିଳା ମାନଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଉଛି। ଦେଶର ବିଭିନ୍ନ ସ୍ଥାନରେ ରେଳ ଷ୍ଟେସନରେ କ୍ୟାମେରା ଲଗାଇବା ପାଇଁ କାମ ଚାଲିଛି। ପ୍ରତ୍ୟେକ ଡିଭିଜନ, ଜୋନ୍ ଏବଂ ରେଳ ବୋର୍ଡରେ ୱାର୍ ରୁମ୍ ସ୍ଥାପନ କରାଯାଇଛି, ଯାହା ନିୟମିତ ଭାବରେ ରେଳ ଷ୍ଟେସନ ଗୁଡ଼ିକର ତଦାରଖ କରିବ।

# ୟୁଏନ୍‌ଏଡ୍ସ ପାଣ୍ଠି ବନ୍ଦ ପ୍ରଭାବ: ୨୦୨୯ ସୁଦ୍ଧା ୪୦ ଲକ୍ଷ ଲୋକଙ୍କ ମୃତ୍ୟୁ ଆଶଙ୍କା

ନୂଆଦିଲ୍ଲୀ : ଜାତିସଂଘର ଏଡ୍ସ କାର୍ଯ୍ୟକ୍ରମକୁ ପାଣ୍ଠି ଯୋଗାଇବାକୁ ଆମେରିକାର ଟ୍ରମ୍ପ ପ୍ରଶାସନ ମନା କରିଦେଇଛି। ପାଣ୍ଠି ଯୋଗାଣ ବନ୍ଦ ହେବା ଯୋଗୁ ଆସନ୍ତା ୨୦୨୯ ସୁଦ୍ଧା ୪୦ ଲକ୍ଷ ଲୋକ ଏଚ୍‌ଆଇଭି/ଏଡ୍ସରେ ପ୍ରାଣ ହରାଇବା ସହ ୬୦ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ନିକଟରେ ପ୍ରକାଶ ପାଇଥିବା ୟୁଏନ୍‌ଏଡ୍ସର ଏକ ରିପୋର୍ଟରୁ ଏକଥା ସାମ୍ନାକୁ ଆସିଛି। ରିପୋର୍ଟରେ କୁହାଯାଇଛି ଯେ ୟୁଏନ୍‌ଏଡ୍ସ କାର୍ଯ୍ୟକ୍ରମ ପାଇଁ ଆମେରିକା ପାଣ୍ଠି ବନ୍ଦ କରିଦେବା ଫଳରେ ଅନ୍ୟ ସହଯୋଗୀ ଦେଶମାନେ ମଧ୍ୟ ଏଭଳି ପଦକ୍ଷେପ ନେବାର ସମ୍ଭାବନା ରହିଛି। ଏହା ଯୋଗୁ ୟୁଏନ୍‌ଏଡ୍ସ କାର୍ଯ୍ୟକ୍ରମ ପ୍ରଭାବିତ ହେବ। ଜାତିସଂଘ ଦ୍ୱାରା ପରିଚାଳିତ ବିଭିନ୍ନ ଦେଶରେ ଥିବା ଏଚ୍‌ଆଇଭି/ଏଡ୍ସ କ୍ଲିନିକ ବନ୍ଦ ହେବ। କର୍ମଚାରୀଙ୍କୁ ଦରମା ମିଳିବନି। ନିରାପଦ ଓ ସଚେତନତା କାର୍ଯ୍ୟକ୍ରମ ସମ୍ଭବ ହେବନାହିଁ। ଟେଷ୍ଟିଂ ମଧ୍ୟ କରିବା କଷ୍ଟକର ହୋଇପଡ଼ିବ।

ଏଡ୍ସ କାର୍ଯ୍ୟକ୍ରମରେ ସାମିଲ ଅନ୍ୟାନ୍ୟ ସଙ୍ଗଠନ ଓ ସଂସ୍ଥାମାନେ ମଧ୍ୟ ଦୁର୍ବଳ ହୋଇଯିବେ। ଚଳିତ ବର୍ଷ ପାଇଁ ଆମେରିକା ୟୁଏନ୍‌ଏଡ୍ସ କାର୍ଯ୍ୟକ୍ରମ ଲାଗି ୪୦୦ କୋଟି ଡଲାର ଦେବା କଥା। କିନ୍ତୁ ଗତ ଜାନୁଆରୀରେ ଟ୍ରମ୍ପ ସମସ୍ତ ବିଦେଶୀ ଅନୁଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ୟୁଏସ୍‌ଏଡ୍ ଏଜେନ୍ସିକୁ ବନ୍ଦ କରିଦେଇଥିଲେ। ୨୦୦୩ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ପିଇପିଏଫଏଆର (ଏଡ୍ସ ରିଲିଫ ପାଇଁ ଆମେରିକା ରାଷ୍ଟ୍ରପତିଙ୍କ ଜରୁରି ଯୋଜନା) ଆରମ୍ଭ କରିଥିଲେ। ପିଇପିଏଫଏଆରର ପୂର୍ବତନ ପ୍ରଧାନ ଉପସଂଯୋଜକ ଆଞ୍ଜେଲି ଆଚରେକରଙ୍କ ସୂଚନା ଅନୁଯାୟୀ ୟୁଏନ୍‌ଏଡ୍ସ କାର୍ଯ୍ୟକ୍ରମ ଉପରେ ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ସମୀକ୍ଷା କରୁଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇନାହିଁ। ଏଚ୍‌ଆଇ/ ଏଡ୍ସରେ ଜୀବନ ସହ ସଂଘର୍ଷ କରୁଥିବା ବ୍ୟକ୍ତିଙ୍କ ପାଇଁ ପାଣ୍ଠି ଯୋଗାଣ ଜାରି ରହିବ ବୋଲି ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ସୂଚନା ଦେଇଛନ୍ତି। ବିଭିନ୍ନ ଦେଶ ପକ୍ଷରୁ ନିଜସ୍ୱ ଏଡ୍ସ କାର୍ଯ୍ୟକ୍ରମ ଚାଲିଛି। କିନ୍ତୁ ଆମେରିକା ସହାୟତା ବିନା ତାହା ଅଧୁରା ହୋଇଯିବ।

# ଗାଡ଼ି କାଚରେ ଫାସ୍‌ଟ୍ୟାଗ୍ ନ ଲଗାଇଲେ ହେବେ କଳାତାଲିକାଭୁକ୍ତ



ନୂଆଦିଲ୍ଲୀ: ଗାଡ଼ି କାଚରେ ଫାସ୍‌ଟ୍ୟାଗ୍‌ନ ଲଗାଇ (ଲୁଜ୍ ଫାସ୍ ?ଟ୍ୟାଗ୍) ପାଖରେ ରଖିଲେ ବ୍ୟବହାରକାରୀଙ୍କୁ କଳାତାଲିକାଭୁକ୍ତ କରାଯିବ। ଟୋଲ୍ ପ୍ଲାଜାର ଦକ୍ଷତା ବୃଦ୍ଧି କରିବା, ଠକେଇ ରୋକିବା, ଭିଡ଼ କମ୍ କରିବା ଏବଂ ଆଗାମୀ ଡିଜିଟାଲ ତଥା ଉନ୍ନତ ଟୋଲ୍ ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏହି ନିଷ୍ପତ୍ତି ନେଇଛି। ଫାସ୍‌ଟ୍ୟାଗ୍‌ର ପ୍ରାମାଣିକତା ଏବଂ ବୈଦ୍ୟୁତିକ ଟୋଲ୍ ସଂଗ୍ରହ (ଇଟିସି) ବ୍ୟବସ୍ଥାର ଅଖଣ୍ଡତା ସୁନିଶ୍ଚିତ କରିବା ତଥା ବାର୍ଷିକ ପାସ୍ ଏବଂ ମଲ୍ଟି-ଲେନ୍ ଫ୍ରି ଫ୍ଲୋ (ଏମ୍‌ଏଲ୍‌ଏଫ୍‌ଏଫ୍) କାର୍ଯ୍ୟକାରୀ ହେବା ପୂର୍ବରୁ ଏହି ପଦକ୍ଷେପ ବହୁ ଗୁରୁତ୍ୱପୂର୍ଣ୍ଣ।

ସୁଗମ ଟୋଲ ଆଦାୟ କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ 'ଲୁଜ୍ ଫାସ୍‌ଟ୍ୟାଗ୍' ନେଇ ରିପୋର୍ଟ କରିବା ନିମନ୍ତେ ଏନ୍‌ଏଚ୍‌ଏଆଇ ଟୋଲ୍ ସଂଗ୍ରହକାରୀ ଏଜେନ୍ସି ପାଇଁ ଏହି ଲୁଜ୍ ଫାସ୍‌ଟ୍ୟାଗ୍ ବିଷୟରେ ତୁରନ୍ତ ରିପୋର୍ଟ କରିବା ଏବଂ କଳାତାଲିକାଭୁକ୍ତ କରିବା ପାଇଁ ଏହାର ନୀତିକୁ ଆହୁରି ସରଳ କରିଛି। ଏହାକୁ ସାଧାରଣତଃ ଟ୍ୟାଗ୍-ଇନ୍-ହ୍ୟାଣ୍ଡ୍ ମଧ୍ୟ କୁହାଯାଏ। ଲୁଜ୍ ଫାସ୍‌ଟ୍ୟାଗ୍‌ର ଅର୍ଥ, କେତେକ ରାଜପଥ ବ୍ୟବହାରକାରୀ ଜାଣିଶୁଣି ଫାସ୍‌ଟ୍ୟାଗ୍‌କୁ ସେମାନଙ୍କ ଗାଡ଼ି କାଚ(ୱିଣ୍ଡସିଲ୍ଡ)ରେ ନ ଲଗାଇ ଅଲଗା ରଖିଥାନ୍ତି। ଯାହା ଫଳରେ ଟୋଲ୍ ଶୁଳ୍କ ଭୁଲ ଭାବେ କଟିଥିବା ନେଇ ଅଭିଯୋଗ କରିବା ସହଜ ହୁଏ ଏବଂ ଭିଡ଼ ଓ ଅନୁପାଳନକାରୀଙ୍କ ପାଇଁ ବିଳମ୍ବ ଭଳି ସମସ୍ୟା ସୃଷ୍ଟି ହୁଏ। ଶୀଘ୍ର ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ, ଏନ୍‌ଏଚ୍‌ଏଆଇ ଏପରି ଉଲ୍ଲଂଘନ ରିପୋର୍ଟ କରିବା ପାଇଁ ଏକ ସ୍ୱତନ୍ତ୍ର ଇମେଲ୍ ଆଇଡି ପ୍ରଦାନ କରିଛି। ଏହି ପଦକ୍ଷେପ ଜାତୀୟ ରାଜପଥରେ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ଏବଂ ବ୍ୟବହାରକାରୀଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ନିଆଯାଇଛି।

# ପ୍ରଖ୍ୟାତ ତେଲୁଗୁ ଅଭିନେତା ଶ୍ରୀନିବାସ ରାଓଙ୍କ ପରଲୋକ



ହାଇଦ୍ରାବାଦ : ପ୍ରଖ୍ୟାତ ତେଲୁଗୁ ଅଭିନେତା ତଥା ପୂର୍ବତନ ଭାଜପା ବିଧାୟକ କୋଟା ଶ୍ରୀନିବାସ ରାଓଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଛି। ରବିବାର ସକାଳେ ହାଇଦ୍ରାବାଦର ଫିଲ୍ମନଗର ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ ନେଇଛନ୍ତି। ଦୀର୍ଘ ଦିନରୁ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ମୃତ୍ୟୁ ତେଲୁଗୁ ଚଳଚ୍ଚିତ୍ର ଓ ରଙ୍ଗମଞ୍ଚ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲାର କଙ୍କିପାଡୁରେ ୧୯୪୨ ମସିହା ଜୁଲାଇ ୧୦ରେ ଜନ୍ମଗ୍ରହଣ କରିଥିବା କୋଟା ଶ୍ରୀନିବାସ ରାଓ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ ରଙ୍ଗମଞ୍ଚରୁ। ୧୯୭୮ ମସିହାରେ ତେଲୁଗୁ ଚଳଚ୍ଚିତ୍ର 'ପ୍ରାଣମ ଖରିଦୁ' ମାଧ୍ୟମରେ ସେ ଫିଲ୍ମ ଜଗତରେ ପାଦ ଦେଇଥିଲେ। ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ୭୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, ଯେଉଁଥିରେ ତେଲୁଗୁ ସହିତ ତାମିଲ, ହିନ୍ଦୀ, କନ୍ନଡ଼ ଓ ମାଲାୟାଲମ ଚଳଚ୍ଚିତ୍ର ମଧ୍ୟ ରହିଛି। ଖଳନାୟକ, ହାସ୍ୟ ଅଭିନେତା ଓ ଚରିତ୍ର ଅଭିନେତା ଭାବେ ତାଙ୍କର ବହୁମୁଖୀ ଅଭିନୟ ଦର୍ଶକଙ୍କ ହୃଦୟ ଜିତିଥିଲା। ତାଙ୍କର କେତେକ ହିଟ୍ ଫିଲ୍ମ ମଧ୍ୟରେ ରହିଛି 'ଆହା ନା ପେଲ୍ଲାନ୍ତା!', 'ପ୍ରତିଗତନା', 'ଖୈଦୀ ନମ୍ବର ୭୮୬', 'ଶିବା', ଓ 'ୟମଲୀଲା'। ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା 'ସୁବର୍ଣ୍ଣ ସୁନ୍ଦରୀ' ଥିଲା ତାଙ୍କର ଶେଷ ତେଲୁଗୁ ଚଳଚ୍ଚିତ୍ର। ତାଙ୍କର ଅଭିନୟ ପାଇଁ ସେ ୨୦୧୫ ମସିହାରେ ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ସମ୍ମାନ ସହିତ ୯ଟି ନନ୍ଦୀ ପୁରସ୍କାର ଗ୍ରହଣ କରିଥିଲେ।

## ଭାରତକୁ ଝଟ୍‌କା ଦେଲା ବ୍ରାଜିଲ

ନୂଆଦିଲ୍ଲୀ: ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷେତ୍ର ପାଇଁ ଏକ ବଡ଼ ଝଟକା ଆସିଛି। ପ୍ରକୃତରେ, ବ୍ରାଜିଲ ଭାରତର ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ କିଣିବା ପାଇଁ ଆଲୋଚନା ବନ୍ଦ କରିଦେଇଛି। ରିପୋର୍ଟ ଅନୁଯାୟୀ, ବ୍ରାଜିଲ ଏହି ପଦକ୍ଷେପ ପଛରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ପାରାମିଟରରେ 'ଆକାଶ' କ୍ଷେପଣାସ୍ତ୍ରର ଦୁର୍ବଳ ପ୍ରଦର୍ଶନକୁ ଉଲ୍ଲେଖ କରିଛି। ବର୍ତ୍ତମାନ ବ୍ରାଜିଲ ୟୁରୋପର ପ୍ରତିରକ୍ଷା କମ୍ପାନୀ ଏମ୍‌ବିଡ଼ିଏ ଆଡକୁ ମୁହାଁଇଛି, ଯାହା ଉନ୍ନତ ମଡ୍ୟୁଲାର ଏୟାର ଡିଫେନ୍ସ ସଲ୍ୟୁସନ୍ସ (ଇଏମ୍‌ଏଡିଏସ୍) ପ୍ରଦାନ କରେ। ଏହି ପ୍ରଣାଳୀ ପୂର୍ବରୁ ନାଟୋ ଦେଶଗୁଡ଼ିକରେ ବ୍ୟବହୃତ ହେଉଛି ଏବଂ ଏହାକୁ ନିର୍ଭରଯୋଗ୍ୟ ବୋଲି ବିବେଚନା କରାଯାଉଛି। ବ୍ରାଜିଲ ଗଣମାଧ୍ୟମ ଦି ରିଓ ଟାଇମ୍ସକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ ବ୍ରାଜିଲ ସେନା ଏବଂ ଏମ୍‌ବିଡ଼ିଏ ମଧ୍ୟରେ ଆଲୋଚନା ପ୍ରାୟ ୧ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଏକ ଚୁକ୍ତିକୁ ନେଇ ରହିଛି । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବ୍ରାଜିଲ 'ଆକାଶ'କୁ ତୀବ୍ର-ଗତି ଏବଂ ନିମ୍ନ-ଉଚ୍ଚତା ଲକ୍ଷ୍ୟ ପାଇଁ କମ୍ ଉପଯୁକ୍ତ ବୋଲି ବିବେଚନା କରୁଛି। ଆଜିର ଯୁଦ୍ଧରେ ଯେତେବେଳେ ହାଇବ୍ରିଡ୍ ଯୁଦ୍ଧ, ଡ୍ରୋନ୍ ଆକ୍ରମଣ ଏବଂ ସ୍ମାର୍ଟ ବୋମା ବର୍ଦ୍ଧିତ ଭାବରେ ବ୍ୟବହାର କରାଯାଉଛି, ବ୍ରାଜିଲ ଅନୁଭବ କରେ ଯେ ଏହି ବିପଦଗୁଡ଼ିକର ମୁକାବିଲା କରିବା ପାଇଁ ଆକାଶ ଯଥେଷ୍ଟ ନୁହେଁ।

# ମିଆଁମାରରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍ !




ନୂଆଦିଲ୍ଲୀ : ପଡ଼ୋଶୀ ଦେଶ ମିଆଁମାରରେ ଥିବା ଉଲଫା ବିଦ୍ରୋହୀଙ୍କ ଶିବିର ଉପରେ ଭାରତୀୟ ସେନା ଏକ ସର୍ଜିକାଲ ଷ୍ଟ୍ରାଇକ କରିଛି ବୋଲି ନିଜେ ଉଲଫା ଦାବି କରିଛି। ତେବେ ଭାରତୀୟ ସେନା ଏହି ଖବରକୁ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହିଁ । ସୂଚନା ଅନୁସାରେ ଭାରତର ବିଚ୍ଛିନ୍ନତାବାଦୀ ସଂଗଠନ ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ ଅଫ ଆସୋମ (ଇଣ୍ଡିପେଣ୍ଡେଣ୍ଟ)-(ଆଇ) ବା ଉଲଫା-ଆଇ ପକ୍ଷରୁ ଦାବି କରାଯାଇଛି ଯେ ଭାରତୀୟ ସେନା ପକ୍ଷରୁ ଡ୍ରୋନ ପଠାଇ ମିଆଁମାରରେ ଥିବା ଏହାର ଶିବିର ଉପରେ ଆକ୍ରମଣ କରିଛି। ଏହା ଦ୍ୱାରା ଉଲଫାର ୨ ଜଣ ବରିଷ୍ଠ କମାଣ୍ଡର ମୃତ୍ୟୁବରଣ କରିଛନ୍ତି। ସେମାନେ ହେଉଛନ୍ତି ବ୍ରିଗେଡିୟର ଗଣେଶ ଆସୋମ ଓ କର୍ଣ୍ଣେଲ ପ୍ରଦୀପ ଆସୋମ। ଏହି ଘଟଣାରେ ଆଉ ୧୯ ଜଣ ଆହତ ହୋଇଛନ୍ତି। ଆଉ କେତେକ ରିପୋର୍ଟ ଅନୁସାରେ ଭାରତୀୟ ସେନା ପକ୍ଷରୁ ନ୍ୟାସନାଲ ସୋସିଆଲିଷ୍ଟ କାଉନସିଲ ଅଫ ନାଗାଲାଣ୍ଡ (ଖାପଲାଙ୍ଗ୍) ଉପରେ ମଧ୍ୟ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଛି । ତେବେ ଏ ସଂପର୍କରେ ପଚରାଯିବାରୁ ଗୁଆହାଟୀରେ ଥିବା ଭାରତୀୟ ସେନାର ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ମହେନ୍ଦ୍ର ରାୱତ କହିଛନ୍ତି ଯେ ଏ ନେଇ କୌଣସି ସୂଚନା ଉପଲବ୍ଧ ନାହିଁ ।

# ବିହାର ଭୋଟର ଲିଷ୍ଟରେ ବିଦେଶୀଙ୍କ ନାଁ

ନୂଆଦିଲ୍ଲୀ : ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଜାରି ସ୍ପେଶାଲ ଇନଟେନସିଭ୍ ରିଭିଜନରେ ବଡ଼ ଖୁଲାସା ହୋଇଛି। ନିର୍ବାଚନ କମିଶନ୍ ପକ୍ଷରୁ କୁହାଯାଇଛି ବିହାରରେ ଭୋଟର ଲିଷ୍ଟରେ ବହୁ ସଂଖ୍ୟାରେ ବିଦେଶୀ ନାଗରିକଙ୍କ ନାଁ ରହିଛି। ଯେଉଁଥିରେ ନେପାଳ, ମିଆଁମାର ଓ ବାଂଲାଦେଶର ସିଟିଜେନ୍ ରହିଛନ୍ତି। 'ଡୋର ଟୁ ଡୋର' ରିସର୍ଚ୍ଚରୁ ଏହା ଜଣାପଡିଛି। ଏହି ବିଦେଶୀଙ୍କ ପାଖରେ ଭୋଟର କାର୍ଡ, ଆଧାର କାର୍ଡ ଓ ରାସନ୍ କାର୍ଡ ମଧ୍ୟ ରହିଛି। ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି ଫାଇନାଲ ଭୋଟର ଲିଷ୍ଟରେ ଏହି ନାଁ ରହିବନି। ଏସଆଇଆରର ଉଦ୍ଦେଶ୍ୟ ବେଆଇନ ମତଦାତାଙ୍କୁ ସୂଚୀରୁ ବାହାର କରିବ। ମତଦାତାଙ୍କ ନାଁରେ ଜାରି ରାଜନୀତି ଭିତରେ ତଥ୍ୟ ଉଜାଗାର ହେବା ଦ୍ୱାରା ରାଜନୀତି ଦୁନିଆରେ ହଇଚଇ ସୃଷ୍ଟି ହୋଇଛି। କାରଣ କଂଗ୍ରେସ ସହିତ ମହାମେଣ୍ଟର ସବୁ ଦଳ ଏହି ଅଭିଯାନକୁ ଖୁବ୍ ବିରୋଧ କରୁଛନ୍ତି। ସମାଚାର ଏଜେନ୍ସି ପିଟିଆଇର ସୂଚନା ଅନୁସାରେ, ନିର୍ବାଚନ କମିଶନ୍ କହିଛନ୍ତି, ୨୦ ଡିସେମ୍ବରରେ ପ୍ରକାଶିତ ହୋଇଥିବା ଅନ୍ତିମ ମତଦାତା ସୂଚୀରୁ ଏହି ସବୁର ନାଁ ହଟାଇ ଦିଆଯିବ। କମିଶନ୍ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ, ଦେଶରେ ମତଦାତା ସୂଚୀରୁ ଏହି ସମସ୍ତଙ୍କ ନାଁ ହଟାଇ ଦିଆଯିବ। କମିଶନ୍‌ଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ, ପୁରା ଦେଶରେ ମତଦାତା ଭେରିଫିକେସନ୍ ଚଳାଯିବ। ଫଳରେ ବିଦେଶୀ ଅନୁପ୍ରବେଶକାରୀ ଯେଉଁମାନେ ଭୁଲ ଭାବରେ କାର୍ଡ ହାସଲ କରି ଭୋଟର ହୋଇଛନ୍ତି, ମତଦାନ ସୂଚୀରୁ ବାହାର କରି ଦିଆଯିବ। ଏଥିପାଇଁ ତାଙ୍କ ଜନ୍ମସ୍ଥାନର ଭେରିଫିକେସନ୍ କରାଯିବ। ନିର୍ବାଚନ କମିଶନ ଆହୁରି କହିଛନ୍ତି ଯେ, ଶନିବାର ପର୍ଯ୍ୟନ୍ତ ବିହାରରେ ଜାରି ଏସଆଇଆରରେ ୮୦.୧୧ ପ୍ରତିଶତ ମତଦାତା ନିଜର ଫର୍ମ ଜମା କରିଛନ୍ତି। ନିର୍ଦ୍ଧାରିତ ସମୟ ସୀମା (୨୫ ଜୁଲାଇ ପର୍ଯ୍ୟନ୍ତ) ଫର୍ମ ଜମା କରିବାର କାମ ପୁରା କରି ଦିଆଯିବ। ବିହାରରେ ଚଳିତ ବର୍ଷ ଅକ୍ଟୋବର -ନଭେମ୍ବରରେ ବିଧାନସଭା ନିର୍ବାଚନ ହେବାର ଅଛି। ଏହାକୁ ଦୃଷ୍ଟିରେ ରଖି ଦେଶରେ ରାଜନୈତିକ ପରିବେଶ ଖୁବ୍ ସରଗରମ ରହିଛି।

# ନ୍ୟାୟିକ ବ୍ୟବସ୍ଥାରେ ସୁଧାର ଜରୁରୀ: ସିଜେଆଇ



ହାଇଦରାବାଦ: ଭାରତର ନ୍ୟାୟିକ ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ଆହ୍ୱାନ ରହିଥିବାରୁ ସେଗୁଡିକୁ ସୁଧାରିବା ଜରୁରୀ ହୋଇପଡିଛି ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର.ଗଭାଇ କହିଛନ୍ତି। ଶନିବାର ହାଇଦରାବାଦସ୍ଥିତ ନଲ୍‌ସାର ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ଜଷ୍ଟିସ ଗଭାଇ ଆହୁରି କହିଛନ୍ତି ଯେ ପୀଡିତଙ୍କୁ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ ଘଟୁଥିବାବେଳେ ବର୍ଷ ବର୍ଷ ଧରି ଶୁଣାଣି ପ୍ରକ୍ରିୟା ଜାରି ରହୁଛି। ତେଣୁ ତ୍ୱରିତ ନ୍ୟାୟ ପାଇଁ ଆମକୁ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇନଥିବା ବିଚାରାଧୀନ କଏଦୀ ଅଯଥାରେ ଦୀର୍ଘ ସମୟ ଧରି ଜେଲରେ ରହୁଥିବାରୁ ନ୍ୟାୟିକ ବ୍ୟବସ୍ଥା ଉପରୁ ଲୋକଙ୍କ ବିଶ୍ୱାସ ତୁଟିଯାଉଥିବା ସେ କହିଛନ୍ତି। ଆଇନ ବିଦ୍ୟାରେ ଅଧିକ ଜ୍ଞାନ ଆହରଣ କରିବାକୁ ବିଦେଶ ଯିବା ନିମନ୍ତେ ଜଷ୍ଟିସ ଗଭାଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ଓ ସୁପ୍ରିମକୋର୍ଟ ବିଚାରପତି ପି.ଏସ.ନରସିଂହା ମଧ୍ୟ ଉପସ୍ଥିତ ଥିଲେ।

# ଅମରନାଥ ଯାଉଥିବା ତୀର୍ଥଯାତ୍ରୀଙ୍କ ୧୦ ବସ୍ ଧକ୍କା, ୧୦ ଆହତ



ନୂଆଦିଲ୍ଲୀ : ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ଦେଇ ବସ୍ ଯୋଗେ ତୀର୍ଥଯାତ୍ରୀମାନେ ଅମରନାଥ ଯାତ୍ରା କରୁଛନ୍ତି। ଆଉ ଏହାରି ମଧ୍ୟରେ ପୁଣିଥରେ କୁଲଗାମର ଖୁଦୱାନି ଅଞ୍ଚଳରେ ଅମରନାଥ ଯାତ୍ରାରେ ଯାଉଥିବା ପାଖାପାଖି ୧୦ରୁ ଅଧିକ ବସ ପରସ୍ପର ସହିତ ଧକ୍କା ହୋଇଛି। ଫଳରେ ୧୦ରୁ ଅଧିକ ଭକ୍ତ ଆହତ ହୋଇଥିବା କୁହାଯାଉଛି। ଦୁର୍ଘଟଣା ପରେ,ଆହତ ତୀର୍ଥଯାତ୍ରୀମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଛି। ଗୁରୁତର ଆହତ ତୀର୍ଥଯାତ୍ରୀମାନଙ୍କୁ ଅନନ୍ତନାଗର ସରକାରୀ ମେଡିକାଲ କଲେଜକୁ ପଠାଯାଇଛି। ସେହିପରି ଅନେକ ବସ୍‌ର ଆଗ କାଚ ଭାଙ୍ଗି ଯାଇଛି। ସେପଟେ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ କୁଲଗାମ୍ ପୁଲିସ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅମରନାଥ ଯାତ୍ରା ଆରମ୍ଭ ହେବାର ମାତ୍ର ଦୁଇ ଦିନ ପରେ, ଜୁଲାଇ ୫ରେ, ୩ଟି ବସ୍ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୩୬ଜଣ ଯାତ୍ରୀ ଆହତ ହୋଇଥିଲେ। ସେହି ସମୟରେ,ଗୋଟିଏ ବସ୍ ର ବ୍ରେକ୍ ଫେଲ୍ ହୋଇଯିବାରୁ ଏହି ଧକ୍କା ହୋଇଥିଲା। ତେବେ ଅମରନାଥ ଯାତ୍ରା ଆରମ୍ଭ ହେବାର ପ୍ରାୟ ୧୦ ଦିନ ବିତିଗଲାଣି। ଦଶମ ଦିନରେ ପ୍ରାୟ ୧୯,୦୨୦ ଭକ୍ତ ଦର୍ଶନ କରିଥିଲେ।

# କର୍ଣ୍ଣାଟକ ଗୁମ୍ଫାରୁ ୨ ଶିଶୁ ସମେତ ରୁଷୀୟ ମହିଳା ଉଦ୍ଧାର



ବେଙ୍ଗାଲୁରୁ: କର୍ଣ୍ଣାଟକ ପୁଲିସ ଉତ୍ତର କନ୍ନଡ ଜିଲା ଅନ୍ତର୍ଗତ ଗୋକର୍ଣ୍ଣ ସହରର ରାମତୀର୍ଥ ପାହାଡ ଗୁମ୍ଫାରୁ ଜଣେ ରୁଷୀୟ ମହିଳା ଏବଂ ତାଙ୍କର ଦୁଇ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଛି। ଜୁଲାଇ ୯ ସନ୍ଧ୍ୟା ସମୟରେ ପୁଲିସ ଟିମ୍ ଏହି ପାହାଡିଆ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ହଠାତ୍ ଗୁମ୍ଫା ନିକଟରେ କେହି ଚଳପ୍ରଚଳ କରୁଥିବା ଲକ୍ଷ୍ୟ କରିଥିଲେ। ଘଟଣାସ୍ଥଳକୁ ଯିବାପରେ ଏହି ଗୁମ୍ଫାରେ ମହିଳା ଓ ଦୁଇ ଶିଶୁ କନ୍ୟା ବାସ କରୁଥିବା ଜଣାପଡିଥିଲା। ନିନା କୁଟିନା ନାମ୍ନୀ ଏହି ମହିଳାଙ୍କ ବୟସ ୪୦ ବର୍ଷ ହୋଇଥିବାବେଳେ ଦୁଇ ଶିଶୁ କନ୍ୟା ପ୍ରେମା ଓ ଆମାର ବୟସ ଯଥାକ୍ରମେ ୬ ଓ ୪ ବର୍ଷ।

ଜେରା କରାଯିବାରୁ ନିନା କହିଛନ୍ତି ଯେ ଆଧ୍ୟାତ୍ମିକ ଶାନ୍ତି ପାଇବାକୁ ସେ ଦୁଇ କନ୍ୟାଙ୍କ ସହ ଗୋଆରୁ ଗୋକର୍ଣ୍ଣ ଆସିଥିଲେ। ଧ୍ୟାନ ଓ ପ୍ରାର୍ଥନା ଉପରେ ଗୁରୁତ୍ୱ ଦେବାକୁ ସେ ଜନବସତି ଛାଡି ପାହାଡ ଗୁମ୍ଫାରେ ରହିବାକୁ ଉଚିତ ମଣିଥିଲେ ବୋଲି ନିନା କହିଛନ୍ତି। ରାମତୀର୍ଥ ପାହାଡରେ ୨୦୨୪ ଜୁଲାଇରେ ଭୟାବହ ଭୂସ୍ଖଳନ ଘଟିଥିବାବେଳେ ଜଙ୍ଗଲରେ ହିଂସ୍ର ଜନ୍ତୁ ବାସ କରୁଛନ୍ତି। ଏଭଳି ପରିସ୍ଥିତିରେ ମହିଳା ଜଣକ ଦୁଇ ନାବାଳିକା କନ୍ୟାଙ୍କ ସହ କିପରି ଗୁମ୍ଫାରେ ରହୁଥିଲେ, ତାହା ପୁଲିସକୁ ବିସ୍ମିତ କରିଛି। ବହୁତ ବୁଝାସୁଝା କରିବାପରେ ପୁଲିସ ମହିଳା ଓ ଦୁଇ ଶିଶୁଙ୍କୁ ଗୁମ୍ଫାରୁ ଉଦ୍ଧାର କରି କୁମ୍‌ତା ତାଲୁକସ୍ଥିତ ସ୍ୱାମୀ ଯୋଗରତ୍ନ ସରସ୍ୱତୀଙ୍କ ଆଶ୍ରମରେ ଥଇଥାନ କରିଥିବା ଜଣାପଡିଛି। ଅପରପକ୍ଷରେ ତାଙ୍କର ପାସପୋର୍ଟ ଓ ଭିସା ହଜିଯାଇଛି ବୋଲି ନିନା କହିଥିଲେ। ପାହାଡ ଗୁମ୍ଫାରେ ଖୋଜାଖୋଜି କରିବାପରେ ଏହି କାଗଜପତ୍ର ମିଳିଛି। ତଦନୁଯାୟୀ ନିନା ବିଜିନେସ ଭିସାରେ ଭାରତକୁ ୨୦୧୭ ଏପ୍ରିଲ ୧୭ରେ ଆସିଥିଲେ। ପରବର୍ତ୍ତୀ ସମୟରେ ସେ ନେପାଳ ଯାଇଥିବାବେଳେ ୨୦୧୮ରେ ପୁଣି ଭାରତ ଫେରିଆସିଥିଲେ।

## ଆରପିଏଫ୍‌ର ପ୍ରଥମ ମହିଳା ମହାନିର୍ଦ୍ଦେଶକ ନିଯୁକ୍ତ

ନୂଆଦିଲ୍ଲୀ: ବରିଷ୍ଠ ଆଇପିଏସ୍ ଅଧିକାରୀ ସୋନାଲି ମିଶ୍ର ରେଲୱେ ସୁରକ୍ଷା ବଳ (ଜଚଋ)ର ପ୍ରଥମ ମହିଳା ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଏହି ନିଯୁକ୍ତିକୁ କ୍ୟାବିନେଟ ନିଯୁକ୍ତି କମିଟି ମଞ୍ଜୁରୀ ଦେଇଛି। ଅବସର ନେବା ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ।

# ପରୀକ୍ଷା କେନ୍ଦ୍ରରେ ଛାତ୍ରଙ୍କୁ ଚାପୁଡା ମାରି ବିବାଦରେ ଆଇଏଏସ ଅଫିସର

ମଧ୍ୟପ୍ରଦେଶ : ପରୀକ୍ଷା ଦେଉଥିବା ସମୟରେ ଜଣେ ସରକାରୀ ଅଧିକାରୀ ଜଣେ ଛାତ୍ରଙ୍କୁ ଚାପୁଡା ଉପରେ ଚାପୁଡା ମାରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓ ଏପ୍ରିଲ୍ ୧ ତାରିଖରେ ଅପଲୋଡ୍ ହୋଇଥିଲା । ହେଲେ ବର୍ତ୍ତମାନ ତାହା ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ଘଟିଛି ମଧ୍ୟପ୍ରଦେଶର ଭିଣ୍ଡ ଜିଲ୍ଲାରେ। ଭିଡିଓରେ ଦେଖା ଯାଉଥିବା ଅଧିକାରୀ ହେଉଛନ୍ତି ଭିଣ୍ଡ ଜିଲ୍ଲାର ଜିଲ୍ଲାପାଳ ସଞ୍ଜୀବ ଶ୍ରୀବାସ୍ତବ। ଦିନଦୟାଲ୍ ଡଙ୍ଗରୌଲିଆ ମହାବିଦ୍ୟାଳୟରେ ବିଏସସି ଦ୍ୱିତୀୟ ବର୍ଷ ଗଣିତ ପରୀକ୍ଷା ଚାଲିଥିବା ସମୟରେ ଶ୍ରୀବାସ୍ତବ ରୋହିତ୍ ରାଠୋର ନାମକ ଜଣେ ଛାତ୍ରଙ୍କୁ ତାଙ୍କ ଚେୟାରରୁ ଟାଣି ଆଣି ବାରମ୍ବାର ଚାପୁଡା ଉପରେ ଚାପୁଡା ମାରି ଚାଲିଛନ୍ତି। ଏହା ପରେ ସେ ଉକ୍ତ ଛାତ୍ରଙ୍କୁ ଏକ ଷ୍ଟାଫ ରୁମ୍‌କୁ ନେଇ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଆଉ ଜଣେ ବ୍ୟକ୍ତିଙ୍କୁ ଉକ୍ତ ଛାତ୍ରଙ୍କ ପେପର ଦେଉଛନ୍ତି। ଏହା ପରେ ସେ ତାଙ୍କୁ ତୁମ ପେପର କେଉଁଠି ଅଛି ବୋଲି ପଚାରୁଛନ୍ତି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏ ବିଷୟରେ ରୋହିତ୍ କହିଛନ୍ତି, ତାଙ୍କ କାନରେ ଗଭୀର ଆଘାତ ଲାଗିଛି। କିନ୍ତୁ ଶ୍ରୀବାସ୍ତବ ଜଣେ ଆଇଏଏସ ଅଫିସର ହୋଇଥିବାରୁ ସେ କିଛି କହିପାରିଲେ ନାହିଁ। ସଞ୍ଜୀବ ଶ୍ରୀବାସ୍ତବଙ୍କୁ ଏ ବାବଦରେ ପଚାରିବାରୁ କହିଛନ୍ତି, 'ଉକ୍ତ କଲେଜରେ ପ୍ରଶ୍ନପତ୍ର ଠକେଇ ମାମଲା ଜଣା ପଡିବା ପରେ ମୁଁ ସେଠାକୁ ତଦନ୍ତ କରିବା ପାଇଁ ଯାଇଥିଲି । ସେଠାରେ କିଛି ଛାତ୍ର ପ୍ରଶ୍ନପତ୍ର ବାହାରକୁ ଚୋରା ଚାଲାଣ କରନ୍ତି। ଏହାପରେ ପ୍ରଶ୍ନର ସମାଧାନ କରି ସମାଧାନ ପ୍ରଶ୍ନପତ୍ର ଆଣନ୍ତି। ଏହା ଏକ ସଂଗଠିତ ର୍‍ୟାକେଟ୍ । ଏଣୁ ଉକ୍ତ କଲେଜରେ ପରୀକ୍ଷା କେନ୍ଦ୍ର ନ କରିବା ପାଇଁ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖିଛି। ଉକ୍ତ କଲେଜଟି ହେଉଛି, ମଧ୍ୟପ୍ରଦେଶର ବିରୋଧୀ ଦଳ ନେତା ହେମନ୍ତ କଟାରେଙ୍କ ଶ୍ୱଶୁର ନାରାୟଣ ଡଙ୍ଗରୌଲିଆଙ୍କର ଅଟେ ।'

# କେନ୍ଦ୍ରାପଡ଼ା କଲେଜ ଜମିର ସୁରକ୍ଷା ପାଇଁ ପୁରାତନ ଛାତ୍ରସଂସଦ କାର୍ଯ୍ୟକାରିଣୀରେ ପ୍ରାଧାନ୍ୟ



କେନ୍ଦ୍ରାପଡ଼ା, (ପିପିଏସ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ରସଂସଦର ଗତ ସାଧାରଣ ପରିଷଦ ପରେ ନୂତନ କାର୍ଯ୍ୟକାରିଣୀର ରବିବାର ଅନୁଷ୍ଠିତ ପ୍ରଥମ ବୈଠକରେ ଏହି ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନର ଜମିକୁ ଜବରଦଖଲକାରୀଙ୍କ ହାତରୁ ସୁରକ୍ଷା ଦେବାକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ସଂସଦର ସଭାପତି ପ୍ରାଧାପକ ଦୁର୍ଯ୍ୟୋଧନ ପରିଡାଙ୍କ ଅଧକ୍ଷତାରେ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଅନୁଷ୍ଠିତ ଏହି ବୈଠକ ଜମି ସୁରକ୍ଷା ବ୍ୟତିତ ସଂସଦର ସଭ୍ୟ ସଂଗ୍ରହ ବୃଦ୍ଧି କରିବାକୁ, ଏହି ମାତୃ ଶିକ୍ଷାକେନ୍ଦ୍ରର ଶୈକ୍ଷିକ ପରିବେଶ ଓ ଭିତିଭୂମିର ବିକାଶ ପାଇଁ ବିହିତ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ସେହି କମିଟି ଗୁଡିକ ହେଉଛି ସଭ୍ୟ ସଂଗ୍ରହ ପାଇଁ ଡକ୍ଟର ତ୍ରୈଲୋକ୍ୟନାଥ ସାମଲ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ଅଧ୍ୟାପିକା ସୀମା ମହାନ୍ତ ଓ ଅଧ୍ୟାପକ ସୁବ୍ରତ ସାମଲଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ ଜମି ସୁରକ୍ଷା ପାଇଁ ଡକ୍ଟର ପ୍ରଦୀପ୍ତ କିଶୋର ଦାଶଙ୍କ ସଂଯୋଜନାରେ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ଓ ସାମାଜିକ କର୍ମୀ ପ୍ରତାପ ମହାନ୍ତିଙ୍କୁ ନେଇ ଏକ କମିଟି, ଶୈକ୍ଷିକ ବିକାଶ ସହାୟତା ପାଇଁ ଡକ୍ଟର ବିଦୁଭୂଷଣ ଦାଶ, ସୁବ୍ରତ ସାମଲ ଓ ଡକ୍ଟର ରଶ୍ମୀ କରଙ୍କୁ ନେଇ ଏକ କମିଟି,ଗଣ ଯୋଗାଯୋଗ ପାଇଁ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ନାୟକଙ୍କ ସଂଯୋଜନାରେ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଏକ କମିଟି ଏବଂ ସଂସଦର ସଭ୍ୟମାନଙ୍କ ତଥ୍ୟଭିତ୍ତିକ ଡାଟାବେସ ପ୍ରସ୍ତୁତ ନିମନ୍ତେ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ମଧ ଏକ କମିଟି ଗଠନ କରାଯାଇଛି। ଏହି ଅବସରରେ କଲେଜରେ ନୂତନ ଭାବେ ଯୋଗଦେଇଥିବା ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ଦାସ ଗତ ସମ୍ମିଳନୀର ବିବରଣୀ ସହ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ପ୍ରଫେସର ନନ୍ଦ କିଶୋର ପରିଡା ଓ ବିଶ୍ୱଜିତ ଦାସ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିବା ବେଳେ ଡକ୍ଟର କଳ୍ପନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଳଚେର ପୁଲିସ ପକ୍ଷରୁ ୫୩ ଗ୍ରାମ ବ୍ରାଉନସୁଗର ଜବତ: ମହିଳା ସମେତ ୬ ଗିରଫ




ତାଳଚେର (ପିପିଏସ୍): ତାଳଚେର ଏକ କୋଇଲା ଭିତ୍ତିକ ଶିଳ୍ପାଞ୍ଚଳ, ଏଠାରେ ଅର୍ଥର ଅଭାବ ନାହିଁ, ବର୍ତ୍ତମାନ ଯୁବ ସମାଜ ବ୍ରାଉନ ସୁଗାର ନିଶା ଅଭ୍ୟାସରେ ବହୁ ସଂଖ୍ୟାରେ କବଳିତ ଅଛନ୍ତି ଏହାର ସୋଜଗ ନେଇ ସ୍ଥାନୀୟ ଧଳା ଯାହାର ବେବାରି ମାନେ ବାଲେଶ୍ୱର ଜିଲ୍ଲାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଶା ଦ୍ରବ୍ୟ ଆଣି ତାଳଚେର ପୌରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ବିକ୍ରୟ କରୁଥିବା ପୋଲିସ ଦ୍ୱାରା ଗିରଫ ବେବସାୟୀ ମାନେ ପ୍ରକାଶ କରିଛନ୍ତି , ଗତକାଲି ଭୋର ଚାରିଟା ବେଳେ ତାଳଚେର ଥାନା ଅଧିକାରୀ ଏକ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ବାଲେଶ୍ୱର ଜିଲ୍ଲାରୁ ଦଳେ ଲୋକ ଏକ ମାରୁତି ଡିଜ୍‌ଆର କାର ଓଡ଼ି -୫- ବି ଏଚ - ୯୪୪୦ ମଧ୍ୟରେ ବ୍ରାଉନ ସୁଗାର୍ ନେଇ ତାଳଚେର ଅଭିମୁଖେ ଯାଉଛନ୍ତି। ତାଳଚେର ଥାନା ଆଇ ଆଇ ସି ଏକ ଟିମ୍ ଗଠନ କରି ଏସ ଆଇ ତୁଷାର କାନ୍ତି ମହାନ୍ତିଙ୍କ ନେତୃତ୍ୱରେ ତାଳଚେର ସନ୍ଥପଡ଼ା ବ୍ରିଜ ଛକରେ ଜଗିଥିଲେ। କାରକୁ ଦେଖି ଅଟକାଇବା ସହିତ ତଲାସୀ ନେବାରେ ଯାତ୍ରୀଙ୍କ ଠାରୁ ମୋଟ ୫୩ ଗ୍ରାମ ବ୍ରାଉନ ସୁଗାର ଜବତ କରିବାରେ ସଫଳ ହୋଇଥିଲେ ,ଚଢ଼ାଉରେ ଏ ସ ଆଇ ଗୋବିନ୍ଦ ବିହାରୀ ସେଠି,ସୁକାନ୍ତ କୁମାର ମହାଳିକ ସମତେ କିଛି ଷ୍ଟଫ୍ ସାମିଲ ଥିଲେ । ଆଜି ଏହି ଘଟଣା ଉପରେ ତାଳଚେର ଏସ ଡି ପି ଓ ଭାରତ କୁମାର୍ ସହୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସମସ୍ତ ଘଟଣା ପ୍ରକାଶ ପ୍ରକାଶ କରି କହିଲେ ତାଳଚେର ମାରଓ୍ୱାଡ଼ି ପଟିର ରାହୁଲ ଜେନ , ହାଟ ତୋଟା ଗୁଡୁ ସହୁ, ରେମୁଆ ଅଞ୍ଜନା ନାଏକ ଟଙ୍କା ଦେଇ ଏହି ୫୩ ଗ୍ରାମ ବ୍ରାଉନ ଶୁଗାର ବାଲେଶ୍ୱରରୁ ମଗାଇ ସ୍ଥାନୀୟ ଅଞ୍ଚଳରେ ବେପାର ପାଇଁ ଯୋଜନା କରିଥିଲେ। ଗିରଫ ବ୍ୟକ୍ତି ମାନଙ୍କ ମଧ୍ୟରେ ଦେବାଶିଷ ବରାଳ ଅଦିପୁ, ରେମୁଆ ,ପ୍ରିତମ ମହାପାତ୍ର ପିତା,ଅଭୟ ମହାପାତ୍ର ,ବିରଦର୍ ପଡ଼ା ୪ନ ଓ୍ୱାର୍ଡ, ଦିନ ମଜୁରିଆ ଅବଳା ନାଏକ ,ସ୍ୱାମୀ କାର୍ତ୍ତିକ ନାୟକ , ରେମୁଆ, କିଶନ ବାରିକ ବାଘୁଶୋଲ ଥାନା ତାଳଚେର ସମସ୍ତଙ୍କ ଠାରୁ ପୃଥକ୍ ପୃଥକ୍ ଭାବେ ୧୦ଗ୍ରାମ ଓଜନ ବ୍ରାଉନ ଶୁଗାର ଜବତ ସହିତ ନଗଦ ୧୫ ଛ ଶହ ଟଙ୍କା ଓ ୬ ମୋବାଇଲ ଫୋନ ମଧ ଜବତ ହୋଇଥିଲା । ଏମାନେ ବ୍ରାଉନ ଶୁଗାର୍ ନେବା ଆଣିବା କରୁଥିଲେ ବିକ୍ରି ବଟା ବ୍ୟବସାୟୀ ମାନେ ବୁଝୁଥିଲେ । ତାଳଚେର ଥାନା ଏନ୍ ଡି ପି ଏସ କେସ ନମ୍ବର୍ ୬୩ ରେ ବିଭିନ୍ନ ଦଫା ଲଗେଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବଜ୍ରପାତରେ ଜଣଙ୍କ ମୃତ୍ୟୁ

ଯାଜପୁର (ପିପିଏସ): ବଜ୍ରପାତରେ ଚାଲିଗଲା ଜଣଙ୍କର ଜୀବନ। ବିଲରେ କାମ କରୁଥିବା ସମୟରେ ଟଳି ପଡ଼ିଥିବା ସୂଚନା।ମୃତକ ହେଲେ ଯାଜପୁର ଜିଲ୍ଲା ଜେନାପୁର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଭାଗିରଥୀ ନାୟକ। ସେ ଆଜି ଅପରାହ୍ନରେ ବିଲରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ। ଏହାଦେଖି ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଅବସରପ୍ରାପ୍ତ ଲୋକସମ୍ପର୍କ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ପ୍ରେସ୍ କ୍ଲବ୍ ତରଫରୁ ଅବସରପ୍ରାପ୍ତ ଲୋକ ସମ୍ପର୍କ ଅଧିକାରୀ ରବିନାରାୟଣ ବେହେରାଙ୍କୁ ରବିବାର ପ୍ରେସ୍ କ୍ଲବ୍ ପରିସରରେ ଉପସଭାପତି ଅଭୟ କୁମାର ପାଢ଼ୀଙ୍କ ନେତୃତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀ ବେହେରା ଦୀର୍ଘବର୍ଷଧରି ଗଞ୍ଜାମ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟୀତ୍ୱରେ ରହି ଜିଲ୍ଲାର ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କ ସହ ଉତ୍ତମ ଯୋଗସୂତ୍ର ରକ୍ଷାକରି ସମାଜର ହିତ ସକାଶେ କାର୍ଯ୍ୟକରି ଆସୁଥିଲେ। ତାଙ୍କ ଅବସର ପରେ ମଧ ପୂର୍ବଭଳି ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କ ସହ ସୁସମ୍ପର୍କ ରଖିବା ପାଇଁ କ୍ଲବ୍‌ର ସମସ୍ତ ସଦସ୍ୟ ବିଦାୟକାଳନୀ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଏହି ବକ୍ତବ୍ୟ ରଖିଥିଲେ। କ୍ଲବ୍‌ର ସମ୍ପାଦକ ପ୍ରହଲ୍ଲାଦ ସାହୁ, ଯୁଗ୍ମ ସମ୍ପାଦକ ଜି.ଗୋପାଳକୃଷ୍ଣ ରେଡ୍ଡି, କୋଷାଧକ୍ଷ ଶିବ ପଣ୍ଡାଙ୍କ ସମେତ ବରିଷ୍ଠ ସଦସ୍ୟ ଶକ୍ତିଧର ରାଜଗୁରୁ, ଶିବରାମ ଚୌଧୁରୀ, କ୍ଷୀରସିନ୍ଧୁ ମହାନ୍ତି, ଶିବନାରାୟଣ ପଣ୍ଡାଙ୍କ ସମେତ ବହୁ ଗଣମାଧ୍ୟମ ବ୍ୟକ୍ତିବିଶେଷ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଶେଷରେ ପିଣ୍ଟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍‌ର ସଦସ୍ୟ ଅଭିଜିତ୍ କର, ମୃତ୍ୟୁଞ୍ଜୟ ସାହୁ, ଲଲାଟେନ୍ଦୁ ଚୌଧୁରୀ, ବି.କେ ବିଶାରଦ, ରାଜେଶ ସାହୁ, ନିର୍ମାଳ ସାହୁ, ବିଘ୍ନରାଜ ମହାପାତ୍ର, ସୁନୀଲ ସାହୁ, ଦିନେଶ ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବଜ୍ରପାତନେଲା ଛାତ୍ରୀଙ୍କ ଜୀବନ



ଭଦ୍ରକ, (ପିପିଏସ୍): ଆଜି ସକାଳ ଓଳି ଭଦ୍ରକରେ ଖରା ତାର ତାତି ଦେଖାଇଥିବା ବେଳେ ଅପରାହ୍ନ ପ୍ରାୟ ୧.୩୦ ମିନିଟ୍‌ରେ ପ୍ରବଳ ଘଡଘଡି ସହ ବର୍ଷା । ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଥିଲା। ତେବେ ଆଜିର ଘଡଘଡି ଚଳିତ ବର୍ଷର ସମସ୍ତ ଘଡଘଡିକୁ ଟପିଯାଇଥିଲା। ଏହି ବଜ୍ରାପାତରେ ଆଜି ଭଦ୍ରକ ଜିଲା କୋଡବରୁଆଁ ପଂଚାୟତ ନିବାସୀ ପ୍ରଶାନ୍ତ ଦାସଙ୍କ କନ୍ୟା ମିଲିରାଣୀ (୧୮) ର ମୃତ୍ୟୁ ଘଟିଛି। ମିଲିରାଣୀ ଯୁକ୍ତ ତିନି ପ୍ରଥମବର୍ଷ ଚରମ୍ପା ମହାବିଦ୍ୟାଳୟରେ ଅଧୟନ କରୁଥିଲେ। ଆଜି ଦ୍ୱିପ୍ରହରରେ ସେ ବାଡିକୁ ଯାଇ ଫେରିବା ସମୟରେ ପ୍ରଚଣ୍ଡ ବଜ୍ରାପାତ ତାଙ୍କର ଜୀବନ ନେଇଛି। ଏହି ଘଟଣାରେ ଗ୍ରାମାଂଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି।

## ନୟାଗଡ ବଲାଙ୍ଗୀ ପାର୍କରେ ଥିବା ନୌକାବିହାରରେ ବ୍ୟାପକ କେଳେଙ୍କାରୀ

# ଖୋଦ ନିର୍ବାଚିତ ଜନ ପ୍ରତିନିଧିଙ୍କ ଇଙ୍ଗିତରେ ଲୁଟୁଛି ନିଲାମଧାରୀ

ନୟାଗଡ଼ (ପିପିଏସ୍): ନୟାଗଡ଼ ମ୍ୟୁନିସିପାଲିଟିର ବଲାଙ୍ଗୀ ବନ୍ଧ ସ୍ଥ ନୌଚାଳନାରେ ଆଦାୟ ଅର୍ଥ ତୋଷାର ପାତ ରେ ପୌର ପରିଷଦ ରାଜସ୍ୱ ହରାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନାହିଁ ଓ ନୌଚାଳନା ପାଇଁ ମାସିକ ୨୨ ହଜାର ଟଙ୍କା ନିଲାମ ଦେୟ ରହିଥିଲେ ହେଁ ନିଲାମ ନେଇଥିବା ବ୍ୟକ୍ତି ଗତ ଅକ୍ଟୋବର ମାସରୁ ମ୍ୟୁନିସିପାଲିଟିକୁ ଆଦୌ ରାଜସ୍ୱ ଦେଉ ନ ଥିବା ଜଣାପଡିଛି। ତେବେ ବଲାଙ୍ଗୀ ବନ୍ଧରେ ନୌଚାଳନା କଲେ ଟିକେଟ୍ ପିଛା ୫୦ ଟଙ୍କା ଦେବାକୁ ପଡୁଛି। ପ୍ରଶ୍ନ ଉଠୁଛି ଯଦି ମ୍ୟୁନିସିପାଲିଟି ରାଜସ୍ୱ ପାଉନି ତେବେ ନିଲାମଧାରୀଙ୍କ ନିଲାମଙ୍କୁ କାହିଁକି ବାତିଲ କରୁନି। ଅନ୍ୟପକ୍ଷେ ନୌଚାଳନା ଆରମ୍ଭଠାରୁ ଗତ ଅକ୍ଟୋବର ମାସରୁ ଥିବା ରାଜସ୍ୱ ମ୍ୟୁନିସିପାଲିଟି ପାଇ ନ ଥିବାବେଳେ ସରକାରୀ ଆଇନ ମୁତାବକ ଆଦାୟ ପାଇଁ ପଦକ୍ଷେପ ନେଉନି। ପ୍ରତ୍ୟହ ୭୦ ରୁ ୧୦୦ ଜଣ ବଲାଙ୍ଗୀପାର୍କରେ ନୌକା ଚାଳନା କରୁଥିବା ବେଳେ ନିଲାମଧାରୀ ୫୦ ହଜାରରୁ ଆରମ୍ଭ କରି ୧ ଲକ୍ଷ ୪୦ ହଜାର ପର୍ଯ୍ୟନ୍ତ ମାସକୁ ରୋଜଗାର କରୁଛନ୍ତି।

ସୂଚନା ଅନୁଯାଇ ନୌଚାଳନା ପାଇଁ ବଲାଙ୍ଗୀ ବନ୍ଧରେ ୧ଟି ଯନ୍ତ୍ର ଚାଳିତ, ୬ଟି ପାଦ ଚଲା ବୋଟ ରହିଛି। ପ୍ରତ୍ୟହ ୭ଟି ବୋଟରେ ଭଲ ବ୍ୟବସାୟ ହେଉଛି। ଗତ ଅକ୍ଟୋବର ୨୦୨୪ରୁ ନୌଚାଳନା ସେବା ଆରମ୍ଭ ହୋଇଛି। ନିଲାମଧାରୀ ଗତ ଅକ୍ଟୋବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଦୈନିକ ପ୍ରାୟ ଦେଢ଼ଶହରୁ ୨୦୦ ପାଖା ପାଖୀ ଟିକେଟ କରିବାର ଜଣାପଡିଛି। ସେହିପରି ଅନ୍ୟ ଦିବସଗୁଡିକରେ ୭୦ରୁ ୧୦୦ ମଧ୍ୟରେ ଟିକେଟ ହେଉଛି। ମାସର ପ୍ରତି ରବିବାର ୧୨୦ରୁ ୧୫୦ମଧ୍ୟରେ ଟିକେଟ ହେଉଛି ବୋଲି ସାଧାରଣରେ ଆଲୋଚନା ହେବା ସହ ଅଭିଯୋଗ ହୋଇ ଆସୁଛି। ନିଲାମଧାରୀ ଲାଭରେ ରହୁଥିବାବେଳେ କ୍ଷତି ହେଉଛି ଦର୍ଶାଇ ଆଦୌ ମ୍ୟୁନିସିପାଲିଟିକୁ ନିଲାମ ଅର୍ଥ ଭରଣା କରୁନାହାନ୍ତି। ଅର୍ଥ ଭରଣା ନ କରିବା ପଛରେ ପୌର ପରିଷଦ ର ଜଣେ ନିର୍ବାଚିତ ପ୍ରତିନିଧି ଙ୍କ ପରୋକ୍ଷ ହାତ ଥିବା ଚାପା ଗୁଞ୍ଜରଣ ଚାଲିଛି।

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଏଆଇଡିଏସ୍‌ଓର ବିକ୍ଷୋଭ




ବ୍ରହ୍ମପୁର(ପିପିଏସ୍): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ଦାବିରେ କମାପଲ୍ଲୀ ଛକ ଠାରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହେବା ସହ ବ୍ରହ୍ମପୁର ଏସ୍‌ପିଙ୍କ ଜରିଆରେ ଏକ ଦାବିପତ୍ର ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ପ୍ରଦାନ କରାଯାଇଛି।

ସୂଚନାଥାଉକି, ଗତ ଶନିବାର ବାଲେଶ୍ୱର ଫକୀର ମୋହନ କଲେଜରେ ଶିକ୍ଷା ବିଭାଗର ଜୈନିକ ଛାତ୍ରୀ ଯେଉଁଳି ଭାବରେ କଲେଜ କର୍ତ୍ତୃପକ୍ଷ ବିଶେଷ କରି ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯ୍ୟାତିତ ହେବା ପରେ ମଧ ଅଭିଯୋଗକୁ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଗୁରୁତ୍ ନ ଦେବାରୁ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଜନସାଧାରଣଙ୍କ ହୃଦୟତକୁ ଦୋହଲାଇ ଦେଇଛି। ଏହି ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ଦୋଷୀ ମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଏବଂ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ସହ ମଦ ମାଦକ ଦ୍ରବ୍ୟ ଓ ଅଶ୍ଳିଳତା ନଗ୍ନତାର ପ୍ରଚାର ପ୍ରସାର ବନ୍ଦ କରିବା ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁଙ୍କ ସହ କିଷାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ବାମିଆ ଉଗ୍ରାସାଣ୍ଡି ଆଦି ଉପସ୍ଥିତ ଥିଲେ।

## ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀକୁ ନ୍ୟାୟ ଦାବି

# ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଏସପିଙ୍କ ଜରିଆରେ ଡିଜିଙ୍କୁ ଦାବିପତ୍ର


ଭଦ୍ରକ, (ପିପିଏସ୍): ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀଙ୍କୁ ନ୍ୟାୟ ଦାବି କରି ଆଜି ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଶୋଭାଯାତ୍ରା ବାହାରି ଜିଲ୍ଲା ର ମହିଳା ନେତ୍ରୀ ସୁରଜିତା ନାୟକ, କାମିନୀ ନାୟକ, ସୁମତି ନାୟକ, ସାମ୍ୟବାଦୀ ରୋଜାଲିନ, ବାସନ୍ତୀ ବେହେରା, ଶିଖା ମୋହାପତ୍ର, ଶାନ୍ତିଲତା ବାରିକ ପ୍ରମୁଖ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ଙ୍କୁ ସାକ୍ଷାତ କରି ଏକ ଦାବୀପତ୍ର ଓଡିଶା ର ପୋଲିସ ମହାନିର୍ଦ୍ଦେଶକ ଙ୍କୁ ନିକଟକୁ ପଠାଇ ଛନ୍ତି। ଏହି ଦାବୀପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ଫକୀରମୋହନ ଅଟୋନମସ୍ କଲେଜର ଛାତ୍ରୀଙ୍କ ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ସେ ପ୍ରିନ୍ସିପଲ୍ ଓ ଅଧ୍ୟାପକ ଙ୍କୁ ଗିରଫ କରିବା ସହ ପୀଡ଼ିତାଙ୍କର ସମସ୍ତ ଖର୍ଚ୍ଚ ସରକାର ବହନ କରିବାପାଇଁ ମହିଳା ସମିତି ପକ୍ଷରୁ ଦବି କରାଯାଇଛି। ରାଜ୍ୟର ମହିଳା ମାନଙ୍କ ଉପରେ ନିର୍ଯ୍ୟାତନା ବଢୁଥିବାରୁ ସରକାର୍ ଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ପ୍ରକାର ଅତ୍ୟାଚାର ବିରୁଦ୍ଧରେ ଜନସାଧାରଣ ଏକ ହୋଇ ପ୍ରତିବାଦ କରିବା ପାଇଁ ମହିଳା ସମିତି ପକ୍ଷରୁ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ନିବେଦନ କରିଛନ୍ତି।

# ଆଞ୍ଚଳିକ କ୍ରୀଡାରେ କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା




କେନ୍ଦ୍ରାପଡ଼ା (ପିପିଏସ୍): କେନ୍ଦ୍ରାପଡ଼ା ବାରିମୁଳ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭୁବନେଶ୍ୱର ସମ୍ଭାଗର ଆଞ୍ଚଳିକ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ବିଭିନ୍ନ ଖେଳରେ ସଫଳତା ଆଣିଛନ୍ତି । ରାଉରକେଲା ବର୍ସାମୁଣ୍ଡା ଷ୍ଟାଡିୟମରେ ଜୁଲାଇ ୮ତାରିଖରୁ ୧୦ତାରିଖ ମଧ୍ୟରେ ୫୪ତମ ଆଞ୍ଚଳିକ କ୍ରୀଡା ଅନୁଷ୍ଠିତ ହୋଯାଇଛି । ଭୁବନେଶ୍ୱର ସମ୍ଭାଗର ଆଞ୍ଚଳିକ କ୍ଷେତ୍ରରେ ପ୍ରାୟ ୪୧ଟି ଦଳ ଭାଗନେଇଥିଲେ । ଏହି କ୍ରିଡାରେ କେନ୍ଦ୍ରାପଡା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରିଡାରେ ସଫଳତା ହାସଲ କରି ୩ଟି ମେଡାଲ ଆଣି ଗୌରବ ଅର୍ଜନ କରିଛନ୍ତି । କେନ୍ଦ୍ରାପଡା ପିଏମଶ୍ରୀ ବିଦ୍ୟାଳୟର ୧୭ବର୍ଷ ବାଳିକା ବିଭାଗ ମଧ୍ୟରେ ଅନୁଷ୍ଠିତ ଖେଳରେ ୪୦୦ମିଟର ଦୌଡରେ ଶୁଭଲକ୍ଷ୍ମୀ ଧଳ ବ୍ରୋଞ୍ଜ ପଦକ, ୧୯ବର୍ଷ ମଧ୍ୟରେ ବାଳିକା ବିଭାଗର ସଟପୁଟରେ ଅଭିଲିପ୍ସା ରାମ ସ୍ୱର୍ଣ୍ଣ ପଦକ ଓ ଡିସ୍‌କସ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ । ଏହି ପ୍ରତିଯୋଗିତାରେ ସମସ୍ତ ସଫଳତା ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସ୍କୁଲର ଅଧକ୍ଷ ଶଶୀ କୌଶଲ କୃତଜ୍ଞତା ଜ୍ଞାପନ କରିଥିଲଲେ । ଏହି ସଫଳତାକୁ ନେଇ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଖୁସିରେ ଲହରୀ ଖେଳିଯାଇଛି ।

# ଟାଟା ପାୱାରର ଖୋଲା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଷଣ୍ଢର ମୃତ୍ୟୁ




ଯାଜପୁର (ପିପିଏସ): ସବୁବେଳେ ସେଫଟି ଫାର୍ଷ୍ଟ କଥା କହୁଥିବା ଟାଟା କେବଳ ପ୍ରଚାର ରେ ସିମୀତ କିନ୍ତୁ ପ୍ରକୃତରେ ଟାଟା ତାର ମିଛ ଏଜେଣ୍ଡା ରେ କାମ କରୁଛି ।
ଦାନଗଦି ସରକାରୀ ଡାକ୍ତରଖାନା ସାମ୍ନା ରାସ୍ତା ଉପରେ ବିଦ୍ୟୁତ ସରବରାହ ଥିବା ଏକ ମେଲା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଆଜି ଅପରାହ୍ନରେ ଗୋଟିଏ ଷଣ୍ଢ ର ମୃତ୍ୟୁ ଘଟିଛି। ବଜାର ଉପରେ ଥିବା ଏହି ଟ୍ରାନ୍ସଫର୍ମର ଟି ଦୀର୍ଘବର୍ଷ ହେବ ବସିଥିଲେ ମଧ ଏହାର ଚତୁର୍ପାର୍ଶ୍ୱ ରେ ପାଚେରୀ କରାଯାଇନାହିଁ ଯାହାଫଳରେ ସନ୍ଧ୍ୟାରେ ଷଣ୍ଢ ଟି ଘାସ ଚରୁଥିବାବେଳେ ହଟାତ ଟ୍ରାନ୍ସଫର୍ମର ବସିଥିବା ଜାଗା ତଳକୁ ଚାଲିଯାଇଥିଲା। ଯାହାଫଳରେ ବିଦ୍ୟୁତ ସଂସ୍ପର୍ଶ ରେ ଆସି ଛଟପଟ ହୋଇ ମୃତ୍ୟୁ ବରଣ କରିଥିଲା। ଖବର ପାଇ ଦାନଗଦି ବିଦ୍ୟୁତ ବିଭାଗ ର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଁଞ୍ଚି ଷଣ୍ଢ ଟିକୁ ସେଠାରୁ ନେଇ ନିକଟସ୍ଥ ଜଙ୍ଗଲ ମଧ୍ୟରେ ପକାଇ ଦେଇଛନ୍ତି। ତେବେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ନିରୀହ ଷଣ୍ଢ ର ଜୀବନ ଗଲା। ଏଠାରେ ପ୍ରଶ୍ନ ଉଠୁଛି ଯଦି ଷଣ୍ଢ ନ ହୋଇ କେହିଜଣେ ମଣିଷ ସେହି ଜାଗାକୁ ଯାଇଥାନ୍ତା ଓ ମୃତ୍ୟୁବରଣ କରିଥାନ୍ତା ତେବେ ଏବେ ପରିସ୍ଥିତି କଣ ହୋଇଥାନ୍ତା ତାହା ତଦନ୍ତ ସାପେକ୍ଷ। ତୁରନ୍ତ ଏହି ଖୋଲା ଜାଗାକୁ ପାଚେରୀ ଘେରେଇବାକୁ ଲୋକେ ଦାବି କରିଛନ୍ତି।

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରସ୍ତୁତି ବୈଠକ



ଭଦ୍ରକ, (ପିପିଏସ୍): ଆଜି ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲାର ସମସ୍ତ ପଦାଧିକାରୀ ମାନଙ୍କୁ ନେଇ ଆଗାମୀ ଦିନରେ ପାଳନ ହେବାକୁ ଥିବା ୧-ଅଖଣ୍ଡ ଭାରତ ଦିବସ, ୨- ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ୩- ଦୁର୍ଗାଷ୍ଟମୀ କିପରି ପାଳନ ହେବ ଏବଂ ଭଦ୍ରକ ଜିଲ୍ଲାର ସାମ୍ପ୍ରତିକ ପରସ୍ଥିତି ବାବଦରେ ଏକ ପସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସର୍ବପ୍ରଥମେ ଭାରତୀମାତାଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକ ପ୍ରାରମ୍ଭ କରାଯାଇଥିଲା। ଏହି ବୈଠକରେ ରାଜ୍ୟରୁ ମାନନୀୟ ସତ୍ୟ ଭାଇ (କାର୍ଯ୍ୟାଳୟ ପ୍ରମୁଖ) ସମସ୍ତଙ୍କୁ ମାର୍ଗଦର୍ଶନ କରାଇଥିଲେ। ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ବସନ୍ତ କୁମାର ରାଉତ ଭାଇ ବିଗତ କାର୍ଯ୍ୟାବଳୀ ବିବରଣୀ ପାଠକରିଥିଲେ। ସଭାପତି କାହ୍ନୁ ଚରଣ ସିଂହି ଭାଇ ନୂତନ କରି ଉପଦେଷ୍ଟା ଭାବେ ନିଯୋଜିତ ହୋଇଥିବା ସରୋଜିନୀ ଅପାଙ୍କୁ ଉତରୀୟ ଦେଇ ସମ୍ମାନିତ କରିଥିଲେ। ଏହି ବୈଠକରେ ଉପସଭାପତି ନିର୍ମଳ ରାଉତ ଭାଇ, କୋଷାଧକ୍ଷ ଭୀମସେନ ପାଣି ଭାଇ, ସହ ସମ୍ପାଦକ ଆଲୋକ ପଣ୍ଡା, ଦୁର୍ଗାବାହିନୀ ପ୍ରମୁଖ ମଧୁସ୍ମିତା ମହାପାତ୍ର, ମୋନାଲିଶା ଦାସ,ସେବା ପ୍ରମୁଖ ରଥ ସାମଲ ଭାଇ,ହରେକୃଷ୍ଣ ଭାଇ, ମାତୃଶକ୍ତି ସହପ୍ରମୁଖ ଶୁଭ୍ରତା ଅପା, ନଗର ସଭାପତି ମାନଗୋବିନ୍ଦ ଭାଇ, ଦମୟନ୍ତୀ ଅପା ବଜରଙ୍ଗ ଦଳର ପ୍ରମୁଖ ବିଜୟ ଭାଇ, କ୍ଷିତୀଶ ଭାଇ, ରଂଜିତ ଭାଇ, ନାଣ୍ଟୁ ଭାଇ, ଚନ୍ଦୁ ଭାଇ,ବ୍ୟୋମକେଶ ଭାଇ,ଅଜିତ ଭାଇ, ଶ୍ରୀକାନ୍ତ ଭାଇ, କାର୍ଯ୍ୟକ୍ରମର ବିଭିନ୍ନ ଦିଗକୁ ନେଇ ମତାମତ ରଖିଥିଲେ। ପରିଶେଷରେ ସତସଙ୍ଗ ପ୍ରମୁଖ ଶାନ୍ତି ପାଠ କରି ବୈଠକକୁ ଶେଷ କରିଥିଲେ।

# ବହି ଦୋକାନରେ ଭିଡ଼କୁ ନେଇ ଚର୍ଚ୍ଚା



ତାଳଚେର, (ପିପିଏସ୍): ତାଳଚେର ଶିଳ୍ପାଞ୍ଚଳ ମଧ୍ୟରେ କଳା, ସାହିତ୍ୟ ,ବିଜ୍ଞାନ , ଶିଶୁ ମନ୍ଦିର , ସରସ୍ୱତୀ ଶିକ୍ଷା ମନ୍ଦିର, ଗୁରୁକୁଳ ଆଶ୍ରମ ଭିତ୍ତିକ ଶିକ୍ଷା ,ଆଧୁନିକ ପ୍ରଯୁକ୍ତିବିଦ୍ୟା, ଏ ଆଇ ଅତ୍ୟାଧୁନିକ ଶିକ୍ଷା, ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ତିଯୋଗିତା ମୂଳକ ଶିକ୍ଷା ନିମିତ୍ତ ସମସ୍ତ ପ୍ରକାର ଆନୁଷଙ୍ଗିକ ପୁସ୍ତକ, ଷ୍ଟଡ଼ି ମ୍ୟାଟେରିଆଲ , ଟେଷ୍ଟ ପେପର , ଗାଇଡ ବୁକ୍ , ଏମ୍ ବି ଡି, ଉଭୟ ଇଂରାଜୀ ଓ ହିନ୍ଦୀ ,ଓଡ଼ିଆ , ସାହିତ୍ୟ, ବିଜ୍ଞାନ ,ସାମାଜିକ ,ଇତିହାସ , ଭୂଗଳ, ଜ୍ୟାମେଟ୍ରି ପ୍ରଭୃତି ପୁସ୍ତକ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ମାଟ୍ରିକ, ବିଏ ପର୍ଯ୍ୟନ୍ତ ସମସ୍ତ ବହି ସେଟ୍ ତାଳଚେର ହାଟ ତୋଟା ରୋଡ ପେଟ୍ରୋଲ ପମ୍ପ ଖମ୍ଭେଶ୍ୱରୀ ବହି ଦୋକାନ ଏଠାରେ ସହଜ ଓ ସୁଲଭ ଦରରେ ସମସ୍ତ ପ୍ରକାର ପୁସ୍ତକ ମିଳୁଛି ତେଣୁ ଛାତ୍ରଛାତ୍ରୀ ମାନଙ୍କ ପ୍ରଥମ ପସନ୍ଦ ଖମ୍ଭେଶ୍ୱରୀ ବହି ଦୋକାନ , ଅଭିଭାବକ ମହଲରେ ମଧ ଖମ୍ଭେଶ୍ୱରୀ ବହି ଦୋକାନ ପ୍ରତି ବିଶେଷ ଆଗ୍ରହ ବୃଦ୍ଧି ପାଇଛି। ତାଳଚେର ସହର,ପୌରାଞ୍ଚଳ ସହିତ ଡେରା , ବଳଣ୍ଡା, ହିଙ୍ଗୁଳା, ଏଫ୍ ସି ଆଇ ,ଥର୍ମାଲ ପ୍ରଭୃତି ଅଞ୍ଚଳରୁ ସ୍କୁଲ,କଲେଜ୍ , ଛାତ୍ରଛାତ୍ରୀ, ସରକାରୀ, ବେସରକାରୀ ପ୍ରତିଷ୍ଠାନ ଆବଶ୍ୟକ ବିଭିନ୍ନ ପ୍ରକାର ସାଇଜର ବନ୍ଧେଇ ,ରୋଲ ପକା ଖାତା , ପେନ୍ ,ପେନ୍ ସିଲ , ମ୍ୟାଟେରିଆଲ , ଓ୍ୱାଟର କଲୋର୍, ସ୍କେଚ, ଏ ଫର ସାଇଜ ଜେରକ୍ସ ପେପର , ଚକ୍ ଡଷ୍ଟର, ଗ୍ଲୋବ ,ମ୍ୟାପ , ଆର ଆଇ ,ଅମିନଙ୍କ ଜମି ମାପ ସ୍କେଲ୍, କମ୍ପାସ ପ୍ରଭୃତି ସାମଗ୍ରୀ ଓ ସମସ୍ତ ପ୍ରକାର ସ୍କୁଲ୍ ବହି, ଅଲ ଇନ ଓ୍ୱାନ ଗାଇଡ ସହଜ ଓ ସୁଲଭ ଦରରେ ମିଳିପାରୁଥିବା ଯୋଗୁଁ ଖମ୍ଭେଶ୍ୱରୀ ବହି ଦୋକାନରେ ନାହିଁ ନଥିବ ଭିଡ ଦେଖିବାକୁ ମିଳୁଛି। ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ଖମ୍ଭେଶ୍ୱରୀ ବହି ଦୋକାନ।

## ବ୍ରହ୍ମପୁର ୟୁନିୟନ କ୍ଲବ୍‌ର କର୍ମକର୍ତ୍ତା ନିର୍ବାଚନ

# ସଭାପତି ଭି.ସନ୍ତୋଷ କୁମାର, ସମ୍ପାଦକ ସନ୍ତୋଷ ନିର୍ବାଚିତ

ବ୍ରହ୍ମପୁର(ପିପିଏସ୍): ପ୍ରତି ୨ବର୍ଷକୁ ଥରେ ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ବ୍ରହ୍ମପୁର ୟୁନିୟନ କ୍ଲବ୍‌ର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇ ଆସୁଛି । ଏହି ମର୍ମରେ ଆସନ୍ତା ୨୦୨୫-୨୭ ରବିବାର ଦିନ କ୍ଲବ୍ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କ୍ଲବ୍‌ର ୪୨୨ ସଦସ୍ୟ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୮୦ଜଣ ଭୋଟର ନିଜ ନିଜର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ସଭାପତି ଭାବେ ଭି.ସନ୍ତୋଷ କୁମାର ବାଳକୃଷ୍ଣ ସାହୁଙ୍କୁ ୧୬୨ ଭୋଟରେ ହରାଇ ସର୍ବାଧିକ ୨୭୧ଭୋଟ ପାଇ ଏକତରଫା ବିଜୟୀ ହୋଇଛନ୍ତି । ସେହିପରି ସମ୍ପାଦକ ପଦବୀରେ ୩ଜଣ ପ୍ରତିଦ୍ୱନ୍ଦୀତା କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ଏକତରଫା ଭାବେ ସନ୍ତୋଷ ପାଢ଼ୀ(ପାର୍ଥ) ସର୍ବାଧିକ ୩୦୫ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଞ୍ଜିତ ମହାରଣା ୨୭ ଓ ଇ.ଅରୁଣାଞ୍ଚଳ ୪୪ଟି ଭୋଟ ପାଇଥିଲେ । ସେହିପରି ଉପସଭାପତି ପଦବୀରେ ବିଭୂତି ଭୂଷଣ ପଟ୍ଟନାୟକ ୧୯୨ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମିହିର ପାଣିଗ୍ରାହୀ ୧୮୭ ଭୋଟ ପାଇଥିଲେ । ଫଳରେ ୫ଟି ଭୋଟରେ ବିଭୂତି ବିଜୟୀ ହୋଇଥିଲେ । ସେହିପରି କୋଷାଧକ୍ଷ ରୂପେ ଜିତେନ୍ଦ୍ର ଗୌଡ ୨୩୪ଭୋଟ ପାଇଥିବା ବେଳେ ରଶ୍ମି ଶର୍ମା ୧୪୪ ଭୋଟ ପାଇଥିଲେ । ଫଳରେ ୯୦ଭୋଟରେ ଜିତେନ୍ଦ୍ର ବିଜୟୀ ହୋଇଥିଲେ । ଯୁଗ୍ମ ସମ୍ପାଦକ ଭାବେ କେ.ରାମକ୍ରିଷ୍ଣା ସେନାପତି ୧୮୬ଭୋଟ ପାଇଥିବା ବେଳେ ଏଲ୍.ଶ୍ରୀନିବାସ ରାଓ ୧୯୧ ଭୋଟ ପାଇଥିଲେ । ଫଳରେ ଶ୍ରୀନିବାସ ୫ଟି ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ । ସେହିପରି ଇସି ସଦସ୍ୟ ରୂପେ ୮ଜଣ ସଭ୍ୟ ନିର୍ବାଚିତ ହୋଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ସଦସ୍ୟ କାମନା ପାଢ଼ୀଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀ ଲଳିତମୋହନ ମଙ୍ଗରାଜ, ଆର୍.ଲକ୍ଷ୍ମୀ ତରୁଣ ନିର୍ବାଚନ ପରିଚାଳନା କରିଥିଲେ । ସେମାନଙ୍କୁ ବାଳକୃଷ୍ଣ ଦୀକ୍ଷିତ୍, ଟି.ପାର୍ଥ ସାରଥି, ବରୁଣ କୁମାର ପାଣିଗ୍ରାହୀ, ଅସିତ୍ ଦାସ, କୃଷ୍ଣ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ। ନିର୍ବାଚନ ପରେ ୟୁନିୟନ କ୍ଲବ୍ ପରିସରରେ ନିର୍ବାଚିତ କର୍ମକର୍ତ୍ତା ଓ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ସମସ୍ତ ଅଧିକାରୀଙ୍କୁ ସମ୍ମାନୀତ କରାଯାଇଥିଲା ।

# ଲର୍ଡସ୍ ଟେଷ୍ଟ୍ ପ୍ରଥମ ପାଳି ଟାଇ



- ଇଂଲଣ୍ଡ ୩୮୭କୁ ଭାରତ ୩୮୭
- ରାହୁଲ, ପନ୍ତ, ଜାଡ଼େଜା ସମ୍ମାନ ରଖିଲେ
- ଭାରତ ୩୮୭ ରନ୍‌ରେ ଅଲଆଉଟ୍
- କେଏଲ ରାହୁଲଙ୍କ ଶତକ

ଲର୍ଡସ : କେଏଲ୍ ରାହୁଲ, ଋଷଭ ପନ୍ତ, ରବୀନ୍ଦ୍ର ଜାଡ଼େଜାଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କାରଣରୁ ଭାରତ ଲର୍ଡସ ଟେଷ୍ଟର ପ୍ରଥମ ପାଳିରେ ବରାବର ସ୍ଥିତି ଦେଇଛନ୍ତି। ଇଂଲଣ୍ଡର ୩୮୭ ରନ୍ ଜବାବରେ ଭାରତ ମଧ୍ୟ ସମାନ ୩୮୭ ରନ୍ କରି ସମସ୍ତ ୱିକେଟ୍ ହରାଇଛି। ୨୦୧୫ ପରେ ପ୍ରଥମ ଥର ପାଇଁ ପ୍ରଥମ ପାଳି ଟାଇ ହୋଇଛି। ପୂର୍ବ ସଂଧାରୁ ଅର୍ଦ୍ଧଶତକ ସହ ଅପରାଜିତ ଥିବା କେଏଲ୍ ରାହୁଲ ଶନିବାର ଶତକ ସୁଯୋଗକୁ ହାତଛଡ଼ା କରିନଥିଲେ। ଅନ୍ୟପକ୍ଷରେ ଆହତ ଥିବା ସତ୍ତ୍ୱେ ଯନ୍ତ୍ରଣା ଭିତରେ ବି ଋଷଭ ପନ୍ତ୍ ଭଲ ବ୍ୟାଟିଂ କରିଥିଲେ। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୧୪୧ ରନ୍ ଯୋଡ଼ିବା ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ମଧ୍ୟାହ୍ନ ଭୋଜନ ପୂର୍ବ ଓଭରରେ ପନ୍ତ (୭୪, ୧୧୨ ବଲ୍?, ୮ ଚୌକା, ୨ ଛକା) ରନ୍‌ଆଉଟ୍ ହୋଇଯାଇଥିଲେ।

ରାହୁଲ ବିରତି ପରେ ନିଜ ଦଶମ ଟେଷ୍ଟ୍ ଶତକ (୧୦୦, ୧୭୭ ବଲ୍, ୧୩ ଚୌକା) ପୂର୍ଣ୍ଣ କରିଥିଲେ। ଏହା ଇଂଲଣ୍ଡ ବିପକ୍ଷରେ ପଞ୍ଚମ, ଲର୍ଡସରେ ଦ୍ୱିତୀୟ ଏବଂ ଚଳିତ ଗସ୍ତରେ ମଧ୍ୟ ଦ୍ୱିତୀୟ ଶତକ ହୋଇଥିଲା। କିନ୍ତୁ ଆଗକୁ ବଢ଼ିପାରିନଥିଲେ। ଏହି ସମୟରେ ରବୀନ୍ଦ୍ର ଜାଡ଼େଜା ଓ ନୀତୀଶ କୁମାର ରେଡ୍ଡୀ (୩୦, ୯୧ ବଲ୍) ଷଷ୍ଠ ୱିକେଟ୍ ପାଇଁ ୭୨ ରନ୍ ଯୋଡ଼ିଥିଲେ। ବେନ୍ ଷ୍ଟୋକ୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ସେ। ରବୀନ୍ଦ୍ର ଜାଡ଼େଜା ଓ ୱାସିଂଟନ୍ ସୁନ୍ଦର ସପ୍ତମ ୱିକେଟ୍ ପାଇଁ ୫୦ ରନ୍ ଯୋଡ଼ିଥିଲେ। ଐତିହାସିକ ଲର୍ଡ୍ସ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ସିରିଜର ୩ୟ ଟେଷ୍ଟରେ ଭାରତ ନିଜର ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ ହୋଇଯାଇଛି । ଇଂଲଣ୍ଡ ମଧ୍ୟ ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ ହୋଇଥିବାରୁ ଉଭୟ ଦଳର ସ୍କୋର ସମାନ ରହିଛି । ଭାରତ ପକ୍ଷରୁ କେଏଲ ରାହୁଲ ଶତକ ଅର୍ଜନ କରିଥିବାବେଳେ ଋଷଭ ପନ୍ତ ୭୪ ରନ ଓ ରବୀନ୍ଦ୍ର ଜାଦେଜା ୭୨ ରନ କରିଥିଲେ। ସେହିପରି କରୁଣ ନାୟାର ୪୦ ରନ ଓ ନୀତୀଶ ରେଡ୍ଡି ୩୦ ରନ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ ଓକ୍ସ ୩ଟି ୱିକେଟ ନେଇଥିବାବେଳେ ଜୋଫ୍ରା ଆର୍ଚର ଓ ବେନ ଷ୍ଟୋକ୍ସ ୨ଟି ଲେଖାଏଁ ୱିକେଟ ନେଇଥିଲେ।



ସଂକ୍ଷିପ୍ତ ସ୍କୋର: ଇଂଲଣ୍ଡ ପ୍ରଥମ ପାଳି: ୩୮୭ (ଜୋ ରୁଟ୍-୧୦୪, ବ୍ରାଏଡନ୍ କାର୍ସ-୫୬, ଜାମି ସ୍ମିଥ୍-୫୧, ବେନ୍ ଷ୍ଟୋକ୍ସ-୪୪, ଯଶପ୍ରୀତ୍ ବୁମ୍ରା-୫/୭୪, ନୀତୀଶ କୁମାର ରେଡ୍ଡୀ-୨/୬୨, ମହମ୍ମଦ ସିରାଜ-୨/୮୫, ରବୀନ୍ଦ୍ର ଜାଡ଼େଜା-୧/୨୯)। ଭାରତ ପ୍ରଥମ ପାଳି: ୧୧୯.୨ ଓଭରରେ ୩୮୭/୧୦ (କେଏଲ୍ ରାହୁଲ-୧୦୦, ଋଷଭ ପନ୍ତ୍ -୭୪, ରବୀନ୍ଦ୍ର ଜାଡ଼େଜା-୭୨, କରୁଣ ନାୟର-୪୦, ୱାସିଂଟନ୍ ସୁନ୍ଦର-୨୩, କ୍ରିସ୍ ଓକ୍ସ-୩/୮୪, ଜୋଫ୍ରା ଆର୍ଚର-୨/୫୨, ବେନ୍ ଷ୍ଟୋକ୍ସ-୨/୬୩, ସୋଏବ ବସିର-୧/୫୯, ବ୍ରାଏଡନ୍ କାର୍ସ-୧/୮୮)।

ଇଂଲଣ୍ଡର ପ୍ରଥମ ଇନିଂସ : ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ଜ୍ୟାକ କ୍ରାଉଲି ଓ ବେନ ଡକେଟ ଏକ ଭଲ ଆରମ୍ଭ କରିଥିଲେ ବି ଏକ ବଡ଼ ପାର୍ଟନରସିପ କରିପାରିନଥିଲେ। ଡକେଟ୍ ୨୩ ଓ କ୍ରାଉଲି ୧୮ ରନ କରିଥିଲେ। ତେବେ ଓଲି ପୋପ୍ ଓ ଜୋ ରୁଟଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ପୋପ୍ ୪୪ ରନ କରିଥିବାବେଳେ ରୁଟ୍ ଏକ ଲଢୁଆ ଶତକ ଅର୍ଜନ କରିଥିଲେ। ସେହିପରି ବେନ ଷ୍ଟୋକ୍ସ ୪୪ ରନ କରିଥିବାବେଳେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସେ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୩୮୭ ରନ କରିଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୫ଟି ୱିକେଟ ନେଇଥିବାବେଳେ ନୀତୀଶ ରେଡ୍ଡି ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ। ସେହିପରି ରବୀନ୍ଦ୍ର ଜାଦେଜା ଗୋଟିଏ ୱିକେଟ ନେଇଥିଲେ।

କେ.ଏଲ. ରାହୁଲଙ୍କ ଶତକ: ୩ୟ ଦିନର ଉଲ୍ଲେଖନୀୟ ଖବର ହେଲା କେଏଲ ରାହୁଲଙ୍କ ଶତକ ଓ ଋଷଭ ପନ୍ତଙ୍କ ଅର୍ଦ୍ଧଶତକ। ଉଭୟ ବ୍ୟାଟ୍ସମ୍ୟାନ ଏକ ଭଲ ପାର୍ଟନରସିପ କରି ଭାରତକୁ ବିପଦରୁ ଉଦ୍ଧାର କରିବା ସହ ସ୍କୋରକୁ ଆଗେଇ ନେଇଥିଲେ। ତେବେ ରାହୁଲ ୧୦୦ ରନ କରିବା ପରେ ସୋଏବ ବସିରଙ୍କ ବଲରେ ଆଉଟ ହୋଇଥିଲେ। ସେହିପରି ପନ୍ତ ୭୪ ରନ କରି ରନ ଆଉଟ ହୋଇଥିଲେ। ସର୍ବଶେଷ ସୂଚନା ଅନୁସାରେ ଭାରତ ୫ ୱିକେଟ ହରାଇ ୨୫୪ ରନ କରିଛି। ଏବେ କ୍ରିଜରେ ରବୀନ୍ଦ୍ର ଜାଦେଜା ଓ ନୀତୀଶ କୁମାର ରେଡ୍ଡୀ ବ୍ୟାଟିଂ କରୁଛନ୍ତି। ଇଂଲଣ୍ଡ ପକ୍ଷରୁ କ୍ରିସ ଓକ୍ସ, ଜୋଫ୍ରା ଆର୍ଚର, ବେନ ଷ୍ଟୋକ୍ସ ଓ ସୋଏବ ବସିର ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି।

ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ଜ୍ୟାକ କ୍ରାଉଲି ଓ ବେନ ଡକେଟ ଏକ ଭଲ ଆରମ୍ଭ କରିଥିଲେ ବି ଏକ ବଡ଼ ପାର୍ଟନରସିପ କରିପାରିନଥିଲେ। ଡକେଟ୍ ୨୩ ଓ କ୍ରାଉଲି ୧୮ ରନ କରିଥିଲେ। ତେବେ ଓଲି ପୋପ୍ ଓ ଜୋ ରୁଟଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା। ପୋପ୍ ୪୪ ରନ କରିଥିବାବେଳେ ରୁଟ୍ ଏକ ଲଢୁଆ ଶତକ ଅର୍ଜନ କରିଥିଲେ। ସେହିପରି ବେନ ଷ୍ଟୋକ୍ସ ୪୪ ରନ କରିଥିବାବେଳେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସେ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୩୮୭ ରନ କରିଥିଲା। ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୫ଟି ୱିକେଟ ନେଇଥିବାବେଳେ ନୀତୀଶ ରେଡ୍ଡି ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ। ସେହିପରି ରବୀନ୍ଦ୍ର ଜାଦେଜା ଗୋଟିଏ ୱିକେଟ ନେଇଥିଲେ।

ଧୋନିଙ୍କ ସମକକ୍ଷ ହେଲେ ପନ୍ତ : ଭଲ ଖେଳୁଥିବା ବେଳେ ଭାରତୀୟ ୱିକେଟ୍ ରକ୍ଷକ ଋଷଭ ପନ୍ତ (୭୪) ଲର୍ଡସ୍ ଟେଷ୍ଟରେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଯାଇଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସିଧା ଥ୍ରୋ'ରେ ନିଜ ୱିକେଟ୍ ହରାଇବା ପୂର୍ବରୁ କିନ୍ତୁ ଇଂଲଣ୍ଡରେ ଭ୍ରମଣକାରୀ ୱିକେଟ୍ ରକ୍ଷକ ଭାବେ ସର୍ବାଧିକ ଅର୍ଦ୍ଧଶତକ ହାସଲ କରିବାରେ ଭାରତୀୟ କ୍ରିକେଟ୍‌ର ଅନ୍ୟତମ ମହାନ ତାରକା ମହେନ୍ଦ୍ର ସିଂହ ଧୋନିଙ୍କ ରେକର୍ଡର ସମକକ୍ଷ ହୋଇ ସାରିଥିଲେ ସେ।

## ୱିମ୍ବଲଡନ୍: ୬-୦, ୬-୦ରେ ଜିତି ସ୍ୱିଆଟେକ୍ ଚାମ୍ପିଅନ୍



ଲଣ୍ଡନ: ଇଗା ସ୍ୱିଆଟେକ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନ୍‌ରେ ମହିଳା ସିଙ୍ଗଲ୍‌ସ ଚାମ୍ପିଅନ୍ ହୋଇଛନ୍ତି। ଶନିବାର ସମ୍ପୂର୍ଣ୍ଣ ଏକତରଫା ଫାଇନାଲରେ ୮ମ ସିଡ୍ ପୋଲାଣ୍ଡର ସ୍ୱିଆଟେକ୍ ୧୩ଶ ସିଡ୍ ଆମେରିକାର ଖେଳାଳି ଆମାଣ୍ଡା ଆନିସିମୋଭାଙ୍କୁ ଅପ୍ରତ୍ୟାଶିତ ଭାବେ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ୱିଆଟେକ୍ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ମାତ୍ର ୫୭ ମିନିଟରେ ଜିତିଥିଲେ। ଫଳରେ ଆନିସିମୋଭା ଟେନିସ୍‌ର ଓପନ୍ ଏରାରେ ଏବଂ ୧୯୧୧ ପରେ ପ୍ରଥମ ଖେଳାଳି ଭାବେ ୱିମ୍ବଲଡନ ଫାଇନାଲରେ ଗୋଟିଏ ମଧ୍ୟ ଗେମ୍ ଜିତି ପାରିନାହାନ୍ତି। ପୁଣି କ୍ରମାଗତ ୮ମ ବର୍ଷ ୱିମ୍ବଲଡନ୍‌ରେ ନୂଆ ମହିଳା ସିଙ୍ଗଲସ ଚମ୍ପିଆନ୍ ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ଦ୍ୱିତୀୟ ଖେଳାଳି ଭାବେ ଏକ ଗ୍ରାଣ୍ଡସ୍ଲାମ୍‌ର ଫାଇନାଲ ମ୍ୟାଚ୍‌କୁ ସ୍ୱିଆକେଟ୍ ୬-୦, ୬-୦ ସେଟ୍‌ରେ ଜିତିଛନ୍ତି। ୧୯୮୮ ଫ୍ରେଞ୍ଚ ଓପନ୍ ଫାଇନାଲରେ ବେଲାରୁଷର ନତାଶା ଜେରେଭାଙ୍କୁ ଷ୍ଟେଫି ଗ୍ରାଫ୍ ସମାନ ସ୍କୋରରେ ପରାସ୍ତ କରିଥିଲେ। ବିଶ୍ୱର ପୂର୍ବତନ ୧ନଂ ଖେଳାଳି ଇଗା ସ୍ୱିଆଟେକ୍ ପ୍ରଥମଥର ୱିମ୍ବଲଡନ୍ ଟାଇଟଲ ସହ ମୋଟ ୬ଷ୍ଠ ଗ୍ରାଣ୍ଡସ୍ଲାମ୍ ମହିଳା ଟାଇଟଲ ଜିତି ପାରିଛନ୍ତି। ସ୍ୱିଆଟେକ୍ ୪ ଥର ଫ୍ରେଞ୍ଚ ଓପନ୍ ଏବଂ ଥରେ ଲେଖାଏଁ ୟୁଏସ୍ ଓପନ୍ ଓ ୱିମ୍ବଲଡନ ଜିତିଛନ୍ତି। ପୂର୍ବରୁ ସ୍ୱିଆଟେକ୍ ଥରେ ମଧ୍ୟ ୱିମ୍ବଲଡନ୍‌ର ସେମିଫାଇନାଲ ଖେଳିନଥିଲେ। ସେମିରେ ଆନିସିମୋଭା ବିଶ୍ୱର ୧ନଂ ଖେଳାଳି ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଥିଲେ ହେଁ ଫାଇନାଲରେ ସମ୍ପୂର୍ଣ୍ଣ ନିଷ୍ପ୍ରଭ ହୋଇ ଯାଇଥିଲା। ୨୪ ବର୍ଷ ବୟସ୍କା ସ୍ୱିଆଟେକ୍ ପ୍ରଥମ ସେଟ୍‌କୁ ମାତ୍ର ୨୬ ମିନିଟରେ ଜିତିବା ପରେ ଆଉ ପଛକୁ ଫେରି ଚାହିଁନଥିଲେ। ଫାଇନାଲ ପୂର୍ବରୁ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଆମାଣ୍ଡା ଆନିସିମୋଭା ଏପରି ପରାଜୟ ପରେ କାନ୍ଦି ପକାଇଥିଲେ। ରବିବାର ପୁରୁଷ ସିଙ୍ଗଲ୍‌ସ ଫାଇନାଲରେ ବିଶ୍ୱର ୧ନଂ ସିଡ୍ ୟାନିକ୍ ସିନର ଓ ୨ନଂ ସିଡ୍ କାର୍ଲୋସ ଆଲ୍‌କାରାଜଙ୍କ ମଧ୍ୟରେ ମୁକାବିଲା ହେବ।

### ଗିଲ୍‌ଙ୍କ ଫର୍ମ ଦେଖି ଛାନିଆ

## ଅଷ୍ଟ୍ରେଲିଆ ବୋଲର ମିଚେଲ୍ ଷ୍ଟାର୍କ କହିଲେ, ମୁଁ ତାଙ୍କୁ ବୋଲିଂ କରିବି ନାହିଁ

ନୂଆଦିଲ୍ଲୀ : ଇଂଲଣ୍ଡରେ ଗିଲ ଚମତ୍କାର ଫର୍ମରେ ଅଛନ୍ତି। ସେ ମାତ୍ର ୪ ଇନିଂସରେ ୫୮୫ ରନ କରିଛନ୍ତି। ଏହାକୁ ନେଇ ବୋଲରମାନେ ତାଙ୍କୁ ବୋଲିଂ କରିବାକୁ ଭୟ କରୁଛନ୍ତି। ପରିସ୍ଥିତି ଏଭଳି ଯେ ତାଙ୍କ ବିସ୍ଫୋରକ ବ୍ୟାଟିଂର ଚର୍ଚ୍ଚା ଅଷ୍ଟ୍ରେଲିଆରେ ପହଞ୍ଚିଛି। ଗିଲଙ୍କ ବ୍ୟାଟିଂ ଦେଖି ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବୋଲର ମିଚେଲ ଷ୍ଟାର୍କ ପ୍ରତିକ୍ରିୟା ଦେଇଛନ୍ତି। ସେ ସେଠାକାର ପିଚ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଭାରତ ଏବଂ ଇଂଲଣ୍ଡ ଟେଷ୍ଟ ସିରିଜ ସମୟରେ ବ୍ୟାଟିଂ ପାଇଁ ସହଜ ପିଚ୍ ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସେ 'ଏକଦମ ଫ୍ଲାଟ୍ ପିଚ୍'ରେ ଶୁଭମନ ଗିଲଙ୍କ ଭଳି ଫର୍ମରେ ଥିବା ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ କରିବାକୁ ପସନ୍ଦ କରିବେ ନାହିଁ।



ଷ୍ଟାର୍କ 'ୱିଲିୟମ ଟକ୍ ପର୍ଡକାଷ୍ଟ'ରେ କହିଛନ୍ତି, 'ମୁଁ ଇଂଲଣ୍ଡରେ ଗିଲଙ୍କୁ ବୋଲିଂ କରିବି ନାହିଁ। ମୁଁ ସେଠାରେ ବହୁତ ମ୍ୟାଚ୍ ଦେଖିନାହିଁ କିନ୍ତୁ ମୁଁ ସ୍କୋରକାର୍ଡ ଦେଖିଛି। ଇଂଲଣ୍ଡରେ ଏପରି ପିଚ ବୋଲରମାନଙ୍କ ପାଇଁ ବହୁତ ଚ୍ୟାଲେଞ୍ଜିଂ।' ରୋହିତ ଶର୍ମାଙ୍କ ସ୍ଥାନରେ ଭାରତୀୟ ଟେଷ୍ଟ ଅଧିନାୟକ ହୋଇଥିବା ଗିଲ ବର୍ମିଂହାମ ଟେଷ୍ଟରେ ୨୬୯ ଏବଂ ୧୬୧ ରନ କରି ଭାରତକୁ ବଡ଼ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ପୂର୍ବରୁ ଲିଡ୍ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଏକ ଶତକ ହାସଲ କରିଥିଲେ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୩ - ୨୦ ଜୁଲାଇ ୨୦୨୫




ଦଲାଇଲାମାଙ୍କ ଉତ୍ତରାଧିକାରୀ ?

ତିବ୍ବତୀୟ ଆତ୍ମିକ ନେତା ଦଲାଇ ଲାମାଙ୍କ ଉତ୍ତରାଧିକାରୀ ପ୍ରସଙ୍ଗକୁ ନେଇ ଏବେ ଆରମ୍ଭ ହୋଇଛି ବିତର୍କ ଓ ବିବାଦ। ଏହି ମାମଲାରେ କେବଳ ଦଲାଇ ଲାମା ହିଁ କୌଣସି ନିଷ୍ପତ୍ତି ନେଇ ପାରିବେ ବୋଲି ଭାରତ କହିଛି। ଏଥିରେ ଚୀନ୍‌ର କୌଣସି ପ୍ରକାରର ଦଖଲକୁ ଭାରତ ଅଗ୍ରାହ୍ୟ କରି ଏହା ତିବ୍ବତୀୟ ବୌଦ୍ଧ ପରମ୍ପରାଙ୍କର ଅନ୍ତରୀଣ ମାମଲା ବୋଲି କହିଛି।

**ଜାତୀୟ:** ଟେମ୍ପୁଲ ଟ୍ରାଜେଡି
**ଅନ୍ତର୍ଜାତୀୟ:** ଚୀନ୍‌କୁ ଗୁହାରି
**ବିଶେଷ ପ୍ରସଙ୍ଗ:** ଛିଡୁନି ଅଡୁଆ
**ନାରୀ:** : ଘରେ ବନାନ୍ତୁ ଚକୋଲେଟ୍ ଇଡ଼ଲି
**କ୍ଷୁଦ୍ରଗଳ୍ପ:** କାନ୍‌ଭାସ୍
**ଚଳଚ୍ଚିତ୍ର:** ୩ ବର୍ଷ ପରେ, ଚଳଚ୍ଚିତ୍ର: ଇତିହାସ ରଚିଲେ ଦୀପିକା
**ଖେଳ:** : ମାର୍କ୍ରେଜ୍‌ଙ୍କ ଇସ୍ତଫା, ପେରିକାର୍ଡ କଲେ ଦ୍ରୁତତମ ସର୍ଭିସ୍ ରେକର୍ଡ
**ମୀନାବଜାର:** ମୀନାବଜାର: ନିମ୍ବ ଦାରୁ, ଚର୍ଚ୍ଚାରେ: ଦେଶର ପ୍ରଥମ ଗୁରୁଦ୍ୱାର, ବିଜ୍ଞାନ: ବ୍ଲାକ୍ ବକ୍ସ କଣ ? କିପରି କହେ ଦୁର୍ଘଟଣାର କାରଣ, ପର୍ଯ୍ୟଟନ: ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ଚନ୍ଦ୍ରଗିରି, ଧର୍ମ: ମାନସରୋବରରେ ସ୍ନାନର ରହସ୍ୟ, କବିତା: ପ୍ରେମର ରଙ୍ଗ, ଜାଣନ୍ତି କି ? : ପାହାଡ଼ ଛାତିରେ ତ୍ରିଶୂଳ, ସ୍ୱାସ୍ଥ୍ୟ: ଖାଲିପାଦରେ ଚାଲିବାର ଫାଇଦା ଏହିଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ ଏଥିରେ ପାଇବେ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


## ଧୋନିଙ୍କସମକକ୍ଷ ହେଲେ ପନ୍ତ

ଲର୍ଡସ :ଧୋନି ଇଂଲଣ୍ଡରେ ୨୩ ପାଳି ଖେଳି ୮ ଅର୍ଦ୍ଧଶତକ ହାସଲ କରିଛନ୍ତି। ପନ୍ତ ତାଙ୍କଠାରୁ ତିନିଟି କମ୍ ଅର୍ଥାତ୍ ୨୦ ପାଳିରେ ଏହି ମାଇଲ୍ ଖୁଣ୍ଟ ଛୁଇଁଛନ୍ତି। ଭ୍ରମଣକାରୀ ୱିକେଟ୍ ରକ୍ଷକ ଭାବେ ଇଂଲଣ୍ଡରେ ସର୍ବାଧିକ ଅର୍ଦ୍ଧଶତକ ହାସଲ କରିବାରେ ଏହି ଦୁଇ ଜଣଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଜନ୍ ୱେଟ୍ସ (୭ ଅର୍ଦ୍ଧଶତକ, ୨୭ ପାଳି), ଅଷ୍ଟ୍ରେଲିଆର ରଡ଼ନି ମାର୍ସ (୬ ଅର୍ଦ୍ଧଶତକ, ୩୫ ପାଳି) ଏବଂ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କ୍ୟାମେରୁନ୍ (୫ ଅର୍ଦ୍ଧଶତକ, ୧୪ ପାଳି) ରହିଛନ୍ତି।



ରାହୁଲ, ପନ୍ତ, ଜାଡ଼େଜା ସମ୍ମାନ ରଖିଲେ: କେଏଲ୍ ରାହୁଲ, ଋଷଭ ପନ୍ତ, ରବୀନ୍ଦ୍ର ଜାଡ଼େଜାଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ କାରଣରୁ ବ୍ୟାଟିଂ କାରଣରୁ ଭାରତ ଲର୍ଡସ ଟେଷ୍ଟର ପ୍ରଥମ ପାଳିରେ ବରାବର ସ୍ଥିତି ଦେଇଛନ୍ତି। ଇଂଲଣ୍ଡର ୩୮୭ ରନ୍ ଜବାବରେ ଭାରତ ମଧ୍ୟ ସମାନ ୩୮୭ ରନ୍ କରି ସମସ୍ତ ୱିକେଟ୍ ହରାଇଛି। ୨୦୧୫ ପରେ ପ୍ରଥମ ଥର ପାଇଁ ପ୍ରଥମ ପାଳି ଟାଇ ହୋଇଛି। ପୂର୍ବ ସଂଧାରୁ ଅର୍ଦ୍ଧଶତକ ସହ ଅପରାଜିତ ଥିବା କେଏଲ୍ ରାହୁଲ ଶନିବାର ଶତକ ସୁଯୋଗକୁ ହାତଛଡ଼ା କରିନଥିଲେ। ଅନ୍ୟପକ୍ଷରେ ଆହତ ଥିବା ସତ୍ତ୍ୱେ ଯନ୍ତ୍ରଣା ଭିତରେ ବି ଋଷଭ ପନ୍ତ୍ ଭଲ ବ୍ୟାଟିଂ କରିଥିଲେ। ଉଭୟ ଚତୁର୍ଥ ୱିକେଟ୍ ପାଇଁ ୧୪୧ ରନ୍ ଯୋଡ଼ିବା ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ମଧ୍ୟାହ୍ନ ଭୋଜନ ପୂର୍ବ ଓଭରରେ ପନ୍ତ୍ (୭୪, ୧୧୨ ବଲ୍, ୮ ଚୌକା, ୨ ଛକା) ରନ୍‌ଆଉଟ୍ ହୋଇଯାଇଥିଲେ।

ରାହୁଲ ବିରତି ପରେ ନିଜ ଦଶମ ଟେଷ୍ଟ୍ ଶତକ (୧୦୦, ୧୭୭ ବଲ୍, ୧୩ ଚୌକା) ପୂର୍ଣ୍ଣ କରିଥିଲେ। ଏହା ଇଂଲଣ୍ଡ ବିପକ୍ଷରେ ପଞ୍ଚମ, ଲର୍ଡସରେ ଦ୍ୱିତୀୟ ଏବଂ ଚଳିତ ଗସ୍ତରେ ମଧ୍ୟ ଦ୍ୱିତୀୟ ଶତକ ହୋଇଥିଲା। କିନ୍ତୁ ଆଗକୁ ବଢ଼ିପାରିନଥିଲେ। ଏହି ସମୟରେ ରବୀନ୍ଦ୍ର ଜାଡ଼େଜା ଓ ନୀତୀଶ କୁମାର ରେଡ୍ଡୀ (୩୦, ୯୧ ବଲ୍) ଷଷ୍ଠ ୱିକେଟ୍ ପାଇଁ ୭୨ ରନ୍ ଯୋଡ଼ିଥିଲେ। ବେନ୍ ଷ୍ଟୋକ୍ସଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ସେ। ରବୀନ୍ଦ୍ର ଜାଡ଼େଜା ଓ ୱାସିଂଟନ୍ ସୁନ୍ଦର ସପ୍ତମ ୱିକେଟ୍ ପାଇଁ ୫୦ ରନ୍ ଯୋଡ଼ିଥିଲେ।

## ଡ୍ୟୁକ୍ ବଲ୍‌କୁ ନେଇ ଗିଲ୍‌ଙ୍କ ପରେ ଆର୍ଚରଙ୍କ ଅସନ୍ତୋଷ

ଲର୍ଡସ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଲର୍ଡସରେ ଚାଲିଥିବା ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ତୃତୀୟ ଟେଷ୍ଟ ମ୍ୟାଚରେ ଡ୍ୟୁକ୍ ବଲକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଦ୍ୱିତୀୟ ଦିନରେ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ଡ୍ୟୁକ୍ ବଲକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶନିବାର ତୃତୀୟ ଦିନରେ ଇଂଲଣ୍ଡର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ମଧ୍ୟ ଡ୍ୟୁକ୍ ବଲକୁ ନେଇ ସମାନ ଢଙ୍ଗରେ ଅସନ୍ତୋଷ ଜାହିର କରିଛନ୍ତି। ଡ୍ୟୁକ୍ ବଲ ଖେଳିବା ଅନୁପଯୋଗୀ ହେବା ନେଇ ବୋଲରଙ୍କ ଅଭିଯୋଗ ମ୍ୟାଚରେ ଅନ୍ୟତମ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ଭାରତୀୟ ଇନିଂସର ୪୬ତମ ଓଭରରେ ଆର୍ଚର ରାହୁଲଙ୍କୁ ଏକ ସର୍ପେଚ ବଲ ପକାଇଥିଲେ।ଏହା ପରେ ବଲର ଆକାର ବଦଳି ଯାଇଥିବା ନେଇ ଆର୍ଚର ଅମ୍ପାୟାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅମ୍ପାୟାର ବଲ ଟେଷ୍ଟ ରିଙ୍ଗ ସହାୟତାରେ ବଲକୁ ପରୀକ୍ଷା କରିଥିଲେ। ବଲ ଠିକ ଥିବା କହି ଅମ୍ପାୟାର ଉକ୍ତ ବଲରେ ମ୍ୟାଚକୁ ଖେଳିବା ନେଇ କହିଥିଲେ। ଯାହାକୁ ନେଇଆର୍ଚର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆର୍ଚର ବଲକୁ ବଦଳାଇବା ନେଇ କହିଥିଲେ ମଧ୍ୟ ଅମ୍ପାୟାର ଶୁଣିନଥିଲେ।



ଶୁକ୍ରବାର ଦ୍ୱିତୀୟ ଦିନରେ ବଲ ବଦଳାଇବାକୁ ନେଇ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ଡ୍ୟୁକ ବଲକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଇଂଲଣ୍ଡର ପ୍ରଥମ ଇନିଂସରେ ଦ୍ୱିତୀୟ ନୂଆ ବଲ ୮୦.୧ ଓଭରରେ ନିଆଯାଇଥିଲା। ଏହି ବଲ ୬୩ଟି ବଲ ପଡ଼ିବା ପରେ ଏହାର ରୂପରେଖ ବଦଳି ଯାଇଥିଲା। ଫଳରେ ଭାରତ ପକ୍ଷରୁ ଏହି ବଲକୁ ବଦଳାବା ପାଇଁ ଅମ୍ପାୟାରଙ୍କୁ ଅନୁରୋଧ କରାଯାଇଥିଲା। ଅମ୍ପାୟାର ବଲ ବଦଳାଇ ଅଧିକ ଥର ବ୍ୟବହାର ହୋଇଥିବା ବଲ ଭାରତକୁ ଦେଇଥିଲେ। ଏହା ଦେଖି ଗିଲ୍ ରାଗିଯିବା ସହ ଅମ୍ପାୟାର ଶରଫୁଦ୍ଦୋଲଶଙ୍କ ସହ ଯୁକ୍ତି କରିଥିଲେ। ଅନ୍ୟପକ୍ଷରେ ନୂଆ ବଲରେ ମାତ୍ର ୧୦ ଓଭର ବୋଲିଂ ପରେ ଶୁକ୍ରବାର ଦ୍ୱିତୀୟ ଦିନରେ ଭାରତୀୟ ଅଧିନାୟକ ଶୁଭମନ ଗିଲ ବଲ୍ ପରିବର୍ତ୍ତନକୁ ନେଇ ଅମ୍ପାୟାରଙ୍କୁ କହିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ପୂର୍ବତନ ଇଂଲଣ୍ଡ କ୍ରିକେଟର ଷ୍ଟିୱାର୍ଟ ବ୍ରଡ୍ ଓ ନାସିର ହୁସେନ କହିଛନ୍ତି। ୮୦ ଓଭର ପୂର୍ବରୁ ବଲକୁ ପରିବର୍ତ୍ତନ କରିବା ଅନାବଶ୍ୟକ। କିନ୍ତୁ ଗିଲ୍ ନୂଆ ବଲରେ ମାତ୍ର ୧୦ ଓଭର ପରେ ବଲ ପରିବର୍ତ୍ତନ କରିବାକୁ କହିବା ଅଣ ଖେଳୁଆଡର ମନୋବୃତ୍ତି ବୋଲି ନାସିର ହୁସେନ କହିଛନ୍ତି। ମ୍ୟାଚରେ ଉନ୍ନତମାନର ଡ୍ୟୁକ ବଲ ବ୍ୟବହାର ଆବଶ୍ୟକ ବୋଲି ନାସିର ହୁସେନ କହିଛନ୍ତି। ଅନ୍ୟପକ୍ଷରେ ଗିଲ୍ ଓ ଆର୍ଚରଙ୍କ ବଲକୁ ନେଇ ଅଭିଯୋଗ ପରେ ଡ୍ୟୁକ ବଲର ମାନକୁ ନେଇ ପ୍ରଶ୍ନ ଉଠିଛି।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583